# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୪/୨୦୧୮ (୨୦ ପୃଷ୍ଠା) | Bhubaneswar, Sunday, October 14/ 2018 (ଛୁଟିଦିନ ସହ) | ★★★★

୪୪ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-







ତୀର୍ଥଯାତ୍ରା ରାଜନୀତିରୁ ଊର୍ଦ୍ଧ୍ୱରେ ରହିବା ଉଚିତ। ଚାଇନା ସରକାର ଧର୍ମୀୟ ସ୍ୱାଧୀନତାର ସମ୍ମାନ କରନ୍ତି ଏବଂ ଏହାର ମହତ୍ତ୍ୱକୁ ଅନୁଭବ କରନ୍ତି। କୈଳାସ ମାନସରୋବର ଯାତ୍ରା ଭାରତ ଏବଂ ଚାଇନା ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

-ଲୌ ଝାଓହୁଇ, ଚାଇନା ରାଷ୍ଟ୍ରଦୂତ

## ସଂକ୍ଷେପରେ

### ପରଲୋକରେ ଅନ୍ନପୂର୍ଣ୍ଣା ଦେବୀ



**ମୁମ୍ବାଇ,୧୩।୧୦(ପି.ଟି.):** ଖ୍ୟାତନାମା ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପଦ୍ମଭୂଷଣ ଅନ୍ନପୂର୍ଣ୍ଣା ଦେବୀଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ଦୀର୍ଘଦିନ ହେଲା ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଅନ୍ନପୂର୍ଣ୍ଣା ଦେବୀଙ୍କ ଚିକିତ୍ସା ଚାଲିଥିଲା। ଶନିବାର ଅପରାହ୍ନ ୩ଟା ୫୧ରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ଅନ୍ନପୂର୍ଣ୍ଣା ଦେବୀ ଫାଉଣ୍ଡେଶନ୍‌ର ମୁଖପାତ୍ର ସୂଚନା ଦେଇଛନ୍ତି। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ନିପୁଣା ଅନ୍ନପୂର୍ଣ୍ଣା ଦେବୀଙ୍କୁ ମା' ଭାବେ ସମ୍ବୋଧନ କରାଯାଉଥିଲା। ସେ ମଧ୍ୟପ୍ରଦେଶର ମଇହର ସହରରେ ଉସ୍ତାଦ ଆଲ୍ଲାଉଦ୍ଦିନ୍ ଖାନ୍ ଏବଂ ମଦିନା ବେଗମ୍‌ଙ୍କ କନ୍ୟା। ତାଙ୍କ ଭାଇ ହେଉଛନ୍ତି ବିଶ୍ୱବିଖ୍ୟାତ ସଙ୍ଗୀତଜ୍ଞ ଉସ୍ତାଦ ଅଲି ଆକ୍‌ବର ଖାନ୍। ଅନ୍ନପୂର୍ଣ୍ଣା ଦେବୀ ଖ୍ୟାତନାମା ସିତାର ବାଦକ ପଣ୍ଡିତ ରବିଶଙ୍କରଙ୍କୁ ବିବାହ କରିଥିଲେ। ୧୯୮୨ରେ ସେ ଋଷିକୁମାର ପାଣ୍ଡ୍ୟାଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

### ମୋଦିଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ,୧୩।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କରିବା ପାଇଁ ପୁଣି ଧମକ ମିଳିଛି। ୨୦୧୯ ସାଧାରଣ ନିର୍ବାଚନ ବେଳେ ମୋଦିଙ୍କୁ ହତ୍ୟା କରାଯିବ ବୋଲି ଦିଲ୍ଲୀ ପୋଲିସ ନିକଟକୁ ଇମେଲ୍‌ରେ ଧମକ ଆସିଥିବା ସୂତ୍ରରୁ ପ୍ରକାଶ। ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କ ସରକାରୀ ଇମେଲ୍ ଆଇଡିକୁ ଏହି ଧମକ ଆସିଛି। ଏହାପରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ବିଭିନ୍ନ ସୁରକ୍ଷା ଏଜେନ୍ସିଙ୍କ ପାଇଁ ହାଇ ଆଲର୍ଟ ଜାରି କରାଯାଇଛି।

# ଜିକା କବଳରେ ରାଜସ୍ଥାନ

ନୂଆଦିଲ୍ଲୀ,୧୩।୧୦






- ୫୫ ଜଣଙ୍କଠାରେ ଭୂତାଣୁ ଠାବ
- ଆକ୍ରାନ୍ତଙ୍କ ମଧ୍ୟରେ ୧୧ ଗର୍ଭବତୀ
- ପଦକ୍ଷେପ ଗ୍ରହଣ କରୁଛନ୍ତି ସରକାର

ରାଜସ୍ଥାନରେ ଏବେ ଜିକା ଭାଇରସ୍ ଆତଙ୍କ। ଜୟପୁରରେ ୫୫ ଜଣ ରୋଗୀଙ୍କୁ ଚିହ୍ନଟ କରାଯିବା ପରେ ବାଜିଛି ସତର୍କ ଘଣ୍ଟି। ଆକ୍ରାନ୍ତଙ୍କ ମଧ୍ୟରେ ୧୧ ଗର୍ଭବତୀ ମହିଳା, ସିଦ୍ଧି କ୍ୟାମ୍ପର ରାଜପୁତ୍ ହଷ୍ଟେଲର ୩ ଛାତ୍ରୀଛାତ୍ର ଅଛନ୍ତି। ଏଡିସ୍ ମଶା ଦ୍ୱାରା ବ୍ୟାପୁଥିବା ଏହି ଭୂତାଣୁ ସପ୍ତାହେ ପର୍ଯ୍ୟନ୍ତ ସକ୍ରିୟ ରହେ। ତେଣୁ ଆଗାମୀ ୭ ଦିନ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିହେବା ଆଶଙ୍କା ରହିଛି। ଜିକା କବଳରେ ରାଜସ୍ଥାନ କବଳିତ ହେବା ପରେ ଏବେ କେନ୍ଦ୍ର ସରକାର ତତ୍ପରତା ପ୍ରଦର୍ଶନ କରିଛନ୍ତି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାଲେରିଆ ରିସର୍ଚ୍ଚ (ଏନ୍‌ଆଇଏମ୍‌ଆର)ର ଏକ ଟିମ୍ ଜୟପୁରର ବିଭିନ୍ନ ସ୍ଥାନରୁ ମଶା ନମୁନା ସଂଗ୍ରହ କରି ପରୀକ୍ଷା ଚଳାଇଛନ୍ତି।

ସେପ୍ଟେମ୍ବର ୨୨ରେ ଜୟପୁରର ଶାସ୍ତ୍ରୀନଗର ନିବାସୀ ଜଣେ ୮୫ ବର୍ଷ ବୟସ୍କା ମହିଳାଙ୍କଠାରେ ପ୍ରଥମ କରି ଏହି ଭୂତାଣୁ ଠାବ ହୋଇଥିଲା। ସେ କୌଣସି ବିଦେଶ ରାଷ୍ଟ୍ରକୁ ଗସ୍ତ କରିନାହାନ୍ତି। ତଥାପି ସେ କିଭଳି ଆକ୍ରାନ୍ତ ହେଲେ, ତାହା ଜଣାପଡ଼ି ନାହିଁ। ଜଣେ ବିଦେଶୀ ପର୍ଯ୍ୟଟକଙ୍କଠାରୁ ଏହା ବ୍ୟାପୁଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅନୁମାନ କରାଯାଉଛି। ଅନ୍ୟ ଅଞ୍ଚଳକୁ ଯେପରି ଏହି ଭୂତାଣୁ ନ ବ୍ୟାପେ ସେଥିଲାଗି ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଜିକା ଭାଇରସ୍ ଦ୍ୱାରା ଆକ୍ରାନ୍ତ ଅନ୍ତଃସତ୍ତ୍ୱାଙ୍କ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେମାନଙ୍କ ମସ୍ତିଷ୍କର ଆକାର ଛୋଟ ହୋଇଯିବ ଏବଂ ସ୍ୱାଭାବିକ ଭାବେ ମାନସିକ ବିକାଶ ହେବ ନାହିଁ। ତେଣୁ ଏହା ଚିନ୍ତାର ବିଷୟ ପାଲଟିଛି। ମଶାଙ୍କ ଅଣ୍ଡାଦାନ ରୋକିବା ଲାଗି ପଦକ୍ଷେପ ନିଆଯାଉଛି। ଏହା ବାଦ୍ ବିମାନବନ୍ଦର ଏବଂ ବସ୍ ଟର୍ମିନାଲରେ ମଧ୍ୟ ରୋଗୀ ଚିହ୍ନଟ ଲାଗି ବ୍ୟବସ୍ଥା କରିବା ଉଚିତ ବୋଲି ଗାନ୍ଧୀନଗରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ହେଲ୍‌ଥ ନିର୍ଦ୍ଦେଶକ ଦିଲୀପ ମାଭଲାନ୍‌କର କହିଛନ୍ତି। ଜିକା ଭାଇରସ୍ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଲାଗି ରାଜସ୍ଥାନ ସରକାର ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ପାଇଁ ପ୍ରସ୍ତୁତ ହୋଇଛନ୍ତି। ୫୫ ଆକ୍ରାନ୍ତଙ୍କ ମଧ୍ୟରୁ ୩୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିନୁ ଗୁପ୍ତା କହିଛନ୍ତି।

ଏଯାବତ୍ ୮୬ ଦେଶରେ ଜିକା ଭାଇରସ୍ ଠାବ ହେଲାଣି। ୨୦୧୫ରେ ବ୍ରାଜିଲରେ ସର୍ବାଧିକ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା। ୨୦୧୭ ଫେବୃୟାରୀରେ ଗୁଜରାଟର ଅହମ୍ମଦାବାଦରେ ୩ ରୋଗୀଙ୍କଠାରେ ପ୍ରଥମ କରି ଏହି ଭୂତାଣୁ ଚିହ୍ନଟ ହୋଇଥିଲା। ସେହିବର୍ଷ ଜୁଲାଇରେ ତାମିଲନାଡୁର କ୍ରିଷ୍ଣାଗିରିରେ ମଧ୍ୟ ଜଣେ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଜିକା ଆକ୍ରାନ୍ତଙ୍କଠାରେ ପ୍ରବଳ ଜ୍ୱର, ଶରୀର ନାଲିପଡ଼ିଯିବା, ଗଣ୍ଠି ଓ ମାଂସପେଶୀ ଯନ୍ତ୍ରଣା, ମୁଣ୍ଡବିନ୍ଧା ଓ ଆଖି ନାଲିପଡ଼ିବା ଭଳି ଲକ୍ଷଣ ଦେଖାଯାଏ। କିନ୍ତୁ ୮୦% ଲୋକଙ୍କଠାରେ ଏସବୁ ଲକ୍ଷଣ ଜଣାପଡ଼େ ନାହିଁ। ଫଳରେ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡ଼େ।

## ■ ଛତିଶଗଡ଼ କଂଗ୍ରେସକୁ ଶକ୍ତ ଧକ୍କା
## ଭାଜପାରେ ମିଶିଲେ କାର୍ଯ୍ୟକାରୀ ସଭାପତି

ବିଳାସପୁର,୧୩।୧୦(ପି.ଟି.)



ବିଧାନସଭା ନିର୍ବାଚନ ପୂର୍ବରୁ ଛତିଶଗଡ଼ରେ ବିରୋଧୀ କଂଗ୍ରେସକୁ ଶକ୍ତ ଝଟକା। ଦଳର କାର୍ଯ୍ୟକାରୀ ସଭାପତି ତଥା ପାଲି-ତାନାଖର ବିଧାୟକ ରାମଦୟାଲ ଉଇକେ ଶନିବାର ଶାସକ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ମୁଖ୍ୟମନ୍ତ୍ରୀ ରମଣ ସିଂ ଏବଂ ରାଜ୍ୟ ସଭାପତି ଧରମଲାଲ କୌଶିକଙ୍କ ଉପସ୍ଥିତିରେ ଉଇକେ କଂଗ୍ରେସର ହାତ ଛାଡ଼ି ଗୈରିକ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ଏଠାକାର ଦଳୀୟ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏହି ମିଶ୍ରଣ ପର୍ବ ଦେଖିବାକୁ ମିଳିଥିଲା।

ବିଳାସପୁର ଡିଭିଜନ୍‌ରେ ଉଇକେଙ୍କୁ ଲୋକପ୍ରିୟ ଆଦିବାସୀ ନେତା ଭାବେ ଦେଖାଯାଏ। କଂଗ୍ରେସ ଶୀର୍ଷ ନେତୃତ୍ୱ ଦ୍ୱାରା ଆଦିବାସୀ ନେତାଙ୍କୁ କୋଣଠେସା କରାଯାଉଥିବାରୁ ଦଳ ଭିତରେ ସେ ଅଣନିଃଶ୍ୱାସୀ ହୋଇ ଯାଇଥିଲେ ବୋଲି ଭାଜପାରେ ଯୋଗଦେବା ପରେ ଉଇକେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ବର୍ତ୍ତମାନ ନିଜର ନୀତି ଆଦର୍ଶରୁ ପଥଭ୍ରଷ୍ଟ ହୋଇଯାଇଛି। ଆପତ୍ତିଜନକ ସିଡୀ ରାଜନୀତିକୁ ପ୍ରୋତ୍ସାହିତ କରି ରାଜ୍ୟ କଂଗ୍ରେସ ମୁଖ୍ୟ ଭୂପେଶ ବାଘେଲ ଦଳର ଛବିକୁ କଳୁଷିତ କରିଛନ୍ତି। କେବଳ ସେତିକି ନୁହେଁ ଦଳର ହାଇ କମାଣ୍ଡ ତାଙ୍କର କୌଣସି ଦାବି ପୂରଣ କରିବା ତ ଦୂରର କଥା କୌଣସି ବିଷୟକୁ କର୍ଣ୍ଣପାତ କରୁ ନ ଥିଲେ। ରାଜ୍ୟର ଆଦିବାସୀ, ଗରିବ ଏବଂ ପଛୁଆ ବର୍ଗର ଲୋକଙ୍କ ପାଇଁ କଂଗ୍ରେସ ଉଦାର ମନୋଭାବ ପୋଷଣ କରୁନାହିଁ। ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ସାମଗ୍ରିକ ବିକାଶ ଏବଂ ଆଦିବାସୀ କଲ୍ୟାଣ ନୀତିରେ ପ୍ରଭାବିତ ହୋଇ ଭାଜପାକୁ ପୁଣିଥରେ ଫେରିଥିବା ଉଇକେ କହିଛନ୍ତି। ଉଇକେ ୨୦୦୦ ମସିହାରେ ଭାଜପା ଛାଡ଼ି କଂଗ୍ରେସ ଯୋଗ ଦେଇଥିଲେ ଏବଂ ଏହାକୁ ସେ ଘରବାହୁଡ଼ା ବୋଲି କହିଛନ୍ତି।

## ବିଚାରପତିଙ୍କ ସ୍ତ୍ରୀ, ପୁଅଙ୍କୁ ଗୁଳିକଲେ ସୁରକ୍ଷାକର୍ମୀ

ଗୁଡ଼ଗାଓଁ,୧୩।୧୦(ପି.ଟି.)

ହରିୟାଣାର ଗୁଡ଼ଗାଓଁଠାରେ ଶନିବାର ଜଣେ ବିଚାରପତିଙ୍କ ସ୍ତ୍ରୀ ଏବଂ ପୁଅଙ୍କ ଉପରକୁ ଗୁଳିମାଡ଼ ହୋଇଛି। ବିଚାରପତିଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ହିଁ ଗୁଳିମାଡ଼ କରିଥିବା ଜଣାପଡ଼ିଛି। ଆକ୍ରମଣରେ ମା'ପୁଅଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଡିସିପି (ପୂର୍ବ) ସୁଲୋଚନା ଗଜରାଜ ସୂଚନା ଦେଇଛନ୍ତି। ପୋଲିସର ସୂଚନା ମୁତାବକ, ଅତିରିକ୍ତ ସେସନ୍ ଜଜ୍ କ୍ରିଷ୍ଣକାନ୍ତଙ୍କ ସ୍ତ୍ରୀ ରିତୁ ଏବଂ ଧ୍ରୁବ ଅପରାହ୍ନ ୩ଟା ୩୦ରେ ସେକ୍ଟର-୪୯ରେ ଥିବା ଆର୍କାଡିଆ ବଜାରକୁ ଯାଇଥିଲେ। ତାଙ୍କ ସହ ବିଚାରପତିଙ୍କ ସୁରକ୍ଷାକର୍ମୀ ମହିପାଳ ମଧ୍ୟ ଯାଇଥିଲେ। କିନ୍ତୁ ମହିପାଳ ହଠାତ୍ ସେମାନଙ୍କ ଉପରକୁ ଗୁଳିମାଡ଼ କରି ଫେରାର ହୋଇ ଯାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ରିତୁ ଏବଂ ଧ୍ରୁବ୍‌ଙ୍କୁ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନରାରେ ଭର୍ତ୍ତି କରିଥିଲା। ରିତୁଙ୍କ ଛାତିରେ ଗୁଳି ବାଜିଥିବାବେଳେ ଧ୍ରୁବ୍‌ଙ୍କ ମୁଣ୍ଡରେ ବୁଲେଟ୍ ମାଡ଼ ହୋଇଛି। ପରବର୍ତ୍ତୀ ସମୟରେ ମହିପାଳଙ୍କୁ ଗିରଫ କରାଯାଇଛି ଏବଂ ଜେରା ଚାଲିଛି। ଏଭଳି କାଣ୍ଡ ଭିଆଇବା ପଛର କାରଣ ଖୋଜା ଚାଲିଛି ବୋଲି ଗୁଡ଼ଗାଓଁ ପୋଲିସର ଲୋକସମ୍ପର୍କ ଅଧିକାରୀ ସୁଭାଷ ବୋକାନ୍ ସୂଚନା ଦେଇଛନ୍ତି।

## ଆତଙ୍କବାଦୀ ନିହତ, ପୋଲିସ ଶହୀଦ

ଶ୍ରୀନଗର,୧୩।୧୦(ପି.ଟି.)

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଶନିବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ହିଜବୁଲ୍ ମୁଜାହିଦ୍ଦିନ୍‌ର ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ସେ ହେଉଛନ୍ତି ସବିର ଅହମଦ ଦର। ବାରମୁଲ୍ଲା ଜିଲାର ସୋପୋରରେ ମଧ୍ୟ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି।

## ଆଉ ଜଣେ ଗଙ୍ଗା ସଫେଇ ଅଭିଯାନ କର୍ମୀ ଗୁରୁତର

ଋଷିକେଶ,୧୩।୧୦(ପି.ଟି.)

ସଫେଇ ଅଭିଯାନ କର୍ମୀ ଜି.ଡି. ଅଗ୍ରୱାଲଙ୍କ ପରଲୋକର ଦୁଇଦିନ ପରେ ଆଉଜଣେ ଅନଶନରତ କର୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଛି। ଗଙ୍ଗା ସୁରକ୍ଷା ଲାଗି ୧୧୦ ଦିନ ହେଲା ଅନଶନରେ ବସିଥିବା ସନ୍ଥ ଗୋପାଳଦାସଙ୍କୁ ଶନିବାର ଗୁରୁତର ଅବସ୍ଥାରେ ସ୍ଥାନୀୟ ଏମ୍ସ



ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରାହ୍ନ ୩ଟା ୪୫ରେ ଏମର୍ଜେନ୍ସି ୱାର୍ଡରେ ତାଙ୍କୁ ଭର୍ତ୍ତି କରାଯାଇଥିବା ଏମ୍ସର ଅନ୍ତରୀଣ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ବୀରେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ୩୬ ବର୍ଷୀୟ ଗୋପାଳଦାସ ତିନିଦିନ ହେଲା ପାଣି ମଧ୍ୟ ପିଇନାହାନ୍ତି। ଫଳରେ ନିର୍ଜଳୀକରଣର ଶିକାର ହୋଇଛନ୍ତି। ତାଙ୍କର ସୁଗର୍ ସ୍ତର ହ୍ରାସପାଇଛି। ହସ୍ପିଟାଲ୍‌ର ଏଣ୍ଡୋକ୍ରାଇନୋଲୋଜିରେ ଗୋପାଳଦାସଙ୍କ ଚିକିତ୍ସା ଚାଲିଛି। ଖାଦ୍ୟପଦାର୍ଥ ଗ୍ରହଣ କରିବା କିମ୍ବା ମେଡିକାଲ୍ ଚିକିତ୍ସା ନେବାକୁ ସେ ମନାକରିବା ସତ୍ତ୍ୱେ ତାଙ୍କୁ ଶିରା ପ୍ରଶିରାରେ ତରଳ ପଦାର୍ଥ ଦିଆଯାଉଛି ବୋଲି ଡାକ୍ତର ସିଂ ସୂଚନା ଦେଇଛନ୍ତି।

## ଫୁର୍‌ସତ

## ଜନକ ବେଶରେ କେନ୍ଦ୍ରମନ୍ତ୍ରୀ



**ନୂଆଦିଲ୍ଲୀ:** ରାଜା ଜନକ ଭୂମିକାରେ ଅବତୀର୍ଣ୍ଣ ହେଲେ କେନ୍ଦ୍ର ସୂଚନା ପ୍ରଯୁକ୍ତି ତଥା ଭୂବିଜ୍ଞାନ ମନ୍ତ୍ରୀ ଡାକ୍ତର ହର୍ଷବର୍ଦ୍ଧନ। ଦିଲ୍ଲୀରେ ଚାଲିଥିବା ଲବ-କୁଶ ରାମଲୀଳାରେ ଶୁକ୍ରବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀଙ୍କୁ ସୀତାପିତା ରାଜା ଜନକ ଭାବେ ଦେଖିବାକୁ ମିଳିଥିଲା। ମହାରାଜ ଜନକଙ୍କ ଭଳି ପାରମ୍ପରିକ ରାଜକୀୟ ବେଶପୋଷାକ ସହ ମଞ୍ଚକୁ ପ୍ରବେଶ କରି ଦର୍ଶକଙ୍କୁ ସ୍ତମ୍ଭୀଭୂତ କରିଥିଲେ ହର୍ଷବର୍ଦ୍ଧନ। ଶୁଦ୍ଧ ହିନ୍ଦୀ ଭାଷାରେ ସଂଳାପ ଶୁଣି ଲାଲକିଲ୍ଲା ପଡ଼ିଆରେ ଉପସ୍ଥିତ ଦର୍ଶକ ମଣ୍ଡଳୀ ଭୂୟସୀ ପ୍ରଶଂସା କରିଥିଲେ। ଜନକ ବେଶରେ କିଛି ଫଟୋ ନିଜେ କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି ଶେୟାର୍ କରିଛନ୍ତି। ସେ କହିଛନ୍ତି, ଲବ-କୁଶ ରାମଲୀଳାରେ ମାତା ସୀତାଙ୍କ ପିତା ଭୂମିକାରେ ଅଭିନୟ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଲାଲକିଲ୍ଲା ଏବଂ ଚାନ୍ଦନୀ ଚୌକ୍‌ର ରାମଲୀଳା ଦେଖି ତାଙ୍କ ପିଲାବେଳ ବିତିଛି। କିନ୍ତୁ ଏଥିରେ ଅଭିନୟ କରିବାର ସୁଯୋଗ ପାଇବା ଜୀବନର ସବୁଠୁ ଆନନ୍ଦ ଦାୟକ ଅନୁଭୂତି। ଭଗବାନ ରାମଚନ୍ଦ୍ର ଆମ ସମସ୍ତଙ୍କ ଆତ୍ମାରେ ବାସ କରନ୍ତି। ଜୀବନରେ ସଦା ଏହାର ଅନୁଭୂତି ପାଇଛନ୍ତି। କିନ୍ତୁ ରାମଲୀଳାରେ ଜନକ ରାଜା ଭୂମିକାରେ ଅଭିନୟ କରି ଭଗବାନ ରାମଚନ୍ଦ୍ରଙ୍କୁ ଅତି ନିକଟରେ ପାଇପାରିଥିବା ହର୍ଷବର୍ଦ୍ଧନ କହିଛନ୍ତି।

## ପଦାତିକ ବାହିନୀର ସାଇକେଲ ଅଭିଯାନ

**ଜମ୍ମୁ :** ଶନିବାର ଜମ୍ମୁ-କଶ୍ମୀର ଲାଇଟ୍ ଇନ୍‌ଫ୍ୟାଣ୍ଟ୍ରି (ଜାକଲି)ର ଏକ ସାଇକେଲ ଅଭିଯାନକୁ ଉଦ୍ଧମପୁରସ୍ଥିତ ନର୍ଦ୍ଦର୍ନ କମାଣ୍ଡ ହେଡକ୍ୱାର୍ଟର୍ସଠାରେ ପତାକା ଦେଖାଇ ଉଦ୍‌ଘାଟନ କରାଯାଇଛି। ଅକ୍ଟୋବର ୨୭ରେ ପଦାତିକ ବାହିନୀ ଦିବସ ଉପଲକ୍ଷେ ଏଭଳି ଅଭିଯାନ ଆରମ୍ଭ ହୋଇଛି। ଉକ୍ତ ଟିମ୍ ଉଦ୍ଧମପୁରଠାରୁ ଯାତ୍ରା ଆରମ୍ଭ କରି ଦିଲ୍ଲୀରେ ପହଞ୍ଚିବେ। ଏଥିପାଇଁ ସେମାନେ ୭୦୦ କିଲୋମିଟର ଯାତ୍ରା କରିବେ। ସେମାନେ ଇଣ୍ଡିଆ ଗେଟରେ ପହଞ୍ଚିବା ପୂର୍ବରୁ ଜମ୍ମୁ-କଶ୍ମୀର, ପଞ୍ଜାବ ଏବଂ ହରିୟାଣା ରାଜ୍ୟ ଦେଇ ଯାତ୍ରା କରିବେ ବୋଲି ପ୍ରତିରକ୍ଷା ବାହିନୀର ଜଣେ ମୁଖପାତ୍ର ପ୍ରକାଶ କରିଛନ୍ତି। ନର୍ଦ୍ଦର୍ନ କମାଣ୍ଡ



ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ଜେ.ଏସ୍. ନୈନ୍ ଏହି ଅଭିଯାନକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅଭିଯାନ ଭାରତୀୟ ସଶସ୍ତ୍ର ବାହିନୀର ଅଦମ୍ୟ ସାହସର ପରିଚୟ ଦେଉଛି ବୋଲି ସେ କହିଛନ୍ତି। ରାଜ୍ୟର ସୀମା ବାହାରେ ଜାତି, ଧର୍ମ ଓ ସଂସ୍କୃତି ନିର୍ବିଶେଷରେ ଭାରତୀୟ ସେନାର ଏହା ଦୁଃସାହସିକ କାର୍ଯ୍ୟର ସଂକେତ ବହନ କରୁଛି। ଏହା ଗୋଷ୍ଠୀଗତ ମନୋଭାବର ଏକ ସାହସିକ ପଦକ୍ଷେପ ବୋଲି ମୁଖପାତ୍ର ବର୍ଣ୍ଣନା କରିଛନ୍ତି।

ଉକ୍ତ ଅଭିଯାତ୍ରା ମେଜର ଦୀପେଶ ମହାଦିକ୍‌ଙ୍କ ନେତୃତ୍ୱରେ ପରିଚାଳିତ ହେଉଛି। ଏଭଳି ଅଭିଯାନ ଭାରତୀୟ ସ୍ଥଳସେନାର ସମସ୍ତ ଇନଫ୍ୟାଣ୍ଟ୍ରି ରେଜିମେଣ୍ଟରେ ଆୟୋଜନ କରାଯାଇଛି। ପଦାତିକ ବାହିନୀ ଦିବସରେ ସାଇକେଲ ଅଭିଯାତ୍ରୀ ଦଳ ଦିଲ୍ଲୀର ଗୋଟିଏ ସ୍ଥାନରେ ଏକତ୍ର ହେବେ।

## ଇତିହାସର ଆଇନାରେ
### ଅକ୍ଟୋବର ୧୪ର ପ୍ରମୁଖ ଘଟଣା

୧୯୫୬ ଅକ୍ଟୋବର ୧୪ରେ ଡ. ଭୀମରାଓ ଆମ୍ବେଡ୍‌କର ତାଙ୍କର ୩,୮୫,୦୦୦ ଅନୁଗାମୀଙ୍କ ସହ ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସମ୍ବିଧାନ ପ୍ରଣେତା ଡ. ଆମ୍ବେଡ୍‌କର ଏକାଧାରରେ ରାଜନେତା, ଅର୍ଥଶାସ୍ତ୍ରୀ, ଏବଂ ସମାଜ ସୁଧାରକ ସହ ଦଳିତଙ୍କ ନେତା ଥିଲେ। ସେ ଦଳିତଙ୍କ ବୌଦ୍ଧ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବା ଏବଂ ସାମାଜିକ ଭେଦଭାବକୁ ଦୂରକରିବା ନେଇ ଅଭିଯାନ ଆରମ୍ଭ କରିଥିଲେ।

୧୯୭୩ ଅକ୍ଟୋବର ୧୪ରେ ଥାଇଲାଣ୍ଡର ଥମସତ୍ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ସେନା ବିରୋଧରେ ବିଦ୍ରୋହ କରିଥିଲେ। ୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ର ଥାନମ୍ ସେନା ବିରୋଧରେ ସାମିଲ ହୋଇଥିଲେ। ଏହି ସମୟରେ ସେନା ପକ୍ଷରୁ ହୋଇଥିବା ଆକ୍ରମଣରେ ୭୭ ନିହତ ହୋଇଥିଲେ। ଫିଲ୍ଡ ମାର୍ଶଲ ଥାନମ୍ କିତ୍ତିକାର୍ଚୋନ୍ ଏକଛତ୍ରବାଦୀ ଶାସକ କାଳରେ ଦେଶରେ ବହୁ ହିଂସାକାଣ୍ଡ ଘଟିଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ତାପମାତ୍ରା ଓ ସର୍ବାଧିକ ବର୍ଷା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୫ | ୧୯.୪ |
| ଚାନ୍ଦବାଲି | ୨୯.୨ | ୨୨.୫ |
| କଟକ | ୨୭.୨ | ୨୦.୪ |
| ପାରାଦ୍ୱୀପ | ୨୯.୯ | ୨୩.୯ |
| ଭୁବନେଶ୍ୱର | ୨୮.୭ | ୨୧.୪ |
| ଗୋପାଳପୁର | ୩୨.୮ | ୨୪.୮ |
| ପୁରୀ | ୩୦.୬ | ୨୪.୬ |
| ଅନୁଗୋଳ | ୨୭.୭ | ୧୯.୦ |
| ବାରିପଦା | ୨୪.୪ | ୨୦.୬ |
| ଝାରସୁଗୁଡ଼ା | ୩୨.୦ | ୨୨.୦ |
| କେନ୍ଦୁଝର | ୨୪.୬ | ୧୯.୪ |
| ସମ୍ବଲପୁର | ୩୧.୮ | ୨୩.୩ |
| ସୁନ୍ଦରଗଡ଼ | ୩୦.୫ | --- |
| ହୀରାକୁଦ | ୩୧.୮ | ୨୪.୦ |
| ତାଳଚେର | --- | ୨୨.୫ |
| ଭବାନୀପାଟଣା | ୩୦.୦ | ୨୦.୫ |
| ବଲାଙ୍ଗୀର | ୨୯.୫ | ୨୧.୭ |
| କୋରାପୁଟ | ୨୭.୦ | ୧୭.୬ |
| ଫୁଲବାଣୀ | ୨୪.୮ | ୧୮.୨ |
| ଟିଟିଲାଗଡ଼ | ୩୦.୦ | ୧୯.୫ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୦.୨ | ୨୦.୬ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ବଗିଚାରେ ଫୁଟିବ ନୀଳଗୋଲାପ

**ବେଜିଂ:** ବଗିଚାରେ ନୀଳଗୋଲାପ ଫୁଟାଇବାର ଦିନ ଆସୁଛି। କାରଣ ବୈଜ୍ଞାନିକମାନେ ଧଳାଗୋଲାପର ପାଖୁଡାରେ ଥିବା ବ୍ୟାକ୍ଟେରିଆକୁ ରଙ୍ଗ ପ୍ରସ୍ତୁତକାରୀ ଏଞ୍ଜାଇମ୍‌ରେ ପରିଣତ କରିବାର ଉପାୟ ପାଇଛନ୍ତି। ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍‌ସିଜ୍ ଏବଂ ତିଆନ୍‌ଜିନ୍ ୟୁନିଭର୍ସିଟିର ଗବେଷକମାନେ ଏକ ସରଳ ଉପାୟ ଉଦ୍ଭାବନ କରିଛନ୍ତି ଯାହାଦ୍ୱାରା ପ୍ରକୃତିରେ ନୀଳଗୋଲାପ ଉତ୍ପନ୍ନ କରାଯାଇ ପାରିବ।



ପୂର୍ବରୁ ଦୀର୍ଘ ୨୦ବର୍ଷର ଗବେଷଣା ପରେ ଜୈବପ୍ରଯୁକ୍ତିବିଦ୍ୟା ବିଶାରଦମାନେ ଜେନେଟିକ୍ ଇଞ୍ଜିନିୟରିଂ ଓ ଚୟନମୂଳକ ପ୍ରଜନନ ପଦ୍ଧତି ପ୍ରୟୋଗ କରି 'ନୀଳଗୋଲାପ' ଉତ୍ପନ୍ନ କରାଇବାକୁ ସମର୍ଥ ହୋଇଥିଲେ। କିନ୍ତୁ ଏହି ଗୋଲାପ ସମ୍ପୂର୍ଣ୍ଣ ନୀଳରଙ୍ଗ ଧାରଣ କରିପାରୁ ନ ଥିଲା। ଗବେଷକମାନେ ଦୁଇଟି ବ୍ୟାକ୍ଟେରିଆଲ୍ ଏଞ୍ଜାଇମ୍ ଚିହ୍ନଟ କରିଛନ୍ତି। ଏହାର ମିଶ୍ରଣ ଗୋଲାପ ପାଖୁଡାର ଏକ ସାଧାରଣ ଉପାଦାନ ଏଲ୍-ଗ୍ଲୁଟାମାଇନକୁ ନୀଳରଙ୍ଗରେ ପରିଣତ କରିପାରୁଛି। ଏହାଦ୍ୱାରା ପ୍ରକୃତିରେ ନୀଳଗୋଲାପ ଫୁଟାଇବା ସମ୍ଭବ ହୋଇପାରିବ। ଏ ସମ୍ପର୍କିତ ବିସ୍ତୃତ ଅଧ୍ୟୟନ ଜର୍ନାଲ ଏସିଏସ୍ ସିନ୍ଥେଟିକ୍ ବାୟୋଲୋଜିରେ ପ୍ରକାଶ ପାଇଛି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୪/୨୦୧୮ | Bhubaneswar, Sunday, October 14/ 2018 | ପୃଷ୍ଠା-୧



**ସେନା ସହ ସ୍ମୃତି ଅବିସ୍ମରଣୀୟ: ସୋନାକ୍ଷୀ**

ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଭୁଜ୍‌ରେ ସେନା ସହିତ ଯେତିକି ସମୟ ବିତାଇଥିଲେ ତାହା ଅବିସ୍ମରଣୀୟ ବୋଲି ବର୍ଣ୍ଣନା କରିଛନ୍ତି।

୦୭ ୧୬

**ପ୍ରମୋଦଙ୍କୁ ଏସିଆନ୍ ପାରା ଗେମ୍ସ ସ୍ୱର୍ଣ୍ଣ**

ଓଡ଼ିଶାର ପ୍ରମୋଦ ଭଗତ ଏସିଆନ ପାରା ଗେମ୍ସ ବ୍ୟାଡମିଣ୍ଟନ ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



**ଆଜିର ସମ୍ପାଦକୀୟ**

**ବିବାଦରେ ଆକବର**

**ଆଜିର ମନ୍ତବ୍ୟ**

“ରାଫାଲ୍ ଚୁକ୍ତିକୁ ହାଲ୍‌ଠାରୁ ଛଡ଼ାଇଆଣି ଅମ୍ବାନୀଙ୍କୁ ଉପହାର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

ଉଜାଲା ଯୋଜନାରେ ସାରା ଦେଶରେ ବର୍ତ୍ତମାନ ସୁଦ୍ଧା ୩୧ କୋଟି ଏଲ୍‌ଇଡି ବଲ୍‌ବ, ୬୬ ଲକ୍ଷ ଏଲ୍‌ଇଡି ଟ୍ୟୁବ୍ ଲାଇଟ୍ ଏବଂ ପ୍ରାୟ ୨୦ ଲକ୍ଷ ଏନର୍ଜି ଏଫିସିଏଣ୍ଟ ଫ୍ୟାନ୍ ବଣ୍ଟନ ହୋଇଛି।

– ଇଇଏସ୍ଏଲ୍

**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
13.10.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 117 |
| CTC | 62 | 109 | 119 |
| DKL | 63 | 110 | 120 |
| BDK | 62 | 109 | 119 |
| BLS | 64 | 111 | 121 |
| ANG | 64 | 111 | 121 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers

# ବନ୍ୟା ପ୍ରଭାବିତ ୩ ଜିଲାରେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକାଶମାର୍ଗରୁ ଗଞ୍ଜାମ ଜିଲାର ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

- ଆକାଶ ମାର୍ଗରୁ ସ୍ଥିତି ପରଖିଲେ
- ୧୫ ଦିନ ରିଲିଫ୍ ଯୋଗାଇବାକୁ ନିର୍ଦ୍ଦେଶ

ସାମୁଦ୍ରିକ ଝଡ଼ ‘ତିତ୍‌ଲି’ ପ୍ରଭାବରେ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲା କ୍ଷତିଗ୍ରସ୍ତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉକ୍ତ ଜିଲାଗୁଡିକର ପ୍ରଭାବିତ ଅଞ୍ଚଳ ଆକାଶମାର୍ଗରୁ କ୍ଷୟକ୍ଷତିର ପରିଦର୍ଶନ କରିଛନ୍ତି। ସନ୍ଧ୍ୟାରେ ସଚିବାଳୟଠାରେ ବାତ୍ୟା ଓ ଏହା ପରବର୍ତ୍ତୀ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାର ଗୁଣୁପୁର ସବ୍‌ଡିଭିଜନ ପାଇଁ ୧୫ ଦିନ ସକାଶେ ରିଲିଫ ଘୋଷଣା କରିଛନ୍ତି। ଗୋଟିଏ ପରିବାରରୁ ଅତିବେଶିରେ ୪ ଜଣଙ୍କୁ ଅଥବା ସର୍ବାଧିକ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରିଲିଫ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ବରିଷ୍ଠ ବ୍ୟକ୍ତିଙ୍କୁ ଦୈନିକ ୬୦ ଟଙ୍କା ଓ ପିଲାମାନଙ୍କୁ ମୁଣ୍ଡ ପିଛା ୪୫ ଟଙ୍କା ହିସାବରେ ରିଲିଫ ଦେବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳକୁ ପୁନଃ ସଂଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୪୮ ଘଣ୍ଟା ମଧ୍ୟରେ ୯୦ ପ୍ରତିଶତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ପୁନଃ କାର୍ଯ୍ୟକ୍ଷମ କରିବା ସହିତ ବଳକା ଅଞ୍ଚଳରେ ୩ରୁ ୫ ଦିନ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ସୁଦ୍ଧା ନଳକୂପଗୁଡିକୁ ମରାମତି କରିବା ସହ ୪୮ ଘଣ୍ଟା ମଧ୍ୟରେ ସମସ୍ତ ବ୍ଲକରେ ପାନୀୟ ଜଳ ଯୋଗାଇ ଦେବା, ସହରାଞ୍ଚଳଗୁଡିକରେ ୨୪ ଘଣ୍ଟା ମଧ୍ୟରେ ପାନୀୟ ଜଳ ଯୋଗାଣକୁ ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ☞ପୃଷ୍ଠା–୧୨

# ତିତ୍‌ଲି: ସୁଧୁରିନି ସ୍ଥିତି

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

- ଦକ୍ଷିଣ, ଉତ୍ତର ଓଡ଼ିଶାରେ ବନ୍ୟା ପରିସ୍ଥିତି ଗମ୍ଭୀର
- ୪୫ ଲକ୍ଷ ପ୍ରଭାବିତ, ୨୨୦୯ ଘର କ୍ଷତିଗ୍ରସ୍ତ
- ରିଲିଫ୍, ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ତିତ୍‌ଲି ପ୍ରଭାବରେ ଉପକୂଳ ସମେତ ଦକ୍ଷିଣ ଓଡିଶାରେ ଗତ ୧୦ରୁ ୧୨ ତାରିଖ ୩ ଦିନ ଧରି ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁ ବଂଶଧାରା, ଋଷିକୂଲ୍ୟା, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ ଓ ଜଳକା ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ବଂଶଧାରା ନଦୀର କାଶୀନଗରଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେଠାରେ ବିପଦ ସଙ୍କେତ ୫୩.୬୦ ମିଟର ଥିବା ବେଳେ ବନ୍ୟାଜଳ ୫୪.୪୭ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ଋଷିକୁଲ୍ୟା ନଦୀର ପୁରୁଷୋତ୍ତମପୁରଠାରେ ବିପଦ ସଙ୍କେତ ୧୬.୮୩ ମିଟର ଥିବାବେଳେ ୧୭.୧୪ ମିଟର ଉପରେ ଜଳ ପ୍ରବାହିତ ହେଉଛି। ବୈତରଣୀ ନଦୀର ଆଖୁଆପଦାଠାରେ ୧୮.୦୬ ମିଟର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବୁଢାବଳଙ୍ଗ ନଦୀର ବନ୍ୟାପାଣି ଏନ୍‌ଏଚ୍-୫ ଠାରେ ଏବଂ ଜଳକା ନଦୀର ମଥାନୀଠାରେ ବିପଦ ସଙ୍କେତ ୫.୫୦ ମିଟର ଥିବା ବେଳେ ବନ୍ୟାଜଳ ୬.୫୮ ମିଟର ଉପରେ ପ୍ରବାହିତ ହେଉଛି। ତେବେ ବର୍ଷା ଛାଡ଼ିଯାଇଥିବାରୁ ☞ପୃଷ୍ଠା–୧୨

## ଭାସିଯାଇ ୧୦ ନିଖୋଜ, ଜଣେ ମୃତ

ରାୟଗଡ଼ (ଗଜପତି), ୧୩।୧୦ (ଡି.ଏନ.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକ କଇଁପୁର ପଞ୍ଚାୟତର ମାଡା ଗ୍ରାମରେ ପାଣିରେ ଭାସିଯାଇ ୯ଜଣ ନିଖୋଜ ଥିବା ସୂଚନା ମିଳିଛି। ବୁଧବାର ରାତିରେ ତିତ୍‌ଲିରୁ ରକ୍ଷା ପାଇବା ପାଇଁ ମାଡ଼ା ଗ୍ରାମର ଲୋକେ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିଲେ। ସ୍ଥାନୀୟ ପାହାଡ଼ରୁ ପ୍ରବଳ ବେଗରେ ବର୍ଷାପାଣି ମାଡ଼ି ଆସିବାରୁ ଏମାନଙ୍କ ମଧ୍ୟରୁ ୯ଜଣ ଭାସିଯାଇଥିଲେ। ଶନିବାର ସୁଦ୍ଧା ସେମାନଙ୍କ ପତ୍ତା ମିଳି ନ ଥିବା ଜଣାପଡ଼ିଛି। ସେହିପରି ଶୁକ୍ରବାର ଲକ୍ଷ୍ମୀପୁର ପଞ୍ଚାୟତ ଓଡାଲିଙ୍ଗି ଗ୍ରାମର ଜଣେ ମହିଳା ନଦୀ ପାରି ହେଉଥିବା ବେଳେ ଭାସିଯାଇ ପ୍ରାଣ ହରାଇଛନ୍ତି। ତାଙ୍କ ନାମ କୁଞ୍ଜୁପି ଧାଙ୍ଗଡ଼ା ମଣ୍ଡଳ। ଏହି ପଞ୍ଚାୟତ ଅନ୍ତର୍ଗତ ଆତଙ୍ଗପୁର ଗ୍ରାମର ବବିତା ଦୋରା (୭) ଭାସିଯାଇ ନିଖୋଜ ଥିବା ଜଣାପଡ଼ିଛି।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

ଅନିବାର୍ଯ୍ୟ କାରଣବଶତଃ ଏଥର ‘ଆଗାମୀ ଆଶା’ ପ୍ରକାଶ ପାଇପାରୁ ନାହିଁ।

## ହିମସ୍ଖଳନ: ୯ ପର୍ବତାରୋହୀ ମୃତ

କାଠମାଣ୍ଡୁ,୧୩।୧୦(ପି.ଟି.)

ନେପାଳର ଗୁଜ୍‌ରା ପର୍ବତରେ ହିମସ୍ଖଳନ ଯୋଗୁ ଶନିବାର ୯ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୫ ଜଣ ଦକ୍ଷିଣ କୋରିଆ ନାଗରିକ ଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ବରଫ ଝଡ଼ ଏବଂ ହିମସ୍ଖଳନ ଯୋଗୁ ପଶ୍ଚିମ ନେପାଳର ମିଆଗ୍‌ଡି ଜିଲାରେ ମାଉଣ୍ଟ ଧଉଳଗିରିର ଦକ୍ଷିଣ ପାର୍ଶ୍ୱରେ ସମୁଦ୍ର ପତ୍ତନରୁ ୩୫୦୦ ମିଟର ଉପରେ ଥିବା ପର୍ବତାରୋହୀଙ୍କ ବେସ୍ କ୍ୟାମ୍ପ ବରଫ ଅତଡ଼ାରେ ଚାପି ହୋଇ ଯାଇଥିଲା। ଅକ୍ଟୋବର ୭ରେ ସେମାନେ ଗୁଜ୍‌ରା ଶୃଙ୍ଗ ଅଭିମୁଖେ ଯାତ୍ରା କରିଥିଲେ।



STORES ONLY AT: Bhubaneswar: 621, Saheed Nagar, Janpath | Bhubaneswar: Biju Patnaik International Airport | Bhubaneswar: 309, District Centre,Chandrasekharpur
Berhampur : Venkatraju Arcade, Sano Bazar | Cuttack: 558/834, Cantonment Road | Rourkela: Kesar Bhawan, Main Road | Toll Free: 1800 3131 777 | Open on Sundays


LG
Life's Good
21 YEARS
Celebrating the New
UPTO 30%*
OFF ON LG PRODUCTS
upto 15%* CASHBACK on select Debit & Credit Cards*
Bring Home an LG Product @₹1999 & Balance in equal EMIs of ₹1999*
उत्सव की शुभकामनाएँ
World's Best Selling OLED Brand
LG OLED TV AI ThinQ
OLED55C8PTA
• OLED Display • AI ThinQ™
• α9 Intelligent Processor • Dolby Atmos®
• 4K Cinema HDR with Dolby Vision
55UK6360PTE
• AI ThinQ™ • IPS 4K Display • 4K Active HDR
• DTS Virtual: X • Cloud Photo & Video
• Wireless Sound (2 Way BT)
49UK6360PTE
• AI ThinQ™ • IPS 4K Display • 4K Activ HDR
• DTS Virtual: X • Cloud Phot & Video
• Wireless Sound (2 Wa BT)
43LJ554T
• 4IPS Panel • webOS Smart TV
• Single Click Access • Multi-Tasking (Surf & Watch)
• Music Player • Expandable Memory
SIDE BY SIDE REFRIGERATOR
GC-X247CSAV
• Inverter Linear Compressor
• InstaView Door-in-Door™
• Water and Ice Dispenser
• Multi Air Flow
• Hygiene Fresh+™
• Multi Digital Sensors
FROST FREE REFRIGERATOR
GL T402JPZU
• Inverter Linear Compressor
• Door Cooling+™
• DUAL Fridge™
• 3 Star
• Auto Smart Connect™
• Smart Diagnosis™
FRONT LOAD WASHING MACHINE
FHT1409SWS
• Capacity - 9.0 kg.
• Combat allergens with the power of Steam™
• Fast & Clean Wash with TurboWash™
• OPTIMAL WASH for fabrics with 6 Motion DD
• Less vibration, Less noise
• SmartThinQ™ with Wi-Fi
• Color: STS-VCM
10 yr warranty on motor is applicable only on select washing machine
TOP LOAD WASHING MACHINE
T1084WFES5A
• 6 Motion Direct Drive
• Inverter Direct Drive
• Heater
• Steam
• Jet Spray Technology
• Wi-Fi
WATER PURIFIER
WW140NP
• True RO Filtration
• Dual Protection Stainless Steel Tank™
• Digital Sterilizing care™
• Mineral Booster
• Filter Change Indicator
CHARCOAL CONVECTION MICROWAVE
MJ2886BFUM
• Charcoal Lighting HeaterTM • Ghee in 12Mins*
• Diet FryTM • Indian Roti Basket* • 360° Motorised Rotisserie
• Pasteurize Milk
XBOOM
OK99
• 1800W
• Karaoke Recording
• Pro DJ Wheels
• Party Thruster
• DJ Loop
• X- Flash Pro
JS-Q18HUZD
• Dual Inverter Compressor
• 100% Copper with Ocean Black Protection
Active Energy Control • Smart Diagnosis System
Gold Fin Condenser • 4 Way Swing
*: Condition Apply, Ghee in 12 mins*: Time may vary model to model., Indian Roti Basket*: Patent applied for.
Additional Exciting Offers*
WE PAY 1* EMI
BAJAJ FINSERV
CAPITAL FIRST
EXCHANGE* & UPGRADE
ATTRACTIVE EXCHANGE OFFER
SAME DAY INSTALLATION*
ON SELECT LG PRODUCTS
TRY & BUY
ENJOY FREE HOME DEMO*
OLED TV / WATER PURIFIER
XBOOM / AIR PURIFIER
SPECIAL FESTIVE OFFERS
Sound Bar worth up to ₹29990* on select models of UHD TV
JioFi Device and Data worth ₹3500* on select models of Smart TV
PH1 worth ₹2990* on select models of Smart TV
45L Bedroom Refrigerator on select models of SBS Refrigerator
LG Q6 worth ₹16990* on select models of Twin Wash Washing Machine
Stainless Steel Tumbler on select models of Water Purifier
Extended Warranty
80 cm (32) & above FPD models (OLED/UHD/LED)
airtel digital tv
Up to 40%* off on Set Top Box
Mic on XBoom audio
Treo Bowl Set on select Convection Microwave Oven
Start-up Kit Cookbook on select models of Microwave Oven
STANDARD INSTALLATION @ NO COST* on select models of Air Conditioner
Care & Delight LG Service
LG 24 x 7 CUSTOMER CARE 1800-315-9999 1800-180-9999 (Toll Free) 5757554 (Send SMS)
www.lg.com/in/support
LG Service India Mobile App Available at Google Play
www.facebook.com/lgindiapage
Cashback offer applicable with
HDFC BANK We understand your world
AXIS BANK
ICICI Bank Credit Cards
Standard Chartered
Regd. Office: LG Electronics India Pvt. Ltd., A Wing (3rd Floor), D-3, District Center, Saket, New Delhi-110017
CIN No. U32107DL1997PTC220109
ODISHA's No.1 Retail Chain Store
RAJ ELECTRONICS
Grand Opening of RAJ ELECTRONICS on 15th October at Jajpur Road : Thana Bazar, Choarda Traffic Chhak, By-Pass Road,Mob No-9238365722,9937475155
OUR BRANCHES : BHUBANESWAR : BARAMUNDA : Ph : 0674- 2355155, 9238365729 | PATIA : Ph : 0674- 2726216, 9238365755 | NAYAPPALI : Ph : 0674- 2565717, 2565725, 9238365515 | BAPUJI NAGAR : Old Showroom : 0674- 2597016, 2597205/ (Premium Showroom), Ph : 0674- 2598852, 9238365728 | CUTTACK : Link Road, Madhupatna,Ph : 0671- 2342999, 9238365721 | TALCHER : Sharma Chhak, Ph : 06760-241515, 9937752362 | BALASORE : Ph : 06782- 241515, 240014, 8118052732,8249457804 | ROURKELA : Ph : 0661-2522515,9238365730,7787967372 | JHARSUGUDA : Ph : 06645-271450,8342818452,9438355513 , RAJ ELECTRONICS PLAZA ANGUL : Ph: 7064414161, 8260434343 , SALEPUR : Ph : 0671- 2351140, 9438022927, 9937546384, 9124858889, BHADRAK : Ph : 7205321458, JALESWAR : Ph : 8249023446, JAJPUR ROAD : Ph : 06726- 365722, 9238320655. CUTTACK : Ph : 0671-2314448, 9437117285,9937593448, JARAKA : Ph :06725-284199, 9853702087, 9938581334, KESHDURAPAL( Ghasipura ) : Mob : 9776110273, 9937157173, BISWAL SALES-JAJPUR ROAD : Bus Stand-Bypass, Ph : 9238320655, 9238365722, JAJPUR TOWN : Medical Road, Ph : 06728 - 222701, 9238365724, BHADRAK : Chapulia, Ph:06784 - 250566, 9238365720

■ ପାହାଡ଼ ଧସି ୧୨ ମୃତ୍ୟୁ ଘଟଣା

# 'ଭୁଲି ହେବନି କାଳରାତ୍ରି କଥା'

ପାରଳାଖେମୁଣ୍ଡି (ସ୍ୱ.ପ୍ର.),୧୩।୧୦



ପାହାଡ଼ ନିକଟରେ ସ୍ଥାନୀୟ ବାସିନ୍ଦା।

■ ଆଉ ୪ ମୃତଦେହ ପଥର ତଳେ ଚପି ରହିଥିବା ସନ୍ଦେହ

■ ଅନୁଧାନ ପାଇଁ ଗଲା ପ୍ରଶାସନିକ ଟିମ୍

ସେ କାଳରାତ୍ରିର କଥା ମନରୁ କେବେ ଭୁଲି ହେବନି। ଏମିତି ଯେ ମୃତ୍ୟୁ ଆସି କିଛି ଲୋକଙ୍କୁ ଡାକିନେବ ସେ କଥା ବି କେହି ଭାବି ନ ଥିଲୁ। ୧୦ତାରିଖ ସକାଳେ ଝିପି ଝିପି ବର୍ଷା ଆରମ୍ଭ ହୋଇଥିଲା। ରାତି ବେଳକୁ ବର୍ଷା ବଢିଲା। ପ୍ରବଳ ବେଗରେ ପବନ ବି ବହିଲା। ଜୀବନ ବିକଳରେ ଯିଏ ଯେଉଁଠି ପାରିଲେ ଆଶ୍ରୟ ନେଲେ। ୧୧ତାରିଖ ଭୋର ସମୟରେ ନିକଟସ୍ଥ ପାହାଡ଼ ଉପରୁ ପ୍ରବଳ ବେଗରେ ବର୍ଷାପାଣି ବାରଘର ଗ୍ରାମକୁ ମାଡ଼ିଆସିଲା। ଘର ସବୁ ଭାସିଗଲା। ଫଳରେ ବାରଘର ଗ୍ରାମବାସୀ ଆଶ୍ରୟ ନେବାକୁ ଗାଁ ପାଖ ପାହାଡ ତଳେ ଥିବା ଏକ ଗୁମ୍ଫାକୁ ଧାଇଁଲେ। ସେଠାରେ ଥିବାବେଳେ ୧୬ଜଣଙ୍କୁ ପାଣି ଭସେଇ ନେଲା। ଅନ୍ୟମାନେ ଗତ ୩ଦିନ ଧରି କେବଳ ପାଣି ପିଇ ଜୀବନ ବଞ୍ଚାଇଥିଲେ। ଏହା କହିଛନ୍ତି ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ହରିବନ୍ଧୁ କାର୍ଜୀ। ତିତ୍‌ଲି ପ୍ରଭାବରେ ପ୍ରବଳ ବର୍ଷା ହୋଇ ପାହାଡ଼ ଧସି ଗଙ୍ଗାବାଡ଼ ପଞ୍ଚାୟତ ଅନ୍ତର୍ଗତ ବାରଘର ଗ୍ରାମର ୧୨ଜଣଙ୍କ ମୃତ୍ୟୁ ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ମହେନ୍ଦ୍ରଗିରି ପାହାଡ଼ ନିକଟରେ ଅବସ୍ଥିତ ବାରଘର ଗ୍ରାମ। ଏହା ଅତି ଦୁର୍ଗମ ଅଞ୍ଚଳ ହୋଇଥିବା ବେଳେ ପାହାଡ଼ିଆ ରାସ୍ତା ଦେଇ ଗ୍ରାମକୁ ଯିବାକୁ ପଡ଼େ। ସେଠାରେ ୧୨ଟି ପରିବାର ବସବାସ କରିଆସୁଛନ୍ତି। ସମସ୍ତେ ଗରିବ ଶ୍ରେଣୀର। ଗତ ୧୧ତାରିଖରେ ଆଶ୍ରୟ ନେବାକୁ ଗ୍ରାମର ସମସ୍ତ ଲୋକ ପାହାଡ଼ ତଳି ଗୁମ୍ଫାକୁ ଚାଲିଯାଇଥିଲେ। ତେବେ ୧୬ଜଣଙ୍କୁ ପାଣି ଭସେଇ ନେଇଥିଲା। ସେମାନଙ୍କ ମଧ୍ୟରୁ ସ୍ଥାନୀୟ ଲୋକେ ୧୨ଜଣଙ୍କ ମୃତଦେହ ଚିହ୍ନଟ କରିଥିବାବେଳେ ଅନ୍ୟ ୪ଜଣଙ୍କ ମୃତଦେହ ପଥର ତାଳ ଚାପିହୋଇ ରହିଥିବା ସନ୍ଦେହ କରାଯାଉଛି। ମୃତ ୧୨ଜଣଙ୍କ ମଧ୍ୟରେ ୭ଜଣ ମହିଳା ଓ ପୁରୁଷ ହୋଇଥିବା ବେଳେ ୫ଜଣ ପିଲା ଥିବା ଜଣାପଡ଼ିଛି। ଗଣମାଧ୍ୟମରୁ ଏ ସଂକ୍ରାନ୍ତ ସୂଚନା ପାଇବା ପରେ ଶନିବାର ଗଜପତି ଜିଲାପାଳ ଅନୁପମ ଶାହାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ପି ଅମୂଲ୍ୟ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ଅନୁଧାନ ତଥା ଉଦ୍ଧାର କାର୍ଯ୍ୟ ନିମନ୍ତେ ଯାଇଛନ୍ତି। ଏହି ଟିମ୍‌ରେ ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, ଏକ ଡାକ୍ତରୀ ଦଳ, ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ ଟିମ୍ ରହିଛନ୍ତି। ଅତି ଦୁର୍ଗମ ଅଞ୍ଚଳ ସାଙ୍ଗକୁ ଝଡବର୍ଷାରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବାରୁ ତାହାକୁ ହଟାଇ ଅଧିକାରୀମାନେ ସମ୍ପୃକ୍ତ ସ୍ଥାନରେ ପହଞ୍ଚିଥିବା ଜଣାପଡ଼ିଛି। ରାତି ୮ଟାରେ ଏ ନେଇ ଜିଲାପାଳ ଶାହାଙ୍କୁ ପଚାରିବାରେ କହିଛନ୍ତି ଯେ, ପ୍ରଶାସନ ପକ୍ଷରୁ ଏକ ଟିମ୍ ସେଠାକୁ ଯାଇଛି। ତେବେ ଟିମ୍‌ର କୌଣସି ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ତେଣୁ ମୃତାହତଙ୍କ ସମ୍ପର୍କରେ କିଛି ତଥ୍ୟ ମିଳିପାରିନାହିଁ। ସେମାନଙ୍କ ସହ ଯୋଗାଯୋଗ ହେବା ପରେ ଯାହା କିଛି କହିହେବ। ଅନ୍ୟପକ୍ଷେ ସମ୍ପୃକ୍ତ ଗ୍ରାମକୁ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଅନ୍ତର୍ଯାମୀ ଗମାଙ୍ଗ, ରାୟଗଡ଼ ବ୍ଲକ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେଡି ନେତା ଚନ୍ଦ୍ରଶେଖର ସାହୁ, ଭାଜପା ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପ୍ରମୁଖ ଗସ୍ତ କରି ସ୍ଥିତି ଅନୁଧାନ କରିଛନ୍ତି। ଏହି ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ବକ୍ସିପାତ୍ର ଦୋଷ ଦେବା ସହ ତୀବ୍ର ସମାଲୋଚନା କରିଛନ୍ତି।

# ତିତ୍‌ଲିକୁ ନେଇ ଥମୁନି ରାଜନୀତି

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)



ଗୋଲକ ମହାପାତ୍ର | ସତ୍ୟପ୍ରକାଶ ନାୟକ

■ ସରକାରଙ୍କୁ ବିରୋଧୀଙ୍କ ସମାଲୋଚନା

■ ଜବାବ ରଖିଲା ବିଜେଡି

୨୦୦୧ରୁ ୨୦୧୨-୧୩ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତିର ଆକଳନ କରି ରାଜ୍ୟ ସରକାର ମୋଟ୍ ୧୧,୫୧୮.୪୫ କୋଟି ଟଙ୍କାର ସହାୟତା ରାଶି କେନ୍ଦ୍ରକୁ ମାଗିଛନ୍ତି। ହେଲେ କେନ୍ଦ୍ର ସରକାର କେବଳ ୧୭୨୮.୩୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ତେଣୁ ରାଜ୍ୟ ସରକାରଙ୍କ କ୍ଷୟକ୍ଷତିର ଆକଳନ ତ୍ରୁଟିପୂର୍ଣ୍ଣ ଥିଲା ନା କେନ୍ଦ୍ର ମନଇଚ୍ଛା ସହାୟତା ରାଶି ଦେଇଥିଲା ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ପିସିସି ମିଡିଆ ସେଲ୍ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ରାଜ୍ୟ ସରକାର ଜିରୋ କାଜୁଆଲ୍ଟି ପ୍ରଚାର ପ୍ରସାରରୁ ନିବୃତ୍ତ ରୁହନ୍ତୁ। ବର୍ଷା ଯୋଗୁ ଫସଲ ନଷ୍ଟ ପାଇଁ ଏକର ପିଛା ୨୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରନ୍ତୁ। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ରାଜ୍ୟର ବନ୍ୟା ଏବଂ ତିତ୍‌ଲି ଝଡ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳ ଭ୍ରମଣ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଅନୁରୂପ ଭାବେ ଭାଜପା ପକ୍ଷରୁ ମଧ୍ୟ ସରକାରଙ୍କୁ ସମାଲୋଚନା କରାଯାଇଛି। ଦଳର ପ୍ରତିନିଧି ମଣ୍ଡଳ ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିଛି। କ୍ଷୟକ୍ଷତିର ଉପଯୁକ୍ତ ଆକଳନ କରି ରାଜ୍ୟ ସରକାର ତୁରନ୍ତ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି କୁହାଯାଇଛି। ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଗଜପତି ଜିଲାରେ ୧୭ ଜଣଙ୍କ ସମେତ ବିଭିନ୍ନ ଜିଲାରେ ବହୁ ଜୀବନ ଯିବା ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତାର ପରିଚୟ। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ ଠାରୁ ଆରମ୍ଭ କରି ଅନେକ ବିଭାଗୀୟ ଅଧିକାରୀ ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି। ସରକାର ଏବଂ ଅଧିକାରୀମାନଙ୍କ କଥାରେ ତାଳମେଳ ନାହିଁ। ଏସ୍‌ଆରସି ନିଜ ପଦରୁ ଇସ୍ତଫା ଦେବା ଉଚିତ ବୋଲି ଗୋଲକ କହିଛନ୍ତି। ସେହିପରି ମୁଖ୍ୟଶାସନ ସଚିବ ବାତ୍ୟା, ବନ୍ୟା ମୁକାବିଲା ସମ୍ପର୍କିତ ଦେଇଥିବା ମନ୍ତବ୍ୟକୁ ଭାଜପା ସମାଲୋଚନା କରିଛି। ବିରୋଧୀଙ୍କ ଅଭିଯୋଗ ଉପରେ ବିଜେଡି ପକ୍ଷରୁ ମୁଖପାତ୍ର ସସ୍ମିତ ପାତ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ତିତ୍‌ଲି ଭେରି ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମ ଥିଲା। ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ସମସ୍ତ ପ୍ରୟାସ କରିଥିଲେ। ସରକାରଙ୍କ ଦ୍ୱାରା ୩ ଲକ୍ଷ ଲୋକଙ୍କୁ ଝଡ ପୂର୍ବରୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଏହା ବିରୋଧୀଙ୍କ ଆଖିକୁ ଦେଖାଯାଉନାହିଁ। ସେହିପରି ଗଜପତି ଜିଲାରେ ହୋଇଥିବା ଭୂସ୍ଖଳନ ଯୋଗୁ ପ୍ରାଣହାନି ପାଇଁ ଗଭୀର ଦୁଃଖପ୍ରକାଶ କରୁଥିବା ସସ୍ମିତ କହିଛନ୍ତି।






ଭଗବାନଙ୍କ ସହିତ ମିଳନରେ ଯେଉଁ ନିଶା ଲାଗେ- ତାହା ଯେ କୌଣସି ସୁରା ବା ମଦ୍ୟପାନର ନିଶାଠାରୁ ଅଧିକ ଆନନ୍ଦ ଓ ଉନ୍ମାଦନା ଦିଏ।
-ଶ୍ରୀମା



# ବିବାଦରେ ଆକବର



ଆକାର ପଟେଲ

ପ୍ରାୟ ୨୫ ବର୍ଷ ତଳେ ମୁଁ କାର୍ଯ୍ୟ ଅନ୍ୱେଷଣରେ ସୁରତରୁ ବମ୍ବେ (ସେତେବେଳେ ମୁମ୍ବାଇ ନାଁ ହୋଇ ନ ଥିଲା) ଆସିଲି। ଆମ ପାରିବାରିକ ବ୍ୟବସାୟ 'ପଲିଷ୍ଟର ପୋଷାକ ତିଆରି' ଆଉ ଚାଲିଲା ନାହିଁ। ମୁଁ ଟେକ୍ସଟାଇଲ ବିଦ୍ୟାରେ ଡିପ୍ଲୋମା କରିଥିଲି। ବିଦ୍ୟାଳୟ ଶିକ୍ଷା ପରେ ଏହି ଡିପ୍ଲୋମା କରିବାରେ ମୋର ଦୁଇବର୍ଷ ଚାଲିଗଲା। ସୁତରାଂ କୌଣସି ଅଫିସ ଚାକିରି ପାଇଁ ମୋର ଶିକ୍ଷାଗତ ଯୋଗ୍ୟତା ନ ଥିଲା। ଜଣେ ଗୁଜରାଟୀ ହୋଇଥିବାରୁ ଆମଦାନି-ରପ୍ତାନି ବ୍ୟବସାୟ ଓ ଷ୍ଟକ୍ ମାର୍କେଟ୍‌ରେ ଚାକିରି ଖୋଜିଲି। କିନ୍ତୁ ହର୍ଷଦ ମେହେଟା ଦୁର୍ନୀତି ଯୋଗୁ ଷ୍ଟକ୍ ମାର୍କେଟ୍ ଭୁଶୁଡ଼ି ପଡ଼ିଥିବାରୁ ସେଥିରେ ମୋତେ ନିଯୁକ୍ତି ମିଳିଲା ନାହିଁ। ଭିଲେ ପାର୍ଲେରେ ମୋର ଜଣେ ସାଙ୍ଗର ଭଉଣୀ ଘରେ ତାଙ୍କ ପରିବାର ସହ ରହି ମୁଁ ବିଭିନ୍ନ ସ୍ଥାନରେ ଚାକିରି ଖୋଜିବାରେ ଲାଗିଲି। ଦିନେ ଏକ ସ୍ଥାନୀୟ ଟ୍ରେନ୍‌ରେ ଏକ ଖବରକାଗଜରେ ଚାକିରି ପାଇଁ ବିଜ୍ଞାପନ ବାହାରିଥିବାର ଦେଖିଲି। ସେଥିରେ ଚାକିରି ପାଇଁ ଦରଖାସ୍ତ ପକାଇଲି ଏବଂ ମୋତେ ଚାକିରି ମିଳିଗଲା, କାରଣ ସାମ୍ବାଦିକ ଚାକିରି ପାଇଁ କୌଣସି ବିଶେଷ ଯୋଗ୍ୟତାର ଆବଶ୍ୟକତା ପଡୁ ନ ଥିଲା। ଠିକ୍ ୩୦ ଦିନ ପରେ ଉକ୍ତ ଖବରକାଗଜଟି ବନ୍ଦ ହୋଇଗଲା, କିନ୍ତୁ ଏଥର ମୋତେ ଆଉ ଏକ ଖବରକାଗଜ 'ଦ ଏସିଆନ୍ ଏଜ୍'ରେ ଚାକିରି ମିଳିଗଲା। ଏମ୍.ଜେ. ଆକବର ତା'ର ସମ୍ପାଦକ ଥାନ୍ତି। ତାଙ୍କୁ ମୁଁ ଆଗରୁ ଜାଣି ନ ଥିଲି, କାରଣ ସୁରତରେ କେହି ଇଂଲିଶ ଖବରକାଗଜ ପଢ଼ନ୍ତିନି।

ମୁଁ ମୁମ୍ବାଇ ଅଫିସରେ କାମ କଲି (ସେହି ବର୍ଷ ବମ୍ବେର ନାଁ ବଦଳି ମୁମ୍ବାଇ ହୋଇଥିଲା)। ମୁଁ ଏପରି ଏକ ପରିବେଶରୁ ଆସିଥିଲି, ଯେଉଁଠି ମହିଳାମାନେ ଅଫିସରେ କାମ କରନ୍ତିନି। ମୋ ପରିବାରର ଯେଉଁ ଛୋଟିଆ ପୋଷାକ କାରଖାନାଟି ଥିଲା, ସେଥିରେ ଅଳ୍ପ ମହିଳା କାମ କରୁଥିଲେ, କିନ୍ତୁ ସମସ୍ତେ ଶ୍ରମିକ ଶ୍ରେଣୀର ଥିଲେ। ସେମାନଙ୍କୁ ହେଲ୍‌ପର ବା ସହାୟକ କୁହାଯାଉଥିଲା। ସେମାନଙ୍କ କାମ ଥିଲା କାର୍ଟୁନଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଓ କାରଖାନାକୁ ସଫା ରଖିବା। କିନ୍ତୁ ମୁଁ ଯେଉଁ ଖବରକାଗଜରେ କାମ କରୁଥିଲି ସେଠାରେ ମହିଳାମାନେ ପୁରୁଷଙ୍କ ପରି ସମାନ କାମ କରୁଥିଲେ। ମୋର ଉପରିସ୍ଥ ଜଣେ ମହିଳା ଥିଲେ। ଏଇଠାରେ ମହିଳାଙ୍କ ପ୍ରତି ଥିବା ମୋର ଧାରଣା ବଦଳିଥିଲା। ଏଠାରେ ଏପରି ଲୋକଙ୍କ ସଂସ୍ପର୍ଶରେ ମୁଁ ଆସିଥିଲି, ଯେଉଁମାନେ ମୋଠାରୁ ଅଧିକ ଚତୁର ଥିଲେ ଏବଂ ଅଧିକ ପାଠ ପଢ଼ିଥିଲେ। ଯେଉଁମାନେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଓ କୋଲକାତା ପରି ବଡ଼ ସହରରେ ବଢ଼ିଛନ୍ତି, ସେମାନଙ୍କ ପାଖରେ ଯେତିକି ଶିଖିବାର ସୁଯୋଗ ଥାଏ, ସୁରତରେ ବଢ଼ିଥିବା ଲୋକଙ୍କ ପାଖରେ ସେତିକି ସୁଯୋଗ ନ ଥାଏ। ଏହା ବିଶେଷ କରି ସେହି ସମୟ ପାଇଁ ସତ୍ୟ ଥିଲା, ଯେତେବେଳେ ଇଣ୍ଟରନେଟ୍ ଓ ଘରୋଇ ଟିଭିର ବିଶେଷ ପ୍ରସାର ହୋଇ ନ ଥିଲା। ସୁରତ ହେଉଛି ଏପରି ଏକ ସହର ଯାହା ଜ୍ଞାନାର୍ଜନ ପାଇଁ ଆଗ୍ରହୀ ନୁହେଁ, ଏହା କେବଳ ଟଙ୍କା କେମିତି ରୋଜଗାର ହେବ, ସେହି ବିଷୟରେ ଧ୍ୟାନ ଦିଏ। ୩୦ ବର୍ଷ ତଳେ ଏଠାରେ କେବଳ ଗୋଟିଏ ବହି ଦୋକାନ ଥିଲା, ଯେଉଁଠି ଇଂଲିଶ ବହି ବିକ୍ରି ହୁଏ ଏବଂ ସେତେବେଳେ ସହରର ଲୋକସଂଖ୍ୟା ପ୍ରାୟ ୧୫ ଲକ୍ଷ ଥିଲା।

ତେଣୁ ମୁମ୍ବାଇରେ ମୁଁ ପ୍ରଥମକରି ଜ୍ଞାନୀ ଲୋକଙ୍କ ସଂସ୍ପର୍ଶରେ ଆସିଲି, ଯେଉଁମାନେ ଖୁବ୍ ପଢ଼ାପଢ଼ି କରି ଦେଶବିଦେଶ ବିଷୟରେ ଜାଣିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ କେହି ହେଲେ ଏମ୍.ଜେ. ଆକବରଙ୍କ ପରି ପ୍ରଭାବଶାଳୀ ନ ଥିଲେ। କିନ୍ତୁ ମୁଁ ମୁମ୍ବାଇ ଅଫିସରେ ରହି କାମ କରୁଥିବା ବେଳେ ସେ ଦିଲ୍ଲୀରେ ରହି କାମ କରୁଥିଲେ। ତେଣୁ ତାଙ୍କ ସଂସ୍ପର୍ଶରେ ବେଶି ଆସିବାର ବା ତାଙ୍କ ସହ ଯୋଗାଯୋଗ କରିବାର ସୁଯୋଗ ନ ଥିଲା। କିନ୍ତୁ ମୁଁ ତାଙ୍କର ବ୍ୟକ୍ତିତ୍ୱ ଓ ତାଙ୍କ ଲେଖାଗୁଡ଼ିକ ଉପରେ ଧ୍ୟାନ ଦେଉଥିଲି। ମୁଁ ଥିଲି ରକ୍ଷଣଶୀଳ ଏବଂ କିଛି ପରିମାଣରେ ଜାତୀୟତାବାଦୀ ତଥା ନୂତନ ଚିନ୍ତାଧାରାକୁ ଗ୍ରହଣ କରିପାରୁ ନ ଥିବା ହିନ୍ଦୁ। ଆକବର ଥିଲେ ସମସ୍ତ ପ୍ରକାର ଧାର୍ମିକ ସଂକୀର୍ଣ୍ଣତାରୁ ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ। ଧାର୍ମିକ ବିଶ୍ୱାସ ଆଧାରରେ ତାଙ୍କର ମୂଲ୍ୟାୟନ କରିହେବ ନାହିଁ, ବରଂ ତାଙ୍କର ମେଧା, ଦୃଷ୍ଟିକୋଣ, ଅଧ୍ୟୟନ ଓ ତାଙ୍କର ଲେଖାଗୁଡ଼ିକରୁ ତାଙ୍କ ବ୍ୟକ୍ତିତ୍ୱର ଆକଳନ କରାଯାଇପାରିବ। ତାଙ୍କ ମତରେ ନିଜର ଭାରତୀୟତା ପାଇଁ ଗର୍ବ କରିବାର ମାନେ ନୁହେଁ ଯେ, ପାକିସ୍ତାନ ଓ ଚାଇନାକୁ ଘୃଣା କରିବା। ଯେଉଁ ଲୋକମାନଙ୍କୁ ସେ ଗଭୀର ଭାବେ ପ୍ରଭାବିତ କରିଥିଲେ, ପରେ ସେମାନେ ତାଙ୍କୁ ନିରାଶ କରିଛନ୍ତି। କିଛି ବର୍ଷ ହେଲା ତାଙ୍କର ରାଜନୈତିକ ଦୃଷ୍ଟିକୋଣ ଓ ମତ ପରିବର୍ତ୍ତନକୁ ନେଇ ତାଙ୍କୁ ସୁବିଧାବାଦୀ ବୋଲି ଅଭିହିତ କରାଯାଇଛି, ଯାହା ଦୁଃଖଦାୟକ। କିନ୍ତୁ ଏ ଅଭିଯୋଗକୁ ହସି ଉଡ଼େଇ ଦିଆଯାଇପାରେ କାରଣ ରାଜନୀତିରେ ଶଠ ଲୋକଙ୍କର ଅଭାବ ନାହିଁ। ଗାଦି ପଛରେ ଘୋଡ଼ାଉଥିବା ମଣିଷଙ୍କ ଅପେକ୍ଷା ଖାଣ୍ଟି ମଣିଷ ସବୁବେଳେ ଭିନ୍ନ ହୋଇଥାନ୍ତି।

ବର୍ତ୍ତମାନ ଯୁବତୀମାନଙ୍କୁ ଯୌନ ଉତ୍ପୀଡ଼ନ ଦେବା ନେଇ ତାଙ୍କ ନାମରେ ଯେଉଁ ଅଭିଯୋଗ ଆସିଛି, ତାହାଦ୍ୱାରା ତାଙ୍କର ମାନସମ୍ମାନ ଭୂଲୁଣ୍ଠିତ ହୋଇଯାଇଛି। ତେବେ ଜଣେ ଲେଖକ ଓ ଚିନ୍ତକ ଭାବରେ ତାଙ୍କର ଖ୍ୟାତି ହ୍ରାସ ପାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଯାଇ ନାହିଁ। ମୁଁ ଆଶା କରୁଛି ତାଙ୍କୁ ଇସ୍ତଫା ଦେବାର ସୁଯୋଗ ନ ଦେଇ ମନ୍ତ୍ରିପଦରୁ ବହିଷ୍କାର କରାଯାଇପାରେ।

Email: aakar.patel@gmail.com

# ଶ୍ୱେତକେତୁ, ବିଛୁଆତି ଓ ଧାରା-୪୯୭



ପ୍ରକାଶ ତ୍ରିପାଠୀ

ଶୁଣିଥିବା ଏକ ପୌରାଣିକ କଥାବସ୍ତୁରୁ ଆଲେଖ୍ୟଟିକୁ ଆରମ୍ଭ କରୁଛୁ। ଋଷି ଉଦ୍ଦାଳକ ଓ ତାଙ୍କ ପୁତ୍ର ଶ୍ୱେତକେତୁ ନିଜ ଆଶ୍ରମ ସନ୍ନିକଟରେ ବସି କୌଣସି ଏକ କାର୍ଯ୍ୟ ସମ୍ପାଦନ କରୁଥିଲେ। ଆଶ୍ରମରେ ସେତେବେଳେ ଉଦ୍ଦାଳକଙ୍କ ପତ୍ନୀ ଏକୁଟିଆ ଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଆଶ୍ରମ ଭିତରକୁ ପ୍ରବେଶ କରି ଉଦ୍ଦାଳକଙ୍କ ପତ୍ନୀଙ୍କୁ ଧରି ପଳାୟନ କଲେ। ଉଭୟ ପିତା ଓ ପୁତ୍ରଙ୍କ ଆଖି ସାମ୍ନାରେ ଘଟଣାଟି ଘଟିଥିଲା। ପିତା ଉଦ୍ଦାଳକ ଏହାକୁ ସହଜଭାବେ ଗ୍ରହଣ କରିଥିଲା ବେଳେ ପୁତ୍ର ଶ୍ୱେତକେତୁଙ୍କୁ ଏହା କ୍ରୋଧାନ୍ୱିତ କରିଥିଲା। ନିଜ ମାତାଙ୍କୁ ଉଦ୍ଧାର କରିବା ପାଇଁ ଓ ତାଙ୍କୁ ନେଇଯାଇଥିବା ବ୍ୟକ୍ତିଙ୍କୁ ଦଣ୍ଡ ଦେବା ଲାଗି ଶ୍ୱେତକେତୁ ଉଦ୍ୟତ ହୁଅନ୍ତେ ପିତା ଉଦ୍ଦାଳକ ତାଙ୍କୁ ଶାନ୍ତ କରାଇଥିଲେ। ପୁତ୍ରକୁ ବୁଝାଇବାକୁ ଯାଇ ଋଷି ଉଦ୍ଦାଳକ କହିଥିଲେ ଯେ, ଉଭୟ ପୁରୁଷ ଓ ମହିଳା ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସ୍ୱତନ୍ତ୍ର ଓ ସ୍ୱାଧୀନ ଅଟନ୍ତି। ଏହାକୁ ବିରୋଧ କରିବା ଭୁଲ୍। କିନ୍ତୁ ପିତାଙ୍କ ଉପଦେଶ ଓ ସମାଜରେ ପ୍ରଚଳିତ ଧାରାକୁ ଶ୍ୱେତକେତୁ ନିନ୍ଦା କରିବା ସହ ଏକ ନୂତନ ଧାରା ବା ନିୟମର ପ୍ରଚଳନ ପାଇଁ ନିଷ୍ପତ୍ତି ନେଲେ। ପରେ ସେ ନାରୀଙ୍କ ପାଇଁ ଏକପତିବ୍ରତା ଆଇନ ପ୍ରଚଳନ କଲେ। ତେବେ ଶ୍ୱେତକେତୁଙ୍କ ପ୍ରଚଳିତ ନିୟମ ସଂସାରରେ କେତେଦିନ ଠିକ୍‌ଠାକ୍ ଚାଲିଲା ତାହା ତ କହିହେବ ନାହିଁ। ମାତ୍ର ପରବର୍ତ୍ତୀ ସମୟରେ ସମାଜଟି ପୁରୁଷପ୍ରଧାନ ହୋଇଗଲା।

ଉପରୋକ୍ତ ପ୍ରସଙ୍ଗ ଉତ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି, ନିକଟରେ ପରକୀୟା ପ୍ରୀତି ସଂକ୍ରାନ୍ତରେ ସର୍ବୋଚ୍ଚ ଅଦାଲତ ଦେଇଥିବା ଏକ ଐତିହାସିକ ରାୟ ଉପରେ କିଛିଟା ଆଲୋକପାତ କରିବା। ପରକୀୟା ପ୍ରୀତି ଅପରାଧ ନୁହେଁ। ବିବାହିତ ପୁରୁଷ ଓ ଅନ୍ୟ ସ୍ତ୍ରୀ ଅଥବା ବିବାହିତ ସ୍ତ୍ରୀ ଅନ୍ୟ ପୁରୁଷ ସହିତ ସହମତିରେ ଶାରୀରିକ ସମ୍ପର୍କ ରଖିବା ଏଣିକି ଦଣ୍ଡନୀୟ ନୁହେଁ। ଭାରତୀୟ ଦଣ୍ଡବିଧି ଆଇନରେ ଏ ସମ୍ପର୍କିତ 'ଧାରା-୪୯୭'କୁ ସୁପ୍ରିମ୍‌କୋର୍ଟ ଅସାମ୍ବିଧାନିକ ଘୋଷଣା କରିବା ସହ ଏହାକୁ ଅପରାଧମୁକ୍ତ କରିଦେବା ଫଳରେ ୧୮୬୦ରେ ପ୍ରଣୀତ ବ୍ରିଟିଶ ଅମଳର ଏହି ଆଇନଟି ବସ୍ତୁତଃ ଅଚଳ ହୋଇପଡିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ପରେ ସବୁଠାରେ ଏହାକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ବିଶେଷକରି ସୋସିଆଲ ମିଡିଆରେ ଏହାର ଆଲୋଚନା ସର୍ବାଧିକ। ସୋସିଆଲ ମିଡିଆରେ ପ୍ରକାଶ ପାଉଥିବା ଅଧିକାଂଶ ଟିକ୍କା-ଟିପ୍ପଣୀ ପଢ଼ିଲେ ମନେହୁଏ ସତେଯେମିତି ଏହି ରାୟ ଆମ ଭାରତୀୟ ସାମାଜିକ ବିଧି-ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିଗାଡିଦେବ। ବୈବାହିକ ଜୀବନକୁ ଭାଙ୍ଗିରୁଜି ଚୂର୍ମାର କରିଦେବ। ସମସ୍ତ ବିବାହିତ ସ୍ତ୍ରୀ ଓ ପୁରୁଷ ବିଶୃଙ୍ଖଳିତ ହୋଇଯିବେ। ଏଥିରେ କଟାକ୍ଷ ପୁରୁଷ ଅପେକ୍ଷା ମହିଳାଙ୍କ ପ୍ରତି ବେଶି ଥିବା ଲକ୍ଷ୍ୟ କରାଯାଏ।

ଏହା ନିଃସନ୍ଦେହ ଯେ, ଭାରତ ଏକ ରକ୍ଷଣଶୀଳ ରାଷ୍ଟ୍ର ଓ ପୁରୁଷପ୍ରଧାନ ସମାଜ। ଏଠାରେ ଅତି ପ୍ରାଚୀନ କାଳରୁ ପୁରୁଷ ଓ ନାରୀ ପାଇଁ ଅଲଗା ଅଲଗା ପ୍ରଥା ପ୍ରଚଳିତ। ପତ୍ନୀପତିର ସମ୍ପର୍କ ଜନ୍ମ ଜନ୍ମର ଦ୍ୱାହିରେ ସ୍ୱାମୀର ଦେହାନ୍ତ ପରେ ସ୍ତ୍ରୀଟିକୁ ସତୀଦାହ ପ୍ରଥାର ସମ୍ମୁଖୀନ ହେବାକୁ ପଡୁଥିଲା। ମାତ୍ର ପତ୍ନୀର ଦେହାନ୍ତ ପରେ ପତିଟି ପୁନର୍ବିବାହ କରିବାକୁ ବେଶି ସମୟ ଲାଗୁ ନ ଥିଲା। ଯାବତୀୟ ନୀତିନିୟମ ପତ୍ନୀଟି ପାଇଁ ଥିଲାବେଳେ ପତି ପାଇଁ ସବୁ ମାଫ୍। ସୁପ୍ରିମ୍‌କୋର୍ଟଙ୍କ ରାୟ ମହିଳାମାନଙ୍କ ସ୍ୱତନ୍ତ୍ରତା ଉପରେ ଗୁରୁତ୍ୱ ପ୍ରଦାନ କରେ। ଭାରତୀୟ ପରିବାରଗୁଡିକରେ ମହିଳାମାନଙ୍କୁ ଆଉ ସ୍ୱାମୀଙ୍କ ସମ୍ପତ୍ତି ବୋଲି ବିବେଚନା କରାଯାଇ ପାରିବନାହିଁ। ଗୋଟିଏ ସୁସ୍ଥ ଓ ଶୃଙ୍ଖଳିତ ପରିବାର ପାଇଁ ଉଭୟ ପତି-ପତ୍ନୀଙ୍କ ସହଭାଗିତା ଆବଶ୍ୟକ। ଏଠାରେ କେହି କାହାର ପ୍ରଭୁ ନୁହନ୍ତି କି ଭୃତ୍ୟ ନୁହନ୍ତି। ମାତ୍ର ପତ୍ନୀ ବା ପତିର ବ୍ୟଭିଚାରକୁ ଛାଡ଼ପତ୍ରର ଆଧାର ଭାବେ ଗ୍ରହଣ କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଭାରତୀୟ ପିଙ୍ଗଳ ସଂହିତାର ଧାରା ୪୯୭ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ନ୍ୟାୟ ପ୍ରଦାନ କରିପାରୁ ନ ଥିଲା। ଯଦି ଜଣେ ବିବାହିତ ମହିଳାଙ୍କ ସହ ସହମତିରେ ଜଣେ ଅନ୍ୟ ପୁରୁଷ ଶାରୀରିକ ସମ୍ପର୍କ ରଖୁଥିଲା ଓ ତାହା ଧରାପଡିଲେ ମହିଳାଙ୍କୁ ପୀଡିତା ଓ ତାକୁ ତାଙ୍କ ସ୍ୱାମୀଙ୍କ ସମ୍ପତ୍ତି ଭାବେ ବିବେଚନା କରାଯାଇ ପୁରୁଷଟି ଅପରାଧୀ ବିବେଚିତ ହେଉଥିଲା, ଯାହାକି ଲିଙ୍ଗଗତ ପକ୍ଷପାତିତାକୁ ପ୍ରୋତ୍ସାହନ ଦେଉଥିଲା। ଏହି ଆଇନଟି ଅକାମୀ ହୋଇଯିବା ଫଳରେ ସ୍ୱାମୀ ଓ ସ୍ତ୍ରୀ କେହି କାହାର ସମ୍ପତ୍ତି ନୁହନ୍ତି କି ମାଲିକ ନୁହନ୍ତି ବିବେଚନା ହେବା ସହ ଉଭୟଙ୍କ ପାଇଁ ଆଇନ ସମାନ ହୋଇଯିବ। ପବିତ୍ରତା କେବଳ ପତ୍ନୀ ପାଇଁ ଆଭୂଷଣ ନୁହେଁ, ପତି ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ। ବୈବାହିକ ଜୀବନରେ ଉଭୟ ପତ୍ନୀ ଓ ପତିଙ୍କ ଯୌନ ସ୍ୱାଧୀନତା ରହିବା ଉଚିତ। ଉଭୟ ଉଭୟଙ୍କୁ ସମ୍ମାନ ଓ ଗୁରୁତ୍ୱ ଦେବା ଆବଶ୍ୟକ।

ଏଥର ଆସିବା ପୁଣି ଉଦ୍ଦାଳକ ଓ ତାଙ୍କ ପତ୍ନୀଙ୍କ ପ୍ରସଙ୍ଗକୁ। ଉଦ୍ଦାଳକଙ୍କ ପତ୍ନୀଙ୍କୁ ନେଇଯିବାରେ ସେହି ବ୍ୟକ୍ତିଙ୍କୁ ଏକାକୀ ଦାୟୀ କରାଯାଇ ନ ପାରେ। କାରଣ ଏଥିରେ ଉଦ୍ଦାଳକଙ୍କ ପତ୍ନୀଙ୍କ ସମ୍ମତି ରହିଥିଲା। ଯଦି ସମ୍ମତି ନ ଥାନ୍ତା, ତେବେ ନିକଟରେ ଥିବା ନିଜ ସ୍ୱାମୀ ଓ ପୁତ୍ରକୁ ନିଜର ରକ୍ଷା ପାଇଁ ଚିତ୍କାର ନ କରି ଉକ୍ତ ବ୍ୟକ୍ତିଙ୍କ ସହ ଚୁପ୍‌ଚାପ୍ ଚାଲିଗଲେ କାହିଁକି। ଏଠାରେ ତାଙ୍କର ଦାମ୍ପତ୍ୟ ଜୀବନ ଠିକ୍ ନ ଥିଲା ବୋଲି ମଧ୍ୟ କୁହାଯାଇପାରେ ଓ ନିଜର ସ୍ୱାଧୀନ ଅଧିକାର ଆଧାରରେ ସେ ଅନ୍ୟ ସହ ଚାଲିଗଲେ। ଶ୍ୱେତକେତୁଙ୍କ ନୂତନ ସାମାଜିକ ନିୟମ ପ୍ରଚଳନ ପରେ ବ୍ୟକ୍ତିସ୍ୱାଧୀନତା କ୍ଷୁଣ୍ଣ ହୋଇଥିଲା ସତ, ତେବେ ସମାଜରୁ ବ୍ୟଭିଚାର ଯେ ଦୂର ହୋଇଗଲା ତାହା ଭାବିବା ଭ୍ରମାତ୍ମକ।

ପତ୍ନୀ-ପତିଙ୍କ ମଧ୍ୟରେ ସୁସମ୍ପର୍କ କୌଣସି ଆଇନ ଦ୍ୱାରା ସମ୍ଭବ ନୁହେଁ। ବିବାହ ଉଭୟ ପୁରୁଷ ଓ ନାରୀଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ, ଭରସା ଓ ସମ୍ମାନ ଉପରେ ନିର୍ଭର କରିଥାଏ। ଓଡ଼ିଆରେ ଗୋଟିଏ ଢଗ ଅଛି- 'ତୁଳସୀ ଦୁଇପତ୍ରରୁ ବାସେ ଓ ବିଛୁଆତି ଦୁଇପତ୍ରରୁ କୁଣ୍ଡାଇ ହୁଏ।' ଆମ ସମାଜରେ ତୁଳସୀରୂପୀ ମଣିଷ ଓ ବିଛୁଆତିରୂପୀ ମଣିଷ ଅଛନ୍ତି। ବିଛୁଆତିମାନଙ୍କୁ ଯେତେ ଶୁଦ୍ଧୀକରଣ କଲେ ମଧ୍ୟ ତା'ର ଗୁଣ ଯାଏନାହିଁ। ତୁଳସୀମାନଙ୍କୁ ଯେତେ ଉପଚାର କଲେ ମଧ୍ୟ ସେମାନେ ବିଛୁଆତି ହୋଇପାରିବେ ନାହିଁ। ତୁଳସୀରୂପୀ ପତ୍ନୀ-ପତିଙ୍କ ମଧ୍ୟରେ ଥିବା ଅଖଣ୍ଡ ବିଶ୍ୱାସ ଓ ଭରସାର ନୈସର୍ଗିକ ସମ୍ପର୍କ ଭିତରକୁ ବିଛୁଆତିରୂପୀ ତୃତୀୟ ମଣିଷର ପ୍ରବେଶ ଆଦୌ ସମ୍ଭବ ନୁହେଁ। ସକାରାତ୍ମକ ଚିନ୍ତା ଓ କର୍ମରେ ସମାଜ ତିଷ୍ଠିଛି ଓ ଆଗକୁ ବଢୁଛି। ବଳାତ୍କାର ବିରୋଧରେ ଦୃଢ଼ରୁ ଦୃଢ଼ ଆଇନ ପ୍ରଣୟନ ସତ୍ତ୍ୱେ ସମାଜରୁ ଏହା କମୁନାହିଁ। ଚୋରି କରିବା ଅପରାଧ ନୁହେଁ ବୋଲି ଆଇନଟିଏ ହୋଇଗଲେ ଯେ ସବୁ ଭଲ ଲୋକମାନେ ଚୋରି କରିବା ଆରମ୍ଭ କରିଦେବେ ତାହା ନୁହେଁ। ପତି-ପତ୍ନୀ ମଧ୍ୟରେ ଥିବା ସୁସମ୍ପର୍କର ରଜ୍ଜୁ ଏତେ ଦୁର୍ବଳ ନୁହେଁ ଯେ, ଏକ ଅଦାଲତ ରାୟରେ ତାହା ଛିଣ୍ଡିଯିବ। ନିଜ ବୈବାହିକ ଜୀବନ ଉପରେ ଆସ୍ଥା ଓ ବିଶ୍ୱାସ ରଖୁଥିବା ତଥା ଜୀବନସାଥୀ ପ୍ରତି ଉଚିତ ସମ୍ମାନ ପ୍ରଦର୍ଶନ କରୁଥିବା ମଣିଷ ଏଥିରେ ବିଚଳିତ ହେବାର କ'ଣ ଆବଶ୍ୟକତା ଅଛି ? ପ୍ରତ୍ୟେକ ମଣିଷ ଭିତରେ ଗୋଟେ ବଡ଼ ଆଇନ ଅଛି। ଆମେ କରୁଥିବା ପ୍ରତ୍ୟେକଟି କର୍ମ ପୂର୍ବରୁ ଏହା ଆମକୁ ସୂଚାଇ ଦେଇଥାଏ ଯେ, ଆମେ ଠିକ୍ କରୁଛୁ ବା ଭୁଲ୍ କରୁଛୁ। ସେହି ଆଇନଟି ହେଉଛି ଆମର ବିବେକ, ଯାହାର ବିବେକରୂପୀ ଆଇନଟି ଦୁର୍ବଳ ସେ ବିଛୁଆତି ଓ ଯାହାର ସୁଦୃଢ଼ ସେ ତୁଳସୀ।

ମୋ-୯୪୩୭୨୩୨୪୬୩,
ଇ-ମେଲ୍:prakas.tripathy09@gmail.com

## ଏଇ ଭାରତରେ

କେତେକ ବ୍ୟକ୍ତି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଥିଲେ ବି ସେମାନଙ୍କ ମନକୁ ଅହଂକାର ଛୁଇଁନଥାଏ। ସେମାନେ ସମାଜ ପାଇଁ କିଛି ନୂଆ ବାର୍ତ୍ତା ଦେବାକୁ ପ୍ରୟାସ କରିଥାଆନ୍ତି। ଏପରି ଏକ ଘଟଣାକ୍ରମରେ ମହାରାଷ୍ଟ୍ର ନାସିକ ଅଞ୍ଚଳର ଡାକ୍ତର ଦୁଇଭାଇ ଆସନ୍ତା ମାସରେ ଶ୍ରୀନଗରରୁ କନ୍ୟାକୁମାରୀ ଯାତ୍ରା କରି 'ସୁସ୍ଥ ଜୀବନଶୈଳୀ'ର ବାର୍ତ୍ତା ପ୍ରଚାର କରିବେ। ସେମାନେ ହେଉଛନ୍ତି ଡା. ମହେନ୍ଦ୍ର ମହାଜନ ଏବଂ ଡା. ହିତେନ୍ଦ୍ର ମହାଜନ। ସେମାନେ ନଭେମ୍ବର ୨ରୁ ଦୀର୍ଘ ୪,୦୦୦ କିମି ସାଇକେଲ ଅଭିଯାନ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଅଭିଯାନ ଶ୍ରୀନଗରର ଲାଲଚୌକରୁ ଆରମ୍ଭ ହୋଇ କନ୍ୟାକୁମାରୀଠାରେ ଶେଷହେବ। ଏଥିପାଇଁ ସେମାନଙ୍କୁ ୧୨ ଦିନ ଲାଗିବ। ଯାତ୍ରା କାଳରେ ସେମାନେ 'କୁଇଟ୍ ଟବାକୋ' ଏବଂ 'ଖେଲୋ ଇଣ୍ଡିଆ' ଭଳି ବାର୍ତ୍ତା ମଧ୍ୟ ପ୍ରଚାର କରିବେ। ସେମାନେ ଅଭିଯାନ କାଳରେ ୧୨ଟି ରାଜ୍ୟ ମଧ୍ୟଦେଇ ଯାତ୍ରା କରିବେ। ଏଥିପାଇଁ ସେମାନଙ୍କୁ ଦୈନିକ ୩୫୦ରୁ ୪୦୦କିଲୋମିଟର ଯାତ୍ରା କରିବାକୁ ପଡ଼ିବ। ବାସ୍ତବରେ ଦୁଇଭାଇଙ୍କ ଦୁଃସାହସିକ ଉଦ୍ୟମ ବେଶ୍ ପ୍ରଶଂସନୀୟ।

## ଚିରନ୍ତନୀ

ନୟନ ତାରା ଭ୍ରମର ସମ
ପଦ୍ମାନନେ ହେ ପ୍ରିୟତମ,
ଖେଳଇ ଚାରୁ ଭୁରୁର ତଳେ ସଞ୍ଚରି
ଜୁଡ଼ାରେ ତବ କୃଷ୍ଣଚୂଡ଼ା ମଞ୍ଜରୀ।
(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଅକ୍ଟୋବର ୧୯୯୩

- ବମ୍ବେର କାଣ୍ଡିଭିଲି ଓ ବରିଭିଲି ରେଳଷ୍ଟେଶନ ମଧ୍ୟରେ ଏକ ଚଳନ୍ତା ଟ୍ରେନରେ ନିଆଁ ଲାଗିଯିବା ଫଳରେ ଟ୍ରେନରୁ ଡେଇଁ ୫୦ ଜଣଙ୍କ ମୃତ୍ୟୁ।
- ଅର୍ଥନୈତିକ ଓ ସାଂସ୍କୃତିକ ସମ୍ପର୍କ ପାଇଁ ରୁଷିଆ ଓ ଜାପାନ ମଧ୍ୟରେ ୧୬ଟି ରାଜିନାମା ସ୍ୱାକ୍ଷରିତ ।

# ମୁଖ୍ୟ ଅର୍ଥନୀତିଜ୍ଞ

## ବ୍ୟକ୍ତିତ୍ୱ



ଗୀତା ଗୋପୀନାଥ

ବିଶ୍ୱର ୧୮୯ ଦେଶ ମଧ୍ୟରେ ଆର୍ଥିକ ସହଯୋଗ ବୃଦ୍ଧି, ବାଣିଜ୍ୟକୁ ସୁଗମ କରିବା, ଉଚ୍ଚ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିଶ୍ୱରୁ ଦାରିଦ୍ର୍ୟ ହ୍ରାସ ଦିଗରେ କାର୍ଯ୍ୟ କରିବା ହେଉଛି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ମୁଖ୍ୟ ଉଦ୍ଦେଶ୍ୟ। ୧୯୪୫ରେ ଗଠିତ ଏହି ବିଶ୍ୱ ସଂସ୍ଥାର ମୁଖ୍ୟାଳୟ ଆମେରିକା ରାଜଧାନୀ ୱାଶିଂଟନ ଡି.ସି.ରେ ଅବସ୍ଥିତ। ଅନ୍ତର୍ଜାତୀୟ ସ୍ତରରେ ଦେଖାଦେଉଥିବା ଆର୍ଥିକ ସଙ୍କଟକୁ ମୋଚନ କରିବା ଦିଗରେ ଆଇଏମ୍‌ଏଫ୍ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏଠାରେ କାର୍ଯ୍ୟରତ ଅର୍ଥନୀତିଜ୍ଞମାନେ ନେଉଥିବା ନିଷ୍ପତ୍ତି ବିଶ୍ୱ ଅର୍ଥନୀତିକୁ ସର୍ବଦା ନୂଆ ଦିଗ ଦେଖାଇଚାଲିଛି। ଭାରତ ପାଇଁ ଗର୍ବର କଥା ଯେ ରଘୁରାମ ରାଜନ୍‌ଙ୍କ ପରେ ପ୍ରବାସୀ ଭାରତୀୟ ଗୀତା ଗୋପିନାଥ ଦ୍ୱିତୀୟ ବ୍ୟକ୍ତି ଭାବେ ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ନିଯୁକ୍ତ ହୋଇଛନ୍ତି। ଚଳିତବର୍ଷ ଶେଷ ସୁଦ୍ଧା ସେ ନିଜ କାର୍ଯ୍ୟରେ ଯୋଗଦେବେ ବୋଲି ଆଇଏମ୍‌ଏଫ୍ ପରିଚାଳନା ନିର୍ଦ୍ଦେଶକ ଖ୍ରୀଷ୍ଟେନ୍ ଲାଗାର୍ଡେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତ ଜନ୍ମିତ ଗୀତାଙ୍କ ସଫଳ ଯାତ୍ରା ବିଷୟରେ ସମସ୍ତେ ଜାଣିବାକୁ ଆଗ୍ରହ ରଖିବା ସ୍ୱାଭାବିକ।

ଗୀତା କୋଲକାତାରେ ୧୯୭୧ ଡିସେମ୍ବର ୮ରେ ଜନ୍ମ ଗ୍ରହଣ କରିଥିଲେ। ପିତା ଟି.ଭି. ଗୋପିନାଥ ଏବଂ ମାତା ଭି.ସି. ବିଜୟଲକ୍ଷ୍ମୀ ହେଉଛନ୍ତି କେରଳର କନ୍ନୁର ବାସିନ୍ଦା। ସେମାନଙ୍କ ୨ ଝିଅଙ୍କ ମଧ୍ୟରୁ ଗୀତା ସାନ। ମହୀଶୂରର ନିର୍ମଳା କନ୍‌ଭେଣ୍ଟ ସ୍କୁଲରୁ ସେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଲେଡି ଶ୍ରୀରାମ କଲେଜରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୧୯୯୪ରେ ଦିଲ୍ଲୀ ସ୍କୁଲ ଅଫ୍ ଇକନମିକ୍ସରୁ ଅର୍ଥନୀତିରେ ସ୍ନାତକୋତ୍ତର କରିବା ପରେ ୧୯୯୬ରେ ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ରୁ ମଧ୍ୟ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ୨୦୦୧ରେ ସେ ପ୍ରିନ୍ସଟନ୍ ୟୁନିଭର୍ସିଟିରୁ ପିଏଚ୍.ଡି. କରିଥିଲେ। ଏହା ପରେ ସେ ୟୁନିଭର୍ସିଟି ଅଫ୍ ଶିକାଗୋରେ ଅର୍ଥନୀତି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇଥିଲେ। ୨୦୦୫ରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଟେନିୟର୍ଡ ପ୍ରଫେସର ଭାବେ ଯୋଗଦେଇ ୨୦୧୦ ଯାଏ ଅଧ୍ୟାପନା କରିଥିଲେ। ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଗବେଷଣା ଓ ବିଭିନ୍ନ ପ୍ରକାର ସମସ୍ୟା ସମାଧାନ ଦିଗରେ ସେ ନେଇଥିବା ପଦକ୍ଷେପ ପାଇଁ ତାଙ୍କୁ ୨୦୧୪ରେ ଆଇଏମ୍‌ଏଫ୍‌ର 'ୟଙ୍ଗ ଗ୍ଲୋବାଲ ଲିଡର' ଭାବେ ବଛାଯାଇଥିଲା। ଏବେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍ ଆଣ୍ଡ୍ ଅଫ୍ ଇକନମିକ୍ସରେ ଜନ୍ କ୍ୱାନ୍‌ସ୍ତା ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଜନ୍ କ୍ୱାନ୍‌ସ୍ତା ହେଉଛନ୍ତି ପେଣ୍ଟା ଇନ୍‌ଭେଷ୍ଟମେଣ୍ଟ ଆଡ୍‌ଭାଇଜର ଲିମିଟେଡ୍‌ର ପ୍ରତିଷ୍ଠାତା ଓ ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର । ତାଙ୍କ ନାମରେ ଏହି ଚେୟାର ପ୍ରତିଷ୍ଠା କରାଯାଇଛି। ତେବେ ଗୀତାଙ୍କ ବହୁମୁଖୀ ପ୍ରତିଭା ତାଙ୍କୁ ବିଭିନ୍ନ ସଙ୍ଗଠନ ସହ ସମ୍ପର୍କ ସ୍ଥାପନ ପାଇଁ ସୁଯୋଗ ସୃଷ୍ଟି କରିଛି। ସେ ନ୍ୟାଶନାଲ ବ୍ୟୁରୋ ଅଫ୍ ଇକ୍‌ନମିକ୍ ରିସର୍ଚ୍ଚ ଅଧୀନ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଆଣ୍ଡ୍ ମାଇକ୍ରୋଇକ୍‌ନମିକ୍ସ ପ୍ରୋଗ୍ରାମ୍‌ର ପ୍ରତିଷ୍ଠାତା ତଥା ସହ-ନିର୍ଦ୍ଦେଶକ ଭାବେ ଜଣାଶୁଣା। ବୋଷ୍ଟନ୍‌ସ୍ଥିତ ଫେଡେରାଲ ରିଜର୍ଭ ବ୍ୟାଙ୍କର ଭିଜିଟିଂ ସ୍କଲାର, ନ୍ୟୁୟର୍କସ୍ଥିତ ଫେଡେରାଲ ରିଜର୍ଭ ବ୍ୟାଙ୍କର ଅର୍ଥନୈତିକ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ, ଆମେରିକାନ୍ ଇକନମିକ୍ ରିଭ୍ୟୁ ଓ ହ୍ୟାଣ୍ଡବୁକ୍ ଅଫ୍ ଇଣ୍ଟରନ୍ୟାଶନାଲ ଇକ୍‌ନମିକ୍ସର ସହ-ସମ୍ପାଦକ ଏବଂ ରିଭ୍ୟୁ ଅଫ୍ ଇକ୍‌ନମିକ୍ ଷ୍ଟଡିଜ୍‌ର ପରିଚାଳନା ସମ୍ପାଦକ ରୂପେ ସେ ଦାୟିତ୍ୱ ସମ୍ପନ୍ନ କରୁଛନ୍ତି। ଏପରି କି ଗୀତାଙ୍କ ପୈତୃକ ଘର କେରଳ ହୋଇଥିବାରୁ କେରଳ ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି।

ଖୁବ୍ କମ୍ ବୟସରେ ପ୍ରତିଭାସମ୍ପନ୍ନ ଗୀତା ଅର୍ଥନୀତି କ୍ଷେତ୍ରରେ ଆଗକୁ ଯାଇପାରିଛନ୍ତି। ସେଥିପାଇଁ ତାଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପୁରସ୍କାର ମିଳିଛି। ସେଥିମଧ୍ୟରୁ ୨୦୧୮ରେ ଆମେରିକାନ୍ ଏକାଡେମୀ ଅଫ୍ ଆର୍ଟସ୍ ଆଣ୍ଡ୍ ସାଇନ୍ସର ଫେଲୋ ସମ୍ମାନ ଓ ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ରୁ ପୁରସ୍କୃତ ହୋଇଛନ୍ତି। ତେବେ ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ମର୍ଯ୍ୟାଦାଜନକ ପଦବୀ ମିଳିଥିବାରୁ ତାହା ତାଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଜଣେ ଅଭିଜ୍ଞ ଅର୍ଥନୀତିଜ୍ଞ ଭାବେ ସେ ଅନ୍ତର୍ଜାତୀୟ ସ୍ତରରେ ଦେଖାଦେଉଥିବା ଆର୍ଥିକ ସଙ୍କଟ ଟାଳିବାରେ ସହାୟକ ହେବେ ବୋଲି ଆଶା କରାଯାଉଛି।

-ଜିତେନ୍ଦ୍ର

## ସୁଡୋକୁ

su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 6 | | | | E | 7 | | | D | |
| | E | 7 | | 2 | | | | | | | | 6 | 4 | 3 |
| | C | | E | | | | | | 5 | | 1 | 8 | | 9 |
| | A | D | | | 7 | C | | | | 8 | | | | B |
| 6 | B | 0 | 9 | | 8 | | | | | D | | C | E | |
| | 2 | 3 | | | | | 4 | D | | | | | | |
| 7 | 0 | | C | | | 2 | | | | | D | | | |
| | D | 9 | 2 | 7 | | | | A | | | | | | |
| | 8 | | 3 | | 1 | | | | | B | | | | A |
| 4 | | | 5 | D | | | | 1 | | 3 | C | E | 7 | |
| | 4 | 5 | B | | 3 | | | | | | | | | |
| | | | 7 | 1 | | | | 2 | A | | | | | 6 |
| A | | | 4 | 8 | D | | | | | 5 | 0 | | 9 | 2 |
| | | | | | | 8 | B | | 7 | | | | | |
| | | B | | 5 | | 9 | | 6 | 4 | | | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 4 | 7 | E | D | 1 | 5 | C | 8 | 0 | 9 | A | 2 | B | 6 |
| E | C | 8 | B | 2 | 9 | A | 6 | 1 | D | 4 | 5 | 3 | 7 | 0 |
| 2 | 5 | 6 | 0 | 8 | 4 | D | 7 | B | 3 | C | 1 | 9 | A | E |
| 1 | B | 0 | 5 | C | A | 2 | 3 | 9 | 7 | 6 | E | 4 | 8 | D |
| D | A | 9 | 6 | 3 | 7 | 0 | 4 | E | 2 | B | 8 | 5 | C | 1 |
| C | 2 | B | 4 | E | 5 | 3 | 0 | 6 | 8 | 1 | 9 | A | D | 7 |
| 6 | 0 | A | 1 | 7 | B | 4 | 9 | 2 | 5 | E | D | 8 | 3 | C |
| 7 | E | 4 | D | 6 | 8 | C | 1 | 5 | A | 2 | 3 | B | 0 | 9 |
| 5 | 3 | D | C | 9 | 2 | 8 | A | 7 | 6 | 0 | B | 1 | E | 4 |
| 8 | 9 | 1 | 3 | A | 0 | B | E | D | C | 7 | 4 | 6 | 5 | 2 |
| B | 1 | 2 | A | 4 | D | 7 | 5 | 0 | 9 | 3 | C | E | 6 | 8 |
| 0 | 6 | 3 | 8 | B | E | 9 | D | C | 4 | A | 2 | 7 | 1 | 5 |
| 4 | 7 | 5 | 2 | 0 | C | 1 | B | A | E | 8 | 6 | D | 9 | 3 |
| 9 | D | E | 7 | 1 | 3 | 6 | 8 | 4 | B | 5 | 0 | C | 2 | A |
| A | 8 | C | 9 | 5 | 6 | E | 2 | 3 | 1 | D | 7 | 0 | 4 | B |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ବ୍ୟବହାର

ମହାଶୟ,

ଡାକ୍ତରଙ୍କ ବିନା ପ୍ରେସ୍‌କ୍ରିପ୍‌ଶନରେ ଔଷଧ ଦୋକାନରୁ ଔଷଧ କ୍ରୟ କରି ବ୍ୟବହାର କରିବା ଲୋକଙ୍କର ଏକ ପୁରୁଣା ଅଭ୍ୟାସ। ପାନଦୋକାନରେ ମଧ୍ୟ ଦିନ ଥିଲା ଏସ୍‌ପ୍ରୋ, ଆନାସିନ, ସାରିଡନ, ଷ୍ଟୋପାକ ପରି ଔଷଧ ମିଳୁଥିଲା। ନିଦ ପାଇଁ ଡାଇଜାପାମ, ଏଲର୍ଜି ନିମନ୍ତେ ଏଭିଲ, ସେଟ୍ରାଜାଇନ, ବଦହଜମି, ଅମ୍ଳ ଦୂରୀକରଣ ନିମନ୍ତେ ଡାଏଭଲ, ଡାଇଜିନ, ଜେଲୁସିଲ ପରି ଅନେକ ଔଷଧ ଲୋକେ କିଣି ମନଇଚ୍ଛା ବ୍ୟବହାର କରୁଥିଲେ। ସମ୍ପ୍ରତି କେନ୍ଦ୍ର ସରକାର କମ୍ପୋଜିଶନରେ ଏକରୁ ଅଧିକ ଉପାଦାନ ଥିଲେ ସେଗୁଡିକୁ ନିଷେଧ କରିଛନ୍ତି। ଭିକ୍ସ ଆକ୍‌ଶନ ୫୦୦, ଟାକ୍ସିମ ଏଜେଡ ପରି ତିନିଶହ ଅଠେଇଶ ଗୋଟି ଔଷଧ ଉପରେ ଅଙ୍କୁଶ ଲଗାଇଛନ୍ତି। ଏଣୁ ବିଜ୍ଞାପନରେ ଭାସି ନ ଯାଇ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଔଷଧ ବ୍ୟବହାର କରିବା ଜରୁରୀ।

ପ୍ରତାପ ଚନ୍ଦ୍ର ପାଢ଼ୀ, ଆଙ୍କୋଲି, ବ୍ରହ୍ମପୁର, ଗଞ୍ଜାମ

## କାଗଜ କିଣି ପଢ଼ନ୍ତୁ

ଅଞ୍ଜନ ଚାନ୍ଦଙ୍କ 'ଖଣ୍ଡେ କାଗଜ' ଧରିତ୍ରୀ(୩୦।୮) ଲେଖାଟି ଏକ ନିଚ୍ଛକ ସତ୍ୟର ପ୍ରତିଫଳନ। ବସ୍ କିମ୍ବା ଟ୍ରେନ୍‌ରେ ଖବରକାଗଜ ପଢୁଥିବା ସମୟରେ ପାର୍ଶ୍ୱ ସହଯାତ୍ରୀ ମଝିରୁ ଖଣ୍ଡେ ଟାଣିନେଇ ପଢିବାରେ ମଗ୍ନ ହୁଅନ୍ତି। ଅନ୍ତତଃ ଭଦ୍ରାମି ଦୃଷ୍ଟିରୁ ଖଣ୍ଡେ କାଗଜ ନେଇପାରେ କି କହିଲେ କିଛି ପଇସା ଖର୍ଚ୍ଚ ହୁଏନି। କିନ୍ତୁ ବହକାଲିଆପଣ ଆମକୁ ଏତେ କବଳିତ କରିଛି ଯେ, ଆମେ ସାଧାରଣ ବ୍ୟବହାର ଭୁଲିଯାଉ। ପାନ, ବିଡ଼ି, ସିଗାରେଟ୍, ମଦ ଆଦିରେ ପଇସା ଖର୍ଚ୍ଚ କରୁଛେ, ଅଥଚ ୪/୫ ଟଙ୍କା ଦେଇ ଖଣ୍ଡେ ଖବରକାଗଜ କିଣିପାରିବାନି ? ଟ୍ରେନ୍‌ରେ ତାସ ଖେଳିବାକୁ ତାସ୍‌ମୁଠା କିଣାଯାଉଛି ଅଥଚ ଅନ୍ୟର କାଗଜ ନେଇ ତା' ଉପରେ ପକେଇ ଖେଳ ଚାଲିଛି। ଏ ମାନସିକତା ପାଠକଙ୍କର ବଦଳୁ।

କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ବଲରା, ବିଳାସୁଣୀ, ନିଆଳି, କଟକ

## ପିଲାଏ କି ପାଠ ପଢ଼ିବେ

ପ୍ରାଥମିକ ଶିକ୍ଷାର ସ୍ଥିତି ବିଷୟରେ ଚିନ୍ତା କଲେ ଦୁଃଖ ଲାଗେ। ସରକାର ଶିକ୍ଷାର ସଫଳତା ବିଷୟରେ ଯେତେ ଡିଣ୍ଡିମ ପିଟନ୍ତୁ ନା କାହିଁକି ତା'ର ପ୍ରକୃତ ସ୍ୱରୂପ ଏୟା। ତଥ୍ୟ ଅନୁସାରେ ୧୦ ଜଣରୁ କମ୍ ପଢୁଥିବା ୭୮୪ଟି ପ୍ରାଥମିକ ସ୍କୁଲ ଏବଂ ୨୯ଟି ଉଚ୍ଚ ପ୍ରାଥମିକ ସ୍କୁଲ କାର୍ଯ୍ୟରତ। ୩୪,୨୩୮ଟି ପ୍ରାଥମିକ ସ୍କୁଲରୁ ୩୨,୫୫୩ଟିରେ ପ୍ରତି କ୍ଲାସରେ ପଢ଼ାଇବାକୁ ଶିକ୍ଷକ ନାହାନ୍ତି। ୧୭,୭୨୬ ଉଚ୍ଚ ପ୍ରାଥମିକ ସ୍କୁଲରୁ ୧୨,୪୬୬ଟି ସ୍କୁଲରେ ପ୍ରତି କ୍ଲାସ ପାଇଁ ଶିକ୍ଷକ ନାହାନ୍ତି। ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ କୋଠରି ନାହିଁ। ୧୧,୭୪୪ଟି ଉଚ୍ଚ ପ୍ରାଥମିକ ସ୍କୁଲରେ ପ୍ରତି କ୍ଲାସ ପାଇଁ ଗୃହ ନାହିଁ। ୩୬୮ ସ୍କୁଲର ନିଜସ୍ୱ ଘର ନାହିଁ। ୧୬୮୫ଟି ପ୍ରାଥମିକ ଏବଂ ୫୨୬୦ଟି ଉଚ୍ଚ ପ୍ରାଥମିକ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ କାମ ଚଳାଉଛନ୍ତି। ଅଧିକାଂଶ ସ୍କୁଲରେ ପାଣି, ପରିମଳ ଏବଂ ବିଜୁଳିର ସୁବିଧା ନାହିଁ। ୩୪,୭୭୯ଟି ନିୟମିତ ଶିକ୍ଷକ ପଦବୀ ଖାଲି ପଡିଛି। ଯେତିକି ଶିକ୍ଷକ ଅଛନ୍ତି ଅଧିକାଂଶ ସମୟରେ ଆନ୍ଦୋଳନରତ। ଏଭଳି ପରିସ୍ଥିତିରେ ପିଲାଏ କି ପାଠ ପଢିବେ ?

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







# ଏବର୍ଷ ହେବନି ଛାତ୍ର ସଂସଦ ନିର୍ବାଚନ

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ ବୋଲି ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ବାତ୍ୟା ତିତ୍‌ଲି ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲାରେ ଜନଜୀବନ ବିପର୍ଯ୍ୟସ୍ତ ହେବ ବୋଲି ପାଣିପାଗ କେନ୍ଦ୍ରର ସତର୍କ ସୂଚନା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ବାଚନକୁ ବାତିଲ କରାଯାଇଥିଲା। ଏସମ୍ପର୍କରେ ବିଭାଗ ନିର୍ଦ୍ଦେଶନାମା ନଂ ୨୮୬୭୬/ତା. ୧୦।୧୦।୨୦୧୮ ମଧ୍ୟ ଜାରି କରିଥିଲା। ରାଜ୍ୟର ସମସ୍ତ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ଅର୍ଥାତ୍ ୨୦୧୮-୧୯ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଗଲା ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଥିବା ମନ୍ତ୍ରୀ ଦାସ ସ୍ପଷ୍ଟ କରିଛନ୍ତି। ପୁନର୍ବାର ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଉଛି। ଏଭଳି ବିଭ୍ରାନ୍ତିକର, ଅସତ୍ୟ ଏବଂ ଭିତ୍ତିହୀନ ଖବରକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଖଣ୍ଡନ କରିଛନ୍ତି। ଏପରି ଖବର ଦ୍ୱାରା ଛାତ୍ରୀଛାତ୍ର ପ୍ରଭାବିତ ନ ହୋଇ ସମୟ ଅପଚୟ ନ କରନ୍ତୁ। ଏଥିସହ ସେମାନେ ପାଠପଢାରେ ମନୋନିବେଶ କରନ୍ତୁ ବୋଲି ମନ୍ତ୍ରୀ ଦାସ ରାଜ୍ୟର ସମସ୍ତ କଲେଜ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

■ ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି ଆରମ୍ଭ

# ପକ୍ଷ ରଖିବା ପାଇଁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

■ ଅନ୍ତରୀଣ ଆବେଦନର ଶୁଣାଣି ଡିସେମ୍ବର ୧୫ରେ
■ ମୂଳ ପିଟିଶନ୍ ଉପରେ ବିଚାର ଜାନୁୟାରୀ ୧୨ରେ

ଓଡ଼ିଶା-ଛତିଶଗଡ ମଧ୍ୟରେ ମହାନଦୀ ଜଳ ବିବାଦକୁ ନେଇ ଥିବା ମାମଲା ପ୍ରଥମ ଶୁଣାଣି ଟ୍ରିବ୍ୟୁନାଲରେ ଶନିବାର ଆରମ୍ଭ ହୋଇଛି। ଓଡ଼ିଶା ପକ୍ଷରୁ କରାଯାଇଥିବା ଅନ୍ତରୀଣ ଆବେଦନ ଉପରେ ପକ୍ଷ ରଖିବା ପାଇଁ ପ୍ରତିପକ୍ଷମାନଙ୍କୁ କୁହାଯାଇଛି। ସୁପ୍ରିମକୋର୍ଟ ବିଚାରପତି ତଥା ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ୍ ଏ. ଏମ୍. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ଶୁଣାଣି କରିଛନ୍ତି। ଓଡ଼ିଶା ପକ୍ଷରୁ ମହାନଦୀର ଉପରମୁଣ୍ଡରେ ଛତିଶଗଡ ଦ୍ୱାରା କରାଯାଇଥିବା ନିର୍ମାଣ ଉପରେ ରହିତାଦେଶ ପାଇଁ ଆବେଦନ କରାଯାଇଥିଲା। ହେଲେ ସେପରି କୌଣସି ନିର୍ଦ୍ଦେଶ ଟ୍ରିବ୍ୟୁନାଲ ପ୍ରଦାନ କରିନାହାନ୍ତି।

ଓଡ଼ିଶାର ଆବେଦନ ଉପରେ ଆସନ୍ତା ଡିସେମ୍ବର ୧ ସୁଦ୍ଧା ପକ୍ଷ ରଖିବା ପାଇଁ ଜଷ୍ଟିସ୍ ଖାନୱିଲକର ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଝାଡଖଣ୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଡିସେମ୍ବର ୧୪ ସୁଦ୍ଧା ତାହାର ପ୍ରତ୍ୟୁତ୍ତର ରଖିବା ପାଇଁ ନିର୍ଦ୍ଦେଶ ରହିଛି। ରାଜ୍ୟ ପକ୍ଷରୁ ହୋଇଥିବା ଅନ୍ତରୀଣ ଆବେଦନ ଉପରେ ଡିସେମ୍ବର ୧୫ରେ ଶୁଣାଣି ହେବ। ସ୍ୱତନ୍ତ୍ର କାଉନସେଲ ମୋହନ କତର୍କୀ ଓଡ଼ିଶା ପକ୍ଷରୁ କହିଥିଲେ ଯେ, ଅଣମୌସୁମୀ ତଥା ଡିସେମ୍ବର ପରଠାରୁ ମହାନଦୀର ପ୍ରବାହ ଅବ୍ୟାହତ ରହିବା ଜରୁରୀ। ତେଣୁ ଟ୍ରିବ୍ୟୁନାଲ ଡିସେମ୍ବର ସୁଦ୍ଧା ଛତିଶଗଡକୁ ୧.୭୪ ମିଲିୟନ୍ ଏକର ଫୁଟ୍ (ଏମ୍ଏଏଫ୍) ଜଳ ପ୍ରବାହ ଓଡ଼ିଶା ପାଇଁ ଅବ୍ୟାହତ ରଖିବାକୁ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶ ଦିଅନ୍ତୁ। ହେଲେ ପଡୋଶୀ ଛତିଶଗଡ ଏବଂ ଅନ୍ୟତମ ପ୍ରତିପକ୍ଷ ମଧ୍ୟପ୍ରଦେଶ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନର ଆଳ ଦେଖାଇ ଟ୍ରିବ୍ୟୁନାଲକୁ ସମୟ ମାଗିଥିବା ଜଣାପଡିଛି। ସେହିପରି ଓଡ଼ିଶା ପକ୍ଷରୁ କରାଯାଇଥିବା ମୂଳ ଆବେଦନ ଉପରେ ପକ୍ଷ ରଖିବା ପାଇଁ ସମସ୍ତ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୮ ସପ୍ତାହ ମଧ୍ୟରେ ପ୍ରତିପକ୍ଷମାନେ ନିଜ ସମ୍ପର୍କରେ ଯୁକ୍ତି ରଖିପାରିବେ। ଏହା ପରେ ଆସନ୍ତା ଜାନୁୟାରୀ ୧୨ରେ ଟ୍ରିବ୍ୟୁନାଲ ଶୁଣାଣି କରିବେ।

ମହାନଦୀ ଜଳ ବିବାଦର ସମାଧାନ ସକାଶେ ଅକ୍ଟୋବର ୯ରେ ରାଜ୍ୟ ପକ୍ଷରୁ ଏକ ଅନ୍ତରୀଣ ଆବେଦନ କରାଯାଇଥିଲା। ପ୍ରକାଶ ଯେ, ଅଣମୌସୁମୀ ସମୟରେ ଓଡ଼ିଶାକୁ ମହାନଦୀ ଜଳପ୍ରବାହ ୧.୭୪ ଏମ୍ଏଏଫ୍ ରଖିବା ପାଇଁ ଛତିଶଗଡକୁ ଏକ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶ ଦେବା ପାଇଁ ରାଜ୍ୟ ସରକାର ଆବେଦନ କରିଛନ୍ତି। ସେହିପରି ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଏବଂ ମହାରାଷ୍ଟ୍ର ମହାନଦୀ ଅବବାହିକାରୁ ୧୦.୮୩ ଏମ୍ଏଏଫ୍‌ରୁ ଅଧିକ ଜଳ ବ୍ୟବହାର ନ କରିବା ପାଇଁ ମଧ୍ୟ ଆବେଦନ କରିଛି। ରାଜ୍ୟ ପକ୍ଷରୁ ଶୁଣାଣିର ପ୍ରଥମ ଦିନ ଆଡଭୋକେଟ୍ ଜେନେରାଲ ସୂର୍ଯ୍ୟପ୍ରସାଦ ମିଶ୍ର, ଜଳସମ୍ପଦ ସଚିବ ପ୍ରଦୀପ ଜେନା, ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ବିଶାଳ ଗଗନ ଏବଂ ନୂଆଦିଲ୍ଲୀସ୍ଥିତ ରାଜ୍ୟ ପ୍ରମୁଖ ରେସିଡେନ୍ସ କମିଶନର ବିପିନ୍ ସାକ୍ସେନା ପ୍ରମୁଖ ଶୁଣାଣି ସମୟରେ ଉପସ୍ଥିତ ଥିଲେ।

ସରକାରଙ୍କ ସହିତ ଶିକ୍ଷକଙ୍କ ଆଲୋଚନା

# ଆନ୍ଦୋଳନ ସ୍ଥଗିତ, ନଭେମ୍ବର ୩୦ ପର୍ଯ୍ୟନ୍ତ ମହଲତ

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଚାଲିଥିବା ଗଣଧାରଣାକୁ ୫୯ ଦିନ ପରେ ଶନିବାର ସ୍ଥଗିତ ରଖାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ସହିତ ମିଳିତ ମଞ୍ଚର ୧୩ଜଣିଆ ପ୍ରତିନିଧିଙ୍କ ୫ମ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଆଲୋଚନାକୁ ଭିତ୍ତିକରି ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଆସନ୍ତା ନଭେମ୍ବର ୩୦ ପର୍ଯ୍ୟନ୍ତ ମହଲତ ଦିଆଯାଇଥିବା ମିଳିତ ମଞ୍ଚ ଆବାହକ ମଣ୍ଡଳୀ ସଦସ୍ୟ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ଶନିବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

୨୦୧୫-୧୬ରୁ ସ୍ଥଗିତ ଥିବା ସ୍କୁଲ ଶିକ୍ଷକମାନଙ୍କ ୪୬ଦିନ ଓ କଲେଜ ଶିକ୍ଷକମାନଙ୍କ ୩୦ ଦିନର ବକେୟା ଦରମା ରାଜ୍ୟ ସରକାର ପ୍ରଦାନ କରିବାକୁ ସହମତି ପ୍ରକାଶ କରିଥିଲେ। ଲିଖିତ ସୂଚନା ପ୍ରଦାନର ଅବଧି ପୂରିଯାଉଥିବାରୁ ଏହାକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଘୁଞ୍ଚାଇବା ପାଇଁ ନିଷ୍ପତ୍ତି ହୋଇଥିଲା ଏବଂ ଲିଖିତ ସୂଚନା ପ୍ରଦାନରେ ଥିବା କୋର୍ଟ କେସ୍ ପ୍ରତ୍ୟାହାର ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ। ସପ୍ତମ ବେତନ ଖୁବ୍ ଶୀଘ୍ର ପ୍ରଦାନ ସହିତ ନୂତନ ବିଦ୍ୟାଳୟକୁ ଅନୁଦାନ ପରିସରଭୁକ୍ତ କରିବା, ୨୦୧୮ ଅନୁଦାନ ଆଇନ ସହିତ ବାର୍ଷିକ ଦରମା ବୃଦ୍ଧି ଯୋଗ କରିବା ପାଇଁ ସହମତି ପ୍ରକାଶ ପାଇଥିଲା। ଚାକିରି ସର୍ତ୍ତ ଓ ଅବସରକାଳୀନ ସୁବିଧା ପାଇଁ ଏକ କମିଟି ଗଠନ କରାଯିବା ଲାଗି ଆଲୋଚନାବେଳେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯଦି ନଭେମ୍ବର ୩୦ତାରିଖ ସୁଦ୍ଧା ରାଜ୍ୟ ସରକାର ନିଷ୍ପତ୍ତିକୁ କାର୍ଯ୍ୟକାରୀ ନ କରନ୍ତି ତେବେ ଡିସେମ୍ବର ୧ରୁ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ଶୋଭନୀୟ ଆନ୍ଦୋଳନର ଜୟନ୍ତୀ ଦେବୀଙ୍କ ପରଲୋକ

**କଟକ ଅଫିସ, ୧୩।୧୦**


ଜୟନ୍ତୀ ଦେବୀ

ଶୋଭନୀୟ ଆନ୍ଦୋଳନର ସାଂସ୍କୃତିକ ସମ୍ପାଦିକା ଜୟନ୍ତୀ ଦେବୀ ତଥା ମୁନି ଗୁରୁମାଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ ଲିଭରଜନିତ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଚିକିତ୍ସା କରାଯାଉଥିଲା। ଶନିବାର ତାଙ୍କୁ ହସ୍ପିଟାଲରୁ ବିଡ଼ାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମକୁ ଅଣାଯିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ଅନୁଷ୍ଠାନ ପରିସରରେ ଅନ୍ତିମ ସଂସ୍କାର କରାଯିବ। କେନ୍ଦ୍ରାପଡ଼ା ଜିଲାର ଷଣ୍ଢପଲ୍ଲୀ ଗାଁରେ ୧୯୫୪ରେ ସେ ଜନ୍ମଗ୍ରହଣ କରିଥିଲେ। ୧୯୭୫ରେ ଘରଦ୍ୱାର ଛାଡ଼ି କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଶୋଭନୀୟ ଶିକ୍ଷାଶ୍ରମରେ ଯୋଗ ଦେଇଥିଲେ। ଅବିବାହିତ ଜୟନ୍ତୀ ଦେବୀଙ୍କ ପରଲୋକରେ ଶୋଭନୀୟ ଆନ୍ଦୋଳନର ଛାତ୍ରୀଛାତ୍ର, ଅଭିଭାବକ ଓ ବହୁ ପୁରାତନ ଛାତ୍ରୀଛାତ୍ର ଶୋକପ୍ରକାଶ କରିଛନ୍ତି।

## RECRUITMENT FOR A GOVT FUNDED CHILDREN HOME

Application invites for the Post of Superintendent, Counsellor, Probation Officer, Accountant, House Mother/House Father, Cook, Helper, House Keeper & Paramedical Worker for a Govt. aided Child Care Institution at Nayagarh. **Salary:** From Rs. 6000/- to Rs. 25,000/-, **Qualification:** 8th to MSW. For details please visit: www.nkpcci.webs.com, https://nkpcci.webs.com/NKP%20Recruitment.pdf.

**Sd./- Secretary, NKP, Nayagarh**






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁଡ୍ଡି
ପରିବାରବର୍ଗ


ଲାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





## BRIDE WANTED

ଖଣ୍ଡାୟତ ୩୦ବର୍ଷ, ୫'୮'' ଏମ୍‌ଟେକ୍ (NIT) ଆସିଷ୍ଟାଣ୍ଟ ମ୍ୟାନେଜର (MNC) ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 9938068965. D-8799

40+ divorcee ପାଇଁ ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। (Caste No Bar). Mobile: 9237009890. D-8818

Brahmin boy B.Tech, MBA, 5'6", 1989, Software Engineer. 'Sangaam'. 9338224867, 9439291250. D-64618

Divorcee groom Engineer 32, Bank 36+, Doctor 41+. Samadhan: 8594926181. D- 65026

Brahmin boy 33, home town Bhubaneswar working in Japanese MNC in Gurgaon. Looking for Brahmin braide age, 23-28. Contact: 9776419787. (Mediators should not contact). D-8910

Divorcee groom Engineer 41, Teacher 35 (caste-no-bar). Contact: 7873374269. D-65025

Bride for 40 years divorces Brahmin groom (issuless) B.Tech Civil, BBSR. 9853528532. D-64726

ଶ୍ରାଶେନି ବ୍ରାହ୍ମଣ ସଫ୍ଟୱେର ଇଞ୍ଜିନିୟର ପାତ୍ର ପାଇଁ educated house wife ଭାବେ ରହିବାକୁ ଇଚ୍ଛୁକ ସୁନ୍ଦର ଗୌର ବର୍ଣ୍ଣ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୯୫୫୬୬୨୩୪୧୪. ଧ-୮୯୧୭

## GROOM WANTED

Hindu Khandayat, 5'4"/ 28yrs, M.Tech NIT, working at IT Sector, fair complexion girl looking for a qualified & well established groom from Khandayat/ Karan. Contact: 9583432352. D- 65027

Now Matrimonial ads. only on Wednesday & Sunday
Book 1 Get 1 FREE

# classified




## SALE

Honda City- 2014, WagonR- 2012, Swift Diesel- 2016, 2013, Maruti Scross- 2016, Pajero- 2012. 9438736070. D-63390

Dushera Dhamaka sales for preowned car. Renault Koleous 4X4MT 2014, Audi Q7 2013, Figo Titanium 2015, Figo Titanium 2010, Eco Sport Titanium 2013, Etios 2013, Ritz 2010. Contact: 8750472269. D-8885

Maruti Swift ZDI, VDI, Pajero, A-star, Automatic, Skoda Octavia, Captiva, Passat. 7381091234, 9861194627. D-64344




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Lingaraj Stationରୁ 5km. ଦୂରତାରେ right side gharabari plot ମିଳୁଛି। 9090963952. D-64320

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Guesthouse for sale at Puri suitable for Nursing home/ highclass oldage home near to new Medical College & Hospital at Puri, Odisha. D-8862

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64331

**Homestead land for sale at Baripada plot near Brahma Mandir genuine buyer. No broker. 8249309299, 9437086837.** D-64601

ଭୁବନେଶ୍ୱର Infocity-2 ପାଖରେ BDA yellowzone plot 30' ରାସ୍ତାଥାଇ କିଣନ୍ତୁ। 9348767829. D-64338

ସୁନ୍ଦରପଦା କୁହା ମୌଜାରେ ଘରବାରି ପ୍ଲଟ ବିକ୍ରିହେବ। 9861964818, 9439364818, 9337766961. D-8670

Required 50 acres to 200 acres of agriculture land in Odisha. Genuine sellers may contact: 9099022600. D-64200

ମେଣ୍ଟାଶାଳ ପାଖରେ ହରିଡ଼ାମଡ଼ା ମୌଜାରେ ସାତ ଏକର ଉନ୍ନତ ମାନର ଚାଷ ଜମି ବିକ୍ରିହେବ। 7750899392, 9438323520. D-64614

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-8890

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Sale for triplex in Rasulgarh Chhak @ 2.35 Crore. Contact: 9437573355, 9861068796. D-8850

ଢେଙ୍କାନାଳରୁ ଶଙ୍କରପୁର ରାସ୍ତାକଡ଼ରେ ତାରିଣୀ ମନ୍ଦିର ସାମ୍ନାରେ **22** ଏବଂ **25** ଗୁଣ୍ଠ ଜାଗା ବିକ୍ରିହେବ। **Contact: 9437084995, 7008388915.** D-58700

Building near Indo-English School Uditnagar, Rourkela. No broker please. 7008907582. D-8814

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-65108

Luxury flats at Puri studio, 1/2bhk, bank loan also available. 9124289585. D-8838

Gharabari plot with 30' wide revenue road and electricity near Patia station, Bhubaneswar. 9437827966. D-8875

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8869

New ready to move bungalow sale at DPS School Nakhara, Bhubaneswar. Price 90 lakhs. 9437260818. D-65023

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 9348253463, 8908292617.** D-8889

Gharabari plot with boundary near Utkal Height Pahala, Nakhara OMFED, East College Bazarsahi, NIT Chandaka, Arugul near IIT: 9439889903, 9861158141. D-65024

2000 sqft. yellowzone gharabari bounded plot for sale at Trisulia. Contact: 9583172766. D-8796

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1200 sqft. 3,40,000/-ରେ ବିକ୍ରିହେବ। (outright) 9776934361, 9658523912. D-64347

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,80,000/- ପ୍ରତାପ ନଗରୀ ଧାକୁଲେଇ ପୀଠରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ ମିଳୁଛି। 9776934361, 9938177361. D-64346

ଭୁବନେଶ୍ୱର ସୁନ୍ଦରପଦା Xavier University ପାଖରେ sqft. 135/-ରେ ମିଳୁଅଛି। 8328855822. D-56629

4BHK duplex at Balianta (land-1400 construction-2100) @ 50Lakh, residential gharabari land at Hanspal @ 1600/-, Patia @ 2100/- Malipada @ 1050/- Infovalley @ 900/-, Mahadevnagar @ 2500/-, Patharagadia @ 1200/-, Kalinganagar @ 1800/-, Jaanla @ 850/-. Contact: M-Planets. 9861022055, 9938219397. D-8843

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-8871

2100 sft. gharabari residential plot immediate sale Hanspal on NH- 5, Bhubaneswar. Contact Deepak: 9937329999. D-64522

ଭୁବନେଶ୍ୱରରେ ଘରବାରି ପ୍ଲଟ୍ ବର୍ଗଫୁଟ 450/-, 599/- Bank Finance ଘର କିଣନ୍ତୁ। 9556899700. D-8898

Behind Sahidnagar Police Station 1500 sqft. plot, SC, 60,000,00/-. 9438389968. D-8897

Booking simplex 2BHK 1200 sqft. land Tankapaniroad Saitemple 26,19,000/-. 7735738102. D-8896

Book 3BHK duplex house at Talabania, Pokhariput, Bhubaneswar having land area 1260 sqft. and 1900 construction area. Price- 77 lakh. Bank finance available. 7504392698. D-65113

At Chhayapath, Nayagarh, 10 Dec. land with house to be sold. Contact: 9937300620. D-64520

Hanspal new construction apartment 2BHK/ 3BHK ready to move and Nakhara Anantpur 2BHK simplex. 7992916484. D-64723

2200 sqft. land available for construction as per company format. For hire. On at Lingipur Trafic Sqr., Bhubaneswar. M: 9437110900. D-8909

Two BHK flat near Ravi talkies market area, Puri-Road, Bhubaneswar. 7873492433. D-63857

Gharabari Individual plots Pahal (2000X3), Satya Vihar, 18 Guntha commercial plot at NH-203, ready for possession flats, duplex at Bomikhal, Patia for immediate sale. Details: 9937850303.(ବିଷ୍ଣୁ) D-8911

NH-16 adjacent gharabari converted residential plots for immediate construction (Bhubaneswar) Hanspal, Utakl Heights, Pahala, Phulnakhara. 8480446340. D-8900

## PURCHASE

ଢେଙ୍କାନାଳରେ ଜମି କିମ୍ବା ଘର କିଣିବା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ। 9439464581. D-62046




**Construct your dream home @450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan– SMPL: 9439483779.** D-8891

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64336




1BHK, 700 sqft., rent- 10,000/-, Forest Park, Bhubaneswar. 9437594470, 8218753767. D-63854

2BHK, dining, drawing independent house in Bajrangvihar, Patia, Bhubaneswar. Contact: 9866123690. D-65101

2BHK at Acropolish for family on rent (2km from Sum Hospital). Contact: 9437015037. D-65016

Two 3 bedroom flats at Acropolis near IIIT Bhubaneswar to be rented to family. Contact: 9937300620. D-64521

Double storeyed, semi furnished, Independent, 5000 sft. each with modern amenities and spacious parking at prime location in Bhubaneswar. Each unit four bedrooms, baths, drawing cum dining, kitchen and verandah at Unit-IV, very close to Sachivalaya Marg for office/ guesthouse/ institute/ residence and corporates. Rent negotiable. Contact: 9937444411. D-64519

Entire appartment near Sai Temple Tankapani Road, BBSR. 2BHK- 12 nos, 3BKH- 4 nos. For office/ bank/ hostel/ institute, etc. 24 Hrs water supply, large parking area. New Lift, DG set etc. Contact: 7328840046, 7328840028. D-8899

2B/R flat, drawing room, dining hall @ Ashirbad Plaza, Patia (near Patia College) for rent Ph: 9777441900, Bhubaneswar. D-8908

Single room, bath, kitchen at Kharavela Nagar for two students. Contact: 9437303405. D-65028




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Newly open herbal full body massage with refreshment well trained therapist. 7381239385. D-64616

All type of full body massage by expert therapist. 7609005923. D-65107

Newly opening ayurvedic body massage smart therapist, Shree herbal. 7750020754. D-65106

Saishree ayurvedic full body massage ladies & gents. Contact: 7438896074. D-64615

Experience full body massage with us by expert enquiry. 7377048581. D-65110

Newly open ayurvedic full body massage ladies & gents. 8117033493. D-65021

Herbal full body massage by smart/ expert therapist. Contact: 8338067247. D-65111

Ayurvedic full body massage ladies / gents smart experts therapist. 9114697517. D-64619




Shivam logistic packers movers. Household/ car relocation countrywide. 9777044177, 9338461133. D-8849




Online shoppingସହ ପ୍ରତିଟି ସାମଗ୍ରୀ ଟଙ୍କା ବଦଳରେ swipe card ବ୍ୟବହାରକରି ଦିନକୁ 1000/-ରୁ 25000/- ରେଜଗାର କରିବାର ସୁବର୍ଣ୍ଣ ସୁଯୋଗ। 7873411255. D-63856

## Astrology

All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପାହାଡ଼ ଧସି ଜୀବନ ହାନି ଘଟଣା

## ଶୋକବ୍ୟକ୍ତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଗଜପତି ଜିଲା ରାୟଗଡ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ବାରଘର ଗାଁରେ ପାହାଡ ଧସି ୧୨ଜଣଙ୍କ ପ୍ରାଣହାନୀ ହେବା ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶନିବାର ଗଣମାଧ୍ୟମଠାରୁ ଏ ସମ୍ପର୍କରେ ଜାଣିବା ପରେ ମର୍ମାହତ ହୋଇଥିବା ଟୁଇଟର୍‌ରେ ଉଲ୍ଲେଖ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି କେନ୍ଦ୍ରମନ୍ତ୍ରୀ ସମବେଦନା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ପୂର୍ବରୁ ତିତ୍‌ଲି ଝଡର ମୁକାବିଲା ପାଇଁ ଏନ୍‌ଡିଆରଏଫ୍ ସହଯୋଗ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ ଦୂରଦର୍ଶିତା ଅଭାବରୁ କେତେକ ଭୁଲ୍ କାମକୁ ପ୍ରଶ୍ରୟ ଦେଇପାରନ୍ତି। ବନ୍ଧୁଙ୍କ ଭୁଲ୍ ବୁଝାମଣା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହୋଇପାରନ୍ତି। ଅଫିସ୍ କାମରେ ଏପରି କି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଯାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡିପାରନ୍ତି।

**ବୃଷ** ସାମାଜିକ ସ୍ତରରେ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବିଭିନ୍ନ ସମସ୍ୟା ମଧ୍ୟରେ ମନରେ ସବୁବେଳେ ଟେନ୍ସନ ଲାଗିରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେବ। ବନ୍ଧୁମାନଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ମିଥୁନ** କରଜଦାତାଙ୍କ ଚାପ ବୃଦ୍ଧି କାରଣରୁ ଋଣ ପରିଶୋଧ କରିବା ସକାଶେ ମାନସିକ ସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବ। ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି, ଯାହାକି ଆପଣଙ୍କ ସକଶେ ହିତକର ହେବ। କର୍ମକ୍ଷେତ୍ରରେ, ବ୍ୟବସାୟରେ, ପାରିବାରିକ ସମସ୍ୟା ସମାଧାନରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି।

**କର୍କଟ** ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବେ ରହି ପାରିବେ ନାହିଁ। ଏଣେ ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ କରି ସହକର୍ମୀମାନେ କଳହର ମାତ୍ରାକୁ ବଢାଇବେ। ଈର୍ଷା କରୁଥିବା ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ମନରେ ସାହସ ବାନ୍ଧି କୌଣସି କାମ ଆରମ୍ଭ କରି ଅବଶ୍ୟ ସଫଳତା ପାଇବେ। ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ। କର୍ମକ୍ଷେତ୍ରରେ ତଥାପି ଏକା ସାଙ୍ଗରେ ବହୁତ ଗୁଡିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଅର୍ଥ ଲାଭ ସାଙ୍ଗକୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ବନ୍ଧୁଙ୍କ ସହ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନକୁ ଭାରାକ୍ରାନ୍ତ କରିବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ସୃଷ୍ଟି ହୋଇପାରେ।

**ତୁଳା** ପାରିବାରିକ କ୍ଷେତ୍ରରେ ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବିଛା** ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି। କିନ୍ତୁ ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଅତୀତ ଘଟଣାକୁ କେନ୍ଦ୍ରକରି ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ୍ୟ ହେବେ। ମନ ଭଲ ନ ଥିବା କାରଣରୁ କିମ୍ବା ବନ୍ଧୁଙ୍କ ବ୍ୟବହାର ମନରେ ଆଘାତ ଦେଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସିରହିବେ।

**ମକର** ଗତକାଲିଠାରୁ ଆପଣ ଯାହା କରିବା ସକଶେ ମନସ୍ଥ କରିଛନ୍ତି ସେଥିପାଇଁ ବନ୍ଧୁଙ୍କ କଥା ମାନି କାମ କଲେ ବହୁତ ଭଲ ହେବ। ଏତଦ୍ ବ୍ୟତୀତ କର୍ମକ୍ଷେତ୍ରରେ ମଧ୍ୟ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବାଣିଜ୍ୟ,ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ କାମ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ** ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ସ୍ୱାର୍ଥସାଧନ ମନୋଭାବ ନେଇ ନିଜ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଂଗଠନ, ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗିରହିବ।

ଆଜି ଆଶ୍ୱିନ ଶୁକ୍ଳ ଷଷ୍ଠୀ ରବିବାର, ଅକ୍ଟୋବର ୧୪ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧ ।୪୬ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର,ଦିବା ଘ୭।୧୨ମି. ଗତେ ଘ୮ ।୪୦ମି. ମଧ୍ୟେ ଅମୃତବେଳା। ଦିବା ଘ୧ ।୦୦ମି. ଗତେ ଘ୨ ।୨୭ମି. ମଧ୍ୟେ ଅମୃତବେଳା। ଦିବା ଘ୧ ।୦୦ମି. ଗତେ ଘ୨ ।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୫୩ମି. ଗତେ ଘ୫ ।୨୧ମି. ମଧ୍ୟେ ରାହୁକାଳ।

# ସେନା ସହ ସ୍ମୃତି ଅବିସ୍ମରଣୀୟ



ସୋନାକ୍ଷୀ ସିହ୍ନା

ମୁମ୍ବାଇ: ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଭୁଜ୍‌ରେ ଯବାନଙ୍କ ସହିତ ଯେତିକି ସମୟ ବିତାଇଥିଲେ ତାହା ଅବିସ୍ମରଣୀୟ ବୋଲି ବର୍ଣ୍ଣନା କରିଛନ୍ତି। ଏହି ସମୟରେ ସେ ନିଜକୁ ଭୁଲିଯାଇଥିବା କହିଛନ୍ତି। ସେ କେତେକ ସୈନ୍ୟଙ୍କ ସହି ଭଲିବଲ୍ ଖେଳିବାର ଅନୁଭୂତି ହାସଲ କରିଥିଲେ। ସେଭଳି ଚମକପ୍ରଦ ସୁଯୋଗ ପାଇଥିବାରୁ ସେ ନିଜକୁ ଧନ୍ୟ ମନେକରିଛନ୍ତି। ଏକ ନ୍ୟୁଜ୍ ଚ୍ୟାନେଲ୍ ପାଇଁ ଶୁଟିଂ କରିବା ସମୟରେ ଭୁଜ୍, ପଞ୍ଜାବ ରେଜିମେଣ୍ଟ, ଆର୍ମି କ୍ୟାମ୍ପ୍ ଆଦି କେତେକ ସ୍ଥାନରେ ବିସ୍ମୟକର ଅନୁଭୂତି ହାସଲ କରିଥିବା ବିଷୟ ସେ ଶନିବାର ଟୁଇଟ୍ କରିଛନ୍ତି। ତାଙ୍କ କହିବାନୁଯାୟୀ, ଆମର ସାହସୀ ଯବାନଙ୍କ ସହିତ ସମୟ ବିତାଇବାର ଅନୁଭୂତି ଅବିସ୍ମରଣୀୟ। ସୈନ୍ୟଙ୍କ କେତେକ କାର୍ଯ୍ୟକଳାପକୁ ଅନୁକରଣ କରି ସେଭଳି କରିବାବେଳେ ସେମାନଙ୍କୁ ହସ ଲାଗିଥିଲା। ଏହା ଥିଲା ଏକ ନିଆରା ଅନୁଭୂତି।ସୋନାକ୍ଷୀ 'ହଲିଡେ: ଏ ସୋଲ୍‌ଜର ଇଜ୍ ନେଭର ଅଫ୍ ଡ୍ୟୁଟି' ରେ ଅଭିନୟ କରିଛନ୍ତି। ବିରାଟ ବକ୍ସି (ଅକ୍ଷୟ କୁମାର ଅଭିନୀତ) ଙ୍କ କାହାଣୀକୁ ନେଇ ଏହା ଗଢ଼ିଉଠିଛି। ଭାରତୀୟ ସୈନ୍ୟବାହିନୀର ଏକ ଗୁପ୍ତ ଶାଖା ଡି.ଆଇ.ଏ.ର କ୍ୟାପଟେନ୍ ଭାବରେ ସେ କାର୍ଯ୍ୟ କରିଛନ୍ତି। ଇତିମଧ୍ୟରେ ସୋନାକ୍ଷୀ 'କଳଙ୍କ' ଫିଲ୍ମରେ ଖୁବ୍ ଶୀଘ୍ର ଦୃଶ୍ୟମାନ ହେବେ। ଏହା ଏକ ପୌରାଣିକ ବିଷୟବସ୍ତୁ ଆଧାରିତ।

# ରାସ୍ତାକଡ଼କୁ ଖସିଲା ସ୍କୁଲ ଅଟୋ

## ଶିକ୍ଷୟିତ୍ରୀ ମୃତ, ୫ ଗୁରୁତର

ପୁରୀ ଅଫିସ,୧୩।୧୦

ପୁରୀ-ସାତପଡା ଜାତୀୟ ରାଜପଥର ଜଗନ୍ନାଥ ରୋଡ ଛକରେ ଶନିବାର ଏକ ସ୍କୁଲ ଅଟୋ ରାସ୍ତକଡ଼ ବିଲକୁ ଖସିପଡିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ୫ ଗୁରୁତର ଆହତ ହୋଇଛନ୍ତି। ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ମାର୍କଣ୍ଡେଶ୍ୱର ସାହି ରାଧାଗୋବିନ୍ଦ ଲେନ୍‌ର ଦାମିନୀ ପୃଷ୍ଟି(୨୧)। ଗୁରୁତରମାନେ ହେଲେ ଲିପ୍‌ସା ମହାନ୍ତି, ପୂର୍ଣ୍ଣିମା ପ୍ରଧାନ, ଜୟପ୍ରଦା ରଥ, ରୂପ୍‌ସା ରଥ ଓ କମଲେଶ ଉପାଧ୍ୟାୟ। ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଦୁର୍ଘଟଣାଗ୍ରସ୍ତ ସ୍କୁଲ ଅଟୋକୁ ପୋଲିସ ଜବତ କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁସାରେ ବ୍ରହ୍ମଗିରି ବେଣ୍ଟପୁରଠାରେ ଏକ ଘରୋଇ ସ୍କୁଲ ରହିଛି। ପୁରୀରୁ ୬ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଶନିବାର ସକାଳ ସାଢ଼େ ୮ଟାରେ ଉକ୍ତ ସ୍କୁଲ ଅଟୋରେ ବ୍ରହ୍ମଗିରି ଯାଉଥିଲେ। ଏହି ସମୟରେ ପଛପଟୁ ଏକ ବାଇକ ଦ୍ରୁତ ଗତିରେ ଅଟୋକୁ ସାଇଡ ମାରି ଚାଲିଯାଇଥିଲା। ସାମନାପଟୁ ଏକ ଟ୍ରକ ଆସୁଥିବା ଦେଖି ଅଟୋ ଡ୍ରାଇଭର ଭାରସାମ୍ୟ ହରାଇଥିଲା। ଫଳରେ ଅଟୋ ଜଗନ୍ନାଥ ରୋଡ୍ ଛକ ବାମପଟ ରାସ୍ତାକଡ଼ ବିଲକୁ ଖସିପଡିଥିଲା। ବିଲରେ ପାଣି ଥିବାରୁ ଅଟୋରେ ଚାପି ହୋଇ ଦାମିନୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସଦର ଏସଡିପିଓ ସୁଶୀଲ କୁମାର ମିଶ୍ର କୁହନ୍ତି, ମୃତାଙ୍କ ବାପା ରଞ୍ଜନ ପୃଷ୍ଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି। ସ୍କୁଲ ଅଟୋକୁ ଜବତ କରାଯାଇଛି।



ଦୁର୍ଘଟଣାଗ୍ରସ୍ତ ଅଟୋ ।









## ସଂକ୍ଷେପରେ

### ମାର୍ଶାଘାଇ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଶେଷ

**ମାର୍ଶାଘାଇ,୧୩।୧୦(ଡ଼ିଏନ୍ଏ):** ମାର୍ଶାଘାଇର ପ୍ରସିଦ୍ଧ ଦୁର୍ଗାପୂଜା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏନେଇ ଏକ ପ୍ରସ୍ତୁତି ବୈଠକ ପୂଜା କମିଟି ସଭାପତି ରନେନ୍ଦ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସୋମବାର ଅପରାହ୍ନରେ ବିଲ୍ୱବରଣ ,ମଙ୍ଗଳବାର କଳସ ଅଧିବାସ,ନବପତ୍ରିକା ପ୍ରବେଶ ଏବଂ ଚକ୍ଷୁଦାନ ଦିଆଯାଇ ସପ୍ତମୀ ମହାପୂଜା ଅନୁଷ୍ଠିତ ହେବ । ବୁଧବାର ମହାଷ୍ଟମୀ ଓ ବଳିଦାନ, ଗୁରୁବାର ନବମୀ ବିହିତ ପୂଜା,ଶୁକ୍ରବାର ମହାଦଶମୀ ତିଥିରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି । ମାର୍ଶାଘାଇ ଦୁର୍ଗାପୂଜା କମିଟି ତରଫରୁ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଉପସଭାପତି ସୁନାକର ଗାହାଣ,ଧ୍ରୁବ କିଶୋର ନାୟକ,ଦୟାନିଧି ଦାସ,ପରୀକ୍ଷିତ ରାଉତ ,ଅରକ୍ଷିତ ବାରିକ ,ସଚ୍ଚିଦାନନ୍ଦ ସ୍ୱାଇଁ,ବିଚିତ୍ରାନନ୍ଦ ବେହେରା,ମନୋରଞ୍ଜନ ଦଳାଇ,ଲିଟୁ ଦାସ,ମାନସ ରାୟ ,ମଧୁସୂଦନ ବେହେରା ପ୍ରମୁଖଙ୍କ ଠାରୁ ପ୍ରକାଶ । ସେହିପରି ମାର୍ଶାଘାଇ ବ୍ଲକର ଆଖୁଆ ,ମାଣିକପୁର ,ପିକରାଳୀ,କରିଲୋପାଟଣାରେ ମଧ ଅନୁରୂପ ଭାବେ ଦୁର୍ଗାପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

### ଭାଜପା ନେତାଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ, ୧୩।୧୦ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ କଷଣଅଣ୍ଡା ଗ୍ରାମର ଭାଜପା ନେତା ବୀରେନ ବିଶ୍ୱାଳ(୫୦)ଙ୍କ ମସ୍ତିଷ୍କଘାତରେ ପରଲୋକ ଘଟିଛି। ଜଣେ ଦକ୍ଷ ସଙ୍ଗଠକ ଭାବରେ ସେ ଜଣାଶୁଣା ଥିଲେ । ତାଙ୍କ ବିୟୋଗରେ ଭାଜପା ନେତା, କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଗତ ୧୦ ତାରିଖ ପୂର୍ବାହ୍ନ ୧୦ଟା ବେଳେ ହଠାତ୍ ବୀରେନ ମସ୍ତିଷ୍କ ଘାତରେ ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ୧୧ ତାରିଖ ସକାଳେ ବୀରେନଙ୍କ ପରଲୋକ ଘଟିଥିଲା। ତାଙ୍କ ମରଶରୀର କଷଣଅଣ୍ଡା ଗ୍ରାମକୁ ଅଣାଯିବା ପରେ ଭାଜପା ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ଭାଜପା ନେତା ଅଲେଖ ଜେନା, ରଶ୍ମିରଞ୍ଜନ ପ୍ରଧାନ, ସୁନାକର ବେହେରା, ବ୍ରଜସୁନ୍ଦର ଭୂୟାଁ, ଉପେନ୍ଦ୍ର ନାୟକ, ସୁଧାଂଶୁ ଜେନା, ଗଗନ ବିହାରୀ ସାହୁ ,ସଞ୍ଜୟ ସାହୁ, ପଦ୍ମନାଭ ପଣ୍ଡା, ଅଶୋକ ସ୍ୱାଇଁ, ଭରତ ଭଦ୍ରଙ୍କ ସମେତ ବହୁ ନେତା, କର୍ମକର୍ତ୍ତା ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ଜ୍ୟେଷ୍ଠ ପୁତ୍ର ଶୁଭମ୍ ମୁଖାଗ୍ନି ଦେଇଥିଲେ।

■ ମାର୍କଫେଡ୍ ଧାନକିଣା ଦୁର୍ନୀତି ଘଟଣା

# ସିଏଜି ରିପୋର୍ଟ ପରେ ଭିଜିଲାନ୍ସ ତଦନ୍ତକୁ ନେଇ ପ୍ରଶ୍ନବାଚୀ

**କେନ୍ଦ୍ରାପଡ଼ା ଅଫିସ, ୧୩।୧୦**

■ ୮ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେଲା ସିଏଜି
■ ୧୫ ମାସ ହେବ ସରୁନାହିଁ ଭିଜିଲାନ୍ସ ତଦନ୍ତ

ଗତ ଜୁଲାଇ ୧୩ରେ ପ୍ରକାଶ ପାଇଥିବା ସିଏଜି ରିପୋର୍ଟରେ କେନ୍ଦ୍ରାପଡା ଜିଲାରେ ୨୦୧୫-୧୬ରେ ମାର୍କଫେଡ ଧାନକିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଦର୍ଶାଯାଇଛି । ଦୁର୍ନୀତି ସମ୍ପର୍କରେ ସିଏଜି ରିପୋର୍ଟରେ ବାହାରିବା ପରେ ଏବେ ଭିଜିଲାନ୍ସ ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁର୍ନୀତିର ତଦନ୍ତ ପାଇଁ ଭିଜିଲାନ୍ସକୁ ହସ୍ତଗତ ହେବାର ୧୫ ମାସ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ ରିପୋର୍ଟ ମିଳିପାରିନାହିଁ। ରିପୋର୍ଟ ପ୍ରଦାନରେ ଜାଣିଶୁଣି ବିଳମ୍ବ କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏନେଇ କେତେଜଣ ଶାସକ ଦଳ ବିଜେଡି ଉପରେ ଦୋଷାରୋପ କରୁଥିବା ବେଳେ ଅନ୍ୟ କେତେଜଣ ବିରୋଧୀ କଂଗ୍ରେସ ଉପରେ ଆଙ୍ଗୁଳି ଉଠାଇଛନ୍ତି। ଏହି ଦୁର୍ନୀତୀକୁ ନେଇ ଉଭୟ ଦଳର ଜିଲା ନେତୃବୃନ୍ଦ ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ଏସମ୍ପର୍କରେ ବୁଦ୍ଧିଜୀବୀ ବାନାମ୍ବର ସାହୁଙ୍କ କହିବାନୁସାରେ, ଚାଷୀଙ୍କ ଅଭାବୀ ବିକ୍ରି ଦୂର କରିବା ପାଇଁ ଧାନର ସର୍ବନିମ୍ନ ଦର ଧାର୍ଯ୍ୟକରି ରାଜ୍ୟ ସରକାର ଚାଷୀଙ୍କ ଠାରୁ ପ୍ରତିବର୍ଷ ଧାନ କ୍ରୟ କରିଥାନ୍ତି। ଏହାଦ୍ୱାରା ଚାଷୀ ଲାଭବାନ ହେବା ସହ ରାଜ୍ୟରେ ଖାଦ୍ୟ ଯୋଗାଣରେ ସରକାରଙ୍କୁ ସୁଫଳତା ମିଳିଥାଏ। ମାତ୍ର ମାର୍କଫେଡ ଦୁର୍ନୀତି ଯୋଗୁ ସରକାରୀ ଧନ ଅପଚୟ ହୋଇଥିବା ସୂଚନା ମିଳିଛି। ୨୦୧୫-୧୬ରେ ମାର୍କଫେଡ୍ ଜରିଆରେ ରାଜ୍ୟ ସରକାର ଜିଲାର ୧୬୩ ଜଣ ଚାଷୀଙ୍କ ଠାରୁ ଧାନ କିଣିଥିବା କୁହାଯାଉଥିବା ବେଳେ ସେମାନଙ୍କ ମଧ୍ୟରୁ ୪୩ ଜଣ ଅଯୋଗ୍ୟ ଚାଷୀ ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଅଯୋଗ୍ୟ ଚାଷୀଙ୍କ ମଧ୍ୟରେ କେତେଜଣ ବିଜେଡି ନେତାଙ୍କ ନାମ ରହିଛି ବୋଲି ବିଧାୟକ ଅଂଶୁମାନ ମହାନ୍ତି ଅଭିଯୋଗ କରିବା ସହ ଏହାର ପ୍ରମାଣ ବିଧାନସଭା, ଗଣମାଧ୍ୟମ ଓ ଭିଜିଲାନ୍ସ ତଦନ୍ତ ସମୟରେ ଦେଇଛନ୍ତି ବୋଲି ସାହୁ କହିଛନ୍ତି। ଏହି ଦୁର୍ନୀତିର ତଦନ୍ତ ଦାୟିତ୍ୱ ଭିଜିଲାନ୍ସ ବିଭାଗକୁ ଦିଆଯାଇଥିବା ବେଳେ ବିଳମ୍ବ କାହିଁକି ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ତଦନ୍ତ ରିପୋର୍ଟ ପ୍ରକାଶ ପାଇଲେ ଅଭିଯୁକ୍ତ ମିଲରଙ୍କଠାରୁ ୯୧.୬୫ ଲକ୍ଷ ଟଙ୍କାର ଚାଉଳ ସହ ୮୧.୩୮ ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କୁ ମିଳିବ ବୋଲି ସିଏଜି ରିପୋର୍ଟରେ ପ୍ରକାଶ ପାଇଛି। ମାତ୍ର ଭିଜିଲାନ୍ସ ତଦନ୍ତ ଅଗ୍ରଗତି କରୁ ନ ଥିବାରୁ ଏହାର ଲାଭ ଚାଷୀ କିମ୍ବା ରାଜ୍ୟ ସରକାର ଉଠାଇ ପାରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ନଳିନୀକାନ୍ତ ବେହେରା କୁହନ୍ତି ଯେ, ବରଗଡ ଓ କେନ୍ଦ୍ରାପଡା ଜିଲାରେ ମାର୍କଫେଡ ଦୁର୍ନୀତି ସମ୍ପର୍କରେ ୨୦୧୬ ଓ ୨୦୧୭ରେ ରାଜ୍ୟରେ ବହୁ ଚର୍ଚ୍ଚା ହୋଇଥିଲା । ବିରୋଧୀ ଏନେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ଚାପ ସୃଷ୍ଟି କରିଥିଲେ। ଏଥିଯୋଗୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ୨୦୧୭ ଜୁନରେ ଭିଜିଲାନ୍ସ ବିଭାଗକୁ ଏହି ଦୁର୍ନୀତିର ତଦନ୍ତ ପାଇଁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ମାତ୍ର ଇତିମଧ୍ୟରେ ୧୫ ମାସ ପୂରିଯାଇଥିଲେ ମଧ ତଦନ୍ତ ରିପୋର୍ଟ ପଦାକୁ ଆସି ପାରୁନାହିଁ । ସିଏଜି ପକ୍ଷରୁ ମାତ୍ର ୮ ଦିନ ମଧ୍ୟରେ ତଦନ୍ତ କରାଯାଇ ଦୁର୍ନୀତିର ପର୍ଦ୍ଦାଫାଶ କରାଯାଇଥିବା ବେଳେ ଭିଜିଲାନ୍ସ ବିଭାଗ କାହିଁକି ଚୁପ୍ ବସିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଫଳରେ ବିଭାଗର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାର ଏହି ତଦନ୍ତକୁ ତୁରନ୍ତ ଶେଷକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବେହେରାଙ୍କ ସମେତ କୃଷକ ନେତା ଜଗଦୀଶ ପତି, ହଳଧର ସେନାପତି ଓ ଉମାକାନ୍ତ ନାୟକ ପ୍ରମୁଖ ଦାବି କରିଛନ୍ତି । ସୂଚନାଯୋଗ୍ୟଯେ, ୨୦୧୫- ୧୬ ଆର୍ଥିକ ବର୍ଷରେ ଜିଲା ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ଜିଲାରେ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଥିଲା । ପରେ ମାର୍କଫେଡ ପକ୍ଷରୁ ଜିଲାର ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ ଅଞ୍ଚଳରୁ ୨୦୦୦ ମେଟ୍ରିକ ଟନ ଧାନ କ୍ରୟ ହେବ ବୋଲି ଠିକି ହୋଇଥିଲା । ତେବେ ଏହି ଧାନ କ୍ରୟ ସମୟରେ ପ୍ରକୃତ ଚାଷୀଙ୍କୁ ଅଣଦେଖା କରି କେତେଜଣ ବ୍ୟବସାୟୀଙ୍କଠାରୁ ଧାନ କ୍ରୟ ହୋଇଥିବା ନେଇ ଧରିତ୍ରୀରେ ପ୍ରଥମେ ପ୍ରକାଶ ପାଇଥିଲା । ଦୁର୍ନୀତିରେ ମିଲରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରାଯିବା ସହ ଗୋଦାମ ଗୃହ କ୍ଷମତା ନେଇ ପ୍ରଶ୍ନ ଉଠାଯାଇଥିଲା । ଏହି ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଥିଲା। ଦୁର୍ନୀତିରେ ମାର୍କଫେଡର ସ୍ଥାନୀୟ ପରିଚାଳକ ମନୋରଞ୍ଜନ ବିଶ୍ୱାଳଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା।

## ଦୁର୍ଘଟଣାରେ ପେଟରେ ପଶିଲା ବାଉଁଶ: ଯୁବକ ମୃତ

**ରାଜକନିକା, ୧୩।୧୦ (ଡି.ଏନ୍.ଏ.)**

କଟକ-ଚାନ୍ଦବାଲି ରାସ୍ତାର ଚନ୍ଦନ ପୋଖରୀ ଛକ ନିକଟରେ ଶନିବାର ସନ୍ଧ୍ୟାରେ ବାଉଁଶ ନେଇ ଯାଉଥିବା ଟ୍ରଲି ସହ ଏକ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକଙ୍କ ପେଟରେ ବାଉଁଶ ପଶି ଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜକନିକା ଥାନା ଅନ୍ତର୍ଗତ ମଧୁପଡ଼ା ଗାଁର କାଶୀନାଥ ନାୟକଙ୍କ ପୁଅ କମଳାକାନ୍ତ ନାୟକ(୩୨)। ସୂଚନାଯୋଗ୍ୟ, କମଳାକାନ୍ତ ଶନିବାର ବାଇକ୍‌ରେ କଟକ-ଚାନ୍ଦବାଲି ରାସ୍ତା ଦେଇ ଘରକୁ ଫେରୁଥିବା ବେଳେ ଚନ୍ଦନ ପୋଖରୀ ଛକ ନିକଟରେ ବାଉଁଶ ନେଇ ଯାଉଥିବା ଟ୍ରଲି ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ତାଙ୍କ ପେଟରେ ବାଉଁଶ ପଶିଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କଲାବେଳେ ବାଟରେ ମୃତ୍ୟୁ ଘଟିଛି। ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଏସିଡ୍ ମାଡ଼ ଘଟଣାରେ ଅଭିଯୁକ୍ତ ଯୁବକ ଗିରଫ

### ଫଟୋ ଉଠାଇବା ମହଙ୍ଗା ପଡ଼ିଲା

**ମାର୍ଶାଘାଇ ,୧୩।୧୦(ଡିଏନ୍ଏ)**

ମାର୍ଶାଘାଇ ଥାନା ଅଧୀନ ପାଟଲିପଙ୍କ ଗ୍ରାମରେ ଗତ ୯ ତାରିଖ ରାତିରେ ଏକ ପରିବାର ଉପରେ ଏସିଡ ମାଡ଼ କରାଯିବା ଘଟଣାରେ ପୋଲିସ ସେହି ଗ୍ରାମର ଭବାନୀ ଶଙ୍କର ଓଝା ଓରଫ ବାବୁ(୨୫)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ଯୁବକଙ୍କୁ କେଶ୍ ନଂ ୧୬୪/୧୮ ଅନୁଯାୟୀ ଦଫା ୩୦୭,୩୨୬(ଏ)ରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ କାଳନ୍ଦୀ ଚରଣ ବେହେରାଙ୍କ ଠାରୁ ସୂଚନା ମିଳିଛି ।

ପ୍ରକାଶ ଯେ, ଏହି ଥାନା ଅନ୍ତର୍ଗତ ପାଟଲିପଙ୍କ ଗ୍ରାମର ବୈଷ୍ଣବ ବାରିକଙ୍କ ପୁଅ ହିମାଂଶୁ ଘଟଣା ଦିନ ରାତିରେ ଗ୍ରାମରେ ହେଉଥିବା ପାଲା ଦେଖି ସାରି ପରିବାର ସହ ନିଜ ଘରେ ଶୋଇଥିଲେ । ରାତି ପ୍ରାୟ ସାଢେ ୧୨ଟା ସମୟରେ ସେହି ଗ୍ରାମର ଭବାନୀଶଙ୍କର ଓରଫ୍ ବାବୁ ଏକ କାଚ ବୋତଲରେ ଏସିଡ ନେଇ ହିମାଂଶୁ ଶୋଇଥିବା ଘରର ଝରକା ବାଟ ଦେଇ ତାହା ଫୋପାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏସିଡ ମାଡ଼ରେ ହିମାଂଶୁ ,ତାଙ୍କ ଗର୍ଭବତୀ ସ୍ତ୍ରୀ ମିନୁରାଣୀ ଓ ୨ ଝିଅ ସାଲିନ୍ ,ଶୁଭଲକ୍ଷ୍ମୀ ଆହତ ହୋଇଥିଲେ । ହିମାଂଶୁଙ୍କ ବାପା ବୈଷ୍ଣବ ପାରାଦୀପରୁ ଆମ୍ବୁଲାନ୍ସ ଡକାଇ ସେମାନଙ୍କୁ ପ୍ରଥମେ ପାରାଦୀପ ଇଫକୋ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ପରେ ଅବସ୍ଥା ଗୁରୁତର ହେବାରୁ ସମସ୍ତଙ୍କୁ କଟକ ଅଶ୍ୱିନୀ ମେଡିକାଲକୁ ପଠାଯାଇଥିଲା । ସେଠାରେ ଆଜି ପର୍ଯ୍ୟନ୍ତ ହିମାଂଶୁ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ତାଙ୍କ ସ୍ତ୍ରୀ ଓ ୨ ଝିଅ ସୁସ୍ଥ ଥିବା ପରିବାର ପକ୍ଷରୁ ଜଣାପଡିଛି । ଏନେଇ ହିମାଂଶୁଙ୍କ ବଡବାପା ପୁଅ ଭାଇ ବିନୋଦ ବାରିକ ଗତ ୧୦ ତାରିଖରେ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ସେହି ଗ୍ରାମର ଭବାନୀଶଙ୍କରଙ୍କୁ ସନ୍ଦେହରେ ଉଠାଇ ଆଣିଥିଲା । ଥାନାରେ ପଚରା ଉଚୁରା ପରେ ପୋଲିସ ଜାଣିବାକୁ ପାଇଛି ଯେ, ଭବାନୀଶଙ୍କରଙ୍କର ସେହି ଗ୍ରାମର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା । ହିମାଂଶୁ ଦୁହିଁଙ୍କ ଫଟୋ ଉଠାଇ ଥିବାରୁ ଭବାନୀ ପ୍ରତିଶୋଧ ପରାୟଣ ହୋଇ ତାଙ୍କ ଉପରେ ଏସିଡ ମାଡ କରିଥିଲେ । ଯାହା ଫଳରେ ହିମାଂଶୁଙ୍କ ସହିତ ତାଙ୍କ ସ୍ତ୍ରୀ ଓ ୨ ଝିଅ ଆହତ ହୋଇଥିଲେ ।

## ୧୪ ନଂ ଜୋନ୍ ସଭାପତି ହେଲେ ଉମେଶ ତ୍ରିପାଠୀ

**ଡେରାବିଶ,୧୩।୧୦(ସ୍ୱ.ପ୍ର.)**

ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନରେ ଥିବା ୧୪ନଂ ଜିଲା ପରିଷଦ ଜୋନ ପାଇଁ ବରିଷ୍ଠ କଂଗ୍ରେସ ନେତା ତଥା ଦାନପୁରର ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ଦଳୀୟ ସଭାପତି ଭାବେ ମନୋନୀତ କରାଯାଇଛି । ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ନିଯୁକ୍ତି ପ୍ରଦାନ କରିଥିବା ଜଣାଯାଇଛି। ଏନେଇ ଉମେଶ ରାଜ୍ୟ ସଭାପତି ପଟ୍ଟନାୟକ, ପୂର୍ବତନ ଆଇନସେଲ୍ ଅଧକ୍ଷ ଧରଣୀଧର ନାୟକ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଜୟନ୍ତ ମହାନ୍ତି, ଜିଲା ସଭାପତି ଚିନ୍ମୟ ପ୍ରସାଦ ବେହୁରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ବ୍ଲକ ଅଧୀନସ୍ଥ ୧୨ ନଂ ଓ ୧୩ ନଂ ଜୋନ୍ ସଭାପତି ମନୋନୟନ କରାଯାଇଥିଲା। ଏବେ ୧୪ ନଂ ଜୋନ୍ ପାଇଁ ଉମେଶଙ୍କୁ ମନୋନୀତ କରାଯାଇଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୪।୧୦।୨୦୧୮ (ରବିବାର)**
■ ପତଞ୍ଜଳି ଯୋଗ ଶିବିର
**ସ୍ଥାନ-** ବିଜୟନଗର ପ୍ରାଥମିକ ବିଦ୍ୟାଳୟ, **ସମୟ-** ପୂର୍ବାହ୍ନ ୭ଟା

**୧୫।୧୦।୨୦୧୮ (ସୋମବାର)**
■ ମିଳିତ ଜନଶୁଣାଣି ଶିବିର
**ସ୍ଥାନ-** ଡେରାବିଶ ବ୍ଲକ କାର୍ଯ୍ୟାଳୟ, ଡେରାବିଶ **ସମୟ-** ପୂର୍ବାହ୍ନ ଘ୧୦.୩୦ ମିନିଟ
■ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ
**ସ୍ଥାନ-** ଗରଦପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହ, **ସମୟ-** ପୂର୍ବାହ୍ନ ୧୦ଟା
■ ପଲିଥିନ ପାଲ ଯୋଗାଣ ବିଫଳ ପାଇଁ କଂଗ୍ରେସର ଗଣବିକ୍ଷୋଭ
**ସ୍ଥାନ-** ତହସିଲ କାର୍ଯ୍ୟାଳୟ, ମହାକାଳପଡା, **ସମୟ-** ପୂର୍ବାହ୍ନ ୧୦ଟା
■ ଷୋଡ଼ଶ ଉପଚାରରେ ଦୁର୍ଗାପୂଜା ଆରମ୍ଭ
**ସ୍ଥାନ-** ମାର୍ଶାଘାଇ ବଜାର ମଣ୍ଡପ,**ସମୟ-** ଅପରାହ୍ନ ୫ଟା
■ ପତଞ୍ଜଳି ଯୋଗ ଶିବିର
**ସ୍ଥାନ-** ବିଜୟ ନଗର ପ୍ରାଥମିକ ବିଦ୍ୟାଳୟ
**ସମୟ-** ପୂର୍ବାହ୍ନ ୭ଟା

**୧୬।୧୦।୨୦୧୮ (ମଙ୍ଗଳବାର)**
■ ପତଞ୍ଜଳି ଯୋଗ ଶିବିର
**ସ୍ଥାନ-** ବିଜୟ ନଗର ପ୍ରାଥମିକ ବିଦ୍ୟାଳୟ, **ସମୟ-** ପୂର୍ବାହ୍ନ ୭ଟା
■ ଲୋଧା ସମ୍ପ୍ରଦାୟର ବନଦୁର୍ଗା ପୂଜା
**ସ୍ଥାନ-** ବରଜ, ମହାକାଳପଡା, **ସମୟ-** ସକାଳ ୭ଟା

**୧୭।୧୦।୨୦୧୮ (ବୁଧବାର)**
■ ମା' ଦୁର୍ଗା ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ
**ସ୍ଥାନ-** ତଳକୁସୁମା, ଗରଦପୁର **ସମୟ-** ସନ୍ଧ୍ୟା ୭ଟା
■ ପତଞ୍ଜଳି ଯୋଗ ଶିବିର
**ସ୍ଥାନ-** ବିଜୟ ନଗର ପ୍ରାଥମିକ ବିଦ୍ୟାଳୟ, **ସମୟ-** ପୂର୍ବାହ୍ନ ୭ଟା

**୧୮।୧୦।୨୦୧୮ (ଗୁରୁବାର)**
■ ମା' ଦୁର୍ଗା ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ
**ସ୍ଥାନ-** ତଳକୁସୁମା, ଗରଦପୁର **ସମୟ-** ସନ୍ଧ୍ୟା ୭ଟା

**୧୯।୧୦।୨୦୧୮ (ଶୁକ୍ରବାର)**
■ ମା' ଦୁର୍ଗା ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ
**ସ୍ଥାନ-** ତଳକୁସୁମା, ଗରଦପୁର , **ସମୟ-** ସନ୍ଧ୍ୟା ୭ଟା
■ ଦୁର୍ଗାପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ
**ସ୍ଥାନ-** ବଡମଙ୍ଗ, ଆଳି, **ସମୟ-** ସନ୍ଧ୍ୟା ୮ଟା

## ଅଗ୍ନିକାଣ୍ଡରେ ଜଳିଗଲା ୭ ବଖରା



ପୋଡିଯାଇଥିବା ଘର।

**ଡେରାବିଶ, ୧୩।୧୦ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ଛାଞ୍ଚୁଣିଆ ଗ୍ରାମରେ ଶନିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୭ ବଖରା ଜଳିଯାଇଛି । ଏହି ଅଗ୍ନିକାଣ୍ଡରେ ଗ୍ରାମର ନରେନ୍ଦ୍ର ସାହୁ, ପ୍ରମୋଦ କୁମାର ସାହୁ, ମନମୋହନ ସାହୁ, ଗଗନ ବିହାରୀ ସାହୁ, କାର୍ତ୍ତିକ କୁମାର ସାହୁଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିପୋଡି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ନରେନ୍ଦ୍ରଙ୍କ ଘରେ ବିଦ୍ୟୁତ୍ ଶଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିଲା । ସଙ୍ଗେ ସଙ୍ଗେ ଏହି ନିଆଁ ଅନ୍ୟ ଘରଗୁଡିକୁ ବ୍ୟାପିଯାଇଥିଲା। ଖବର ପାଇ ଡେରାବିଶ ଓ କେନ୍ଦ୍ରାପଡ଼ା ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଚୋରା ମଦ ଜବତ, ୩ ଗିରଫ



ଗିରଫ ମଦ ବେପାରୀଙ୍କୁ କୋର୍ଟକୁ ନିଆଯାଉଛି।

**ପଟ୍ଟାମୁଣ୍ଡାଇ,୧୩।୧୦(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ଅବାଧରେ ଚାଲିଛି । ଏ ସମ୍ପର୍କରେ ଖବର ପାଇ କଟକ ଅବକାରୀ ଇଣ୍ଟେଲିଜେନ୍ସ ବ୍ୟୁରୋ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧୫ ଲିଟର ବିଦେଶୀ ଓ ୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଅବକାରୀ ଇଣ୍ଟେଲିଜେନ୍ସ ବ୍ୟୁରୋ ଇନ୍ସପେକ୍ଟର ଜଗଦୀଶ ଚରଣ ସାମଲ, ସବ୍ ଇନ୍ସପେକ୍ଟର ଶିବଚରଣ ଲେଙ୍କା, ଏଏସଆଇ ଦେବେନ୍ଦ୍ର ପ୍ରହରାଜ ପ୍ରମୁଖ ମିଳିତ ଭାବେ ଚଢାଉ କରି ପଟ୍ଟାମୁଣ୍ଡାଇ ବ୍ଲକ ବଡମୂଳବସନ୍ତ ଗ୍ରାମର ମମତା ସ୍ୱାଇଁଙ୍କଠାରୁ ୭ ଲିଟର ବିଦେଶୀ ମଦ ଜବତ କରିବା ସହିତ ତାଙ୍କୁ ଗିରଫ କରିଛନ୍ତି। ସେହିପରି ଗାଙ୍ଗପଡା ଗ୍ରାମର ସସ୍ମିତା ପାତ୍ରଙ୍କଠାରୁ ୮ ଲିଟର ବିଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ। ପଟ୍ଟାମୁଣ୍ଡାଇ ବଜାର ସଂଲଗ୍ନ ତନୁପୁର ଗଡା ରାସ୍ତା ନିକଟରେ ଚୋରାମଦ କାରବାରରେ ସଂପୃକ୍ତ ରଶ୍ମିରଞ୍ଜନ ଦାସଙ୍କ ପାଖରୁ ୮ ଲିଟର ଦେଶୀମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଚଢାଉରେ ପଟ୍ଟାମୁଣ୍ଡାଇ ସବ ଇନ୍ସପେକ୍ଟର ପ୍ରକାଶ କୁମାର ସାହୁ, ଏଏସଆଇ ପ୍ରଭାକର ସେଠୀ ଓ କନଷ୍ଟେବଲ ସୁନୀଲ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ଅବକାରୀ ଆଇନ ଅନୁସାରେ ୩ଟି ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡା କୋର୍ଟକୁ ଚାଲାଣ କରାଯାଇଛି। ଚଢାଉ ପରେ ଚୋରାମଦ ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

■ ଶାରଦୀୟ ଦୁର୍ଗାପୂଜା ଆଉ ୩ ଦିନ

# ଏଣ୍ଡର ବଙ୍ଗାଳିସାହି ଦୁର୍ଗାଙ୍କ ପୀଠ ଚଳଚଞ୍ଚଳ

**ଡେରାବିଶ,୧୩।୧୦(ସ୍ୱ.ପ୍ର.)**

ଆଉ ମାତ୍ର ୩ ଦିନ ପରେ ଶାରଦୀୟ ଦୁର୍ଗାପୂଜା । ଏହି ପୂଜା ପାଇଁ ଡେରାବିଶ ବ୍ଲକର ଏଣ୍ଡର, ଛଚିଣା, ହଳଦିଆପାଟଣା, ଚାନ୍ଦୋଳ ଖରିଦାସାହି ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏଥିମଧ୍ୟରୁ ଏଣ୍ଡର ବଙ୍ଗାଳି ସାହି ମା' ଦୁର୍ଗାଙ୍କ ପୀଠରେ ଦୁର୍ଗାପୂଜା ବହୁ ପ୍ରାଚୀନ। ତେଣୁ ପ୍ରତିବର୍ଷ ଏଠାରେ ଅନୁଷ୍ଠିତ ଦୁର୍ଗାପୂଜା ଦେଖିବାକୁ ଡେରାବିଶ ସମେତ କେନ୍ଦ୍ରାପଡା, ଯାଜପୁର ଓ କଟକ ଜିଲାର ଶ୍ରଦ୍ଧାଳୁମାନେ ଅପେକ୍ଷା କରିଥାନ୍ତି। ତନ୍ତ୍ର ଆରାଧନାର ପୀଠ ଭାବେ ପ୍ରତିଷ୍ଠିତ ଏଣ୍ଡର ବଙ୍ଗାଳିସାହି ମା'ଙ୍କ ପୀଠରେ ଅନ୍ୟ ପୂଜା ମଣ୍ଡପଠାରୁ ପୂଜାବିଧି ସଂପୂର୍ଣ୍ଣ ନିଆରା। ତେବେ ଚଳିତବର୍ଷ ପୂଜା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ପୂଜା କମିଟିର କର୍ମକର୍ତ୍ତା ଦୁର୍ଗା ପ୍ରସନ୍ନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ସେ କହିଛନ୍ତି ପୂଜା ସମୟରେ ଏହି ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥାଏ। ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଏବେଠାରୁ ପୀଠ ଚଳଚଞ୍ଚଳ ହୋଇପଡିଛି। ଏହି ପୀଠରେ ପୂଜାର ଏକ ବିଶେଷତ୍ୱ ରହିଛି। ଏହା ପଛରେ ଏକ କାହାଣୀ ରହିଥିବା ଲୋକଶ୍ରୁତିରୁ ଜଣାଯାଏ। ତତ୍କାଳୀନ ଆଳି ରାଜା ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲାର ବନମାଳୀ ବ୍ରହ୍ମା ନାମକ ଜଣେ ବ୍ରାହ୍ମଣଙ୍କୁ ନିଜ ରାଜବାଟୀରେ ଥିବା ଦେବାଳୟରେ ପୂଜକ ଭାବେ ନିଯୁକ୍ତି ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ବନମାଳୀଙ୍କୁ ଡେରାବିଶ ସମେତ କିଛି ଅଞ୍ଚଳର ଜମିଦାରୀ ଭାବେ ଦାୟିତ୍ୱ ଅର୍ପଣ କରିଥିଲେ। ବନମାଳୀ ଜଣେ କାଳୀ ସାଧକ ଭାବେ ସେ ସମୟରେ ଜଣାଶୁଣା ଥିଲେ। ଗୋବରୀ ନଦୀର କୂଳରେ ଥିବା ବଣଜଙ୍ଗଲ ଘେରା ଏକ ଶ୍ମଶାନ ଯାହାକି ବନମାଳୀଙ୍କ ଇଲାକା ମଧ୍ୟରେ ଥିଲା। ଏହି ଶ୍ମଶାନରେ ସାଧକ ବନମାଳୀ ନିଜର ସାଧନା କରିବା ସମୟରେ ମା' କାଳୀଙ୍କ ସ୍ୱପ୍ନାଦେଶ କ୍ରମେ ଶରତକାଳୀନ ଦୁର୍ଗାପୂଜା ସହ ଅମାବାସ୍ୟା ତିଥିରେ ମା'ଙ୍କ କାଳୀପୂଜା ଆରମ୍ଭ କରିଥିଲେ। ଏହା ମଧ୍ୟରେ ବନମାଳୀଙ୍କ ବଂଶର ସାତପୁରୁଷ ଅତିକ୍ରମ କରିଯାଇଛି। ମାତ୍ର ବନମାଳୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଦୁର୍ଗାପୂଜାର ଏବେ ବି ପ୍ରସିଦ୍ଧି ରହିଛି। ଏହି ପୂଜାର ବିଶେଷତ୍ୱ ହେଲା ପଣାହାଣ୍ଡି। ସପ୍ତମୀ ତିଥିରୁ ଦଶହରା ଯାଏଁ ମା'ଙ୍କ ନିକଟରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ମାଟିହାଣ୍ଡିରେ ପ୍ରସ୍ତୁତ ପଣା ଲାଗି କରିଥାନ୍ତି। ଏଥିପାଇଁ ଚାରିଦିନ ଧରି ପୀଠ ପରିସର ଚଳଚଞ୍ଚଳ ହୋଇଥାଏ। ଏଥିସହିତ ସମସ୍ତ ପୂଜା ମଣ୍ଡପରେ ଅରୁଆ ପ୍ରସାଦ ସହ ଗୁଆ ଘିଅରେ ତିଆରି ନୈବିଦ୍ୟ ବ୍ୟବସ୍ଥା ଥିବା ବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ସପ୍ତମୀ ତିଥିରୁ ଦଶହରା ଯାଏଁ ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ଅନ୍ନଭୋଗ ଉଷୁନା ଚାଉଳରେ ପ୍ରସ୍ତୁତ ହୋଇଥାଏ। ସୋରିଷ ତେଲରେ ତିଆରି ହୋଇଥିବା ମାଛ ତରକାରୀ, ଶାଗ, ଭଜା ସହ ଦହିପଖାଳ ଭୋଗ ଲାଗିଥାଏ। ଏଥିସହିତ ବିଭିନ୍ନ ପ୍ରକାର ପିଠା ଭୋଗ ହୋଇଥାଏ। ମା'ଙ୍କ ପୂଜାର ଶେଷଦିନ ଅର୍ଥାତ୍ ଦଶହରା ପୂଜା ସମାପ୍ତି ପରେ ୩୨ ଜଣ ଗୋପାଳ ମା'ଙ୍କୁ କାନ୍ଧରେ ନେଇ ନିକଟରେ ଥିବା ଏକ ପୋଖରୀରେ ବିସର୍ଜନ କରିଥାନ୍ତି।

ପରମ୍ପରା ଅନୁଯାୟୀ ଏହି ଗୋପାଳମାନଙ୍କୁ ଧୂଆଁପତ୍ର (ବର୍ତ୍ତମାନ ବିଡି) ଓ ମଣ୍ଡାପିଠା ଦିଆଯିବା ବ୍ୟବସ୍ଥା ରହିଥିବା କମିଟିର କର୍ମକର୍ତ୍ତା ହରେକୃଷ୍ଣ ଗୋସ୍ୱାମୀ କହିଛନ୍ତି। ସେ କହିଛନ୍ତି ବାପ ଘରକୁ ଆସିଥିବା ବିବାହିତ ଝିଅକୁ ଯେଉଁ ମାନ୍ୟତା ଦିଆଯାଏ, ମା'ଙ୍କୁ ଆମେ ଆମର ଝିଅ ବୋଲି ଭାବି ସେହି ଭାବରେ ପୂଜା ଅର୍ଚ୍ଚନା କରିଥାଉ। ବାପଘରକୁ ଝିଅ ଆସିଲେ ବିଭିନ୍ନ ପ୍ରକାର ଗାଉଁଲି ଖାଦ୍ୟ ଯେପରି ବ୍ୟବସ୍ଥା କରାଯାଇଥାଏ ମା'ଙ୍କ ନିକଟରେ ପ୍ରଥମରୁ ଏହିପରି ଖାଦ୍ୟ ଭୋଗ କରାଯାଇଥାଏ। ଘରର ସମସ୍ତ ମହିଳା ଅତି ନିଷ୍ଠାର ସହ ମା'ଙ୍କୁ ନିଜ ବାପଘରର ଝିଅ ଭାବରେ ସ୍ୱାଗତ ଜଣାଇବା ସହ ଚାରି ଦିନ ଧରି ପୂଜାରେ ଲାଗୁଥିବା ଭୋଗକୁ ପ୍ରସ୍ତୁତ କରିଥାନ୍ତି। ଦଶହରା ଦିନ ମେଲାଣି ସମୟରେ ମା'ଙ୍କୁ ଶୋକାତୁର ଭାବେ ମହିଳାମାନେ ମେଲାଣି ଦେଇଥାନ୍ତି। ଏ ସଂପର୍କରେ ପୂଜକ ଦେବାଶିଷ ଚାଟାର୍ଜୀ କୁହନ୍ତି ଏହି ପୀଠ ଏକ ତନ୍ତ୍ରପୀଠ ହୋଇଥିବାରୁ ମା'ଙ୍କୁ ବଙ୍ଗୀୟ ମତରେ ତନ୍ତ୍ର ଆରାଧନା ସହ ପୂଜା କରାଯାଇଥାଏ। ଏହି ପୂଜାରେ ବଙ୍ଗାଳି ସାହିର ସାତୋଟି ପରିବାର ସମସ୍ତ ଖର୍ଚ୍ଚ ବହନ କରିବା ସହ ପୂଜକ ଭାବେ ଏକ ପାରିବାରିକ ବ୍ୟବସ୍ଥା ରହିଥିବା କହିଛନ୍ତି। ବହୁ ଅଭାବ ଅନଟନ ମଧ୍ୟରେ ଏହି ପୂଜାକୁ କେବେ ବି ବନ୍ଦ କରାଯାଇନାହିଁ। ପୂର୍ବ ଅପେକ୍ଷା ଏବେ ପୂଜା ବହୁ ଆଡମ୍ବରରେ କରାଯାଉଛି। ତେବେ ପୂଜାରେ ପୁସ୍ତକାଚାର୍ଯ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପୀତାମ୍ବର ମିଶ୍ର କୁହନ୍ତି ନିଜର ମାନସିକ ଏହି ମା'ଙ୍କ ପୀଠରେ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଚଳିତବର୍ଷ ପୂଜାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଡେରାବିଶ ଥାନା ଓ ଜଲା ପ୍ରଶାସନକୁ ଅନୁରୋଧ କରାଯାଇଥିବା ଏଣ୍ଡର ସରପଞ୍ଚ ଅମ୍ବିକା ଅଞ୍ଜଳି ସିଂହ କହିଛନ୍ତି।



ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ।

# ଉଡ଼ନ୍ତା ଅବସ୍ଥାରେ ମହିଷାସୁରକୁ ମାରିବେ ମା'

ଜଗତ୍‌ସିଂହପୁର ଅଫିସ,୧୩।୧୦





ମା' ପୂର୍ଣ୍ଣମାସୀ ପୂଜା କମିଟି

ପାଖେଇ ଆସୁଛି ଦୁର୍ଗା ପୂଜା। ଏନେଇ ଜଗତ୍‌ସିଂହପୁର ସହରରେ ପାର୍ବଣର ମାହୋଲ ଅନୁଭବ ହେଲାଣି। ବିଭିନ୍ନ ପୂଜା କମିଟି ଓ କ୍ଲବ ପକ୍ଷରୁ ପୂଜା କିପରି ଅଧିକ ଆକର୍ଷଣୀୟ ହୋଇପାରିବ ସେନେଇ ତତ୍ପରତା ପ୍ରକାଶ ପାଇଛି। ମୂର୍ତ୍ତି ନିର୍ମାଣ କାମ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ବିଗତବର୍ଷଗୁଡିକ ପରି ଚଳିତବର୍ଷ ମଧ୍ୟ ମେଢ, ଆଲୋକ ସାଜସଜ୍ଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଧ୍ୟାନ ଦିଆଯାଉଛି। ତେବେ ଏବର୍ଷ ଜଗତ୍‌ସିଂହପୁରର ମା ପୂର୍ଣ୍ଣମାସୀ ପୂଜା କମିଟି ପକ୍ଷରୁ ପୂର୍ବବର୍ଷ ପରି ମହିଷାସୁର ବଧ କରାଯିବ। ଗତଥର ମହିଷାସୁରକୁ ମା'ପାଦରେ ଦଳି ନିଧନ କରିବାର ଦୃଶ୍ୟ ଦେଖିବାକୁ ମିଳିଥିବାବେଳେ ଚଳିତଥର ମା' ଉଡ଼ନ୍ତା ଅବସ୍ଥାରେ ବଦ୍ଧ କରିବା ଦୃଶ୍ୟ ଆକର୍ଷଣ ସୃଷ୍ଟି କରିବ। ଏଥିସହ ଭସାଣି ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ବିଶେଷକରି ଶୈବ ଉପାସନାରେ ହୁଏ। କିନ୍ତୁ ପୂର୍ଣ୍ଣମାସୀ ପୂଜା କମିଟି ପକ୍ଷରୁ ଦୁର୍ଗାମାଧବ ଉପାସନାରେ ପୂଜା ହେଉଛି, ଯାହାକି ସ୍ୱତନ୍ତ୍ର। ଏଠାରେ ପୂଜା ୧୨ ବର୍ଷରେ ପହଞ୍ଚିଛି। ମୂର୍ତ୍ତି ନିର୍ମାଣ କାମ ସରିଗଲାଣି। ଚଳିତବର୍ଷ ମା'ଙ୍କ ମୂର୍ତ୍ତିର ଉଚ୍ଚତା ୧୦ ଫୁଟରେ ସୀମିତ ରଖାଯାଇଛି। ମହିଷାଶୁର ୬ ଫୁଟ ରହିଛି। ମୂର୍ତ୍ତି ପାଇଁ ମାଟି କଲିକତାରୁ ଆସିଛି। ୮ ବର୍ଷ ହେବ ଗଙ୍ଗାକୂଳରୁ ମାଟି ଆଣି ମା'ଙ୍କ ମୃଣ୍ମୟୀ ପ୍ରତିମା ତିଆରି ହେଉଛି। ମିସ୍ତ୍ରୀ ମଧ୍ୟ କଲିକତାର। ଚଳିତବର୍ଷ ମିସ୍ତ୍ରୀ ୪ ବସ୍ତା ମାଟି ଆଣି ଏଠାରେ ମୂର୍ତ୍ତି ନିର୍ମାଣ କରିଛନ୍ତି। ମଇଁଷି ଉପରେ ମହିଷାଶୁର ବସିଥିବାବେଳେ ମା ଦୁର୍ଗା ସିଂହ ଉପରେ କ୍ରୋଧାନ୍ୱିତ ଅବସ୍ଥାରେ ଅଛନ୍ତି। ମା' ଯେଭଳି ଭାବେ ଉଡ଼ନ୍ତା ଅବସ୍ଥାରେ ମହିଷାସୁରକୁ ବଧ କରୁଛନ୍ତି ତାହା ସମସ୍ତଙ୍କୁ ଆକର୍ଷିତ କରିବ। ଏଥିସହ ପେଚା ଉପରେ ଲକ୍ଷ୍ମୀ, ହଂସ ଉପରେ ସରସ୍ୱତୀ, ମୟୂର ଉପରେ କାର୍ତ୍ତିକ ଏବଂ ମୂଷା ଉପରେ ଗଣେଶ ବିରାଜମାନ କରିଛନ୍ତି। ମେଢ ସୁନ୍ଦର ଓ ଉଚ୍ଚ କରାଯାଇଛି। ଆଲୋକ ସାଜସଜ୍ଜା, ବାଦ୍ୟରୋଳ ଏବଂ ରୀତିନୀତି ଅନୁଯାୟୀ ଏଠାରେ ପୂଜାପାଠ ଚାଲିବ। ଯେଉଁମାନେ ନବମୀ ଦିନ ମା'ଙ୍କ ଦର୍ଶନରେ ଆସିବେ ସେମାନଙ୍କୁ ବୁନ୍ଦି ଓ ପୁରୀ ଭୋଗ ଦିଆଯିବ। ଦଶହରା ଦିନ ଦହି, ପଖାଳ ବ୍ୟବସ୍ଥା କରାଯିବ। ଏଥର ଭସାଣିକୁ ଧୂମଧାମରେ କରିବାକୁ କମିଟି ନିଷ୍ପତ୍ତି ନେଇଛି। ନାଗାର୍ଜୁନ ଓ ଦୁର୍ଗା ବେଶ ନୃତ୍ୟ ପରିବେଶଣ ପାଇଁ ପୁରୀରୁ ଆସିବେ ଏକ ଦଳ। ସେହିପରି ଷଣ୍ଢ, ଘୋଡା, ବୁଢାବୁଢି ଓ ମୟୁରୀ ଆଦି ନାଚ ପାଇଁ ଯାଜପୁରରୁ ଏକ ଦଳ ଆସିବ। ଘୁମୁରି ପାର୍ଟି କେନ୍ଦ୍ରାପଡ଼ା, ଢୁଲ ବାଜା ଓ ସିଙ୍ଗ ବାଜା ନାଉଗାଁରୁ ଆସିବ। ଛତ୍ର, ଛତ୍ରୀ, ପତାକା ଆଦି ନୃତ୍ୟ ମଧ୍ୟ ଦେଖିବାକୁ ମିଳିବ। ତେବେ ପାଖାପାଖି ୫୦୦ ମିଟର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ମେଢ ସହର ପରିକ୍ରମା କରିବ। ଥାନପତି ମହାଦେବ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ପୂଜାରେ ସାନ ବଜାରର ପାଖାପାଖି ୬୦୦ ଦୋକାନୀ ଏବଂ ଦେଉଳି ଗ୍ରାମେଶ୍ୱରର ୪୦୦ ପରିବାର ସଦସ୍ୟଙ୍କ ଅକୁଣ୍ଠ ସହଯୋଗ ରହିଛି।

■ଭସାଣିରେ ବିଭିନ୍ନ ପ୍ରାନ୍ତରୁ ଆସିବେ ନୃତ୍ୟ ଦଳ

■ଦଶହରାରେ ଦହିପଖାଳ ଆକର୍ଷଣ



" ସମସ୍ତ ରୀତିନୀତି ସହ ଷୋଡ଼ଶ ଉପଚାରରେ ମା'ଙ୍କ ପୂଜାର୍ଚ୍ଚନା କରାଯାଏ। ଫାଇଲିନ୍ ଯୋଗୁ ଗତଥର ଭସାଣି ପୂର୍ବରୁ ମଣ୍ଡପ ଭାଙ୍ଗି ଯାଇଥିଲା। ସୌଭାଗ୍ୟବଶତଃ ଏଥର ତିତ୍‌ଲି କୋପରୁ ଜଗତ୍‌ସିଂହପୁର ବର୍ତ୍ତିଯାଇଛି। ତେଣୁ କମିଟି ସଭ୍ୟମାନଙ୍କ ମଧ୍ୟରେ ଯେଉଁ ଶଙ୍କା ଥିଲା ତାହା ଦୂର ହୋଇଯାଇଛି। ପ୍ରତ୍ୟେକଙ୍କ ମନରେ ପୂର୍ବପରୁ ଆନନ୍ଦ ଉଲ୍ଲାସ ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକଙ୍କ ସହଯୋଗରେ ପୂଜା ହେଉଥିବାରୁ ନିଆରା ପରିବେଶ ସୃଷ୍ଟି କରିଛି। ଏବର୍ଷ ମଧ୍ୟ ମୁସଲମାନ ଭାଇମାନେ ଅଧିକ ଚାନ୍ଦା ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

-ରାଜକିଶୋର ଖଟୁଆ, ସଭାପତି, ମା ପୂର୍ଣ୍ଣମାସୀ ପୂଜା କମିଟି।



" କରମଳାର ଅଧିଷ୍ଠାତ୍ରୀ ଦେବୀ ମା ପୂର୍ଣ୍ଣମାସୀ ଜଗତ୍‌ସିଂହପୁର ବସଷ୍ଟାଣ୍ଡରେ ପୂଜା ପାଇଆସୁଛନ୍ତି। ତେଣୁ ମା'ଙ୍କ ପୂଜାପାଠ କମିଟି କରିଆସୁଛି। ୯ମୀରେ କାଳିକା ନୃତ୍ୟ ଓ ଦଶହରାରେ ଦହି ପଖାଳ ବେଶ୍ ଆଦୃତ। ଏଥିସହ ଚଣ୍ଡୀପାଠ, ମହାଷ୍ଟମୀ ବଳିଦାନ ଆଦି ରୀତିନୀତି ଅନୁସାରେ ହେବ। ବର୍ତ୍ତମାନ ସୁଦ୍ଧା ଦୁର୍ଗାପୂଜା ଶାନ୍ତି ଓ ଶୃଙ୍ଖଳାର ସହ ହୋଇଆସିଛି। ଏଥିସହ ଚଳିତବର୍ଷ ମା'ଙ୍କ ଆଗମନ ଧରାପୃଷ୍ଠରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଆଣିଦେଉ। ବିଶ୍ୱବାସୀ ସୁଖ ଓ ଶାନ୍ତିରେ ରୁହନ୍ତୁ। ଏହା ହିଁ ମାଙ୍କ ପାଖରେ ପ୍ରାର୍ଥନା।

-ପ୍ରଫୁଲ୍ଲ କୁମାର ଦୁବେ, ସମ୍ପାଦକ, ମା ପୂର୍ଣ୍ଣମାସୀ ପୂଜା କମିଟି।

# ଜଳମଗ୍ନ ଗାଁ, ୨୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଲା


ପାଣି ଘେରରେ ଥିବା ଏକ ପରିବାର।

ବାଲିକୁଦା,୧୩।୧୦(ସ୍ୱ.ପ୍ର.)

ତିତ୍‌ଲି ବର୍ଷା ଦ୍ୱାରା ବାଲିକୁଦା ବ୍ଲକ କୁଶୁପୁର ପଞ୍ଚାୟତର ତେନ୍ତୁଲିବେଲାରୀ ଗାଁ ଜଳମଗ୍ନ ହୋଇଯାଇଛି। ଏହି ଗାଁର ୨୦ରୁ ଉର୍ଦ୍ଧ୍ୱ କଚ୍ଚାଘର କାନ୍ଥ ଭୁଶୁଡି ପଡିଛି। ଶତାଧିକ ପରିବାର ଏବେ ଜଳବନ୍ଦୀ ହୋଇ ରହିଛନ୍ତି। ଏମାନଙ୍କ ଚୁଲିରେ ପାଣିପାଣି ପଶି ଯାଇଥିବାରୁ ରୋଷେଇ ମଧ୍ୟ କରି ପାରୁନାହାଁନ୍ତି। କେବଳ ଶୁଖିଲା ଖାଦ୍ୟ ଖାଇ ଲୋକେ ୩ଦିନ ହେବ ଅଛନ୍ତି। ଏତେ ଦୁର୍ଦ୍ଦଶା ହେଲା ପରେ ମଧ୍ୟ ବ୍ଲକ ପ୍ରଶାସନ ଏମାନଙ୍କ ନିକଟରେ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନ ସେଠାରେ ପହଞ୍ଚି ବିପନ୍ନ ପରିବାଙ୍କୁ ସହାୟତା ଯୋଗାଇବାକୁ ସରପଞ୍ଚ ମମତା ମଞ୍ଜରୀ ହାତୀ ଦାବି କରିଛନ୍ତି। ଗ୍ରାମର ସମୀର ଜେନା, ରମେଶ ବିଶ୍ୱାଳ, ଦିଲୀପ ମହାରଣା, ସୁବାସ ମହାରଣା, ନିଶାକର ଓଝା, ଅଜୟ ମହାରଣା, ଅତୁଲି ସେଠୀ, ଲକ୍ଷ୍ମୀଧର ଲେଙ୍କା, ରାମଚନ୍ଦ୍ର ଲେଙ୍କା, ଦେକଣିର ଶାମ ସିଂଙ୍କ ମାଟି କାନ୍ଥ ଭୁଶୁଡି ପଡିଛି। ଶହ ଶହ ଏକର ଧାନ ଜମି ଏବେ ଜଳମଗ୍ନ ହୋଇରହିଛି।

ଧରିତ୍ରୀ
DHARITRI
Quiz No.2
Puja Quiz- 2018
Main Sponsor
TVS
Co-Sponsors
CENTRAL
Nikon
☑Tick mark the box which is correct
୧. ଉତ୍ତର ମେରୁରେ ପଦାର୍ପଣ କରିଥିବା ପୃଥିବୀର ପ୍ରଥମ ବ୍ୟକ୍ତି ?
କ. ରବର୍ଟ ପେରୀ ☐ ଖ. ନିଲ ଆର୍ମଷ୍ଟ୍ରଙ୍ଗ୍ ☐ ଗ. ଆମଣ୍ଡସନ ☐ ଘ. ଜୁଙ୍କୋ ତାବେଇ ☐
୨. ପବିତ୍ର ରାଜ୍ୟ ପୃଥିବୀରେ କାହାକୁ କୁହାଯାଏ ?
କ. ଓଡ଼ିଶା ☐ ଖ. ପାଲେଷ୍ଟାଇନ୍ ☐ ଗ. ପଞ୍ଜାବ ☐ ଘ. ଚିକାଗୋ ☐
୩. ପୃଥିବୀର ଦୀର୍ଘତମ ନଦୀ ?
କ. ଆମାଜନ ☐ ଖ. ନୀଳନଦୀ ☐ ଗ. ଅବରିଟସ ☐ ଘ. ମିସୋରି ମିସିସିପି ☐
୪. ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ପୃଥିବୀର ପ୍ରଥମ ବ୍ୟକ୍ତି ?
କ. ସଲି ପ୍ରୁଧୋମେ ☐ ଖ. ଜିନ୍ ହେନେରୀ ଡୁନାଣ୍ଟ ☐ ଗ. ଜନ ଟିମ୍ବର ଜେନ ☐ ଘ. ଆନ୍ ବାନ୍‌କ୍ରଫଟ ☐
୫. Pb କେଉଁ ମୌଳିକର ପ୍ରତୀକ ?
କ. ସିଲ୍‌ଭର ☐ ଖ. ଲେଡ୍ ☐ ଗ. ଗୋଲଡ୍ ☐ ଘ. ସୋଡିୟମ ☐
Participant's Name:
Address:
Education
Mobile: Age:
E-mail:
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 2
B-15, Industrial Estate, Rasulgarh, Bhubaneswar-10




## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳା ଗୁରୁତର

**ମହାକାଳପଡା, ୧୩।୧୦(ଡି.ଏନ୍.ଏ.):** ଚାଷ ଜମିରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଶନିବାର ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ମହାକାଳପଡା ବ୍ଲକ ବଉଳକଣୀ ପଞ୍ଚାୟତ ଅନ୍ତର୍ଗତ ଛପାଲି ଗ୍ରାମର ଛବି ରାଉତ(୫୦)। ସେ ନିକଟସ୍ଥ ଚାଷ ଜମିକୁ ଘାସ କାଟିବାକୁ ଯାଇଥିଲେ। ବର୍ଷା ପବନ ଯୋଗୁ ପୂର୍ବରୁ ଉକ୍ତ ଜମି ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ତଳକୁ ଓହଳି ପଡିଥିଲା। କୌଣସି କାରଣରୁ ଛବି ଧରିଥିବା ଦା ସହ ଉକ୍ତ ତାର ଲାଗିଯାଇଥିଲା। ଫଳରେ ସେ ସଂଜ୍ଞାହୀନ ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖବରପାଇ ମହାକାଳପଡା ସେସୁର ବିଭାଗୀୟ ଯନ୍ତ୍ରୀ ଚନ୍ଦ୍ରଶେଖର ଦାସ ଚିକିତ୍ସାଳୟରେ ପହଞ୍ଚି ଛବିଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

### ନବନିର୍ମାଣ କୃଷକ ସଂଗଠନର ପ୍ରସ୍ତୁତି ବୈଠକ

**ଏରସମା,୧୩।୧୦(ସ୍ୱ.ପ୍ର.):** ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଭୁବନେଶ୍ୱରରେ ହେବାକୁ ଥିବା ସପ୍ତାହବ୍ୟାପି ପଦଯାତ୍ରା ଓ ସତ୍ୟାଗ୍ରହକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ ସଭାଗୃହରେ ଅନୁଷ୍ଠିତ ସଭାରେ କୃଷକ ନେତା କରୁଣାକର ମଲ୍ଲ ସଭାପତିତ୍ୱ କରିଥିଲେ। ସଂଗଠନର ରାଜ୍ୟ କମିଟି ସଦସ୍ୟ ପ୍ରସନ୍ନ କୁମାର କଅଁର ଯୋଗ ଦେଇ ବିଭିନ୍ନ ଦାବି ଉପରେ ଆଲୋକପାତ କରି ସଚେତନତା ସୃଷ୍ଟି କରିଥିଲେ। ସେ କହିଲେ,ଓଡିଶାର ୩୬ ଲକ୍ଷ ଚାଷୀ ପରିବାରକୁ ମାସିକ ୫ ହଜାର ସୁରକ୍ଷା ଭତ୍ତା ଦେବା ଆବଶ୍ୟକ ହେଉଥିବାବେଳେ ତାହା ଦିଆଯାଉନି। ଅଥଚ ବିଗତ ୫୦ ବର୍ଷର ରାଜନେତା ଓ ସରକାରୀ କର୍ମଚାରୀଙ୍କ ଦରମା ଆଶାତୀତ ବୃଦ୍ଧି କରାଯିବା ଦୁର୍ଭାଗ୍ୟ ଜନକ। ସରକାରଙ୍କ ପକ୍ଷରୁ ଶୀତଳଭଣ୍ଡାର ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଚାଷୀ ଉତ୍ପାଦିତ ପରିବାକୁ ବାଧହୋଇ କମ ମୂଲ୍ୟରେ ବିକ୍ରି କରୁଛି। ତେଣୁ ଚାଷୀ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ, ଚାଷୀକୁ ସମ୍ମାନ ଓ ସୁରକ୍ଷା ଭତ୍ତା ପ୍ରଦାନ କରିବା ଜରୁରୀ। ଏଥିରେ ବ୍ଲକ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରବି ଦାସ, ନିବାରଣ ନାୟକ, ବ୍ଲକ ସଂଯୋଜକ ଅମୂଲ୍ୟ ମହାନ୍ତି, ସହସଂଯୋଜକ ଅମ୍ବିକା ପ୍ରସାଦ ମହାନ୍ତି, ବିଜୟ ବେହେରା, ହେମନ୍ତ ଖଣ୍ଡୁଆଳ, ରବୀନ୍ଦ୍ର ଖଣ୍ଡୁଆଳ, ପ୍ରଦୀପ୍ତ ଖଣ୍ଡୁଆଳ ପ୍ରମୁଖ ଶତାଧିକ ଚାଷୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପାରାଦୀପବାସୀଙ୍କ ଦୁଃଖ ଉତ୍ତରାପବନ

ପାରାଦୀପ,୧୩।୧୦(ସ୍ୱ.ପ୍ର.)

■ବନ୍ଦରରୁ ଉଡି ଆସୁଛି ଧୂଳି, କୋଇଲା ଗୁଣ୍ଡ

■ଘରେ, ବାହାରେ ଜମୁଛି କଳା ଆସ୍ତରଣ

ବନ୍ଦର ଭିତ୍ତିକ ଶିଳ୍ପ ସହର ପାରାଦୀପରେ ମାତ୍ରାଧିକ ପ୍ରଦୂଷଣ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏ ପରିସ୍ଥିତିରେ ସହରାଞ୍ଚଳବାସୀଙ୍କ ପାଇଁ ବେଶି ଦୁଃଖ ଆଣିଦେଇଛି ଉତ୍ତରାପବନ। କାରଣ ସହରର ଉତ୍ତର ପାର୍ଶ୍ୱରେ ବନ୍ଦର ନିଷିଦ୍ଧାଞ୍ଚଳ ରହୁଥିବାରୁ ସେଠାରୁ ବିଭିନ୍ନ ପ୍ରକାର ପଣ୍ୟ ସାମଗ୍ରୀରୁ ଧୂଳି, କୋଇଲା ଗୁଣ୍ଡ ଓ ବିଭିନ୍ନ ରାସାୟନିକ ପଦାର୍ଥର ଗୁଣ୍ଡ ଉଡିଆସି ଲୋକଙ୍କ ଘରେ, ରାସ୍ତାଘାଟରେ ଜମି ରୁହେ।

ସାଧାରଣତଃ ଅକ୍ଟୋବରରୁ ଫେବୃୟାରୀ ପର୍ଯ୍ୟନ୍ତ ଶୀତଦିନିଆ ଉତ୍ତରା ପବନ ବହିଥାଏ। ଏହା ଫଳରେ କଳାଗୁଣ୍ଡ ଉଡି ଆସି ଘର ଭିତର ଓ ବାହାରେ ଆସ୍ତରଣ ଜମିଯାଏ। ଏପରିକି ଗଛର ମୌଳିକ ସବୁଜ ରଙ୍ଗ ଧୀରେ ଧୀରେ ବଦଳି କଳା ହୋଇଯାଏ। ରାସ୍ତାରେ କଳାଗୁଣ୍ଡ ଆସ୍ତରଣ ପ୍ରଭାବ ବେଶି ମାତ୍ରାରେ ଦେଖିବାକୁ ମିଳେ। ଗାଡି ଚଳାଚଳ ସମୟରେ ତାହା ଉଡି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରେ। ସେହି ଧୂଳିରେ ଭିତରେ କିଛି ସମୟ ବୁଲି ଆସିଲେ ଆପଣାଛାଏଁ ପୋଷାକ ଓ ଶରୀର ରଙ୍ଗ ବଦଳି ଯାଏ। ଏମିତି ପ୍ରତିବର୍ଷ ଶୀତଦିନେ ହେଉଛି। ପାରାଦୀପ ବନ୍ଦର ମଧ୍ୟରେ ଲୁହାପଥର ଓ କୋଇଲା ବୋଝେଇ ଖଲାସ ହେବା ସହ ଗଚ୍ଛିତ ରହୁଛି। ସେଥିରୁ ଗୁଣ୍ଡ ପବନରେ ଉଡି ସହରାଞ୍ଚଳକୁ ଆସୁଛି। ଏଥିସହ ପଣ୍ୟ କାରବାରରେ ନିୟୋଜିତ ଭାରିଯାନ ଚଳାଚଳ ବେଳେ ସେଥିରୁ ଗୁଣ୍ଡ ଉଡି ରାସ୍ତାରେ ପଡେ। ଗାଡି ଚଳାଚଳ ଯୋଗୁ ସେହି ଗୁଣ୍ଡ ଉଡେ। ଦୁଇ ସାର କାରଖାନା ଇଫ୍‌କୋ, ପିପିଏଲର ଜିପ୍‌ସମ ଗୁଣ୍ଡ ଆସ୍ତରଣ ଏଥିରେ ମିଶିବା ଦ୍ୱାରା ବିବିଧ ରଙ୍ଗର ଧୂଳି ଦେଖାଯାଏ। ସୂଚନାଯୋଗ୍ୟ, ଦେଶର ସର୍ବାଧିକ ୮୮ଟି ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୪ଟି ସ୍ଥାନ ରହିଛି। ସେଗୁଡିକହେଲା ଝାରସୁଗୁଡ଼ା, ଇବ୍ ଭ୍ୟାଲି, ଅନୁଗୁଳ-ତାଳଚେର ଓ ପାରାଦୀପ। ରାଜ୍ୟର ଖଣି ଅଞ୍ଚଳରେ ବାର୍ଷିକ ୧୨୦ ମିଲିୟନ ମେଟ୍ରିକ ଟନ ପଣ୍ୟ କାରବାର ହେଉଛି। ଏଥିସହ ୧୫ ବୃହତ ଶିଳ୍ପ ଓ ୪୦ରୁ ଅଧିକ ଆନୁସଙ୍ଗିକ ଶିଳ୍ପ ପାରାଦୀପରେ ରହିଛି। ପେଟ୍ରୋ କେମିକାଲ, ରସାୟନ, କାର୍ବନ ଓ ପଣ୍ୟ ସାମଗ୍ରୀରୁ ସବୁ ସମୟରେ ପ୍ରଦୂଷଣ ହେଉଛି। ପ୍ରଦୂଷଣର ପ୍ରତିକାର ପାଇଁ ପ୍ରତ୍ୟେକ ଶିଳ୍ପ ସଂସ୍ଥା ସେମାନଙ୍କ ମୂଳ ଜାଗାର ୩୩ ପ୍ରତିଶତ ବନୀକରଣ କରିବା କଥା। କିନ୍ତୁ କୌଣସି ସଂସ୍ଥା ଏପରି କରୁନାହାନ୍ତି। ଏସବୁ ଯାଞ୍ଚ କରିବାକୁ ଥିବା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏଥିପ୍ରତି ନୀରବ ଦ୍ରଷ୍ଟା ସାଜିଛି। ଅନ୍ୟପକ୍ଷରେ ବ୍ୟାପକ ହେନ୍ତାଳ ବଣ ଧ୍ୱଂସ କରାଯାଚାଲିଛି।

# ୧୫ରୁ ଦାମଙ୍କ ପ୍ରଶାନ୍ତ ହଟାଅ ଅଭିଯାନ

ଏରସମା,୧୩।୧୦(ସ୍ୱ.ପ୍ର.)

ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ଚେକ୍ ଦେବାକୁ ପାରଦୀପ ବିଧାୟକ ଦାମୋଦର ରାଉତ ଆସନ୍ତା ୧୫ ତାରିଖରେ ଏରସମା ମାଟିରୁ ପ୍ରଥମ ଅଭିଯାନ ଆରମ୍ଭ କରିବେ। ଦାମଙ୍କ ଏହି ଅଭିଯାନର ମଙ୍ଗ ଧରିଛନ୍ତି ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା କଂଗ୍ରେସ ନେତା ସାରଦା ପ୍ରସନ୍ନ ଜେନା ଓ ବିଜେଡିର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କିଶୋର ତ୍ରିପାଠୀ। ଏ ସମ୍ପର୍କରେ ଏରସମାରେ ଜୋରଦାର ପ୍ରଚାର ଚାଲିଛି। ଉପରୋକ୍ତ ଦୁଇ ନେତା ଲୋକଙ୍କୁ ଏକତ୍ରିତ କରୁଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବାଲିକୁଦା-ଏରସମା ଦୁର୍ନୀତି ପ୍ରତିରୋଧ ସଂଗ୍ରାମ ସମିତି ପକ୍ଷରୁ ବ୍ଲକ ସଦରମହକୁମାସ୍ଥିତ ଆଞ୍ଚଳିକ ଯୁବ ପରିଷଦ ପଡିଆରେ ଏହି ସମାବେଶ ହେବ। ଏଥିରେ ଦାମଙ୍କ ସହ ପୂର୍ବତନ ଏମପି ବୈଜୟନ୍ତ ପଣ୍ଡା, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ପୂର୍ବତନ ଜିଲା ପରିଷଦ ସଭ୍ୟ ଜେନା ସୂଚନା ଦେଇଛନ୍ତି। ତେବେ ଦାମଙ୍କ ଏହି ରାଜନୈତିକ ସମର ସଜା ପ୍ରଶାନ୍ତଙ୍କୁ କେତେଦୂର ପ୍ରଭାବିତ କରୁଛି ତାହା ଦେଖିବାର ଅଛି।

# ବ୍ୟାଙ୍କରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ

ପାରାଦୀପ,୧୩।୧୦(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଗଡ଼ ବଜାରରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ବ୍ୟାଙ୍କର ବହୁ ଆସବାବପତ୍ର ପୋଡ଼ିଯାଇଛି। ଏସି, ଟେବୁଲ, ଚେୟାର, କାଗଜପତ୍ର, କ୍ୟାବିନ ଆଦି ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଶଟ୍ ସର୍କିଟରୁ ଏପରି ଘଟିଥିବା କୁହାଯାଉଛି। ମାସର ଦ୍ୱିତୀୟ ଶନିବାର ଥିବାରୁ ବ୍ୟାଙ୍କ ବନ୍ଦ ଥିଲା। ସନ୍ଧ୍ୟାରେ ଅଗ୍ନିକାଣ୍ଡ ଦେଖି ସ୍ଥାନୀୟ ଲୋକେ ବ୍ୟାଙ୍କ କର୍ମଚାରୀ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। କୁଜଙ୍ଗ ଓ ପାରଦାପ ବନ୍ଦର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୋଲିସ, ବ୍ୟାଙ୍କ କର୍ମଚାରୀ ପହଞ୍ଚି ଟଙ୍କା ସୁରକ୍ଷିତ ରଖିବାକୁ ବ୍ୟବସ୍ଥା କରିଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରୁ ବ୍ୟାଙ୍କକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାରରୁ ଶଟ୍ ସର୍କିଟ ହୋଇ ନିଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ ବୋଲି କହିଛନ୍ତି।


ପୋଡ଼ିଯାଇଥିବା ଆସବାବପତ୍ର



## ସଂକ୍ଷେପରେ

### ନାଳରେ ଭାସିଗଲେ ୨ ଛାତ୍ରୀ

ଶଙ୍କରାଖୋଲ, ୧୩।୧୦ (ଡି.ଏନ୍.ଏ.)- କନ୍ଧମାଳ ଜିଲା ଟିକାବାଲି ବ୍ଲକ ବୁଦ୍ଦୁଗୁଡ଼ାରୀ ଗ୍ରାମର ୨ ଜଣ ଅଷ୍ଟମଶ୍ରେଣୀ ଛାତ୍ରୀ ଶନିବାର ନାଳକୁ ଗାଧୋଇବାକୁ ଯାଇ ଭାସିଯାଇଛନ୍ତି। ସେମାନେ ହେଲେ ମାଳତି ମହାକୁଡ଼ ଓ କୁସୁମ ବେହେରା। ଗାଧୋଇବା ଘାଟର କିଛି ଦୂରରୁ ମାଳତୀଙ୍କୁ ଗ୍ରାମବାସୀ ଉଦ୍ଧାର କରି ଟିକାବାଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅନ୍ୟପଟେ କୁସୁମ ନିଖୋଜ ଅଛନ୍ତି। ଟିକାବାଲି ଅଗ୍ନିଶମ ବିଭାଗ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ ମଧ କୁସୁମଙ୍କର କୌଣସି ପତ୍ତା ମିଳିନାହିଁ। ବୁଦ୍ଦୁଗୁଡ଼ାରୀ ଗ୍ରାମର ସୂର୍ଯ୍ୟକାନ୍ତି ମହାକୁଡ଼ଙ୍କ ଝିଅ ମାଳତି ଏବଂ ତାଙ୍କ ସାଙ୍ଗ କୁସୁମ ମିଶି ଗାଁ ନିକଟ ନାଳକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଉଭୟଙ୍କ ଗୋଡ଼ ଖସିଯିବାରୁ ଭାସିଯାଇଥିଲେ।

### ଛୁଆ ହାତୀ ମୃତଦେହ ଉଦ୍ଧାର

ପାଲଲହଡ଼ା, ୧୩।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ରେଞ୍ଜ ବନ୍ଧକାନି ଗ୍ରାମ ନିକଟ ହତିବିନ୍ଧା ଖସଡ଼ା ଜଙ୍ଗଲ ମଧରୁ ଶନିବାର ଏକ ଛୁଆ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ଏହାର ବୟସ ଦେଢ ମାସ ହେବ ବୋଲି ଜଣାପଡ଼ିଛି। କିଛିଦିନ ହେବ ଏହି ଜଙ୍ଗଲରେ ହାତୀ ପଲ ସହ ରହୁଥିଲା। ଜ୍ୱର ଏବଂ ଅତ୍ୟଧିକ ସଂକ୍ରମଣ ଯୋଗୁ ହାତୀଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବିଭାଗ ପକ୍ଷରୁ ବ୍ୟବଚ୍ଛେଦ ପରେ ହାତୀ ମୃତଦେହକୁ ଜଙ୍ଗଲରେ ପୋତି ଦିଆଯାଇଥିବା ଖମାର ରେଞ୍ଜର ରମାକାନ୍ତ ସେଠୀ ସୂଚନା ଦେଇଛନ୍ତି।

### ଗାଈ ଚରାଳିଙ୍କୁ ହତ୍ୟା

ନନ୍ଦପୁର, ୧୩।୧୦(ଡି.ଏନ୍.ଏ): କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ କସନ୍ଧି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଡ୍ରା ଗ୍ରାମର ରଘୁ ହନ୍ତାଳ(୫୫)ଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ତ୍ରୀ ଡ଼ମାଇ ଶନିବାର ନନ୍ଦପୁର ଥାନାରେ ଏତଲା ଦେଇଛନ୍ତି। ରଘୁ ଗ୍ରାମର ରାମଚନ୍ଦ୍ର ହନ୍ତାଳଙ୍କ ସମେତ ଅନ୍ୟ ୪ ଜଣଙ୍କ ସହିତ ଶୁକ୍ରବାର ଗାଈ ଚରାଇବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଅନ୍ୟମାନେ ଘରକୁ ଫେରିଥିଲେ ମଧ ରଘୁ ଫେରି ନ ଥିଲେ। ପରିବାର ଓ ଗାଁ ଲୋକେ ଖୋଜାଖୋଜି କରିଥିଲେ ମଧ ବିଳମ୍ବିତ ରାତି ଯାଏ ତାଙ୍କର ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ଗ୍ରାମ ନିକଟସ୍ଥ ସାଲିମ୍ ଝୋଲାରେ ବେକକଟା ଅବସ୍ଥାରେ ରଘୁଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। କିନ୍ତୁ ରଘୁଙ୍କ ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇ ନାହିଁ। ବେକରେ କଟାଦାଗ ଥିବାରୁ ରଘୁଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। ଏହା ମାଓବାଦୀଙ୍କ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ସେମାନେ ହତ୍ୟା କରିଥିବା ନେଇ ନନ୍ଦପୁର ଥାନା ଆଇଆଇସି ଚନ୍ଦ୍ରଶେଖର ଶବର ସନ୍ଦେହ ପ୍ରକାଶ କରିଛନ୍ତି।

# ୫ମ ବିବାହରେ ବାଧା ଦେବାରୁ ଶାଳକଙ୍କୁ ହତ୍ୟା

ଭଦ୍ରକ ଅଫିସ, ୧୩।୧୦


ଶେଖ ସାଦିକ୍‌ଙ୍କର ପୋଡ଼ି ଦିଆଯାଇଥିବା ଅଟୋ, ଘର।

- ସଇଦାବାଦରେ ଉତ୍ତେଜନା, ଲଙ୍କାକାଣ୍ଡ
- ୪ ବଖରା ସହ ୨ ଅଟୋ ଜାଳିଦେଲେ
- ଏକ ପ୍ଲାଟୁନ ଫୋର୍ସ ମୁତୟନ
- ମୁଖ୍ୟ ଅଭିଯୁକ୍ତ ଭିଣୋଇ ଗିରଫ

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସଇଦାବାଦ ଗାଁରେ ଶନିବାର ଭୋର ସମୟରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ସଇଦାବାଦ ଆନିକଟ ନିକଟରେ ଶାଳକ ସକିମ ଖାନ୍(୩୦)ଙ୍କୁ ତାଙ୍କ ଭିଣୋଇ ଶେଖ୍ ଭାଲୁ ଓରଫ ଶେଖ ସାଦିକ୍ ଓ ତାଙ୍କ ଭାଇ ମିଶି ମାରଣାସ୍ତ୍ରରେ ହାଣି ହତ୍ୟା କରିଛନ୍ତି। ପୂର୍ବରୁ ସାଦିକ୍ ୪ ଜଣଙ୍କୁ ବିବାହ କରିଥିଲେ। ୫ମ ବିବାହ ପାଇଁ ଉଦ୍ୟମ କରିବାରୁ ଶାଳକ ସକିମ ବିରୋଧ କରିଥିଲେ। ଏହାକୁ ନେଇ ଦୁଇ ପରିବାରରେ ବିବାଦ ସୃଷ୍ଟି ହୋଇଥିଲା। ଏହି ପରିପ୍ରେକ୍ଷୀରେ ସକିମଙ୍କୁ ହତ୍ୟା କରାଯିବା ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସକିମଙ୍କ ପରିବାର ଲୋକେ ଅଭିଯୁକ୍ତଙ୍କ ଘର ଉପରେ ଚଢ଼ାଉ କରି ଲଙ୍କାକାଣ୍ଡ ଘଟାଇଛନ୍ତି। ସେମାନେ ନିଆଁ ଲଗାଇ ଦେବାରୁ ୪ ବଖରା ଘର ଓ ୨ଟି ଅଟୋରିକ୍ସା ପୋଡ଼ିଯାଇଛି। ଅନ୍ୟ ଏକ ବାଇକକୁ ନିକଟସ୍ଥ ସାଳନ୍ଦୀ ନଦୀର ବନ୍ୟାପାଣିକୁ ଫିଙ୍ଗି ଦିଆଯାଇଛି। ଗାଁରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଛି। ପୋଲିସ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଚଳାଇ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ପଠାଇଛି। ଦୁଇ ପରିବାର ମଧରେ ବିବାଦ ନେଇ ଥାନାରେ ଆଗରୁ ଅଭିଯୋଗ ହୋଇଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସାଦିକ୍ ୫ ଦିନ ପୂର୍ବେ ୫ମ ଥର ବିବାହ କରିବାକୁ ଉଦ୍ୟମ କରି ନିକଟସ୍ଥ ଏକ ଗାଁର ଝିଅଙ୍କୁ ଘରକୁ ନେଇଆସିଥିଲେ। ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଭାଇ ସକିମ୍ ଏହାକୁ ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା। ୫ ଦିନ ତଳେ ଏନେଇ ଗୁଜିଦରଡା ଫାଣ୍ଡିରେ ଅଭିଯୋଗ କରାଯାଇଥିଲା। ସେତେବେଳେ ଫାଣ୍ଡି ପୋଲିସ ଏହାକୁ ଗୁରୁତ୍ୱ ଦେଇ ନ ଥିଲା। ଏହି ଶାଳକ ଓ ଭିଣୋଇଙ୍କ ଘର ଗୋଟିଏ ଗାଁରେ। ଶନିବାର ଭୋର ସମୟରେ ଶାଳକ ସକିମ ସ୍ଥାନୀୟ ଆନିକଟ ନିକଟକୁ ଆସିଥିବା ଦେଖି ସାଦିକ୍ ଓ ତାଙ୍କ ଭାଇ ଶେଖ୍ କାଦିର୍ ମିଳିତ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସକିମଙ୍କ ପେଟ, କାନ, ନାକରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହେବାରୁ କିଛି ସମୟ ମଧରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ସକିମଙ୍କ ପରିବାର ଲୋକେ ମସଜିଦ ସାହିରୁ ଆସି ଅଭିଯୁକ୍ତ ସାଦିକ୍‌ଙ୍କ ଘରେ ଲଙ୍କାକାଣ୍ଡ ଘଟାଇଥିଲେ। ଭଦ୍ରକ ଅଗ୍ନିଶମ କର୍ମଚାରୀ ରାସ୍ତା ସମସ୍ୟା ନେଇ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିଥିଲେ। ସେତେବେଳକୁ ସବୁ ଜଳି ପୋଡି ପାଉଁଶ ହୋଇସାରିଥିଲା। ପୁରୁଣାବଜାର ଥାନାଧିକାରୀ ପ୍ରଜ୍ଞା ମହାନ୍ତି ସଦଳବଳ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପରେ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଓ ଅନ୍ୟ କର୍ମଚାରୀ ଆସି ମୃତଦେହ ପଞ୍ଚନାମା କରି ଜିଲା ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ମୃତ ସକିମଙ୍କ ବାପା ୟସିମ ଖାଁଙ୍କ ଅଭିଯୋଗକୁ ଭିତ୍ତି କରି ଗ୍ରାମାଞ୍ଚଳ ଥାନାରେ ଏକ ହତ୍ୟା ମାମଲା(ନଂ.୪୯୮/୧୮) ରୁଜୁ କରାଯାଇଛି। ସାଦିକ୍‌ଙ୍କ ସହ ତାଙ୍କ ଭାଇ ଶେଖ୍ କାଦିର ଏବଂ ସମ୍ପର୍କୀୟ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଏତଲାରେ ଦର୍ଶାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କୌଣସି ମାରଣାସ୍ତ୍ର ବର୍ତ୍ତମାନ ସୁଦ୍ଧା ପୋଲିସ ଜବତ କରି ନ ଥିବା ଜଣାପଡ଼ିଛି। ପୋଲିସ କହିଛି ଯେ, ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସାଦିକ୍‌ଙ୍କ ପରିବାର ଲୋକେ ଫେରାର ହୋଇଯାଇଛନ୍ତି। ମୃତକଙ୍କ ପରିବାର ପକ୍ଷରୁ ଆକ୍ରମଣରେ ଆହତ ଅଭିଯୁକ୍ତ ସାଦିକ୍‌ଙ୍କୁ ଜିଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗିରଫ କରାଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏଥିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଘଟଣାର ତଦନ୍ତ ଚାଲିଛି ଏବଂ ସବୁକଥା କ୍ରମେ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।


(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

## ଢଗଢମାଳି

**ନିଜ ଘରେ କୁଟି ଖାଇବ ଧାନ,**
**ନିଜ ବଳ ଯୁଝି କାଢ଼ିବ ତାନ।**

ନିଜ ମାନ ସମ୍ମାନ ନିଜେ ଜଗି ଚଳିବା ଉଚିତ। ନିଜ ଘରେ ଧାନ କୁଟି ଖାଇବ ପଛେ ପର ଆଗରେ ହାତ ପତେଇବା ଉଚିତ ହୋଇ ନ ଥାଏ। ସେହିପରି ନିଜର ବଳ, ସାମର୍ଥ୍ୟ ତଥା ଯୋଗ୍ୟତାକୁ ଆକଳନ କରି ପର ଉପରେ ଅଧିକାର ବା ହୁକୁମାତି ଦେଖାଇବାକୁ ସାହସ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ ତଳେ କାଉଁରିଆ;**
**ଯାଉଛି ପଛକେ ଏ ଘରୁ ମୁହିଁ,**
**ଆଉ ନ କର କଜିଆ।**

ଦାମ୍ପତ୍ୟ ଜୀବନରେ କଳହ ଏକ ସାଧାରଣ କଥା। ବେଳେ ବେଳେ ସାମାନ୍ୟ କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧରେ ମନୋମାଳିନ୍ୟ ଦେଖାଦେଇଥାଏ। କଥା କଟାକଟିରୁ ପରିସ୍ଥିତି ଏପରି ଅଣାୟତ୍ତ ହୋଇଯାଏ ଯେ କେହି କାହାର ଉପସ୍ଥିତିକୁ ସହ୍ୟ କରିପାରି ନ ଥାନ୍ତି। ଏପରି ସ୍ଥଳେ କଳହକୁ ପ୍ରଶମିତ କରିବାକୁ ଯାଇ ଜଣେ ଅନ୍ୟଜଣଙ୍କଠାରୁ ଦୂରେଇ ଯିବା ଲାଗି ମନସ୍ଥ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ତିତ୍‌ଲି ପ୍ରଭାବର କ୍ଷୟକ୍ଷତି ଆକଳନ କଲେ ମନ୍ତ୍ରୀ


କନ୍ଧମାଳ ଜିଲା ଫୁଲବାଣୀରେ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଓ ମନ୍ତ୍ରୀ ରମେଶ ମାଝୀ ବାତ୍ୟା ଜନିତ କ୍ଷୟକ୍ଷତିର ସମୀକ୍ଷା କରୁଛନ୍ତି।

ଫୁଲବାଣୀ ଅଫିସ, ୧୩।୧୦

ତିତ୍‌ଲି ପ୍ରଭାବରେ କନ୍ଧମାଳ ଜିଲାରେ ହୋଇଥିବା କ୍ଷୟକ୍ଷତିର ଆକଳନ ସହ ସମୀକ୍ଷା କରିଛନ୍ତି ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ଏବଂ ଅନୁସୂଚିତ ଜାତି ଓ ଜନଜାତି, ଉନ୍ନୟନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି। ଶନିବାର ଦିନିକିଆ କନ୍ଧମାଳ ଗସ୍ତରେ ଆସି ସେମାନେ ଟିକାବାଲି ବ୍ଲକ ଅନ୍ତର୍ଗତ ପିକରଡ଼ି ପଞ୍ଚାୟତ ରୁଡ଼ାବିଡ଼ିଙ୍ଗିଆ ଏବଂ କଇଁଝର ପଞ୍ଚାୟତ ଜିଗିନାଗାଁ ଗ୍ରାମ ପରିଦର୍ଶନ କରିଥିଲେ। ରୁଡ଼ାବିଡ଼ିଙ୍ଗିଆରେ ଖୋଲା ଯାଇଥିବା ଆଶ୍ରୟ କେନ୍ଦ୍ରରେ ପ୍ରାୟ ୫ ଶହ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା କରି କ୍ଷୟକ୍ଷତିର ଆକଳନ କରିଥିଲେ। ପରିଦର୍ଶନ ସମୟରେ ମନ୍ତ୍ରୀଙ୍କ ସହ ଫୁଲବାଣୀ ବିଧାୟକ ଦୁଗୁନି କହଁର, ବାଲିଗୁଡ଼ା ବିଧାୟକ ରାଜୀବ ପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ। ପରେ ସଦ୍‌ଭାବନା ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତିତ୍‌ଲି ବାତ୍ୟା ଜନିତ କ୍ଷୟ କ୍ଷତିର ବିଭାଗ ୱାରୀ ସମୀକ୍ଷା କରାଯାଇଥିଲା। ଜିଲାର ୧୭୧ ପଞ୍ଚାୟତରୁ ୮୨ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ଦିଆଯାଇଥିଲା। ପ୍ରାୟ ୫ ଶହ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଯୁଦ୍ଧକାଳୀନ ଭିତ୍ତିରେ କ୍ଷୟକ୍ଷତି ଆକଳନ କରଯାଇ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଆଣିବା ପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ବେହେରା ଏବଂ ମାଝି ପ୍ରକାଶ କରିଥିଲେ। ଭାଙ୍ଗି ଯାଇଥିବା ରାସ୍ତା, ପୋଲ ତୁରନ୍ତ ନିର୍ମାଣ ପାଇଁ ପ୍ରଶାସନକୁ କହିଥିବା ବେଳେ କ୍ଷୟକ୍ଷତି ସମ୍ପର୍କରେ ତୁରନ୍ତ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ଜିଲା ପ୍ରଶାସନକୁ ମନ୍ତ୍ରୀ ଦ୍ୱୟ ନିର୍ଦ୍ଦେଶ ଦେଇଥିଲେ।

# ନଗଡ଼ାରେ ଆଉ ଜଣେ ଶିଶୁର ମୃତ୍ୟୁ

କାଳିଆପାଣି ୧୩।୧୦(ଡି.ଏନ.ଏ)




- ଜଣ୍ଡିସରେ ଆକ୍ରାନ୍ତ ଥିଲେ
- ଅର୍ଥାଭାବରୁ ଜୀବନ ବଞ୍ଚାଇ ପାରି ନ ଥିବା କହିଲେ ବାପା

ଅପପୁଷ୍ଟି ଓ ରକ୍ତହୀନତା ଯୋଗୁ ଶିଶୁ ମୃତ୍ୟୁ ପାଇଁ ଦୁର୍ନାମ ଅର୍ଜନ କରିଥିବା ବହୁଚର୍ଚ୍ଚିତ ନଗଡ଼ାରେ ଶନିବାର ପୁଣି ଏକ ଶିଶୁଙ୍କ ପ୍ରାଣହାନୀ ଘଟିଥିବା ଜଣାପଡ଼ିଛି। ମୃତ ଶିଶୁ ହେଲେ ଉପର ନଗଡ଼ାର ମଙ୍ଗଳା ପଧାନଙ୍କ ପୁଅ ଶୁକୁରା (୯)। ସେ ଗତ କିଛି ଦିନ ଧରି ଜଣ୍ଡିସରେ ପୀଡ଼ିତ ଥିଲେ। ନଗଡ଼ାବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ସରକାର ଗୁରୁତ୍ୱ ଦେଉଥିବା କୁହାଯାଉଥିବା ବେଳେ ଅର୍ଥାଭାବରୁ ଚିକିତ୍ସାରେ ବିଳମ୍ବ ଘଟି ଶୁକୁରାଙ୍କ ଜୀବନ ଯାଇଥିବା କୁହାଯାଉଛି। ରାଜ୍ୟ ସରକାର ଓ ପ୍ରଶାସନ ନଗଡ଼ାର ସ୍ଥିତି ସୁଧାରିବା ଦିଗରେ ଅନେକ ପଦକ୍ଷେପ ନେଉଥିବା ଡେଙ୍ଗୁରା ପିଟୁଛନ୍ତି। ଏଭଳି ସମୟରେ ସେଠାରେ ଆଉ ଜଣେ ଶିଶୁଙ୍କ ମୃତ୍ୟୁ ସେମାନଙ୍କ କାର୍ଯ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ମଙ୍ଗଳାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେପ୍ଟେମ୍ବରରେ ନଗଡ଼ା ପରିଦର୍ଶନରେ ଯାଇଥିବାବେଳେ ସେ ଓ ପରିବାର ଲୋକେ ସେମାନଙ୍କ ନିକଟରେ ପହଞ୍ଚି ଶୁକୁରାଙ୍କୁ ଜ୍ୱର ହୋଇଥିବା ଜଣାଇଥିଲେ। ଏହାପରେ ଡାକ୍ତରୀ ଦଳ ଶୁକୁରାଙ୍କୁ ପ୍ରଥମେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କର ସମସ୍ତ ପରୀକ୍ଷା ନୀରିକ୍ଷା କରାଯିବା ପରେ ତାଙ୍କୁ ଜଣ୍ଡିସ ହୋଇଥିବା ଜଣାପଡ଼ିଥିଲା। ସେଠାରେ ଚିକିତ୍ସା କରାଯାଇଥିଲେ ମଧ ଦିନକୁ ଦିନ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା। ଡାକ୍ତରମାନେ ଔଷଧ ପାଇଁ ମଙ୍ଗଳାଙ୍କୁ ଏକ ଚିଠା ଧରାଇ ଦୋକାନରୁ କିଣି ଆଣିବାକୁ କହିଥିଲେ। ମାତ୍ର ତାଙ୍କ ପାଖରେ ଅର୍ଥ ନ ଥିବାରୁ ସେ ଔଷଧ କିଣିବାକୁ ଅସମର୍ଥ ବୋଲି ପ୍ରକାଶ କରିଥିଲେ। ଔଷଧ ନ ଆଣିଲେ ଚିକିତ୍ସା ଅସମ୍ଭବ ବୋଲି ଡାକ୍ତର ତାଙ୍କୁ ରୋକ୍‌ଠୋକ୍ ମନା କରିଦେଇଥିବା ମଙ୍ଗଳା ଅଭିଯୋଗ କରିଛନ୍ତି। ଶୁକୁରାଙ୍କ ଅବସ୍ଥା ଧୀରେଧୀରେ ସଙ୍କଟାପନ୍ନ ଆଡ଼କୁ ଗତି କରୁଥିବାବେଳେ ବାପା ଔଷଧ କିଣି ନ ପାରିବା ଦେଖି ଡାକ୍ତରମାନେ ତାଙ୍କୁ କଟକ ଶିଶୁ ଭବନ ପଠାଇ ଦେଇଥିଲେ। ସେଠାରେ ସେ ୯ଦିନ ଧରି ଚିକିତ୍ସିତ ହୋଇଥିଲେ ମଧ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହୋଇ ନ ଥିଲା। ଫଳରେ ଡାକ୍ତର ଶୁକୁରାଙ୍କୁ ଘରକୁ ନେଇଯିବାକୁ ମଙ୍ଗଳାଙ୍କୁ ପରାମର୍ଶ ଦେଇଥିଲେ। ମଙ୍ଗଳା ଗୁରୁବାର ପୁଅକୁ ଧରି ନଗଡ଼ା ଫେରି ଆସିଥିବାବେଳେ ଶନିବାର ଭୋର ସମୟରେ ଶୁକୁରାଙ୍କ ମୃତ୍ୟୁ ଘଟିଥିଲା।

ସୂଚନା ଥାଉକି, ଯାଜପୁର ଜିଲା ସୁକିନ୍ଦା ବ୍ଲକର ନଗଡ଼ା ଅଞ୍ଚଳରେ ୨୦୧୬ ଜୁନ୍‌ରେ ଅପପୁଷ୍ଟି ଓ ରକ୍ତହୀନତା ଯୋଗୁ ୧୯ଜଣ ଶିଶୁ ମୃତ୍ୟୁବରଣ କରିଥିଲେ। ଏହି ଘଟଣା ଯୋଗୁ ସେତେବେଳେ ଓଡ଼ିଶାକୁ ସମଗ୍ର ବିଶ୍ୱରେ ନିନ୍ଦିତ ହେବାକୁ ପଡ଼ିଥିଲା। ଏହାପରେ ନଗଡ଼ା ସ୍ଥିତିର ସୁଧାର ପାଇଁ ତତ୍ପରତା ପ୍ରକାଶ କରିଥିଲେ ସରକାର ଓ ପ୍ରଶାସନ। ଜୁଆଙ୍ଗଙ୍କ ସ୍ୱାସ୍ଥ୍ୟସେବା ଓ ଜୀବନ ଶୈଳୀରେ ପରିବର୍ତ୍ତନ ପାଇଁ ସେଠାରେ ଦୁଇ ଦୁଇଟି ଏନ୍‌ଜିଓ ସଂସ୍ଥା ଯଥା ଟ୍ରିକିଲ ଏବଂ ଓସ୍ତା କୋଟିକୋଟି ଟଙ୍କା ନେଇ କାର୍ଯ୍ୟ କରୁଛନ୍ତି। ଏହାସତ୍ତ୍ୱେ ଆଉ ଜଣେ ଶିଶୁର ମୃତ୍ୟୁ ସେମାନଙ୍କ କାର୍ଯ୍ୟଶୈଳୀ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ସୁକିନ୍ଦା ସିଡିପିଓ ତିଳୋତ୍ତମା ମହାପାତ୍ରଙ୍କୁ ପଚାରିବାରୁ, ଶୁକୁରାଙ୍କର ଚିକିତ୍ସା କରାଯାଇଥିଲେ ମଧ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି କହିଛନ୍ତି।

# ୫ ବରିଷ୍ଠ ଅଧିକାରୀଙ୍କୁ ବନ୍ୟାଞ୍ଚଳ ସ୍ୱାସ୍ଥ୍ୟସେବା ତଦାରଖ ଦାୟିତ୍ୱ

ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)

- ଜିଲା ଦାୟିତ୍ୱ ନେଲେ ସଚିବସ୍ତରୀୟ ଅଧିକାରୀ
- ପରିମଳ ବ୍ୟବସ୍ଥା ତ୍ୱରାନ୍ୱିତ କରିବ ଗାଁ କଲ୍ୟାଣ ସମିତି

ବାତ୍ୟା ଓ ବନ୍ୟାରେ କ୍ଷତିଗ୍ରସ୍ତ ଜିଲାରେ ସ୍ୱାସ୍ଥ୍ୟସେବା ତଦାରଖ କରିବେ ସ୍ୱାସ୍ଥ୍ୟ ବିଭାଗର ୫ ବରିଷ୍ଠ ଅଧିକାରୀ। ଶନିବାର ସେମାନେ ବନ୍ୟାଞ୍ଚଳ ଗସ୍ତ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଏ ନେଇ ନିର୍ଦ୍ଦେଶ ଦେବାପରେ ବିଭାଗୀୟ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ଶନିବାର ଉଚ୍ଚସ୍ତରୀୟ ବୈଠକ ଡାକି ସ୍ଥିତି ଅନୁଧ୍ୟାନ କରିବା ସହିତ ବିଭାଗୀୟ ଅଧିକାରୀମାନଙ୍କୁ କ୍ଷେତ୍ରକୁ ପଠାଇଛନ୍ତି।

ସ୍ୱତନ୍ତ୍ର ସଚିବ ବି.କେ. ବ୍ରହ୍ମା ଗଞ୍ଜାମ ଜିଲାକୁ ଯାଇଥିବାବେଳେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସ୍ୱପ୍ନେଶ୍ୱର ଗଡନାୟକ ଗଜପତି, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ହରପ୍ରସାଦ ପଟ୍ଟନାୟକ ରାୟଗଡା, ସ୍ୱତନ୍ତ୍ର ସଚିବ ନୟନ ଅଲ୍ଲୀ ବେଗ କଟକ ଓ କେନ୍ଦ୍ରାପଡା ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ଲିଙ୍ଗରାଜ ମିଶ୍ର ଭଦ୍ରକ ଓ ବାଲେଶ୍ୱର ଜିଲାକୁ ଯାଇଛନ୍ତି। ଅଧିକାରୀମାନେ କ୍ଷେତ୍ରସ୍ତରରେ ରହି ସ୍ୱାସ୍ଥ୍ୟସେବା ପରିଚାଳନା କରିବେ। ରାଜ୍ୟସ୍ତରରେ ମଧ ବରିଷ୍ଠ ଅଧିକାରୀମାନଙ୍କୁ ସ୍ଥିତି ଉପରେ ନଜର ରଖିବା ଲାଗି ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ରାୟଗଡା, ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଗଞ୍ଜାମ, ଅତିରିକ୍ତ ଶାସନ ସଚିବ ହରିବଲ୍ଲଭ ମିଶ୍ର ଗଜପତି, ଅତିରିକ୍ତ ଶାସନ ସଚିବ ଶରତ ଚନ୍ଦ୍ର ମିଶ୍ର କଟକ, କେନ୍ଦ୍ରାପଡା ଓ ଯାଜପୁର ଏବଂ ଅତିରିକ୍ତ ଶାସନ ସଚିବ ବିଭୂତି ଭୂଷଣ ଦାସ ଭଦ୍ରକ ଓ ବାଲେଶ୍ୱର ଜିଲାର ସ୍ୱାସ୍ଥ୍ୟସେବା ଅନୁଧ୍ୟାନ କରିବା ଲାଗି କୁହାଯାଇଛି।

ଅନ୍ୟପଟେ ପ୍ରଭାବିତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ଗାଁ କଲ୍ୟାଣ ସମିତିଗୁଡ଼ିକୁ କାର୍ଯ୍ୟରେ ଲଗାଇବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ପଣ୍ଡିତ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗାଁ କଲ୍ୟାଣ ସମିତିଗୁଡ଼ିକ ସ୍ଥାନୀୟ ଅଞ୍ଚଳକୁ ପରିଷ୍କାର କରିବା ସହିତ ଭୂତାଣୁ ବାହିତ ରୋଗ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବେ ପଣ୍ଡିତ ଚିଠି ମାଧମରେ ଜଣାଇଛନ୍ତି।

## କଶ୍ମୀରରେ ପୌର ନିର୍ବାଚନ

# ତୃତୀୟ ପର୍ଯ୍ୟାୟରେ ୩.୪୯% ମତଦାନ

ଶ୍ରୀନଗର, ୧୩।୧୦(ପି.ଟି.)

ଆତଙ୍କବାଦର କାୟାରେ କବଳିତ କଶ୍ମୀର ଉପତ୍ୟକାରେ ପୌର ନିର୍ବାଚନ ପାଇଁ ଶନିବାର ତୃତୀୟ ପର୍ଯ୍ୟାୟ ମତଦାନ ହୋଇଛି। ଏଠାରେ ମାତ୍ର ୩.୪୯% ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି। ଜମ୍ମୁର ସାମ୍ବା ଜିଲାରେ ସର୍ବାଧିକ ୮୨% ଭୋଟଗ୍ରହଣ ହୋଇଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ବାରମୁଲ୍ଲା ଜିଲା ଅନ୍ତର୍ଗତ ଉରି ସହରରେ ୭୫.୩୪% ମତଦାନ ହୋଇଛି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ପିଡିପି ଏବଂ ସିପିଏମ୍ ନିର୍ବାଚନ ବର୍ଜନ ଘୋଷଣା କରିବା ପରେ ପ୍ରଥମ ଦୁଇ ପର୍ଯ୍ୟାୟରେ ଏଠାରେ ଖୁବ୍ କମ୍ ଭୋଟର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରିବା ଲାଗି ପୁଲିଂ ବୁଥ୍‌କୁ ଯାଇଥିଲେ। ସେହିପରି ଅନ୍ୟାନ୍ୟ ପୌରାଞ୍ଚଳରେ ମଧ ଭୋଟଗ୍ରହଣ ହୋଇଛି। ଆସନ୍ତା ୧୬ ତାରିଖରେ ଛଅ ଜିଲାରେ ଚତୁର୍ଥ ପର୍ଯ୍ୟାୟ ଭୋଟ ହେବ। ଏଥିସହିତ ୭୯ ପୌର ନିଗମରେ ନିର୍ବାଚନ ଶେଷ ହୋଇଯିବ। ଅକ୍ଟୋବର ୨୦ରେ ଭୋଟ ଫଳାଫଳ ପ୍ରକାଶ ପାଇବ।

ପ୍ରଥମ ପୃଷ୍ଠାରୁ...

## ବନ୍ୟା ପ୍ରଭାବିତ...

ଯେଉଁଠି ଆବଶ୍ୟକ ପଡୁଛି ସେଠାରେ ଜେନେରେଟର ବ୍ୟବହାର କରିବାକୁ କୁହାଯାଇଛି। ରିଲିଫ୍ ବଣ୍ଟନ ଓ ଥଇଥାନ କାର୍ଯ୍ୟ ସହ ଘରଭଙ୍ଗା ଏବଂ ଫସଲ ହାନି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ପରେ ଖବରଦାତାମାନଙ୍କୁ ବନ୍ୟାଞ୍ଚଳ ପରିଦର୍ଶନ ଓ ରିଲିଫ୍ ପ୍ୟାକେଜ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ବିରୋଧୀ ଦଳଙ୍କ ସମାଲୋଚନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୯୯ ମହାବାତ୍ୟା ପରଠାରୁ ଏହା ହେଉଛି ସବୁଠାରୁ ବଡ ପ୍ରାକୃତିକ ବିପର୍ଯ୍ୟୟ। ବିରୋଧୀ ଦଳ ଚାହିଁଲେ ସମାଲୋଚନା କରିପାରନ୍ତି। ସେମାନେ ଅଭିଯୋଗ କରନ୍ତୁ। କିନ୍ତୁ ଆମେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ବ୍ୟସ୍ତ ଅଛୁ। ଗଜପତି ଜିଲାର ବାରଘର ଅଞ୍ଚଳ ଦୁର୍ଘଟଣାକୁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଦୁଃଖଦାୟକ ବୋଲି ବର୍ଣ୍ଣନା କରି ରିପୋର୍ଟ ମିଳିବା ପରେ ସେମାନଙ୍କ ପରିବାର ବର୍ଗଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ଇଣ୍ଡିଆ ଟୁଡେ ମତାମତ ସର୍ଭେରେ ନବୀନଙ୍କୁ ଦେଶର ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବରେ ଉପସ୍ଥାପିତ କରାଯାଇଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ମୋତେ ଅଧିକ ନମ୍ର କରିଛି। ଆହୁରି ଅଧିକ ନିଷ୍ଠାର ସହ ମୁଁ ଲୋକମାନଙ୍କର ସେବା କରି ଚାଲିବି। କେନ୍ଦ୍ରକୁ ସହାୟତା ମାଗିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମସ୍ତ କ୍ଷୟକ୍ଷତି ଆକଳନ ପରେ କେନ୍ଦ୍ରକୁ ଏ ବିଷୟରେ ଆବଶ୍ୟକ ସହାୟତା ପାଇଁ ଦାବି କରାଯିବ।

## ତିତ୍‌ଲି: ସୁଧୁରିନି...

କେତେକ ନଦୀରେ ବନ୍ୟାଜଳ ହ୍ରାସ ପାଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରବଳ ବର୍ଷା ଓ ଝଡତୋଫାନ ଯୋଗୁ ୧୧ ଜିଲାର ୭୬ ବ୍ଲକ ପ୍ରଭାବିତ ହୋଇଛି। ଗଜପତି ଜିଲାର ୭ ବ୍ଲକ ପ୍ରଭାବିତ ହୋଇଥିବାବେଳେ ଗଞ୍ଜାମର ୨୨, ପୁରୀର ୮, କେନ୍ଦ୍ରାପଡାର ୯, କନ୍ଧମାଳର ୬, କଟକର ୮, ଢେଙ୍କାନାଳର ୩, ଖୋର୍ଦ୍ଧାର ୭, ଜଗତ୍‌ସିଂହପୁରର ୧, ରାୟଗଡାର ୨ ଏବଂ କେନ୍ଦୁଝର ଜିଲାର ୨ ବ୍ଲକ ପ୍ରଭାବିତ ହୋଇଛି। ବାତ୍ୟା ଓ ବର୍ଷାରେ ୬୩୪୧ ଗ୍ରାମର ୪୫ ଲକ୍ଷ ୮୪ ହଜାର ୬୬୩ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୨୦୯ ଘର ଭାଙ୍ଗିଛି। ଗଞ୍ଜାମରେ ସର୍ବାଧିକ ୧୪୬୫ ଘର ଭାଙ୍ଗିଥିବା ବେଳେ ପୁରୀରେ ୩୮, କନ୍ଧମାଳରେ ୮୩, କେନ୍ଦୁଝରରେ ୧୧, କଟକରେ ୨୫୪, ଢେଙ୍କାନାଳରେ ୨୩୪ ଏବଂ ଖୋର୍ଦ୍ଧାରେ ୧୨୪ ଘର କ୍ଷତିଗ୍ରସ୍ତ ହୋଇଛି। ୧୫୫୩ ଗୃହପାଳିତ ପ୍ରାଣୀଙ୍କର ମୃତ୍ୟୁ ହୋଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହିତ ରିଲିଫ୍ କ୍ୟାମ୍ପରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିବା ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରାକ୍ କ୍ଷତିଗ୍ରସ୍ତ ଯୋଗୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ

ଭୁବନେଶ୍ୱର, ୧୩।୧୦ (ବ୍ୟୁରୋ)

ବାତ୍ୟା ତିତ୍‌ଲି ଯୋଗୁ ଉଜୁଜିଥିବା ବନ୍ୟା ପରିସ୍ଥିତିରୁ କୋଟାବୋମାଳି-ଗୁଣୁପୁର ରେଳ ସେକ୍ସନର ଟେକାଲି-ପେଡାସନ ଷ୍ଟେଶନ ମଧରେ ପଡୁଥିବା ଟ୍ରାକ୍ କେଏମ୍୧୦/୯-୧୦ ଧୋଇ ହୋଇଯାଇଛି। ଏହା ଫଳରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏହାକୁ ଧ୍ୟାନରେ ରଖି କେତେକ ଟ୍ରେନକୁ ଶନିବାର ବାତିଲ କରାଯାଇଛି। ଅନ୍ୟ କିଛି ଟ୍ରେନ ଆଂଶିକ ବାତିଲ ହୋଇଥିବାବେଳେ କେତେକର ସମୟ ସାରଣୀରେ ପରିବର୍ତ୍ତନ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ବାତିଲ ହୋଇଥିବା ଟ୍ରେନ ମଧରେ ଶନିବାରର ଗୁଣୁପୁର-ପୁରୀ-ଗୁଣୁପୁର, ଗୁଣୁପୁର ଆଡୁ ଏବଂ ରବିବାର ଏହା ପୁରୀ ପଟୁ ବାତିଲ ରହିବ। ଶନିବାରଠାରୁ ଆସନ୍ତା ୧୭ ଯାଏ ଉଭୟ ଦିଗରୁ ଗୁଣୁପୁର-ବିଶାଖାପାଟଣା-ଗୁଣୁପୁର ପାସେଞ୍ଜରକୁ ବାତିଲ କରାଯାଇଛି। ପଲାସା-ଗୁଣୁପୁର-ପଲାସା ପାସେଞ୍ଜର ଏହି ଦିନଗୁଡ଼ିକରେ ମଧ ଉଭୟ ଦିଗରୁ ବାତିଲ ହୋଇଛି। ସିକନ୍ଦରାବାଦ-ବିଶାଖାପାଟଣା ଏସି ଏକ୍ସପ୍ରେସ ଶନିବାର ଛାଡିଛି। ରାୟପୁରରୁ ଆସୁଥିବା ରାୟପୁର-ଜୁନାଗଡ-ରାୟପୁର ପାସେଞ୍ଜର ବାତିଲ ରହିଛି। ଏହା ରବିବାର ଜୁନାଗଡ ପଟୁ ବାତିଲ କରାଯାଇଛି। ଆଉ କିଛି ଟ୍ରେନ ଆଂଶିକ ଭାବେ ବାତିଲ ହୋଇଛି। ସେହି ଟ୍ରେନ ଗୁଡିକ ମଧରେ ପୁରୀ-ଗୁଣୁପୁର-ପୁରୀ ପାସେଞ୍ଜର ପଲାସାଠାରେ ରହିଛି। ଏହା ପଲାସାଠାରୁ ଗୁଣୁପୁର-ପୁରୀ ହୋଇ ୧୫ ଏବଂ ୧୭ ତାରିଖରେ ଯାତ୍ରା କରିବ। ପଲାସା-ଗୁଣୁପୁର ମଧରେ ଏହି ଟ୍ରେନ ଚଳାଚଳ ବନ୍ଦ ରହିବ। ସେହିଭଳି ପରିଚାଳନାଗତ କାରଣ ଲାଗି ଅନ୍ୟ କିଛି ଟ୍ରେନର ଚଳାଚଳ ସୂଚୀରେ ପରିବର୍ତ୍ତନ ଅଣାଯାଇଛି। ଏହା ମଧରେ ହାଓଡା-ପୁରୀ ଜଗନ୍ନାଥ ଏକ୍ସପ୍ରେସ, ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ, ମାଙ୍ଗାଲୁରୁ-ସାନ୍ତ୍ରାଗାଛି ବିବେକ୍ ଏକ୍ସପ୍ରେସ, ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ, ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ, ଯଶବନ୍ତପୁର-ପୁରୀ ଏକ୍ସପ୍ରେସ ରହିଥିବା ପୂର୍ବତଟ ରେଳପଥ ସୂଚନା ଦେଇଛି। ବିଭିନ୍ନ ଟ୍ରେନ ବାତିଲ୍ ତଥା ଦିଗ ପରିବର୍ତ୍ତନ କରାଯାଇଥିବାରୁ ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରଠାରୁ ବାଙ୍ଗାଲୋର କାଣ୍ଟକୁ ଏକ ସୁପରଫାଷ୍ଟ ତତ୍କାଳ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ହୋଇଛି। ଏହି ଟ୍ରେନ ସୋମବାର ଭୁବନେଶ୍ୱରରୁ ଛାଡିବ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

**ରଘୁନାଥପୁର, ୧୩।୧୦( ଡି.ଏନ.ଏ.):** ରଘୁନାଥପୁର ଥାନା ରେଢୁଆ ହାଟ ଗାଁରେ ଜଣେ ଯୁବକଙ୍କ ପାଣିରେ ବୁଡି ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ସରୋଜ ସାହୁ(୩୫)। ସବୁଦିନ ପରି ବିରି, ମୁଗ ବେପାରରେ ଯାଇ ସରୋଜ ପ୍ରାୟ ରାତି ୧୦ଟାରେ ଘରକୁ ଫେରି ବାଡି ପଛପଟେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଲଘୁଚାପ ବର୍ଷାରେ ପୋଖରୀ ପୂର୍ଣ୍ଣ ଥିବା ଏବଂ ପାହାଚ ଖସଡା ହୋଇଥିବାରୁ ସରୋଜଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ସରୋଜଙ୍କ ସ୍ତ୍ରୀ ଅଢେଇ ବର୍ଷର ପୁଅକୁ ନେଇ ବାପଘରକୁ ଯାଇଥିବା ବେଳେ ଘରେ ବୃଦ୍ଧ ବାପା ଥିଲେ। ସରୋଜଙ୍କ ଭାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କ ଶୋଇବା ଘର ଖୋଲାଥିବା ଏବଂ ସେ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ପରେ ପୋଖରୀକୁ ଯାଇ ସନ୍ଦେହରେ ଜାଲ ପକାଇବା ସମୟରେ ତାଙ୍କୁ ପାଣି ଭିତରୁ ଉଦ୍ଧାର କରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ୭ ଦିନ ହେଲା ଅନ୍ଧାରରେ ୧୦୦ ପରିବାର

**ଏରସମା, ୧୩।୧୦(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଅରଡା ଗ୍ରାମର ଟ୍ରାନ୍ସଫର୍ମର ପୋଡିଯାଇଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ଗ୍ରାମରେ ୧୦୦ ପରିବାର ବସବାସ କରନ୍ତି। ଗାଁ ପାଖରେ ବସିଥିବା ଟ୍ରାନ୍ସଫର୍ମର ଗତ ୭ ତାରିଖ ଦିନ ପୋଡିଯାଇଥିଲା। ଫଳରେ ୭ ଦିନ ହେଲା ଲୋକେ ଅନ୍ଧାରରେ କାଳାତିପାତ କରୁଛନ୍ତି। ବୈଦ୍ୟୁତିକ ଯନ୍ତ୍ରପାତି ଅଚଳ ହୋଇ ଗଲାଣି। ପିଲାମାନେ ପାଠ ପଢି ପାରୁ ନାହାନ୍ତି। ସେଠାରେ ଏକ ନୂତନ ଟ୍ରାନ୍ସଫର୍ମର ବସାଇବା ପାଇଁ ଗ୍ରାମବାସୀ ଦାବି କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଉଦ୍‌ଘାଟନ ଉତ୍ସବରେ ହଟଗୋଳ

# ମଞ୍ଚରେ ରାଗ ଶୁଝାଇଲେ ଦାମ

**କୁଜଙ୍ଗ, ୧୩।୧୦(ସ୍ୱ.ପ୍ର.)**

ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗଠାରେ ବିଜେଡି ନେତାମାନେ ପୂର୍ବରୁ ଏକ ମହିଳା ସମାବେଶ କରି ଦଳରୁ ବହିଷ୍କୃତ ନେତା ତଥା ବିଧାୟକ ଦାମୋଦର ରାଉତଙ୍କୁ ଶକ୍ତ ଝଟ୍‌କା ଦେଇଥିଲେ। ଅନୁରୂପ ଭାବେ ଶନିବାର ମଧ୍ୟ ଏଠାରେ ଏକ ସରକାରୀ କାର୍ଯ୍ୟକ୍ରମ କରି ସେମାନେ ଦାମଙ୍କୁ ଚକ୍‌ମା ଦେବାକୁ ଉଦ୍ୟମ କରିଥିଲେ। କିନ୍ତୁ ଚତୁର ଦାମବାବୁ ଏହାର କଡ଼ା ମୁକାବିଲା କରିବା ସହ ବିଜେଡି ନେତାମାନଙ୍କୁ ଆକ୍ରମଣାତ୍ମକ ଢଙ୍ଗରେ ଜବାବ ଦେଇଛନ୍ତି। କୁଜଙ୍ଗ ବ୍ଲକ ପଡିଆଠାରେ ଥିବା ସୂଚନା ଭବନ ପରିସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ବ୍ଲକସ୍ତରୀୟ ଉଦ୍‌ଘାଟନ ଉତ୍ସବ ଆୟୋଜିତ ହୋଇଥିଲା। ଉଦ୍ଦେଶ୍ୟ ଥିଲା ରାଜ୍ୟ ସରକାରଙ୍କ ଜନହିତକର ଯୋଜନାର ପ୍ରଚାର କରିବା ସହ ୨ ଜଣଙ୍କ ମନ୍ତ୍ରୀଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିବା ଓ ଦଳୀୟ କର୍ମୀଙ୍କୁ ଏକାଠି କରିବା। ଏଥିପାଇଁ ବିଡିଓଙ୍କୁ କାର୍ଯ୍ୟକ୍ରମ ଆୟୋଜନ ପାଇଁ କୁହାଯାଇଥିଲା। ତେବେ ଦିନକୁ ପୂର୍ବରୁ ପ୍ରଚାର ହେଲା ଯେ ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଦାମୋଦର ରାଉତ ଉପସ୍ଥିତ ରହିବେ। ଏଥିପାଇଁ ଶୁକ୍ରବାର ସନ୍ଧ୍ୟାରେ ଦାମଙ୍କ ସମର୍ଥକମାନେ ସଭା କରି ଆଲୋଚନା କରିଥିଲେ। ଶନିବାର ମଧ୍ୟ ଦାମବାବୁ ସଭାର ୨ ଘଣ୍ଟା ପୂର୍ବରୁ କୁଜଙ୍ଗ ବ୍ଲକରେ ପହଞ୍ଚି ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରକୋଷ୍ଠକୁ ଯାଇ କର୍ମୀମାନଙ୍କୁ ମନ୍ତ୍ରଣା ଦେଇଥିଲେ। ଫଳରେ ସଭାସ୍ଥଳରେ ଏକ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରେ ଆରମ୍ଭ କରିବାକୁ ଧାର୍ଯ୍ୟ ହୋଇଥିବାବେଳେ ୨ ଘଣ୍ଟା ବିଳମ୍ବରେ ୧୨ଟାରେ ଆରମ୍ଭ ହୋଇଥିଲା। ସେହିପରି କାର୍ଯ୍ୟକ୍ରମକୁ ମନ୍ତ୍ରୀ ପ୍ରତାପ ଜେନା ଆସିଲେ ନାହିଁ। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି ଡା. କୁଳମଣି ସାମଲ ଆସିବା ପରେ ବିଡିଓ ସଭା




କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଦାମୋଦର ରାଉତ, ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି କୁଳମଣି ସାମଲ ଓ ଅନ୍ୟମାନେ।

ଆରମ୍ଭ କରିଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ୍ ଖାଁ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ଆଭିମୁଖ୍ୟ ବଖାଣୁଥିବାବେଳେ ବିଧାୟକ ଦାମୋଦର ରାଉତ ନିଜ ସମର୍ଥକଙ୍କୁ ଧରି ପ୍ରବେଶ କଲେ। ଏହି ସମୟରେ ଉକ୍ତ ସରକାରୀ କାର୍ଯ୍ୟକ୍ରମସ୍ଥଳ ଦାମବାବୁ ଜିନ୍ଦାବାଦ୍, ପାରାଦୀପର ସ୍ୱାଭିମାନ ଦାମବାବୁ ଅମର ରହେ ସ୍ଲୋଗାନରେ ପ୍ରକମ୍ପିତ ହୋଇଗଲା, ଯାହାକି ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲା।

ମୁଖ୍ୟ ଅତିଥି ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି କୁଳମଣି ସାମଲ ମଞ୍ଚରେ ଥିବାବେଳେ ଦାମଙ୍କ ସମର୍ଥକମାନେ ଏକ ବଡ଼ ଫୁଲମାଳ ଆଣି ଦାମଙ୍କ ବେକରେ ପକାଇ ପୁଣି ଜିନ୍ଦାବାଦ୍ କରିଥିଲେ। ମନ୍ତ୍ରୀ ଓ ଏମ୍‌ପିଙ୍କୁ ନା ସରକାରୀ ଅଧିକାରୀ ନା ହିତାଧିକାରୀ କେହି ଫୁଲମାଳଟିଏ ମଧ୍ୟ ଦେଲେନାହିଁ, ଯାହାକି ସଭାମଞ୍ଚକୁ ଗମ୍ଭୀର କରିଦେଇଥିଲା। ଔପଚାରିକ ଭାବେ ପ୍ରଥମେ ଦାମବାବୁଙ୍କୁ ଭାଷଣ ଦେବା ପାଇଁ ଆମନ୍ତ୍ରଣ କରାଯାଇଥିଲା। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିଲେ ମଧ୍ୟ ଦାମବାବୁ ତାଙ୍କ ଭାଷଣରେ ରାଜ୍ୟ ସରକାରଙ୍କୁ

ପଦୁଟିଏ ମଧ୍ୟ ପ୍ରଶଂସା କଲେ ନାହିଁ, ବରଂ ଏହି ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା କହି ସମସ୍ତଙ୍କୁ ଚମକାଇ ଦେଲେ। କୁଜଙ୍ଗ ବ୍ଲକର ନିର୍ଦ୍ଦିଷ୍ଟ କେତୋଟି ପଞ୍ଚାୟତ କଥା ସେ ଉଠାଇଥିବାବେଳେ କାଠକୋଟ ପଞ୍ଚାୟତ ସରପଞ୍ଚ ମିହିର ପଟ୍ଟନାୟକ ସଭାସ୍ଥଳରେ ବିରୋଧ କରିଥିଲେ। ସଭାରେ ଚାପା ଉତ୍ତେଜନା ଆରମ୍ଭ ହୋଇଥିଲା ଓ ଦାମବାବୁ ସରକାରୀ କାର୍ଯ୍ୟକ୍ରମ କଥା ଭୁଲି ଭାଷଣରେ ଆକ୍ରମଣ ଆରମ୍ଭ କରିଦେଲେ। ବ୍ଲକ ପଡିଆରେ ଯେଉଁ ମହିଳା ସମାବେଶ କରାଯାଇଥିଲା, ସେଠାକୁ କ'ଣ କୁଜଙ୍ଗ-ପାରାଦୀପ ଅଞ୍ଚଳରୁ ମହିଳା ଆସିଥିଲେ ବୋଲି ସେ ପ୍ରଶ୍ନ କରିଥିଲେ। ପାଟକୁରା, ମାର୍ଶାଘାଇ, ରଘୁନାଥପୁର, ମାହାଙ୍ଗା, ତିର୍ତ୍ତୋଲ ଅଞ୍ଚଳରୁ ମହିଳାମାନେ ଏଠାକୁ ଆସିଥିବା ଓ କୋଟି କୋଟି ଟଙ୍କା ଖର୍ଚ୍ଚ କରି ୬ଜଣ ମନ୍ତ୍ରୀଙ୍କୁ ଡାକି ମୋ ବିରୋଧରେ ସଭା କରାଗଲା। ଯେଉଁମାନେ ସଭାକୁ ଆସିଥିଲେ ସେମାନେ କେବେ ବିଜେଡିରେ ରହିବେ ନାହିଁ ଓ ଯେଉଁମାନେ ମହିଳାଙ୍କୁ ଡାକିବାର ଦାୟିତ୍ୱ ନେଇଥିଲେ, ସେମାନଙ୍କୁ ନିର୍ବାଚନରେ ଜିତେଇ ଦେବେ ନାହିଁ ବୋଲି କହି ଦାମ କୁଳମଣିଙ୍କ ଆଡକୁ ଆକ୍ଷେପ କରିଥିଲେ। ଏହି ଅବସରରେ ଦାମ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁ ଓ ଜାନକୀ ବାବୁଙ୍କୁ ପ୍ରଶଂସା କରିଥିଲେ। ସେ କହିଲେ ଯେ ବିଜୁବାବୁ ଓ ଦାମବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ମାତ୍ର ୧୮ ହଜାର କୋଟି ଋଣ କରିଥିଲେ। କିନ୍ତୁ ନବୀନ ବାବୁ ୯୩ ହଜାର ୭୬ କୋଟି ଋଣ କରିସାରିଲେଣି।

ସେ ୩୫ ବର୍ଷ ଧରି ବିଧାନସଭାକୁ ଆସିଲେଣି। ଏ ଭିତରେ ବର୍ତ୍ତମାନର ସରକାର ସବୁଠୁ ବଡ଼ ଦୁର୍ନୀତିରେ ବୁଡି ରହିଥିବା ଦାମ କହିଥିଲେ। ଦାମଙ୍କ ପରେ କୁଳମଣି ଭାଷଣ ଦେଇଥିଲେ। ଏହି ଅବସରରେ ସେ ଦାମଙ୍କ ନାଁ ନ ନେଇ ତାଙ୍କୁ ତୀବ୍ର ସମାଲୋଚନା କଲେ। କହିଲେ ୪ ବର୍ଷ କିପରି ବିତିଛି ସେ ଜାଣିନାହାନ୍ତି, କିନ୍ତୁ ବିକାଶରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ସମସ୍ତେ ଜାଣନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିବା ସହ ଦାମଙ୍କ ବିଭ୍ରାନ୍ତିକର ମନ୍ତବ୍ୟକୁ ସମାଲୋଚନା କରିଥିଲେ। ଆଗକୁ ଅନେକ ଘଟଣା ଘଟିବ ଓ ସେ ଲୋକଙ୍କ ସହ ରହିବେ ବୋଲି କୁଳମଣି କହିଥିଲେ। ତାଙ୍କର ଏହି ଭାଷଣ ପରେ ଦାମଙ୍କ ସମର୍ଥକମାନେ ବିଚଳିତ ଜଣାପଡୁଥିଲେ। ତେବେ ଏହି ସମୟରେ ମନ୍ତ୍ରୀ ସାମଲ ଭାଷଣ ଦେବାକୁ ଉଠିବା ବେଳେ ପୂର୍ବତନ ବ୍ଲକ ବିଜେଡି ସଭାପତି ଭାରତ ଭୂଷଣ ଦାସ ଛିଡ଼ାହୋଇ ମନ୍ତ୍ରୀ ଶ୍ରମ ବିଭାଗ ଦାୟିତ୍ୱରେ ଥାଇ ପାରାଦୀପ ଶିଳ୍ପାଞ୍ଚଳରେ କେତେ ନିଯୁକ୍ତି ଦେଇଛନ୍ତି ବୋଲି ପ୍ରଶ୍ନ କରିବାରୁ ଅସ୍ୱାଭାବିକ ପରିସ୍ଥିତ ସୃଷ୍ଟି ହୋଇଥିଲା। ଏସ୍‌ଡିପିଓ ଶିବ ଚରଣ ମଲିକ, କୁଜଙ୍ଗ ଥାନା ଆଇଆଇସି ଦିଲୀପ କୁମାର ସାହୁ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ମନ୍ତ୍ରୀ ସାମଲ ତାଙ୍କ ଭାଷଣରେ ସ୍ଥାନୀୟ ନେତାଙ୍କ ମାଧ୍ୟମରେ ନିଯୁକ୍ତି ସମସ୍ୟା ସମାଧାନ ହୋଇଥାଏ ବୋଲି କହି ଦାମଙ୍କୁ ତେରେଛା ତୀର ମାରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, ଏଡିଏମ୍‌ଓ କାହ୍ନୁଚରଣ ଧିର, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ଉପାଧ୍ୟକ୍ଷା ପୁଷ୍ପଲତା ବେହେରା, ୧ନଂ ଜିଲା ପରିଷଦ ସଦସ୍ୟା ନମିତା ପରିଡା ପ୍ରମୁଖ ଭାଷଣ ଦେଇଥିଲେ। ବ୍ଲକର ୮ହଜାର ୫୦୦ ଖାଉଟିଙ୍କୁ କାର୍ଡ ପ୍ରଦାନ ନିଷ୍ପତ୍ତି ହୋଇଥିବାବେଳେ ସଭାରେ ୧୧୨ ଜଣଙ୍କୁ କାର୍ଡ ଦେବାର ଯୋଜନା ଥିଲା। କିନ୍ତୁ ମାତ୍ର ୧୫ଜଣଙ୍କୁ କାର୍ଡ ଦିଆଯାଇଥିବାବେଳେ ସଭା ଅଧାରୁ ଦାମବାବୁ ନିଜ ସମର୍ଥକଙ୍କ ସହ ବାହାରକୁ ଚାଲି ଆସିଥିଲେ। ଦାମବାବୁ ଚାଲିଯିବା ପରେ ଅବଶିଷ୍ଟ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା।

- ହିତାଧିକାରୀ ଚୟନରେ ହୋଇଛି ଦୁର୍ନୀତି : ଦାମ
- ଆସିଲେନି ପ୍ରତାପ, ଗୋଟିଏ ମଞ୍ଚରେ ଦାମ, ପ୍ରଫୁଲ୍ଲ ଓ କୁଳମଣି
- କାର୍ଡ ବଣ୍ଟନ ନାମକୁମାତ୍ର ଓ ଗୋଇ ଖୋଲାଖୋଲି ଅଧିକ
- ଉତ୍ତେଜନା ମଧ୍ୟରେ ସରିଲା ସଭା, ଉପସ୍ଥିତ ଥିଲେ ୨ ପ୍ଲାଟୁନ ଫୋର୍ସ

### କାର୍ଯ୍ୟକ୍ରମର ଏପାଖ ସେପାଖ ...

**କୁଳମଣିଙ୍କୁ ସମାଲୋଚନା**

ସଭାରେ ବାକ୍‌ଯୁଦ୍ଧ ପରେ ଦାମବାବୁ ବାହାରକୁ ଆସି ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରତିକ୍ରିୟା ରଖିବାକୁ ଯାଇ ଏମପି କୁଳମଣି ସାମଲଙ୍କୁ ତୀବ୍ର ସମାଲୋଚନା କରିଥିଲେ। କହିଲେ କୁଳମଣି ଜଣେ ବେଇମାନ ଓ ବେଇମାନଙ୍କୁ ନିଶ୍ଚୟ ଶାସ୍ତି ମିଳିବ। ସେ କେଉଁ ଚରିତ୍ରର ସମସ୍ତେ ଜାଣନ୍ତି। ତାଙ୍କ ଶଳା ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ, ତାଙ୍କ ମାଉସୀ ପୁଅ ଓ ଅନ୍ୟ ସମ୍ପର୍କୀୟଙ୍କୁ ବହୁ କୋଟିର କାମ ଦେଇଛନ୍ତି। ୪ବର୍ଷ ଏମ୍‌ପି ଥାଇ ସେ ନିଜ ହାତପାଣ୍ଠି କେଉଁଠି ଖର୍ଚ୍ଚ କରିଛନ୍ତି। ଯାହାକୁ କାମ ଦେଉଛନ୍ତି, ତା'ଠାରୁ ପିସି ନେଉଛନ୍ତି। କୁଳମଣି ଆଗକୁ କିପରି ନେତା ହେବେ ସେ ଦେଖିବେ ବୋଲି ଦାମ ଧମକ ଦେଇଥିଲେ।

**ମନ୍ତ୍ରୀ, ଏମ୍‌ପିଙ୍କୁ ପ୍ରତି ନମସ୍କାର କଲେନି**

ସଭା ଆରମ୍ଭ କରେ ଦାମବାବୁ ମଞ୍ଚକୁ ଉଠିଲେ। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ତାଙ୍କୁ ହାତ ଟେକି ନମସ୍କାର କରିଥିଲେ ମଧ୍ୟ ଦାମ କେବଳ ଚାହିଁ ଦେଇ ନୀରବ ରହିଲେ। ପ୍ରତି ନମସ୍କାର ଜଣାଇଲେ ନାହିଁ। ତେବେ ଭାଷଣବାଜି, ହଟଗୋଳ ପରେ ପ୍ରଥମ ହିତାଧିକାରୀଙ୍କୁ ଦାମବାବୁ କାର୍ଡ ଦିଅନ୍ତୁ ବୋଲି ମନ୍ତ୍ରୀ ସାମଲ ଇସାରା ଦେଇଥିଲେ। କିନ୍ତୁ ଦାମ ସମ୍ମୁଖକୁ ନ ଆସିବାରୁ ମନ୍ତ୍ରୀ ସାମଲ ଏକ କାର୍ଡ ନେଇ ତାଙ୍କ ହାତରେ ଧରାଇ ହିତାଧିକାରୀଙ୍କୁ ଦିଆଇଥିଲେ। ସେହିପରି ସବୁଥର ଭଳି ଏମ୍‌ପି କୁଳମଣି ସାମଲ ଦାମଙ୍କ ପାଦ ଛୁଇଁ ପ୍ରଣାମ ଜଣାଇବାବେଳେ ଦାମ ଏଡାଇ ଯାଇ ଅତିଭକ୍ତି ଦେଖାଅ ନାହିଁ ବୋଲି କହିଥିଲେ।

**ସଭାମଞ୍ଚରେ ଅତିଥିଙ୍କୁ ଜଳଖିଆ**

ଏହି ସରକାରୀ କାର୍ଯ୍ୟକ୍ରମରେ ସଭାମଞ୍ଚରେ କେବଳ ଅତିଥିମାନଙ୍କୁ ଜଳଖିଆ ଦିଆଯାଇଥିଲା। କିନ୍ତୁ ସେଠାରେ ଉପସ୍ଥିତ ୧୧୨ ହିତାଧିକାରୀ, ବୃଦ୍ଧାବୃଦ୍ଧ ଉପାସରେ ଫେରିଥିଲେ। ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

**ଦାମଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା**

ଶନିବାର ସଭାରେ ଦାମବାବୁ ଯେଭଳି ଭାବେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାର ଓ ଏମ୍‌ପିଙ୍କୁ ସମାଲୋଚନା କଲେ, ତାହାକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଗରେଇ ସରପଞ୍ଚ ସଂଗ୍ରାମ ମନ୍ତ୍ରୀ, ଦଳୀୟ କର୍ମୀ ସଞ୍ଜୟ ବେହେରା, ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି ଯେ ଦାମବାବୁ ସରକାରୀ କାର୍ଯ୍ୟକ୍ରମରେ ଏଭଳି କହିବା ଗ୍ରହଣୀୟ ନୁହେଁ। ସେହିପରି ଜଣେ ସରକାରୀ ଓକିଲ କେଉଁ ଅଧିକାରରେ ସଭାମଞ୍ଚ ନିକଟରେ ହଟଗୋଳ କଲେ ତାହା ତଦନ୍ତ ସାପେକ୍ଷ ବୋଲି ସରପଞ୍ଚ ସଂଗ୍ରାମ ମନ୍ତ୍ରୀ କହିଛନ୍ତି।



ତିର୍ତ୍ତୋଲ ବ୍ଲକ ନାଉସିରାସ୍ଥିତ ରଘୁପତି ଆଇଡିଆଲ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି।

# ବ୍ୟାପକ ଚାଷଜମି ଜଳମଗ୍ନ, ଫସଲ ହାନି ଆଶଙ୍କା

**କୁଜଙ୍ଗ, ୧୩।୧୦(ସ୍ୱ.ପ୍ର.)**

ଦୁଇ ସପ୍ତାହ ତଳେ ହୋଇଥିବା ଲଗାଣ ବର୍ଷା ଯୋଗୁ କୁଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଜମିଥିବା ପାଣି ଅଦ୍ୟାବଧି ନିଷ୍କାସିତ ହୋଇପାରି ନ ଥିବାବେଳେ ଏବେ ପୁଣି ତିତ୍‌ଲି ବର୍ଷା ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଗୁରୁବାର ଏଠାରେ ୪୫ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଶୁକ୍ରବାର ୧୩୯ ମିମି ରେକର୍ଡ ହୋଇଛି। ଏଥିଯୋଗୁ ଧାନଜମିଗୁଡିକରେ ପାଣି ଜମି ଫସଲ ହାନୀ ହେବାର ଆଶଙ୍କା ରହିଛି। ଚଳିତବର୍ଷ ବହୁ କଷ୍ଟରେ ଚାଷୀ ଧାନ ଫସଲ କରିଥିଲେ। ଧାନ ଥୋଡ଼ ବାହାରୁଥିବାବେଳେ ଚାଷୀମାନେ ୨ୟ ବାର ସାର ପ୍ରୟୋଗ କରିଥିଲେ। ଏଭଳି ସ୍ଥିତିରେ ଲଗାଣ ବର୍ଷା ଏବେ ଚାଷୀଙ୍କ ମୁହଁରୁ ହସ ଛଡେଇ ନେଇଛି। ପାରାଦୀପ ଗଡ଼ର ବହୁ ଚାଷଜମି ସମେତ ଭୂତମୁଣ୍ଡାଇ, ଫତେପୁର, ଗଣ୍ଡକୀପୁର ଅଞ୍ଚଳର ଦେଢ ଶହ ଏକର ଧାନ ଜମିରେ ପାଣି ଜମି ରହିଛି। ପଙ୍କପାଳ ପଞ୍ଚାୟତସ୍ଥିତ ରେଳ ଲାଇନର ଗରେଇ ବିବଛପୁର ପାର୍ଶ୍ୱ, ରୋହିପାଟ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଜନାପାଳ, ବଣିକୁନ୍ଦ ଅଞ୍ଚଳର ବହୁ ଫସଲ ନଷ୍ଟ ହୋଇଛି। ସେହିପରି ପାଟପୁର ପଞ୍ଚାୟତର ବଉଳାଙ୍ଗ, ବାଲିପାରୀ, କୋଠି, ବଗଦିଆ ଆଦି ଅଞ୍ଚଳରେ ଫସଲ ହାନୀ ହୋଇଥିବା ବେଳେ ଅଗପାଳ ପଞ୍ଚାୟତର ନଦୀପଠାରେ ମଧ୍ୟ ଫସଲ ହାନୀ ହୋଇଛି। କୃଷି ବିଭାଗ ଓ ରାଜସ୍ୱ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ କ୍ଷୟକ୍ଷତି ଆକଳନ କରିବାକୁ ପଙ୍କପାଳ ସମବାୟ ସମିତି ସଭାପତି ନିକୁଞ୍ଜ ଚୌଧୁରୀ, ଚାଷୀନେତା ବାବୁରାମ ଚୌଧୁରୀ, ନବନିର୍ମାଣ କୃଷକ ସଂଗଠନ ବ୍ଲକ୍ ସଂଯୋଜକ ବିଷ୍ଣୁ ସ୍ୱାଇଁ, ଦେବ ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି।

# ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନକୁ ସମର୍ଥନ

**ତିର୍ତ୍ତୋଲ, ୧୩।୧୦(ଡି.ଏନ.ଏ.)**

ଧରିତ୍ରୀ ଏବଂ ଓଡିଶା ପୋଷ୍ଟ ତରଫରୁ ଚାଲିଥିବା ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନକୁ ତିର୍ତ୍ତୋଲ ବ୍ଲକ ନାଉସିରାସ୍ଥିତ ରଘୁପତି ଆଇଡିଆଲ ସ୍କୁଲର ଛାତ୍ରୀଛାତ୍ରମାନେ ସମର୍ଥନ କରିଛନ୍ତି। ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀମାନେ ଏକାଠି ହୋଇ ପ୍ଲାଷ୍ଟିକ ବର୍ଜନ ପାଇଁ ସ୍ଲୋଗାନ ଦେବା ସହ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଉମାକାନ୍ତ ସ୍ୱାଇଁ, ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର, ରୁପାଲୀ ପରିଜା, କ୍ଷିରାବ୍ଦୀ ସାହୁ, ସୁସ୍ମିତା ମହାପାତ୍ର, ସଂଘମିତ୍ରା ଦାସ, ପୁଷ୍ପଲତା ତ୍ରିପାଠୀ, ମାମାଲୀ ବେହେରା, ପ୍ରମୋଦିନୀ ବେହେରା, ସସ୍ମିତା ସାହୁ, ଲିଜା ସେଠୀ, ରୀନା ସେଠୀ, ଶିକ୍ଷକ ନୃସିଂହ ରାଉତ, କୈଳାସ ମଲ୍ଲିକ, ସ୍ମୃତିରଞ୍ଜନ ହୋତା, ଗଙ୍ଗାଧର ସ୍ୱାଇଁ, ନବଘନ ମଲ୍ଲିକ, ଧୋୟା ପାତ୍ର, କୈଳାସ ବେହେରା, ଚଗଲୀ ଖୁଣ୍ଟିଆ, ଗଗନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ନ କରିବା ପାଇଁ ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରାମର୍ଶ ଦେଇଥିଲେ।


## ଟ୍ରେନ୍ ସେବାର ନିୟନ୍ତ୍ରଣ

**ମୋଗଲସରାଇ ଡିଭିଜନରେ ସୋନେର ଦେହରିଠାରେ ଏନ୍‌ଆଇ କାର୍ଯ୍ୟ କାରଣରୁ**

ମୋଗଲସରାଇ ଡିଭିଜନରେ ସୋନେର ଦେହରିଠାରେ ଏନ୍‌ଆଇ କାର୍ଯ୍ୟ କାରଣରୁ ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକ ନିୟନ୍ତ୍ରିତ ହେବ।

**ବାତିଲ ହେବାକୁ ଥିବା ଟ୍ରେନ୍**

- ୧୮୧୦୩ ଟାଟାନଗର-ଅମୃତସର ଜାଲିଆନୱାଲାବାଗ ଏକ୍ସପ୍ରେସ୍ ଟାଟାନଗର ଷ୍ଟେଶନରୁ ତା୨୪।୧୦।୨୦୧୮ ଏବଂ ୨୯।୧୦।୨୦୧୮ରିଖରେ।
- ୧୮୧୦୪ ଅମୃତସର-ଟାଟାନଗର ଜାଲିଆନୱାଲାବାଗ ଏକ୍ସପ୍ରେସ୍ ଅମୃତସର ଷ୍ଟେଶନରୁ ତା୨୪।୧୦।୨୦୧୮ ଏବଂ ୨୬।୧୦।୨୦୧୮ରିଖରେ।
- ୧୮୬୩୧ ରାଞ୍ଚି-ଆଜମେର ଏକ୍ସପ୍ରେସ୍ ରାଞ୍ଚି ଷ୍ଟେଶନରୁ ତା୨୫।୧୦।୨୦୧୮ରିଖରେ।
- ୧୮୬୩୨ ଆଜମେର-ରାଞ୍ଚି ଏକ୍ସପ୍ରେସ୍ ଆଜମେର ଷ୍ଟେଶନରୁ ତା୨୭।୧୦।୨୦୧୮ରିଖରେ।
- ୧୮୩୧୧ ସମ୍ବଲପୁର-ବାରାଣସୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ ସମ୍ବଲପୁର ଷ୍ଟେଶନରୁ ତା୨୪।୧୦।୨୦୧୮ ଏବଂ ୨୮।୧୦।୨୦୧୮ରିଖରେ।
- ୧୮୩୧୨ ବାରାଣସୀ-ସମ୍ବଲପୁର ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ ବାରାଣସୀ ଷ୍ଟେଶନରୁ ତା୨୫।୧୦।୨୦୧୮ ଏବଂ ୨୯।୧୦।୨୦୧୮ରିଖରେ।
- ୧୫୦୨୧ ଶାଲିମାର-ଗୋରଖପୁର ଏକ୍ସପ୍ରେସ୍ ଶାଲିମାର ଷ୍ଟେଶନରୁ ତା୨୩।୧୦।୨୦୧୮ରିଖରେ।
- ୧୫୦୨୨ ଗୋରଖପୁର-ଶାଲିମାର ଏକ୍ସପ୍ରେସ୍ ଗୋରଖପୁର ଷ୍ଟେଶନରୁ ତା୨୯।୧୦।୨୦୧୮ରିଖରେ।
- ୧୨୮୭୫ ପୁରୀ-ଆନନ୍ଦ ବିହାର ଟର୍ମିନାଲ ନୀଳାଚଳ ଏକ୍ସପ୍ରେସ୍ ପୁରୀ ଷ୍ଟେଶନରୁ ତା୨୩।୧୦।୨୦୧୮, ୨୬।୧୦।୨୦୧୮ ଏବଂ ୨୮।୧୦।୨୦୧୮ରିଖରେ।
- ୧୨୮୭୬ ଆନନ୍ଦ ବିହାର ଟର୍ମିନାଲ-ପୁରୀ ନୀଳାଚଳ ଏକ୍ସପ୍ରେସ୍ ଆନନ୍ଦ ବିହାର ଟର୍ମିନାଲ ଷ୍ଟେଶନରୁ ତା୨୬।୧୦।୨୦୧୮, ୨୮।୧୦।୨୦୧୮ ଏବଂ ୩୦।୧୦।୨୦୧୮ରିଖରେ।
- ୧୨୮୧୭ ହାଟିଆ-ଆନନ୍ଦ ବିହାର ଟର୍ମିନାଲ ଝାରଖଣ୍ଡ ସ୍ୱର୍ଣ୍ଣଜୟନ୍ତୀ ଏକ୍ସପ୍ରେସ୍ ହାଟିଆ ଷ୍ଟେଶନରୁ ତା୨୪।୧୦।୨୦୧୮, ୨୬।୧୦।୨୦୧୮ ଏବଂ ୨୮।୧୦।୨୦୧୮ରିଖରେ।
- ୧୨୮୧୮ ଆନନ୍ଦ ବିହାର ଟର୍ମିନାଲ-ହାଟିଆ ଝାରଖଣ୍ଡ ସ୍ୱର୍ଣ୍ଣଜୟନ୍ତୀ ଏକ୍ସପ୍ରେସ୍ ଆନନ୍ଦ ବିହାର ଟର୍ମିନାଲ ଷ୍ଟେଶନରୁ ତା୨୫।୧୦।୨୦୧୮, ୨୭।୧୦।୨୦୧୮ ଏବଂ ୨୯।୧୦।୨୦୧୮ରିଖରେ।

**ଗତିପଥ ପରିବର୍ତ୍ତିତ ହେବାକୁ ଥିବା ଟ୍ରେନ୍**

- ୧୨୮୦୧ ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ୍‌ର ଗତିପଥ ପରିବର୍ତ୍ତନ କରାଯିବ ଓ ଏହା ତା୨୩।୧୦।୨୦୧୮ ଏବଂ ୨୮।୧୦।୨୦୧୮ରିଖରେ ଭାୟା ମୁରି-ବରକକଣା-ଗଢୱା ରୋଡ୍-ଚୁନାର ଦେଇ ଚଳାଚଳ କରିବ।
- ୧୨୮୦୨ ନୂଆଦିଲ୍ଲୀ-ପୁରୀ ପୁରୁଷୋତ୍ତମ ଏକ୍ସପ୍ରେସ୍‌ର ଗତିପଥ ପରିବର୍ତ୍ତନ କରାଯିବ ଓ ଏହା ତା୨୩।୧୦।୨୦୧୮ ଏବଂ ୨୮।୧୦।୨୦୧୮ରିଖରେ ଭାୟା ଚୁନାର-ଗଢୱା ରୋଡ୍-ବରକକଣା-ମୁରି ଦେଇ ଚଳାଚଳ କରିବ।

ଏହା କାରଣରୁ ହୋଇଥିବା ଯାତ୍ରୀଙ୍କ ଅସୁବିଧା ପାଇଁ ଆମେ ଦୁଃଖିତ।

(PR-824) ମୁଖ୍ୟ ଯାତ୍ରୀ ପରିବହନ ପରିଚାଳକ

**ଦକ୍ଷିଣ ପୂର୍ବ ରେଳପଥ**

ଆମେ ହର୍ଷର ସହିତ ସେବା କରୁ


### ପ୍ରଧାନ ଶିକ୍ଷକଙ୍କୁ ଆଦର୍ଶ ଶିକ୍ଷକ ରତ୍ନ ସମ୍ମାନ

**ତିର୍ତ୍ତୋଲ, ୧୩।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ ବାଁବରଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁଙ୍କୁ ଆଦର୍ଶ ଶିକ୍ଷକ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଜଗତ୍‌ସିଂହପୁର ଜିଲା ନାଉଗାଁସ୍ଥିତ ଶ୍ରୀ ଶ୍ରୀ ବାବା ବୈକୁଣ୍ଠ ନାଥ ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ତିହୁଡାସ୍ଥିତ ମା'ଜାଗୁଳାଇ ପୀଠରେ ଆୟୋଜିତ ଏକ ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ବିଜୟାନନ୍ଦ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କୁ ସମ୍ମାନିତ କରିଥିଲେ। ଏଥିରେ ମହନ୍ତ ମହାରାଜ ଚିନ୍ତାମଣୀ ପର୍ବତ ସଭାପତିତ୍ୱ କରିଥିଲେ। ଶପଥ ମହାପାତ୍ର, ନିରଞ୍ଜନ ସାହୁ, ଶଶୀକାନ୍ତ ବେହେରା, ଜଗତ୍‌ସିଂହପୁର ଭିଜିଲାନ୍ସ ଅତିରିକ୍ତ ଏସପି ଶଶୀଶେଖର ମହାପାତ୍ର, କୃଷ୍ଣ ପ୍ରସାଦ ସାଦ, ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ, ଅଧ୍ୟାପକ ଚାଇନା ପ୍ରଧାନ, ଅନୁଷ୍ଠାନର ସମ୍ପାଦକ ବାମଦେବ ସ୍ୱାଇ ଉପସ୍ଥିତ ଥିଲେ।

# ଶତାଧିକ ପରିବାର ଜଳବନ୍ଦୀ, ନିଦ୍ରାରେ ପ୍ରଶାସନ

**ବାଲିଆ, ୧୩।୧୦**

ତିତ୍‌ଲି ବର୍ଷା ବିରିଡ଼ି ବ୍ଲକର ତଳିଆ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି। ୧୦୦ରୁ ଊର୍ଦ୍ଧ୍ୱ ପରିବାର ଏହି ବର୍ଷାରେ ଜଳବନ୍ଦୀ ହୋଇଛନ୍ତି। ୪୦୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ମଧ୍ୟ ଏଥିଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକର ଦରଡ଼ା ପଞ୍ଚାୟତ (ଖଟୁଆ ବାଟି), ଶଙ୍ଖପୁର ପଞ୍ଚାୟତର ଲାଞ୍ଜିକୁଳ, ଦଳିତ ସାହି ଓ ୪ ନଂ. ୱାର୍ଡର ସରସୁଦାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜଳନିଷ୍କାସନ ହୋଇପାରୁ ନ ଥିବାରୁ ଜନସାଧାରଣ ଘରୁ ବାହରି ପାରୁନାହାନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାରଙ୍କୁ ପଚାରିବାରୁ ତାଙ୍କ ପାଖରେ ଏଭଳି କିଛି ସୂଚନା ନ ଥିବା କହିଛନ୍ତି। ପ୍ରକାଶ ଯେ, ଦରଡ଼ା ପଞ୍ଚାୟତ (ଖଟୁଆବାଟି)ର ୫୦ ପରିବାର ୩ ଦିନ ହେବ ଜଳବନ୍ଦୀ ଅଛନ୍ତି। ଏଠାକୁ ସଂଯୋଗ ହୋଇଥିବା ରାସ୍ତାର ଅଧା କିଲୋମିଟର ପାଣିରେ ବୁଡି ରହିଥିବାରୁ ଲୋକେ ଯାତାୟାତ କରିପାରୁନାହାନ୍ତି। ଲୋକଙ୍କ ବାରିଘରେ ପାଣି ଜମି ରହିଥିବାରୁ ଏକ ପ୍ରକାର କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦା ତ୍ରିଲୋଚନ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ଜୟଦେବ ମହାନ୍ତି, ରବୀନ୍ଦ୍ର ମହାନ୍ତି, ହାରାମଣି ମହାନ୍ତି, ଭୀମସେନ ମହାନ୍ତି, ଶିବପ୍ରସାଦ ମହାନ୍ତି, ବନଲତା ମହାନ୍ତି, ତନୁଜା ମହାନ୍ତି, ଜମୁନା ରାଉତ, ମମତା ମହାନ୍ତି ପ୍ରମୁଖ କହିଛନ୍ତି ଯେ ଏହି ପଡ଼ାକୁ ଲାଗି ପ୍ରବାହିତ ହେଉଥିବା ସାଳିଜଙ୍ଗ ହଂସୁଆ ଜୋର ଦୀର୍ଘଦିନ ହେଲା ସଫେଇ ହୋଇନି। ଜୋର ମଧ୍ୟରେ କଳିକତି ଦଳ ଭର୍ତ୍ତି ହୋଇରହିଛି। ଜୋରର ସାଳିଜଙ୍ଗ ପୋଲ ଦେଇ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଶଙ୍ଖପୁର ପଞ୍ଚାୟତ ଲାଞ୍ଜିକୁଳ ଦଳିତ ସାହିର କୈଳାସ ଭୋଇ, ବାଦଲ ଭୋଇ, ମଣ୍ଟୁ ଭୋଇ, ସୁଶାନ୍ତ ଭୋଇ, ପ୍ରତାପ ଭୋଇଙ୍କ ଘର ଚାରିପଟେ ଓ ଅଗଣାରେ ପାଣି ଜମିରହିଛି। ସେମାନଙ୍କ ମାଟି କାନ୍ଥ ପାଣି ଭିଜି ଭୁଶୁଡ଼ି ପଡିବାର ଆଶଙ୍କା ରହିଛି। ଗ୍ରାମର ଶ୍ରୀଧର ସାମଲ, ନରେଶ ସାମଲ, ପ୍ରକାଶ ସାମଲଙ୍କ ଘରର କାନ୍ଥ ଭାଙ୍ଗି ପଡିଛି। ସୁରତ ସାମଲ, ସୁଦାମ ସାମଲ, ବଂଶିଧର ସାମଲ, ଗୌରୀ ସାମଲ, ଝାଟୁ ସାମଲ, ସୂର୍ଯ୍ୟମଣି ଭୋଇ, ରଞ୍ଜନ ଭୋଇ, ମନୋଜ ଭୋଇ, ଭରତ ଭୋଇ, ଗଣେଶ ଭୋଇ, ଗୋପବନ୍ଧୁ ଭୋଇ, ମଣ୍ଟୁ ସାମଲ, ସୁଶାନ୍ତ ସାମଲଙ୍କ ବାରିପଟେ ପାଇଖାନାଗୁଡିକ ପ୍ରାୟ ୪ଫୁଟ ପାଣିରେ ବୁଡି ରହିଛି। ସେହି ସାହିର ୨୦୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ପାଇଁ ଖାଦ୍ୟାଭାବ ଦେଖାଦେଇଛି। ନଡ଼ାକୁଟା ସବୁ ପାଣିରେ ଭାସୁଥିବାରୁ ଗୋରୁ ଗାଈ ଉପାସରେ ଅଛନ୍ତି। ହେଲେ ଏନେଇ ଅଦ୍ୟାବଧି ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ସେହି ପଞ୍ଚାୟତ ସରସୁଦା ୪ନଂ. ୱାର୍ଡରେ ବିଚିତ୍ରାନନ୍ଦ ବେହେରା, ରବୀନ୍ଦ୍ର ଜେନା, ଅମୂଲ୍ୟ ଜେନା, ଅତୁଲ୍ୟ ଜେନା, ରୋହିତ ଜେନା, ରଞ୍ଜିତ ବେହେରା, କୁଶ ଭୋଇ, ତୋଫାନ ଭୋଇଙ୍କ ଘରକୁ ପାଣି ଲାଗି ରହିଛି। ଫଳରେ ସେମାନେ ଘରୁ ବାହାରି ପାରୁନାହାନ୍ତି। ବର୍ଷା ହେଲେ ସାଧାରଣତଃ ଏହି ସାହିର ଲୋକେ ୮ ଦିନ ଧରି ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତେଣୁ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ଡ୍ରେନ୍ ନିର୍ମାଣ କରିବାକୁ ବାରମ୍ବାର ପ୍ରସ୍ତାବ ଦିଆଯାଉଥିଲେ ମଧ୍ୟ ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ତାହା ହୋଇପାରୁନାହିଁ। ବର୍ଷା ବିପ୍ରାତ ଯୋଗୁ ୩ ଦିନ ଧରି ଲୋକଙ୍କ ନିଦ ହଜିଯାଇଥିବାବେଳେ ଜିଲା କିମ୍ବା ବ୍ଲକ ପ୍ରଶାସନ ସେଠାରେ ନ ପହଞ୍ଚିବା ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।



ବିରିଡ଼ି ଅଞ୍ଚଳରେ ଜଳବନ୍ଦୀ ହୋଇ ରହିଥିବା ଲୋକମାନେ।



ହଂସୁଆ ଜୋର ସଫେଇ ହୋଇ ନ ଥିବାରୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି।

- ହଂସୁଆ ଜୋରରେ ନିଷ୍କାସିତ ହୋଇପାରୁନି ଜଳ
- ବର୍ଷାରେ ଭିଜି ରହିଛି ମାଟିକାନ୍ଥ
- ୪୦୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ଉପାସ

## ସଂକ୍ଷେପରେ

ଫୋନ ପଞ୍ଜୀକରଣ ହୋଇ ନ ଥିଲେ

### ଡିସେମ୍ବରରୁ ଏସ୍‌ବିଆଇ ନେଟ୍‌ବ୍ୟାଙ୍କିଙ୍ଗ ସୁବିଧା ମିଳିବନି

**ନୂଆଦିଲ୍ଲୀ,୧୩-୧୦:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ନେଟ୍ ବ୍ୟାଙ୍କିଙ୍ଗ ସୁବିଧା ହାସଲ କରୁଥିବା ଗ୍ରାହକଙ୍କୁ ଡିସେମ୍ବର ୧ ତାରିଖ ପୂର୍ବରୁ ସେମାନଙ୍କ ମୋବାଇଲ ନମ୍ବରକୁ ନିଜ ନିଜ ବ୍ୟାଙ୍କ ଶାଖାରେ ପଞ୍ଜୀକରଣ କରାଇ ନେବାକୁ ହେବ। ନଚେତ୍, ସେମାନଙ୍କୁ ଏସ୍‌ବିଆଇର ନେଟ୍ ବ୍ୟାଙ୍କିଙ୍ଗ ସୁବିଧା ମିଳିବ ନାହିଁ। ଏସ୍‌ବିଆଇର ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ୱେବ୍‌ସାଇଟ 'ଅନ୍‌ଲାଇନଏସ୍‌ବିଆଇ'ରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ତେବେ ପୂର୍ବରୁ ପଞ୍ଜୀକରଣ କରିସାରିଥିବା ଗ୍ରାହକଙ୍କୁ ଏଥିପାଇଁ ଚିନ୍ତିତ ହେବାକୁ ପଡିବ ନାହିଁ।

### ତେଲ ଚାହିଦା କମିଛି

**ନୂଆଦିଲ୍ଲୀ,୧୩-୧୦:** ତୈଳ ଦର ବୃଦ୍ଧି ଯୋଗୁ ସେପ୍ଟେମ୍ବରରେ ଦେଶରେ ପେଟ୍ରୋଲ ଓ ଡିଜେଲ ଚାହିଦା ହ୍ରାସ ପାଇଛି। ସରକାରୀ ତଥ୍ୟ କହୁଛି ଯେ, ଆଲୋଚ୍ୟ ମାସରେ ଡିଜେଲ ଚାହିଦା ୧୦ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବା ବେଳେ ପେଟ୍ରୋଲ ୪ ମାସର ସର୍ବୋଚ୍ଚ ସ୍ତରଠାରୁ କମିଛି।

"ଟିକସ ଏବଂ ବ୍ୟାଙ୍କରପ୍ସି ଭଳି ସାଙ୍ଗଠନିକ ସଂସ୍କାର ଯୋଗୁ ବିଶ୍ୱ ବଜାରରେ ମାନ୍ଦାବସ୍ଥା ସତ୍ତ୍ୱେ ଭାରତ ଅଭିବୃଦ୍ଧି ଧାରା ଜାରି ରଖିବାକୁ ସକ୍ଷମ ହୋଇଛି ।
– ସୁଭାଷ ଚନ୍ଦ୍ର ଗର୍ଗ, ଅର୍ଥନୈତିକ ବ୍ୟାପାର ସଚିବ



"ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ ତଥା ସମସ୍ତ ଅଂଶୀଦାରଙ୍କୁ ଗୋଟିଏ ପ୍ଲାଟଫର୍ମରେ ସାମିଲ କରାଇବା ଲାଗି ସରକାର ଏକ ଜାତୀୟ ବାଣିଜ୍ୟ ପୋର୍ଟାଲ ଆଣିବେ ।
– କେଶ୍ୱଭ ଚନ୍ଦ୍ରା, ଯୁଗ୍ମ ସଚିବ, ବାଣିଜ୍ୟ ମନ୍ତ୍ରଣାଳୟ



## ଜିଏସ୍‌ଟି ଭଳି ହେବ ଆଉ ଏକ ବଡ଼ ଆର୍ଥିକ ସଂସ୍କାର

# ଆଦାୟ ହେବ ସମାନ ଷ୍ଟାମ୍ପ ଡ୍ୟୁଟି

**ନୂଆଦିଲ୍ଲୀ,୧୩-୧୦**

କେନ୍ଦ୍ର ସରକାର ଜିଏସ୍‌ଟି ଭଳି ଆଉ ଏକ ବଡ଼ ଆର୍ଥିକ ସଂସ୍କାର ଲାଗି ଅନେକ ବାଟ ଆଗେଇ ଗଲେଣି। ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍‌କୁ ଅଧିକ ସହଜ ତଥା ସୁଗମ କରିବା ଲାଗି କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶେୟାର, ଡିବେଞ୍ଚର ସମେତ ଅନ୍ୟ ସମସ୍ତ ପ୍ରକାର ଫାଇନାନ୍ସିଆଲ୍ ଇନଷ୍ଟ୍ରୁମେଣ୍ଟର ହସ୍ତାନ୍ତର କ୍ଷେତ୍ରରେ ସାରା ଦେଶରେ ଏକ ସମାନ ଷ୍ଟାମ୍ପ ଡ୍ୟୁଟି ଦର ଲାଗୁ କରାଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକାଧିକ ଟିକସ ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯାଇ ଗତବର୍ଷ ଦେଶରେ ଏକକ ଟିକସ ବ୍ୟବସ୍ଥା ଜିଏସ୍‌ଟିକୁ ଲାଗୁ କରାଯାଇଥିଲା। ଠିକ୍ ସେହିଭଳି ଷ୍ଟାମ୍ପ ଡ୍ୟୁଟି କ୍ଷେତ୍ରରେ ମଧ




ସମାନ ବ୍ୟବସ୍ଥା ଗ୍ରହଣ କରାଯିବ। ଅର୍ଥାତ୍ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଆଦାୟ କରୁଥିବା ଭିନ୍ନ ଭିନ୍ନ ଷ୍ଟାମ୍ପ ଡ୍ୟୁଟିକୁ ଏକାଠି ମିଶାଇ ଦିଆଯିବ ଏବଂ ଏକକ ଡ୍ୟୁଟି ଲାଗୁ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଶତାବ୍ଦୀ ପୁରୁଣା ଆଇନରେ ସଂଶୋଧନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଏବେ ଏକାଠି ହୋଇଛନ୍ତି। ଏ ସଂକ୍ରାନ୍ତରେ ନିଆଯିବାକୁ ଥିବା ପଦକ୍ଷେପ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟାମ୍ପ ଡ୍ୟୁଟି ଆଇନରେ ସଂଶୋଧନ ଲାଗି କେନ୍ଦ୍ର ସରକାର ସଂସଦର ଶୀତ ଅଧିବେଶନରେ ଏକ ବିଲ୍ ଉପସ୍ଥାପନ କରିବେ ବୋଲି ସେ କହିଛନ୍ତି। ନୂଆ ଷ୍ଟାମ୍ପ ଡ୍ୟୁଟି ଆଇନ ଲାଗୁ ହେବା ପରେ ରାଜ୍ୟଗୁଡ଼ିକୁ କୌଣସି ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ପଡିବ ନାହିଁ। ଉଲ୍ଲେଖଥାଉ କି, ଜମି କିଣାବିକା ବେଳେ ଷ୍ଟାମ୍ପ ଡ୍ୟୁଟି ଆଦାୟ କରାଯାଉଥିବାରୁ ଏହାକୁ ଜିଏସ୍‌ଟିରୁ ବାଦ୍ ଦିଆଯାଇଥିଲା। ତେବେ ବିଲ୍ସ ଅଫ୍ ଏକ୍ସଚେଞ୍ଜ, ଚେକ୍, ପ୍ରମିସରି ନୋଟ୍ସ, ବିଲ୍ସ ଅଫ୍ ଲାଡିଂ, ଲେଟର ଅଫ୍ କ୍ରେଡିଟ୍, ବୀମା ପଲିସି, ଶେୟାର ହସ୍ତାନ୍ତର, ଡିବେଞ୍ଚର ଏବଂ ଏଭଳି ଅନ୍ୟାନ୍ୟ ଫାଇନାନ୍ସିଆଲ ଇନଷ୍ଟ୍ରୁମେଣ୍ଟ ଲାଗି ସଂସଦ ଷ୍ଟାମ୍ପ ଡ୍ୟୁଟି ଦର ଧାର୍ଯ୍ୟ କରିଥାନ୍ତି। ଅନ୍ୟ ଆର୍ଥିକ କ୍ଷେତ୍ରରେ ଦର ଧାର୍ଯ୍ୟ କରିବାର ଅଧିକାର ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଏହି କାରଣରୁ ରାଜ୍ୟ-ରାଜ୍ୟ ମଧ୍ୟରେ ଷ୍ଟାମ୍ପ ଡ୍ୟୁଟି ଦର ଅଲଗା ରହିଛି। ଏଥିରେ ଭିନ୍ନତା ରହିଥିବା ଦେଖି ଲୋକେ କମ୍ ଦର ଥିବା ରାଜ୍ୟରେ ଆର୍ଥିକ କାରବାର କରିବାକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ହେଉଥିବା ଆର୍ଥିକ କାରବାର ଉପରେ ଷ୍ଟାମ୍ପ ଡ୍ୟୁଟିକୁ ଏକ ସମାନ କରିଦେବା ଅଥବା ଛାଡ କରିଦିଆଯାଉ ବୋଲି ମାର୍କେଟ ରେଗୁଲେଟର ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ରାଜ୍ୟ ସରକାରଗୁଡ଼ିକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ରାଜ୍ୟଗୁଡ଼ିକ ଗ୍ରହଣ କରିନେଇଛନ୍ତି।

## ହୋଣ୍ଡା ଟୁହ୍ୱିଲର୍ସର କର୍ପୋରେଟ୍ ଅଭିଯାନ

**ଭୁବନେଶ୍ୱର,୧୩-୧୦**




ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ କର୍ପୋରେଟ୍ ଅଭିଯାନ 'ତେରି ହର୍ ଉଡାନ୍ ହମାରି ଶାନ୍ ହୈ' ଆରମ୍ଭ ହୋଇଛି। ଡେଣ୍ଟସୁ ୱାନ୍ ପକ୍ଷରୁ ଏହାର ପରିକଳ୍ପନା କରାଯାଇଛି। ଗତ ୧୮ ବର୍ଷରେ ହୋଣ୍ଡା କିଭଳି ଭାବେ ନିୟୁତାଧିକ ଲୋକଙ୍କୁ ଉଡିବାରେ ସହାୟତା କରିଛି ଏବଂ କିଭଳି ସେମାନଙ୍କ ଜୀବନକୁ ଭିନ୍ନ ଭାବେ ଛୁଇଁ ପାରିଛି ତାହା ଏଠାରେ ପ୍ରଦର୍ଶନ ହୋଇଛି। ବିକ୍ରି ପୂର୍ବଠାରୁ ବିକ୍ରି ପରବର୍ତ୍ତୀ ସେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଗ୍ରାହକଙ୍କ ପ୍ରତି ହୋଣ୍ଡାର ରହିଥିବା ପ୍ରତିବଦ୍ଧତାକୁ ଏଠାରେ ଦର୍ଶାଯାଇଛି। ହୋଣ୍ଡା ବ୍ରାଣ୍ଡ ପ୍ରତି ଗ୍ରାହକଙ୍କ ବିଶ୍ୱାସ ଓ ପୃଷ୍ଠପୋଷକତା ୩୯ ନିୟୁତରୁ ଅଧିକ ହୋଣ୍ଡା ଚାଳକଙ୍କ ବର୍ଦ୍ଧିତ ସଂଖ୍ୟାରେ ପ୍ରତିଫଳିତ ହୋଇଛି ବୋଲି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଏଭଳି ଏକ କର୍ପୋରେଟ କ୍ୟାମ୍ପେନ ଦ୍ୱାରା ଆମେ ଗ୍ରାହକଙ୍କ ଖୁସିରେ ସାମିଲ ହେବାର ପ୍ରତିବଦ୍ଧତାକୁ ଦୃଢ କରିବା ଲାଗି ପ୍ରୟାସ ଜାରି ରଖିଛୁ ବୋଲି ଗୁଲେରିଆ କହିଛନ୍ତି।

## ଏଫ୍‌ବିବିର ଫ୍ଲେକ୍ସି ୱେଷ୍ଟ ଜେନ୍ ୨.୦

**ନୂଆଦିଲ୍ଲୀ,୧୩-୧୦**

ଫ୍ୟୁଚର ଗ୍ରୁପର ଲୋକପ୍ରିୟ ଗନ୍ତବ୍ୟସ୍ଥଳ ଏଫ୍‌ବିବି ପକ୍ଷରୁ ନୂଆ ଟ୍ରାଉଜର କଲେକ୍ସନ ଫ୍ଲେକ୍ସି ୱେଷ୍ଟ ଜେନ୍ ୨.୦ ବଜାରକୁ ଆସିଛି। ଏଫ୍‌ବିବିର ଫର୍ମାଲ ୱେର ବ୍ରାଣ୍ଡ ନାଇଟହୁଡ ପକ୍ଷରୁ ପୁରୁଷମାନଙ୍କ ପାଇଁ ଏହାର ଜେନ୍ ୨.୦ ଅଧିକ ଆରାମଦାୟକ କରିବା ଲାଗି ପ୍ରସ୍ତୁତ ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ। ଏହା ଲାଇଟ ଗ୍ରେ, ଡାର୍କ ଗ୍ରେ, ନାଭି, ବ୍ଲାକ ଏବଂ ବ୍ରାଉନ ରଙ୍ଗରେ ଆସୁଛି। ଏହା କେବଳ ଫ୍ୟାବ୍ରିକ ନୁହେଁ, କାର୍ଯ୍ୟ କ୍ଷେତ୍ରରେ ଏହାକୁ ପ୍ରକୃତ ଫର୍ମାଲ ଦୃଷ୍ଟି ଭଙ୍ଗୀରେ ଦେଖାଯାଏ ବୋଲି ବୋଲି କମ୍ପାନୀ କହିଛି। କାର୍ଯ୍ୟକ୍ଷେତ୍ରରେ ବ୍ୟବହାର ଲାଗି ଏହି ପ୍ରଡକ୍ଟକୁ ଉନ୍ନତ ଭାବେ ଡିଜାଇନ କରାଯାଇଥିବା ଏଫ୍‌ବିବିର ସିଓଓ ରାଜେଶ୍ ସେଠ୍ ସୂଚନା ଦେଇଛନ୍ତି।

## ଡା. ବାତ୍ରା ହୋମିଓପାଥି ସମ୍ମାନିତ

**ନୂଆଦିଲ୍ଲୀ,୧୩-୧୦**

Dr Batra's MULTI-SPECIALTY HOMEOPATHY

ଡା. ବାତ୍ରାର ମଲ୍ଟିସ୍ପେଶିଆଲିଟି ହୋମିଓପାଥି ନିକଟରେ କେପ୍‌ଟାଉନରେ ଅନୁଷ୍ଠିତ ୭୩ତମ ଲିଗା ମେଡିକୋରମ୍ ହୋମିଓପାଥିକା ଇଣ୍ଟରନ୍ୟାଶନାଲିସ ସମ୍ମିଳନୀରେ ପୁରସ୍କୃତ ହୋଇଛି। ହୋମିଓପାଥି କ୍ଷେତ୍ରରେ ଏକ ଉଚ୍ଚତର ଗବେଷଣା ନିବନ୍ଧ ପାଇଁ କମ୍ପାନୀକୁ ଏହି ସମ୍ମାନ ମିଳିଛି। ଟ୍ରିକୋଲୋଜିକାଲ ସୋସାଇଟି ଲଣ୍ଡନର ପୂର୍ବତନ ସଭାପତି ତଥା ହୋମିଓପାଥିକ ଡର୍ମାଟୋଲୋଜିର ସହଯୋଗୀ ଏବଂ ଡା. ବାତ୍ରାର ଗ୍ରୁପ କମ୍ପାନୀ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ତଥା ଉପାଧ୍ୟକ୍ଷ ଡା. ଅକ୍ଷୟ ବାତ୍ରା ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। କମ୍ପାନୀ ପକ୍ଷରୁ ସିରିଓସିସ ରୋଗୀଙ୍କୁ ନେଇ ଏକ ସର୍ବେକ୍ଷଣ କରାଯାଇଛି। ସିରିଓସିସ୍ କର୍କଟ ଏବଂ ମଧୁମେହ ରୋଗ ଜୀବନ ଉପରେ କି ନକାରାତ୍ମକ ପ୍ରଭାବ ପକାଉଛି ସେ ଉପରେ ଏଥିରେ ଆଲୋକପାତ କରାଯାଇଛି। ୮ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହି ସର୍ବେକ୍ଷଣରେ ସାମିଲ କରାଯାଇଥିଲା। ଚର୍ମରୋଗ ଏବଂ ସିରିଓସିସ୍ ରୋଗରେ ଆକ୍ରାନ୍ତ ୩ ଲକ୍ଷ ରୋଗୀଙ୍କ ଚିକିତ୍ସା କରିବାକୁ ସକ୍ଷମ ହୋଇଛୁ ବୋଲି ଡା. ଅକ୍ଷୟ ବାତ୍ରା କହିଛନ୍ତି।

## ଆକର୍ଷକ ମୂଲ୍ୟରେ ରେନୋର କ୍ୟାପ୍ଟର ରେଞ୍ଜ୍

**ନୂଆଦିଲ୍ଲୀ,୧୩-୧୦**



ୟୁରୋପିଆନ୍ ଅଟୋମୋଟିଭ୍ ବ୍ରାଣ୍ଡ ରେନୋ ଏହାର ଏସ୍‌ୟୁଭି ମଡେଲ କ୍ୟାପ୍ଟର ରେଞ୍ଜ୍‌କୁ ଆକର୍ଷକ ମୂଲ୍ୟରେ ଉପଲବ୍ଧ କରାଉଛି। ଏ ନେଇ କମ୍ପାନୀ ନିକଟରେ ଘୋଷଣା କରିଛି। ଏହି ରେଞ୍ଜ୍ ଉପରେ ଗ୍ରାହକ ବର୍ତ୍ତମାନ ଆକର୍ଷଣୀୟ ଫିଚର ଲାଭ କରିବାକୁ ସକ୍ଷମ ହେବେ। ଏହା ଏସ୍‌ୟୁଭି ଆପିଲ୍‌କୁ ପରିବର୍ଦ୍ଧିତ କରୁଥିବା ବେଳେ ଆର୍‌ଏକ୍ସଟି ପେଟ୍ରୋଲ୍, ଡିଜେଲ ଏବଂ ପ୍ଲାଟିନ ଡିଜେଲରେ ଆସୁଛି। ଏଥିରେ ଷ୍ଟାଣ୍ଡାର୍ଡ ଫିଚର ଭାବେ ନୂଆ ରୁଫ୍ ରେଲ୍ ରହିଛି। ମଡେଲଟିରେ ଏକ୍ସପ୍ରେସିଭ୍ ଡିଜାଇନ୍, ପ୍ରିମିୟମ ଏବଂ ଅତ୍ୟାଧୁନିକ ଫିଚର, ସଦ୍ୟତମ ଟେକ୍ନୋଲୋଜି ରହିଛି। ଏଥିରେ ଗ୍ରାହକମାନେ ୮୧,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ। କମ୍ପାନୀ ନୂଆ କରି ରେଡିଆଣ୍ଟ ରେଡ୍ କଲର ସହ ନୂଆ ମଡେଲ ବଜାରକୁ ଆଣିଛି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି କମ୍ପାନୀ ବେଷ୍ଟ ଇନ୍ କ୍ଲାସ ଗ୍ରାଉଣ୍ଡ କ୍ଲିୟରାନ୍ସ (୨୧୦ ଏମ୍‌ଏମ୍), ୫୦ ପ୍ରିମିୟମ ଫିଚର ଏଥିରେ ପ୍ରଦାନ କରୁଛି। ଏହା ମଧ୍ୟରେ ଅଟୋମେଟିକ୍ ଟେମ୍ପରେଚର କଣ୍ଟ୍ରୋଲ, ସମନ୍ୱିତ ଅଡିଓ ସିଷ୍ଟମ, ଷ୍ଟିଅରିଂ ହ୍ୱିଲ୍ କଣ୍ଟ୍ରୋଲ, ଡୁଆଲ ଏୟାର ବ୍ୟାଗ୍, ଏବିଏସ୍ ଏବଂ ଇବିଡି ଭଳି ଅତ୍ୟାଧୁନିକ ଫିଚର୍ ସାମିଲ ରହିଛି। ଏହା ପେଟ୍ରୋଲ ଏବଂ ଡିଜେଲ ପାୱାରଟ୍ରେନ ବିକଳ୍ପରେ ଆସୁଛି। ଏହାର ବଜାର ଦର ୯.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

## ନୂଆ ଶୋ'ରୁମ ଖୋଲିବ ଗୁପ୍ତା ଡିଷ୍ଟ୍ରିବ୍ୟୁଟର

**ଭୁବନେଶ୍ୱର,୧୩-୧୦:** ଗୁପ୍ତା ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ଜଗତ୍‌ସିଂହପୁରରେ ନୂଆ ଶୋ'ରୁମ ଖୋଲିବା ନେଇ ଘୋଷଣା କରାଯାଇଛି। ଏହା ୧୪ ତାରିଖ (ରବିବାର) ଦିନ ଖୋଲୁଥିବା ଗୁପ୍ତା ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ସୂଚନା ରହିଛି। ନୂଆ ଶୋ'ରୁମରେ ଗ୍ରାହକମାନେ ହ୍ୱାଇଟଗୁଡ, ଡିଜିଟାଲ ସାମଗ୍ରୀ ଲାଭ କରିବାକୁ ସକ୍ଷମ ହେବେ। ଏଠାରେ ପାର୍ବଣ ଅଫର ସହ ଇନାଗୁରାଲ ଅଫର ଉପଲବ୍ଧ ହେବ ବୋଲି ଶୋ'ରୁମ ପକ୍ଷରୁ ପ୍ରକାଶ।

## ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ସ୍ୱଚ୍ଛତା ହିଁ ସେବା

**ଭୁବନେଶ୍ୱର,୧୩-୧୦:** ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଏରିଆର କୋଚିଲା ଖାଇ ହାଟଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କର୍ମଚାରୀମାନେ ସଫେଇ କାର୍ଯ୍ୟ କରିଥିଲେ। କମ୍ପାନୀର ଅଟୋ ଏବଂ ଫାର୍ମ ଇକ୍ୱିପମେଣ୍ଟ ସେକ୍ଟରର କର୍ମଚାରୀମାନେ ଏଥିରେ ସାମିଲ ହୋଇଥିବା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ସୂଚନା ରହିଛି।

---

**DISTRICT OFFICE, SUNDARGARH**
(Social Welfare Section)
Letter No. 1828 / Date: 12.10.2018

**CORRIGENDUM**

In continuation to Tender Call Notice No. 1756, Dated 01.10.2018 for Printing and supply of Nua Arunima Abhyasa Pustika-I & II for 2018-19 with Corrigendum made thereof vide Letter No. 1779/ Dated 04.10.2018 which have already been published in District website "http://www.sundergarh.nic.in", a further corrigendum is hereby made as follows:

1. The date for receipt of tender documents by Registered Post / Speed Post has been extended to 30.10.2018 by 11.30AM instead of 20.10.2018 by 11.30AM as mentioned earlier. The tender will be opened and finalised at 4PM on 30.10.2018 instead of 12.30noon.
2. The date for obtaining of tender paper has been extended upto 29.10.2018 during any working days instead of 18.10.2018.
3. The term and condition as mentioned at Sl.4 (d) of said Tender Notice is not mandatory.
4. The tenderer has submit the Registration Certificate issued by District industries centre.

All other content of above Tender Call Notice remain unchanged.

*By order of Collector*
***Sd./- District Social Welfare Officer, Sundargarh***

---

OFFICE OF THE HEADMASTER
**KASTURABA GANDHI BALIKA VIDYALAYA, EX-BOARD**
**BLOCK-NABARANGPUR, DIST-NABARANGPUR, PIN-764059**
**Cell: 9937871049 (HM), E-mail: kgbvexboard@rediffmail.com**

**Lette No._______ / 2018** **Date: ____/____2018**

**TENDER CALL NOTICE**

Sealed tenders are invited from the registered reputed firms who having valid PAN, GST registration for supply of Reading Writing materials & Dress Materials to KGBV Ex-Board, Block/Dist-Nabarangpur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV Ex-Board, Nabarnagpur during office hours by 5.00 P.M. of Dt. 12.11.2018. The bid documents shall be opened at 10.00 A.M. on Dt. 13.11.18 in the office of the Headmistress, KGBV Ex-Board, Nabarangpur in the presence of the bidders or their authorized representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

**Headmistress, K.G.B.V. Ex-Board, Nabarangpur**

---

**DRDA, BALANGIR**
No. 263/DSMS/DRDA Dated 11.10.2018
Ph. No.: 06652 (232127 & 235916), Fax: 06652 (233082)

**SHORT TENDER CALL NOTICE**

Tent Houses / firms / agencies / decorators / Transport agencies / security agencies having GSTIN no. may apply for the Tentage & Allied works / Security Services / Photo & Videography / Local Transportation / Printing of Flex Hoardings & Benners for the Pallishree Mela to be organized at Koshal Kalamandal Ground, Balangir from 10th to 14th November 2018.

The tender papers only for Tentage & allied works will be available for purchase from 15th to 25th October 2018 during Official day of Office hour in the Accounts Section of DSMS, Balangir. Reputed firms, decorators and tent houses having the work experience of minimum three years of executing works of exhibitions or similar work and last year annual turnover of minimum Rs. 6,00,000/- (Rupees Six lakhs) can only apply for Tentage & allied work. The firm applying for Tentage & allied work must have minimum C-Class certificate of electrical contract. The sealed tenders will be received latest upto 4.00PM on 25.10.2018 at Office of DRDA in the tender box. The tenders will be opened in the Office of DRDA on 25.10.2018 at 5.00PM in the presence of the tenderers or their authorized representatives. If it will found that the quoted amount of L1 party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

***Sd./- Project Director, DRDA, Balangir***

---

**ZILLA SWASTHYA SAMITI, KANDHAMAL**
**OFFICE OF THE CDM&PHO-CUM-DISTRICT MISSION DIRECTOR, KANDHAMAL**

**Expression of Interest**

**NO. 12007 / NHM /18** **Dt 13.10.2018**

Sealed proposals as per prescribed RFP document are invited from interested eligible NGOs for management of the Delivery Van & Bike Ambulance in Kandhamal district. The eligible criteria, the terms of reference and the formats for submission of bid as set forth in the RFP document can be downloaded from the website www.kandhamal.nic.in. The deails of the location where the vehicles will be engaged are mentioned in the RFP document. Interested bidders fulfilling the eligibility criteria may submit their proposals separately (with EMD & document as per RFP) to the O/o: CDM & PHO, DHH Phulbani, Kandhamal. Proposal(s) complete in all respect should reach the undersigned on or before 05.00 P.M. of 30.10.2018 through Regd/Speed Post & courier and the same will be opened on 31.10.18 at 04.30 P.M. in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

**Sd./- CDM&PHO cum District Mission Director**
**NHM, Kandhamal**

---

DIRECTORATE OF PRINTING, STATIONERY AND PUBLICATION, ODISHA, MADHUPATNA, CUTTACK-753010

**NOTICE NO.08/FOR PROCUREMENT OF PLASTIC COVERS OF GOVERNMENT DIARY-2019.**

**No.16-J:-** Sealed tenders in double sealed covers (documents alongwith E.M.D. in one cover and price bid in another cover) in prescribed form are invited from bonafide Manufacturers or their Authorised Dealers/Supplier/Co-operative Societies registered under Societies Act,1861 for supply of 50,000 nos. of Plastic Cover of Government Diary-2019 **(13,500 nos. for free distribution + 500 nos. Special Diary for G.A Deptt.= 14,000 nos. and 36,000 nos. for public sale)** as per specification mentioned at Annexure-'A' in the tender schedule, as per terms and conditions mentioned in the tender documents.

The details of the tender can be accessed in the Odisha Govt.website www.odisha.gov.nic.in & Govt.Press website www.ogpress.nic.in or from the office of Accounts Officer (Purchase) of this Directorate during office hours on working days from **15.10.2018 to 5.11.2018.**

**Sd./- Director,**
**Printing, Stationery & Publication,**
**Odisha, Madhupatna, Cuttack-10**

**02002/11/0015/1819**

---

DSPL - 191

## ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

# ମାନସିକ ରୋଗ ସମ୍ପର୍କରେ ଜାଣିବା କଥା

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି । ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି । ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

### ମାନସିକ ରୋଗର ଲକ୍ଷଣ

- ★ ବହୁଦିନ ଧରି ରାତିରେ ନିଦ ନହେବା
- ★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
- ★ ମନରେ ଅତ୍ୟଧିକ ଡର ଲାଗିରହିବା
- ★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
- ★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
- ★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
- ★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
- ★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
- ★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
- ★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
- ★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
- ★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

### ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ

- ★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
- ★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
- ★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
- ★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
- ★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
- ★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
- ★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
- ★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ । ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ ।**

facebook.com/HFWOdisha | http://www.health.odisha.gov.in/ | @HFWOdisha

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା**

10036/13/0001/1819



❝ ସ୍ପିନ ଖେଳିବାର କୌଶଳ ଜାଣିପାରିଥିବାରୁ ରୋଷ୍ଟନ ଚେଜ୍ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବ୍ୟାଟିଂରେ ସଫଳ ହୋଇପାରିଛନ୍ତି।

–ଷ୍ଟୁଆର୍ଟ ଲ', ୱେଷ୍ଟଇଣ୍ଡିଜ କୋଚ୍



❝ ଫ୍ଲାଟ୍ ଟ୍ରାକ୍‌ରେ ଏସ୍‌ଜି ବଲ ପେସ୍ କିମ୍ବା ବାଉନ୍ସକୁ ସୁହାଉ ନ ଥିବାରୁ ଟେଲ ଏଣ୍ଡର ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବା ସହଜ ହେଉ ନାହିଁ।

–ଉମେଶ ଯାଦବ, ଭାରତୀୟ ବୋଲର

## ସଂକ୍ଷେପରେ

### ଅଂଶିକାଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୧୩।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ବିକାଶ ଦି କନ୍‌ସେପ୍ଟ ସ୍କୁଲ ଆନୁକୂଲ୍ୟରେ ଗତ ୧୩ ତାରିଖରୁ ସମ୍ବଲପୁରରେ ଆରମ୍ଭ ହୋଇଥିବା ସିବିଏସ୍‌ଇ କ୍ଲଷ୍ଟର୨ ଆଥଲେଟିକ ମିଟ୍‌ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଅଂଶିକା ରାଉତରାୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ଅଂଶିକା ୧୪ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ ୧୧.୦୭ ମିଟର ଫିଙ୍ଗି ଏହି ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗର କାଞ୍ଚପାରା ହାମେଇଥ୍ ଇଂଲିଶ ମିଡିୟମ ସ୍କୁଲର ସ୍ନେହା ପାଲ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ସେହିପରି ରାୟପୁରର ଏନ.ଏଚ୍ ୱାର୍ଲ୍ଡ ସ୍କୁଲ ଛାତ୍ରୀ ଗୁନେତ କୌର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

### ରୌପ୍ୟ ଜିତିଲେ ଲକ୍ଷ୍ୟ

**ବୁଏନ୍ସ ଆରିଜ,୧୩।୧୦(ପି.ଟି.):** ଭାରତୀୟ ଶଟଲର ଲକ୍ଷ୍ୟ ସେନ ଚଳିତ ଯୁଥ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗର ଫାଇନାଲରେ ଚାଇନାର ଲି ଶିଫେଙ୍ଗଙ୍କଠାରୁ ପରାଜିତ ହୋଇ ଲକ୍ଷ୍ୟଙ୍କୁ ପୋଡିୟମ୍‌ର ୨ୟ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଜୁନିୟର ଏସିଆନ୍ ଗେମ୍ସ ଚାମ୍ପିୟନ ଲକ୍ଷ୍ୟ ୧୫-୨୧, ୧୯-୨୧ ଗେମ୍‌ରେ ଲି'ଙ୍କଠାରୁ ହାରି ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି।

# ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣ

**ଏସିଆନ ପାରା ଗେମ୍ସ**

ଭୁବନେଶ୍ୱର, ୧୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ)



ଇଣ୍ଡୋନେସିଆର ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସରେ ଓଡ଼ିଆ ପୁଅ ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ସେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୩ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ସେ ପୂର୍ବତନ ବିଶ୍ୱ ଚାମ୍ପିୟନ ତଥା ଏସିଆନ୍ ଚାମ୍ପିୟନ ଇଣ୍ଡୋନେସିଆର ଉକୁନ ରୁକାଏନ୍ଦିଙ୍କୁ ୨୧-୧୯, ୧୫-୨୧, ୨୧-୧୪ରେ ପରାସ୍ତ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ଅସାଧାରଣ ସଫଳତା ପାଇଁ ତାଙ୍କୁ ଓଡ଼ିଶା ପାରା ବ୍ୟାଡମିଣ୍ଟନ ସଂଘ ଓ ଓଡ଼ିଶା ପାରା ପ୍ଲେୟାର ଫୋରମ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ପାରାଲିମ୍ପିକ୍ସ ଆସୋସିଏଶନ ସମ୍ପାଦକ ବିଷ୍ଣୁ ଚରଣ ସାହୁ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରମୋଦଙ୍କ ଏହି ସଫଳତାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟ ବର୍ଦ୍ଧନ ସିଂ ରାଠୋର ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଶୁକ୍ରବାର ଏସିଆନ ପାରା ଗେମ୍ସ ଚେସ୍‌ରେ ଦୃଷ୍ଟିହୀନ ଦୁଇ ଓଡ଼ିଆ ଭ୍ରାତା ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ପ୍ରଧାନ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ।

# ପନ୍ତ, ରାହାନେଙ୍କ ଅର୍ଦ୍ଧଶତକ

ହାଇଦ୍ରାବାଦ, ୧୩।୧୦(ପି.ଟି.)



ଅର୍ଦ୍ଧଶତକ ହାସଲ ପରେ ରିଷଭ ପନ୍ତ।

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ରିଷଭ ପନ୍ତଙ୍କ ଷ୍ଟ୍ରୋକ୍‌ଭରା ପ୍ରଦର୍ଶନ ଏବଂ ଅଜିଙ୍କ୍ୟ ରାହାନେଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ସହାୟତାରେ ଭାରତ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୪ଉଇକେଟ ବିନିମୟରେ ୩୦୮ ରନ କରିଛି। ସକାଳ ସେସନରେ ପୂର୍ବଦିନର ଅସମାପ୍ତ ସ୍କୋର ୨୯୫/୭ରୁ ଖେଳ ଆରମ୍ଭ କରିଥିବା ଭ୍ରମଣକାରୀ ଦଳ ଆଉ ମାତ୍ର ୧୬ ରନ ଯୋଗ କରିପାରିଥିଲା। ୱେଷ୍ଟଇଣ୍ଡିଜ ୩୧୧ ରନରେ ଅଲଆଉଟ ହୋଇଯାଇଥିଲା। ଭାରତ ହାତରେ ଆଉ ୬ଟି ଉଇକେଟ ରହିଥିବାବେଳେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ସ୍କୋରଠାରୁ ଆଉ ମାତ୍ର ୩ ରନ ପଛରେ ରହିଛି। ଘରୋଇ ଦଳ ପକ୍ଷରୁ ଶ୍ରେଷ୍ଠ ବୋଲର ରହିଥିଲେ ଉମେଶ ଯାଦବ। ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ସହ ୨୬.୪ ଓଭରରେ ୮୮ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରିଥିଲେ। ଯୁବ ଖେଳାଳି ପନ୍ତ୍ ଦ୍ୱିତୀୟ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୧୨୦ ବଲ୍‌ରେ ଆକର୍ଷଣୀୟ ୮୫ ରନ କରି ଅପରାଜିତ ରହିଛନ୍ତି। ଉପଅଧିନାୟକ ରାହାନେ ୧୭୪ ବଲରେ ୭୫ ରନ କରି ଅପରାଜିତ ରହିଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନ ୫ମ ଉଇକେଟରେ ଅପରାଜିତ ୧୪୬ ରନ ଯୋଗ କରିସାରିଛନ୍ତି। ଫର୍ମରେ ଥିବା ବିରାଟ କୋହଲି (୪୫) ଆଉଟ ହେବା ପରେ ଭାରତର ସ୍କୋର ୧୬୩/୪ ରହିଥିଲା। ସକାଳେ ପୃଥ୍ୱୀ ଶ' ମାତ୍ର ୫୩ ବଲରେ ଦ୍ରୁତ ୭୦ ରନର ଏକ ଇନିଂସ ଖେଳି ଦର୍ଶକମାନଙ୍କୁ ଆମୋଦିତ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୩୧୧/ଅଲଆଉଟ (ରୋଷ୍ଟନ ଚେଜ୍-୧୦୬, ଜାସନ ହୋଲ୍ଡର-୫୨; ଉମେଶ ଯାଦବ-୬/୮୮)।

**ଭାରତ ପ୍ରଥମ ଇନିଂସ:** ୩୦୮/୪ (ରିଷଭ ପନ୍ତ-୮୫*, ଅଜିଙ୍କ୍ୟ ରାହାନେ-୭୫*, ପୃଥ୍ୱୀ ଶ'-୭୦, ବିରାଟ କୋହଲି-୪୫; ଜାସନ ହୋଲ୍ଡର-୨/୪୫)।

# ଦ୍ୱିତୀୟ ଦିନିକିଆରେ ଇଂଲଣ୍ଡ ବିଜୟୀ

ଦାମ୍ବୁଲା, ୧୩।୧୦(ଏଏଫପି)

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ବିଜୟ ହାସଲ କରିଛି। ବର୍ଷାରେ ବାଧାପ୍ରାପ୍ତ ଏହି ମ୍ୟାଚର ଫଳାଫଳ ଉନ୍ନତହାର ରନ ଭିତ୍ତିରେ ଫଇସଲା ହୋଇଥିଲା। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ୫୦ଓଭରରେ ୯ଉଇକେଟ ବିନିମୟରେ ୨୭୮ରନ କରିଥିଲା। ଦଳ ପକ୍ଷରୁ ଇଅନ ମୋର୍ଗାନ ସର୍ବାଧିକ ୯୨ ରନ କରିଥିଲେ। କିନ୍ତୁ ବର୍ଷା ଯୋଗୁ ଖେଳ ସ୍ଥଗିତ ରଖାଯିବାବେଳକୁ ଶ୍ରୀଲଙ୍କା ୨୯ ଓଭରରେ ୫ଉଇକେଟ ହରାଇ ୧୪୦ ରନ କରିଥିଲା। ଘରୋଇ ଦଳ ଏକଦା ୭୪ ରନରେ ୫ଟି ଉଇକେଟ ହରାଇଥିଲା। ମାତ୍ର ଥିସାରା ପେରେରା (୪୪*) ଓ ଧନଞ୍ଜୟ ଡି'ସିଲ୍‌ଭା (୩୬*) ରନ କରି ଅପରାଜିତ ୬୬ ରନ ଯୋଗ କରିଥିଲେ। ମ୍ୟାଚ ସସ୍‌ପେଣ୍ଡ ରଖାଯିବା ପରେ ଏକ ଘଣ୍ଟା ଧରି ପ୍ରବଳ ବର୍ଷା ଜାରି ରହିଥିଲା। ଫଳରେ ଡକୱର୍ଥ ଲୁଇସ୍-ଷ୍ଟର୍ନ ରନ ରେଟ୍ ସିଷ୍ଟମ ଅନୁସାରେ ଇଂଲଣ୍ଡକୁ ୩୧ ରନରେ ବିଜୟୀ ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ, ବୁଧବାର ବର୍ଷା ଯୋଗୁ ଦୁଇ ଦଳ ମଧ୍ୟରେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆର ମାତ୍ର ୧୫ ଓଭର ଖେଳ ସମ୍ଭବ ହୋଇଥିଲା। ଫଳରେ ଖେଳ ବିନା ଫଳାଫଳରେ ଶେଷ ହୋଇଥିଲା।

# ଫାଇନାଲରେ ପେସ

**ନୂଆଦିଲ୍ଲୀ, ୧୩।୧୦ (ପି.ଟି.):** ଭେଟେରାନ ଲିଆଣ୍ଡର ପେସଙ୍କ ନିକଟରେ ଚଳିତ ସିଜନର ୨ୟ ଟାଇଟଲ ଜିତିବାକୁ ସୁଯୋଗ ରହିଛି। ପେସ ଓ ମିଗୁଏଲ ଆଞ୍ଜେଲ ରେୟେସ ଭେରେଲାଙ୍କ ଯୋଡ଼ି ଚାଲେଞ୍ଜର ସର୍କିଟ ଇଭେଣ୍ଟ ସାଣ୍ଟୋ ଡୋମିଙ୍ଗୋ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ୨ୟ ସିଡ୍ ଏହି ଯୋଡ଼ି ୬-୪, ୭-୬ ସେଟ୍‌ରେ ଆର୍ଜେଣ୍ଟିନାର ଥୋମାସ ଲିପୋଭସେକ ପୁଚେସ ଓ ଜୁଆନ ଇଗନାସିଓ ଲୋନଡେରୋଙ୍କ ଯୋଡ଼ିକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବିଜୟ ଲାଗି ଭାରତ-ମେକ୍ସିକାନ ଯୋଡ଼ିକୁ ଏକ ଘଣ୍ଟା ୨୩ ମିନିଟ୍ ଲାଗିଥିଲା। ପେସ୍ ଓ ଆଞ୍ଜେଲଙ୍କୁ ପ୍ରଥମ ସେଟ୍ ଅପେକ୍ଷା ଦ୍ୱିତୀୟ ସେଟ୍‌ରେ ଅଧିକ ସଂଘର୍ଷ କରିବାକୁ ପଡ଼ିଥିଲା। ଏଥିରେ ସେମାନେ ଟାଇବ୍ରେକର ରାଉଣ୍ଡର ସମ୍ମୁଖୀନ ହୋଇଥିଲେ। କିନ୍ତୁ ଏହାକୁ ୭/୩ ବ୍ୟବଧାନରେ ଜିତି ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

# ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ: ଭାରତ-ଚାଇନା ମ୍ୟାଚ୍ ଡ୍ର

**ସୁଝୋ (ଚାଇନା), ୧୩।୧୦ (ପି.ଟି.):** ଭାରତ ଓ ଚାଇନା ମଧ୍ୟରେ ଶନିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଗୋଲଶୂନ୍ୟ ଡ୍ର ଭାବେ ଶେଷ ହୋଇଛି। ଦୁଇ ଦଳ ୨୧ ବର୍ଷରେ ପ୍ରଥମ ଥର ପରସ୍ପରକୁ ଭେଟିଥିଲେ। ମ୍ୟାଚରେ ଚାଇନା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମାତ୍ର ବ୍ୟାକ୍‌ରେ ଥିବା ୪ ଖେଳାଳି ସନ୍ଦେଶ ଝିଙ୍ଗାନ୍, ନାରାୟଣ ଦାସ, ପ୍ରୀତମ କୋଟାଲ ଓ ସୁଭାଶିଷ ବୋଷ ଉଚ୍ଚକୋଟୀର ପ୍ରଦର୍ଶନ ସହ ଚାଇନା ଫରୱାର୍ଡ ଖେଳାଳିଙ୍କୁ ରୋକିବାରେ ସମର୍ଥ ହୋଇଥିଲେ। ଘରୋଇ ଦଳ ତିନୋଟି ନିଶ୍ଚିତ ଗୋଲ ଦେବାର ସୁଯୋଗ ପାଇଥିଲା। ମାତ୍ର ଭାରତୀୟ ଗୋଲକିପର ଗୁରପ୍ରୀତ ସିଂ ସାନ୍ଧୁ ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଦେଇଥିଲେ।

# 'ଢାଞ୍ଚାରେ ପରିବର୍ତ୍ତନର ଆବଶ୍ୟକତା ନାହିଁ'

ଆଗାମୀ ନଭେମ୍ବର- ଡିସେମ୍ବରରେ ବିଶ୍ୱକପ୍ ଓ ତାହା ପୂର୍ବରୁ ଆସନ୍ତା ୧୮ରୁ ୨୮ ତାରିଖ ମଧ୍ୟରେ ଓମାନରେ ଆୟୋଜନ ହେବାକୁ ଯାଉଥିବା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଉପରେ ଏବେ ସମସ୍ତଙ୍କ ନଜର। ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ଏସୀୟ ଦଳଗୁଡିକ ପାଇଁ ଚାମ୍ପିୟନ୍ସ ଟ୍ରଫି ବେଶ୍ ମହତ୍ତ୍ୱ ରଖୁଛି। ବିଶ୍ୱକପ୍ ପୂର୍ବରୁ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ଭାରତ ନିଜର ଶକ୍ତି ତଥା ସାମର୍ଥ୍ୟକୁ ପରଖିବ। ଏହି ଟୁର୍ନାମେଣ୍ଟ ଭାରତୀୟ ଦଳ ପାଇଁ ବେଶ୍ ମହତ୍ତ୍ୱ ରଖୁଛି ବୋଲି କୋଚ୍ ହରେନ୍ଦ୍ର ସିଂ ଶନିବାର ସକାଳେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ମିଡିଆ ଇଣ୍ଟରାକ୍ସନରେ ଯୋଗଦେଇ କହିଛନ୍ତି। ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ଆମେ ଗୋଲ ବରଣ କରୁଛୁ ଓ ଏହା ଏକ ବଡ଼ ଦୁର୍ବଳତା ବୋଲି କୁହାଯାଉଥିବା କଥାକୁ ମୁଁ ଆଦୌ ସ୍ୱୀକାର କରିବି ନାହିଁ ବୋଲି ହରେନ୍ଦ୍ର କହିଛନ୍ତି। କାରଣ ନ୍ୟୁଜିଲାଣ୍ଡ, ହଲାଣ୍ଡ ପରି ବିଶ୍ୱର ଶ୍ରେଷ୍ଠ ଦଳଗୁଡିକ ଶେଷ ମୁହୂର୍ତ୍ତରେ ଗୋଲ ବରଣ କରିଛନ୍ତି। ତେଣୁ ଏଥିପାଇଁ ଦଳର ମୌଳିକ ଢାଞ୍ଚାରେ ପରିବର୍ତ୍ତନ କରିବାର ଆଦୌ ଆବଶ୍ୟକତା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ତିମ ହ୍ୱିସିଲ ନ ବାଜିବା ପର୍ଯ୍ୟନ୍ତ ମ୍ୟାଚ ଚାଲୁ ରହିଥାଏ ଓ ଏହା ସମାନ ରହିଥାଏ। ମ୍ୟାଚ୍‌ରେ ଅନ୍ତିମ ଓ ଆରମ୍ଭ ସବୁ ସମାନ। ବିଶ୍ୱର ସବୁ ଦଳକୁ ଆମେ ସମାନ ଗୁରୁତ୍ୱ ଦେଇ ପଡିଆକୁ ଓହ୍ଲାଉଥାଉ। ଶ୍ରୀଲଙ୍କା ହେଉ କି ବାଂଲାଦେଶ କିମ୍ବା ୧ ନମ୍ବର ଦଳ ଅଷ୍ଟ୍ରେଲିଆ ସବୁ ଦଳକୁ ଖେଳିବା ବେଳେ ସମାନ ଗୁରୁତ୍ୱ ଦେଇଥାଉ। ଫର୍ମ ଓ ଫିଟନେସକୁ ଦୃଷ୍ଟିରେ ରଖି ବିଶ୍ୱକପ୍ ଦଳ ଚୟନ ହେବ। ଏଥିପାଇଁ ଖେଳାଳିଙ୍କ ପ୍ରୋଫାଇଲକୁ ଗୁରୁତ୍ୱ ଦିଆଯିବ ନାହିଁ। ଶ୍ରେଷ୍ଠ ଫର୍ମରେ ଥିବା ଖେଳାଳିଙ୍କୁ ଦଳରେ ନିଆଯିବ ବୋଲି ହରେନ୍ଦ୍ର ସ୍ପଷ୍ଟ କରିଛନ୍ତି।

**ହକି ବିଶ୍ୱକପ୍**



**ଆଉ ୫୩ ଦିନ**

# ଜୋହର କପ୍ ହକି: ଭାରତକୁ ରୌପ୍ୟ

**ଜୋହର ବାହରୁ (ମାଲେସିଆ), ୧୩।୧୦ (ପି.ଟି.):** ଅଷ୍ଟମ ସୁଲ୍‌ତାନ ଜୋହର କପ୍ ୧୮ ବର୍ଷରୁ କମ୍ ହକି ଟୁର୍ନାମେଣ୍ଟରେ ଭାରତକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଶନିବାର ଅନୁଷ୍ଠିତ ପ୍ରତିଯୋଗିତାର ରୋମାଞ୍ଚକ ଫାଇନାଲରେ ଦଳ ୨-୩ ଗୋଲରେ ଗ୍ରେଟ୍ ବ୍ରିଟେନଠାରୁ ପରାସ୍ତ ହୋଇଯାଇଛି। ଭାରତ ଗତବର୍ଷ ଏହି ଟୁର୍ନାମେଣ୍ଟରେ ବ୍ରୋଞ୍ଜ ଜିତିଥିଲା। ଭାରତ ପକ୍ଷରୁ ବିଷ୍ଣୁକାନ୍ତ ସିଂ (୪ର୍ଥ ମିନିଟ), ଅଭିଷେକ (୫୫ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସ୍ୱର୍ଣ୍ଣ ବିଜେତା ଗ୍ରେଟ୍ ବ୍ରିଟେନ ଦଳ ତରଫରୁ ଜେମ୍ସ କ୍ୱାଟେସ (୩୯ତମ ଓ ୪୨ତମ ମିନିଟ) ଦୁଇଟି ଗୋଲ ଏବଂ ୭ମ ମିନିଟରେ ଡାନିଏଲ ୱେଷ୍ଟ ଗୋଟିଏ ଗୋଲ ଦେଇଥିଲେ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରବୀନ୍ଦ୍ରନାଥ ସାହୁ**
ବମିଖାଲ, ଭୁବନେଶ୍ୱର
ଆବିର୍ଭାବ: ୨୬।୦୪।୧୯୪୨
ତିରୋଧାନ: ୨୬।୦୯।୨୦୧୭
ଆଜକୁ ଠିକ୍ ବର୍ଷକ ତଳେ ଆମମାନଙ୍କୁ ଶୋକସାଗରରେ ଭସାଇ ଦେଇ ତୁମେ ଆରପାରିକୁ ଚାଲିଗଲ। ତୁମେ ଯେଉଁଠିବି ଥାଅ ଶାନ୍ତିରେ ଥାଅ। ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଏହାହିଁ ଆମାନଙ୍କର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ପୁତ୍ର- ନିଲୁ, କନ୍ୟା- ବୁଢୀ, ଲୁନି, ପୁତୁରା- ବୁଲୁ, ପତ୍ନୀ, ବୋହୂ ଏବଂ ପରିବାରବର୍ଗ। ଧ-୮୮୭୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ତଅପୋଇ ଦେବୀ**
ହୁଲୁରଶିଙ୍ଗା, ଅନୁଗୋଳ
ଆବିର୍ଭାବ: ୦୧।୧୦।୧୯୩୨
ତିରୋଧାନ: ୨୬।୦୯।୨୦୧୭
ଆଶ୍ୱିନ ଷଷ୍ଠୀ, ମଙ୍ଗଳବାର
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ପରିବାରବର୍ଗ। ଧ-୫୨୮୨

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ସନ୍ତୋଷ କୁମାର ସମର୍ଥା (ରିଙ୍କୁନି)**
ପିତା: ଶିବରାମ ସମର୍ଥା
ସା: ଜମେଶ୍ୱର ପାଟଣା ସାହି, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ଆବିର୍ଭାବ: ୦୫।୧୦।୧୯୮୮
ତିରୋଧାନ: ୦୪।୧୦।୨୦୧୮
ତୁମର ଜନ୍ମଦିନରେ ଅକାଳ ମୃତ୍ୟୁରେ ତୁମ ପିତା ମାତାଙ୍କୁ ଘୋର ଶୋକସାଗରରେ ଭସାଇ ତୁମେ ଆରପାରିକି ଚାଲିଗଲ। ପ୍ରତିକ୍ଷଣରେ ତୁମ ଅନୁପସ୍ଥିତିର ଶୂନ୍ୟତା ଆମେ ଅନୁଭବ କରୁଛୁ। ତୁ ଯେଉଁଠି ଥିଲେବି ଆମକୁ କ୍ଷମା କରିବୁ। ତୋର ସେହି ହସ ହସ ମୁହଁ, ସ୍ନେହବୋଳା କଥା ସବୁବେଳେ ମନେପଡୁଛି। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଇତି ତୁମର ହତଭାଗ୍ୟ- ବାପା, ବୋଉ, ଭାଇ, ଭାଉଜ, ଭଉଣୀ, ଭିଣୋଇ, ଝିଆରୀ- ସୋମା, ପୁତୁରା- ସାହିଲ, ଭଣଜା- ସତ୍ୟଜିତ, ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ। ଧ-୬୪୬୨୦

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ। 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି। ଏଗ୍ରୀମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ କି-79, ଆଦର୍ଶ ନଗର, କ୍ରୋଳବାଗ
Contact:- 7894865978, 7894865768

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ। ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ। ପର୍ସନାଲ, ପ୍ରପର୍ଟି, ଏଗ୍ରିକଲଚର, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଦରେ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ)
34/5, 1st Floor, Palam Vihar, Gurugram, Haryana
8920535530
8826532451

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
8ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add:- 41/14, Sec-1 Pushp Vihar, Delhi

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ର ସମ୍ରାଟ
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାନ୍ଦିଲେ ନୁହେଁ ଦେଖାଇଲେ କଷ୍ଟ ଦୂରହେବ!
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336




festive Collection
NOW IN STORES









DUKE
fifty years of great fashion

T-Shirts . Sweatshirts . Sweaters . Jackets . Shirts . Trousers . Lowers . Tracksuits . Valuepacks . Footwear

EXCL. SHOWROOMS AT BHUBANESHWAR: 1st Floor, Unit 2 Kesari Mall | Pall Height Mall | Ravi Talkies Square | Bajarang Vihar, Patia | 109, Forum Mart Mall JAJPUR: Jajpur Rd. CUTTACK: B.K. Rd. | Darga Bazar BERHAMPUR: Urban Bank Rd. | Telephone Bhavan Rd. | Kampali Square, Mahabali Mkt. BARBIL: Rabi Sons Mall, Main Rd. ANGUL: Shanti Bazar BARIPADA: Gandhi Mkt. BHADRAK: Salandi-Bye Pass ROURKELA: Udit Nagar, Main Rd. BOLANGIR: Sri Kunj Complex, Ramji Rd. | Main Rd. BALASORE: Opp. Convent school, Vivekanand Marg SUNDERGARH: Megha Malhar, Mission Rd. DEOGARH: Traffic Chowk JATNI: Main Rd., Opp. P.N.B Bank RAYAGADA: Lakshmi Kalyani Residency KENDRAPADA: Tulsi Bazaar, Nr. Bus Stand TALCHER: Hatatota. | ALSO AT ALL LEADING STORES. Visit us at: www.dukeindia.com

FOR SHOWROOM ENQ. REQUIRED AT: Jharsuguda, Kantabanji, Sambalpur, Bhubaneshwar, Bhawanipatna, Bargarh, Jeypore, Keonjhar, Talcher, Koraput, Nayagarh, Paradip, Puri, Phulbani. Contact: 93372-67083, 9855588080 | Follow us on :

at : SHOP ONLINE dukeindia.com MYNTRA.com JABONG Flipkart snapdeal amazon.in TATA CLiQ AJIO.com Paytm TRENDS | Footwear Store at TALCHER: Go Stteps, Sharma Chakk / Auth. Distributor For Footwear: M/s Ram Ji Enterprises, M: 9437006984




World leading brands from the House of Hero

HF Deluxe | Splendor+ | Super Splendor | splendor iSmart+ | Passion PRO | GLAMOUR | Xtreme 200R | MAESTRO EDGE | Pleasure

କମ ଡାଉନ ପେମେଣ୍ଟ ₹4999/-#
Paytm ₹5000/-# ର ଲାଭ
INDIA'S FIRST 5 YEAR WARRANTY* *Conditions apply.

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. #Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp HeroMotoCorp.com

For Institutional and Bulk Sales please write to Kolkata@heromotocorp.com

ଅଥରାଇଜଡ୍ ଡିଲର : ଭୁବନେଶ୍ୱର: ରୋହନ ହିରୋ - 7799766422. ଭାରତ ହିରୋ - 7799766378. ଡିଡି ହିରୋ - 7799566329. ବାଲେଶ୍ୱର: ନୀଲମ ହିରୋ - 7799766393. ବାରିପଦା : ଆଦିତ୍ୟ ହିରୋ - 7799766370. ଭଦ୍ରକ : ସଞ୍ଜୀବ ହିରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହିରୋ - 7799766362. କଟକ: ଜେଏମଡି ହିରୋ - 7799766366. ସନୀ ହିରୋ - 7799766401. ଏସେନ୍ ହିରୋ - 7799766425. ଜଗତସିଂହପୁର: ତ୍ରିଶୁଳ ହିରୋ - 7799766383. ଯାଜପୁର ରୋଡ: ସୌମିକ ହିରୋ - 7799766410. ଜଲେଶ୍ୱର: ସାଇ ହିରୋ - 7799766407. ଜଟଣୀ: ବିଶାଳ ହିରୋ - 7799766398. କେନ୍ଦୁଝର: ସୁପ୍ରିମ ହିରୋ - 7799766360. ନୟାଗଡ଼: ଭଗବତୀ ହିରୋ - 7799766417. ପୁରୀ: ସଞ୍ଜୀବ ହିରୋ - 06752-255881, 7894020001. ଅଥରାଇଜଡ୍ ସର୍ଭିସ୍ ସେଣ୍ଟର: ବାଲିଆପାଳ: ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମାୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ନା ସାକନରୀ ମୋଟର୍ସ - 7008906387. ସୋରୋ: ଦୁଇକିଲ ମୋଟର୍ସ - 221711, 9337375571. ହିରୋ ସିଓର! ସାର୍ଟିଫାଏଡ ପ୍ରି-ଓନ୍ଡ- ଟୁ ହୁଇଲର୍ - ବିଦ୍ୟାଧରପୁର, କଟକ - 8093080012.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



SONY
BRAVIA
OLED
Happy Durga Puja
A new TV experience awakens
MASTER series A9F
BRAVIA OLED 4K HDR
A masterclass in contrast
X1 Ultimate
Pixel Contrast Booster
Acoustic Surface Audio+
androidtv
Hands-free Voice Search
164cm (65) Rs. 5,59,990/- EMI Rs. 6,500/-
139cm (55) Rs. 3,99,990/- EMI Rs. 5,500/-
A8F
BRAVIA OLED 4K HDR
A new TV experience awakens
X1 Extreme
Acoustic Surface
TRILUMINOS DISPLAY
androidtv
164cm (65) Rs. 4,29,990/- EMI Rs. 6,500/-
139cm (55) Rs.2,99,990/- EMI Rs. 5,500/-
X9000F SERIES 4K HDR
Fine details in dark and light with X1™ Extreme
X1 Extreme
Full Array LED Local Dimming
TRILUMINOS DISPLAY
androidtv
215cm (85) Rs. 10,99,990/- EMI Rs. 8,500/-
164cm (65) Rs. 3,29,990/- EMI Rs. 6,500/-
139cm (55) Rs. 2,29,990/- EMI Rs. 5,500/-
X8500F SERIES 4K HDR
The best colour on a TV with Triluminos™ Display
X1 4K HDR Processor
TRILUMINOS DISPLAY
androidtv
189cm (75) Rs. 4,49,990/- EMI Rs. 7,500/-
139cm (55) Rs. 1,59,990/- EMI Rs. 5,500/-
123cm (49) Rs. 1,19,990/- EMI Rs. 4,900/-
108cm (43) Rs. 89,990/- EMI Rs. 4,300/-
X7500F/X7002F SERIES 4K HDR
Your gateway to detail with 4K resolution
4K X-Reality PRO
androidtv
SMART TV
Smart Plug & Play
X7500F: 164cm (65) • 139cm(55) • 123cm (49) • 108cm (43)
X7002F: 139cm(55) • 123cm (49) • 108cm (43)
Range starts from Rs. 68,990/-
W800F SERIES Full HD 1080
A brand new entertainment experience with Android TV™
X-Reality PRO
Bass Reflex Speaker
androidtv
123cm (49) • 108cm (43)
Range starts from Rs. 62,990/-
W6F SERIES Full HD 1080
Clearer, sharper, more entertaining
X-Reality PRO
Bass Reflex Speaker
SMART TV
W662F: 126cm (50) • 108cm (43)
W672F: 80cm (32) • W622F: 80cm (32)
Range starts from Rs. 33,990/-
R SERIES Full HD 1080
Simply clear and beautiful picture
X-Reality PRO
Clear Resolution Enhancer
Smart Plug & Play
R422F: 80cm (32) • R352F: 102cm (40) • R302F: 80cm (32)
R252F: 102cm (40) • R202F: 80cm (32)
Range starts from Rs. 23,990/-
SPECIAL FESTIVE OFFERS!*
EXCLUSIVE OFFER^ NETFLIX 6 Months Subscription Bonus worth Rs. 4,800/-
^Applicable models are 85X9000F, 75X8500F, 65A9F, 65A8F, 65X9000F, 65X7500F, 55A9F, 55A8F, 55X9000F, 55X8500F & 55X7500F only
Sony Premium Digital Surround Wireless TV Headphones
WH-L600 worth Rs. 19,990/-
Available with 85X9000F, 75X8500F, 65A9F, 65A8F, 55A9F and 55A8F only.
Sony Extra Bass Wireless Speaker
SRS-XB30 worth Rs. 12,990/-
Available with 65X9000F, 55X9000F, 55X8500F and 49X8500F only.
Sony 1TB External Hard Drive
HD-B1 worth Rs. 6,700/-
Available with 65X7500F, 55X7500F, 55X7002F, 49X7500F, 49X7002F and 49W800F only.
Sony Wireless Bluetooth Headphones
WH-CH400 worth Rs. 4,990/-
Available with 50W662F, 43X8500F, 43X7500F and 43X7002F only.
Sony Extra Bass Headphones
MDR-XB450AP worth Rs. 2,490/-
Available with 43W662F and 43W800F only.
Sony USB Portable Charger (3000 mAh)
Charger (3000mAh) worth Rs. 1,420/-
Available with 40R352F, 40R252F, 32W672F, 32W622F, 32R422F and 32R302F only.
Sony 32GB Pen Drive
worth Rs. 1,300/-
Available with 32R202F only.
Upgrade with easy EMIs
Pay As Per Screen Size** | Screen Size x 100 = EMI
SIZE 215cm (85) 189cm (75) 164cm (65) 139cm (55) 123cm (49)
EMI (Rs.) 8,500/- 7,500/- 6,500/- 5,500/- 4,900/-
BAJAJ FINSERV
EMI Tenure up to 36 months
SPECIAL FINANCE OFFERS^
Up to 10% ADDITIONAL CASHBACK#
HDFC BANK We understand your world
ICICI Bank Credit Cards
AXIS BANK
Finance with No Processing Fees through:
BAJAJ FINSERV
CAPITAL FIRST
HDB FINANCIAL SERVICES
For Sales & Service
Toll Free: 1800-103-7799
Website: www.sony.co.in
FOLLOW US ON
facebook.com/SonyIndia
twitter.com/sony_india
Warranty Offer
2 YEAR WARRANTY*
*1 Year standard +1 Year additional on panel only
Limited period offer with BRAVIA models only.
**Fraction amount if any will be taken along with last EMI. Maximum term 36 months. Scheme applicable only with Bajaj Finserv. ^Special Finance Offers are applicable on select products only. Down payment of Rs.1/- (Select Product/Day only) and rest in 9 EMI through BAJAJ Finance/ Capital First. Contact Finance Co./Banks for coverage /network area. Finance at the sole discretion of the financier. Limited Period Offer. Product images/features may differ for each model. Please check range leaflet/website for feature details. 4K = 3840 x 2160 pixels / Please update the software to the latest version. Android, Android TV and other marks are trademarks of Google LLC. Product feature/colour may vary for each model of each product as per the stock availability. Please check leaflet/website for further details. All MRP/Price inclusive of all taxes. Quoted MRP/Price is for 1U (unit) of the product. *Special Festive Offer applicable for select products and in select city only. Offers are for limited period only or till stocks last, whichever is earlier. #For 10% Cashback Minimum Transaction amount Rs. 32,000/- & Maximum cashback Rs. 6,000/- (Bravia 40 inch & above). Upto 10% cashback through Capital First on BRAVIA 43 inch & above (max Rs. 6,000/-). For 5% Cashback Minimum Transaction amount Rs, 15,000/- & Maximum cashback Rs. 3,000/- (on Bravia 32 inch & Below). Cash Back will be posted within 90 Days from end of the offer period. Cashback applicable on HDFC Bank, ICICI Bank and Axis Bank Credit & HDFC Bank Debit Cards, CD loans. Offer valid till 15th Nov'18 and T&C apply, for more details visit (www.sony.co.in/microsite/finance-offer/)
RECYCLE SMART
For recycling your electronic waste, please call us on Toll Free number 1800-103-7799 or visit: www.sony.co.in
Regd. Office: Sony India Pvt. Ltd., A-18, Mohan Co-operative Indl. Estate, Mathura Road, New Delhi-110 044. Ph: 6600 6600 Fax: 26959141. CIN No : U74899DL1994PTC062781
Visit your nearest store for the entire range of BRAVIA products and accessories
Sony Center The Ultimate Sony Experience



ନିଜର ଦୁର୍ବଳତା କେଉଁଠି ଅଛି ତାହା ଜାଣି ନ ପାରିବା ହିଁ ହେଉଛି ସବୁଠାରୁ ବଡ଼ ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା, ୨ ଗାଈ ଅର୍ଦ୍ଧଦଗ୍ଧ

**ଦଶରଥପୁର,୧୩।୧୦(ଡିଏନ୍ଏ):** ଦଶରଥପୁର ବ୍ଲକ ଅଧୀନ ଶୁଣୁଆ ପଞ୍ଚାୟତ ହିରାପୁର ଗ୍ରାମରେ ଶନିବାର ସକାଳେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ସନ୍ତୋଷ ନାଥଙ୍କ ୨ ବଖରା ଘର ଏବଂ ଗୁହାଳ ଘର ଜଳିଯାଇଛି। ତେବେ ଗୁହାଳେ ଥିବା ୨ ଗାଈ ଅର୍ଦ୍ଧଦଗ୍ଧ ହୋଇଛନ୍ତି।
ଖବରପାଇ ଦଶରଥପୁର ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଅଗ୍ନି ବିପନ୍ନଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପ୍ୟାରିସ ବେକେରିକୁ ସିଲ୍ କଲା ଅର୍ଥନୈତିକ ଅପରାଧ ଶାଖା




**ଯାଜପୁର ଅଫିସ,୧୩।୧୦:** ଯାଜପୁରରୋଡରେ ଥିବା ପ୍ୟାରିସ ବେକେରୀ ଦୋକାନକୁ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଶୁକ୍ରବାର ସିଲ୍ କରାଯାଇଛି। ପ୍ରକାଶ ଯେ, ବିଭିନ୍ନ ଦ୍ରବ୍ୟ ଯୋଗାଣକାରୀ ସଂସ୍ଥାଠାରୁ ଜିନିଷ ଆଣି ଦୋକାନର ମାଲିକ ପ୍ରାୟ ୩୫କୋଟି ଟଙ୍କା ଦେଇପାରି ନାହାନ୍ତି। ଏନେଇ ଯୋଗାଣକାରୀ ସଂସ୍ଥାର ମାଲିକମାନେ ଭୁବନେଶ୍ୱର ଅର୍ଥନୈତିକ ଅପରାଧ ଶାଖାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଦୋକାନ ମାଲିକଙ୍କୁ ନୋଟିସ କରାଯାଇଥିଲା। ହେଲେ ସମ୍ପୃକ୍ତ ମାଲିକ କୌଣସି ଉତ୍ତର ନ ଦେଇ ଫେରାର ହୋଇଯାଇଥିଲେ। ଫଳସ୍ୱରୂପ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଓଡିଶାରେ ଥିବା ଏଭଳି ୩୦ରୁ ଅଧିକ ଶାଖାକୁ ସିଲ କରାଯାଇଛି। ତନ୍ମଧ୍ୟରୁ ଯାଜପୁରରୋଡ ଶାଖା ଅନ୍ୟତମ। ଅପରପକ୍ଷରେ ଦୋକାନ ସଟରରେ ନବୀକରଣ ପାଇଁ ଦୋକାନ ବନ୍ଦ ରହିଥିବା ଫଳକରେ ସୂଚନା ଦିଆଯାଇଛି।

### ଚୋରା ମଦ ଜବତ ୧ ଗିରଫ

**ଧର୍ମଶାଳା ୧୩।୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ଗ୍ରାମରେ ଚୋରା ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ପ୍ରଦୀପ ପରିଡାଙ୍କୁ ଗିରଫ କରିଛି। ଏଥିସହ ପ୍ରଦୀପଙ୍କ ଠାରୁ ପୋଲିସ ୨୩ଲିଟର ଚୋରା ମଦ ଜବତ କରିଛି। ଏନେଇ ପୋଲିସ ଏକ ମାମଲା(ନଂ. ୨୫୪/୧୮) ରୁଜୁ କରି ଅଭିଯୁକ୍ତ ପ୍ରଦୀପଙ୍କୁ ଶନିବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି।

### ନିଖିଳ ଉତ୍କଳ ନିଆରି ମହାସଂଘ ପକ୍ଷରୁ ବନ୍ଧୁମିଳନ

**ସିଂହପୁର,୧୩।୧୦(ଡି.ଏନ୍.ଏ):** ନିଖିଳ ଉତ୍କଳ ନିଆରି ମହାସଙ୍ଘ ପକ୍ଷରୁ ଶନିବାର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଲକ୍ଷ୍ମୀଧର ବେହେରା ସଭାପତିତ୍ୱ କରିଥିଲେ। ମହାସଂଘ ସମ୍ପାଦକ ଅଧାପକ ଭରତ ଚନ୍ଦ୍ର ବେହେରା, ସଭାପତି ଦାମୋଦର ରାଉତ, କ୍ଷେତ୍ରବାସୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ସାହୁ, ଶିକ୍ଷକ କାଳନ୍ଦୀ ବେହେରା, ବିଷ୍ଣୁଚରଣ ଦଳାଇ, ପରମେଶ୍ୱର ସାହୁ, ରମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଜାତିର ସାମାଜିକ ଓ ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।

## ବଢୁଛି ଶିଳ୍ପ, ହେଉଛି ସମ୍ପ୍ରସାରଣ

# ସ୍ଥାନୀୟ ନିଯୁକ୍ତିକୁ ନେଇ ଆଶାବାଦୀ ଯୁବତୀଯୁବକ

**ଯାଜପୁର ଅଫିସ,୧୩।୧୦**

ଯାଜପୁର ଜିଲାରେ ନୂଆ କରି ୪ଟି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପ୍ରତିଷ୍ଠା ହେଉଥିବାବେଳେ ଟାଟା ଷ୍ଟିଲ ଓ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ ସମ୍ପ୍ରସାରଣ ହେବାକୁ ଯାଉଛି। ଏହାସହ ବାଲେଶ୍ୱର ଆଲଏଜ, ଓଡିଶା ମାଇନିଂ କର୍ପୋରେଶନ, ଟାଟା ମାଇନ୍ସ ଆଦି ସମ୍ପ୍ରସାରଣ ହୋଇଛି। ମାତ୍ର ସ୍ଥାନୀୟ ନିଯୁକ୍ତି ସନ୍ତୋଷ ଜନକ ହେଉ ନାହିଁ। ଜିଲାର ବିଭିନ୍ନ କ୍ଷେତ୍ରରେ ବୈଷୟିକ ଡିଗ୍ରୀଧାରୀ ବେକାର ଯୁବତୀଯୁବକ ନିଯୁକ୍ତି ଆଶାରେ ରହୁଛନ୍ତି। ମାତ୍ର ପ୍ରଶାସନିକ ହସ୍ତକ୍ଷେପ ନ ଥିବାରୁ ଠିକା ଶ୍ରମିକ ହେଉ ଅବା ନିୟମିତ ନିଯୁକ୍ତିରେ ବାହାର ରାଜ୍ୟର ଲୋକଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏପରିକି ଅଭିଜ୍ଞତାର ଆଳ କରି ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ପ୍ରମୁଖ ରାଜ୍ୟର ଠିକାସଂସ୍ଥାଙ୍କୁ ଅଗ୍ରାଧିକାର ଦିଆଯାଉଛି। ଏହି ଠିକାସଂସ୍ଥାଗୁଡ଼ିକ ନିଜ ଅଞ୍ଚଳର ଯୁବକମାନଙ୍କୁ ଆଣି କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଫଳରେ ସ୍ଥାନୀୟ ବେକାର ଯୁବତୀଯୁବକ କାର୍ଯ୍ୟ ପାଇପାରୁ ନାହାନ୍ତି। ଏବେ କିନ୍ତୁ ଏହା ଆଉ ଚଳିବ ନାହିଁ। ଏଥର ଯଦି ବାହାର ଲୋକଙ୍କୁ ନିଯୁକ୍ତି ଦିଆଯିବ ତେବେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ବିଭିନ୍ନ ସଂସ୍ଥା ପକ୍ଷରୁ ଚେତାବନୀ ଦିଆଯାଇଛି।

କଳିଙ୍ଗନଗର ଟାଟା ଷ୍ଟିଲ ଦ୍ୱିତୀୟ ପର୍ଯ୍ୟାୟରେ ଅତିରିକ୍ତ ୨୩ହଜାର ୫୦୦ କୋଟି ଟଙ୍କା ବିନିଯୋଗ କରି ବାର୍ଷିକ ୮ ନିୟୁତ ମେଟ୍ରିକ ଟନ୍(ଏମଟିପିଏ) ପର୍ଯ୍ୟନ୍ତ ଷ୍ଟିଲ ଉତ୍ପାଦନ କରାଯିବ। ଏହି ସମ୍ପ୍ରସାରଣ ଆରମ୍ଭର ୪ ବର୍ଷ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଟାଟା ଷ୍ଟିଲ ବୋର୍ଡ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହା ଘରୋଇ ଉତ୍ପାଦ(ଜିଡିପି) ବୃଦ୍ଧିହାରରେ ସହାୟକ ହେବା ସହିତ ନିଯୁକ୍ତି ଦେଢଗୁଣକୁ ବୃଦ୍ଧି ହେବ ବୋଲି ଆଶାବ୍ୟକ୍ତ କରାଯାଇଛି। ତେବେ ଏହି ନିଯୁକ୍ତିରେ ସ୍ଥାନୀୟ ଯୁବତୀଯୁବକ ସୁଯୋଗ ପାଇବେ ନା ପୂର୍ବଭଳି ରାଜ୍ୟ ବାହାର ଲୋକଙ୍କୁ ଅଧିକ ଗୁରୁତ୍ୱ ଦିଆଯିବ ତାହା ସନ୍ଦେହ ଘେରରେ ରହିଛି। ପ୍ରଥମ ପର୍ଯ୍ୟାୟରେ ୨୫ ହଜାର କୋଟି ଟଙ୍କା ବିନିଯୋଗ କରାଯାଇ ବାର୍ଷିକ ୩ ନିୟୁତ ମେଟ୍ରିକ ଟନ ଷ୍ଟିଲ ଉତ୍ପାଦନ ହେଉଛି। ଏହି କାରଖାନାରେ ୩୫୦୦ରୁ ଊର୍ଦ୍ଧ୍ୱ ନିୟମିତ ଓ ପ୍ରାୟ ୧୪ହଜାର ଲୋକ ଠିକା ଶ୍ରମିକ ଭାବେ ନିଯୁକ୍ତି ପାଇଛନ୍ତି। ସେଥିରୁ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ରାଜ୍ୟ ବାହାରର ଅଛନ୍ତି। ଯାହାକୁ ନେଇ ସଦାସର୍ବଦା ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି। ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ ସ୍ଥାନୀୟ ନିଯୁକ୍ତିକୁ ନେଇ ଦାବି, ଆନ୍ଦୋଳନ, ବିକ୍ଷୋଭ ହୋଇ ଆସୁଥିଲେ ହେଁ କୌଣସି ଧାର ଧାରୁ ନାହିଁ। ଏହି କାରଖାନାର ଲୋକାର୍ପଣ ଉତ୍ସବରେ ନେତାମାନେ ଟାଟା ଷ୍ଟିଲ ଦ୍ୱାରା ଜିଲାରେ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ। ଏପରିକି ସ୍ଥାୟୀ ନିଯୁକ୍ତି ପାଇ ସ୍ଥାନୀୟ ଲୋକଙ୍କ ଅବସ୍ଥାରେ ଉନ୍ନତି ହେବ। ଓଡିଶାର ଅର୍ଥନୀତିରେ ଏହା ସହାୟକ ହୋଇପାରିବ। ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ସହ ଜୀବନଧାରଣରେ ବଡ଼ ପରିବର୍ତ୍ତନ ଆସିବ ବୋଲି କହିଥିଲେ। ହେଲେ ବାହାର ରାଜ୍ୟର ଲୋକ ଅଧିକ ଲାଭ ପାଉଥିବା ଦେଖିବାକୁ ମିଳିଛି। ସେହିପରି ଟାଟା ଷ୍ଟିଲ୍‌ରେ ୩୦୦ରୁ ଊର୍ଦ୍ଧ୍ୱ ଠିକାସଂସ୍ଥା ମଧ୍ୟରୁ ପ୍ରାୟ ୨୫୦ଟି ସଂସ୍ଥା ରାଜ୍ୟ ବାହାରର। ସେହି ସଂସ୍ଥାଗୁଡିକ ଅଧିନରେ ରାଜ୍ୟ ବାହାରର ପ୍ରାୟ ୪ହଜାର, ଜିଲା ବାହାରର ପ୍ରାୟ ୫ହଜାର ଏବଂ ଜିଲାର ପ୍ରାୟ ୫ ହଜାର ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଠିକାସଂସ୍ଥାର ଅବଧି ସରିଲେ ଶ୍ରମିକଙ୍କୁ ତଡି ଦିଆଯାଉଛି। ଏହି ନିଯୁକ୍ତିରେ କୌଣସି ସ୍ଥାୟିତ୍ୱ ରହୁନାହିଁ। କିନ୍ତୁ ସ୍ଥାୟୀ ନିଯୁକ୍ତି ଭାବେ ଟାଟା ଷ୍ଟିଲରେ ଜିଲାର ପାଖାପାଖି ୮୦୦ ଜଣ ଚାକିରି ପାଇଥିବା କୁହାଯାଉଛି। ସେହିପରି ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ ଅସଂଶୋଧିତ କଳଙ୍କି ବିହୀନ ଇସ୍ପାତ ଉତ୍ପାଦନ କ୍ଷମତାର ସମ୍ପ୍ରସାରଣ କରୁଛି। ଏହା ବାର୍ଷିକ ୦.୮ ମେଟ୍ରିକଟନରୁ ବାର୍ଷିକ ୨.୨ମେଟ୍ରିକଟନ ଓ କୋଲ୍ଡ ରୋଲିଂ ବାର୍ଷିକ ୦.୮ ମେଟ୍ରିକଟନ ରୁ ୧.୬ ମେଟ୍ରିକଟନ ଉତ୍ପାଦନ ଲକ୍ଷ୍ୟ ରଖିଛି। ଏଥିପାଇଁ ଆସନ୍ତା ମାସରେ ଜନଶୁଣାଣି କରିବାକୁ ନିଷ୍ପତ୍ତି ହୋଇଛି। ପ୍ରକଳ୍ପର ନିର୍ମାଣ ଅବଧିରେ ୧୬୦୦ ଜଣ ଶ୍ରମିକ ନିଯୁକ୍ତି ପାଇବେ। କାରଖାନାର ସମ୍ପ୍ରସାରଣ ପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୭୩୦ ଜଣ ନିଯୁକ୍ତି ପାଇବେ ବୋଲି ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ଏଥିରେ ବି ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ ନା ଅଭିଜ୍ଞତା ଆଳରେ ବାହାର ଲୋକଙ୍କୁ ନିଯୁକ୍ତି ମିଳିବ ସେ ନେଇ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ସଂଶୟ ପ୍ରକାଶ ପାଇଛି। ଏହାବାଦ ଭିତିରିଆ ଭାବେ ଅନେକ ଯୁବତୀଯୁବକଙ୍କୁ ମିଥ୍ୟା ପ୍ରମାଣପତ୍ର ଦେଇ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ। ଏପରି କି ଆବଶ୍ୟକତା ଅନୁସାରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦେବାକୁ ପ୍ରଶାସନ ପକ୍ଷରୁ କମ୍ପାନୀଗୁଡ଼ିକୁ ପରାମର୍ଶ ଦିଆଯାଉଛି ବୋଲି କହିଛନ୍ତି।

- ଟାଟା ଷ୍ଟିଲ, ଜିନ୍ଦଲ ସମ୍ପ୍ରସାରଣ ଅପେକ୍ଷାରେ
- ରାଜ୍ୟ ବାହାର ଲୋକଙ୍କୁ ନିଯୁକ୍ତି ଦେଲେ ଏଥର ଆନ୍ଦୋଳନ

### ରାସ୍ତା ଖନନ ଯୋଗୁ ବଢୁଛି ଦୁର୍ଘଟଣା

**ବରୀ,୧୩।୧୦(ସ୍ୱ.ପ୍ର.)**

କେବୁଲ ସଂଯୋଗୀକରଣ ପାଇଁ ଏବେ ଜିଓ ସଂସ୍ଥା ପକ୍ଷରୁ ଠିକାଦାର ଜରିଆରେ ବରୀ-କୁଆଖିଆ ରାସ୍ତା ଖନନ କରାଯାଉଛି। ଭୁବନେଶ୍ୱରରୁ ବରୀ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱର ୪ ଫୁଟ୍ ତଳେ କେବୁଲ ସଂଯୋଗୀକରଣ କରାଯିବ ବୋଲି ସୂଚନା ମିଳିଛି। ଶନିବାର ସୁଦ୍ଧା ନେଉଳା ଛକରେ ଖନନ କାର୍ଯ୍ୟ ପହଞ୍ଚିଛି। ମେଶିନ ଦ୍ୱାରା ଖନନ କରାଯାଇ ମାଟି ତଳେ କେବୁଲ ବିଛାଯାଉଛି। ତେବେ ବର୍ଷା ଲାଗି ରହିଥିବାରୁ ଖୋଳା ହୋଇଥିବା ଜାଗାରେ ପାଣି ଜମିରହୁଛି। ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେବା ସହ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାଟି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ରହିଛି। ଏ ନେଇ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ସମ୍ପୃକ୍ତ ଠିକାଦାର କୁହନ୍ତି, କେବୁଲ ବିଛାଇବା ପାଇଁ ଜିଓ ସଂସ୍ଥା ପକ୍ଷରୁ ଟେଣ୍ଡର ମିଳିଛି। ଖୋଳା କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ କରାଯିବ ବୋଲି କହିଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଚଣ୍ଡିଖୋଲ,୧୩।୧୦(ଡି.ଏନ.ଏ)**



ଶନିଘାଟଠାରୁ ବିରୂପା ନଦୀକୂଳ ପର୍ଯ୍ୟନ୍ତ ପଦଯାତ୍ରା।

ବଡ଼ଚଣା ବ୍ଲକ ଅନ୍ତର୍ଗତ ତାଲୁଆ ଶନିଘାଟଠାରୁ ବିରୂପା ନଦୀକୂଳ ପର୍ଯ୍ୟନ୍ତ ବଡ଼ଚଣା ବିଜେଡି ତରଫରୁ ଶନିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ରଇପରୁଠାରେ ଏକ ସଭା ଆୟୋଜିତ ହୋଇଯାଇଛି। ଏଥିରେ ବ୍ରଜ କିଶୋର ସାମଲ ଅଧକ୍ଷତା କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବଡ଼ଚଣାରେ ବିକାଶର ଚିତ୍ର ସମ୍ପର୍କରେ ଉଲ୍ଲେଖ କରିଥିଲେ। ଯାଜପୁର ଏମ୍‌ପି ରୀତା ତରାଇ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ଉନ୍ନତି ହେବା ସହ ସମସ୍ତ ମହିଳାଙ୍କୁ ମିଶନ ଶକ୍ତି ମାଧ୍ୟରେ ଆର୍ଥିକ ସ୍ୱଚ୍ଛଳ କରାଯାଇଥିବା କହିଥିଲେ। ନିରଞ୍ଜନ ସେନାପତି ସଭା ସଂଯୋଜନା କରିଥିଲେ। ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ବିନୋଦିନୀ ସାହୁ, ଭାଗ୍ୟଧର ମଲିକ, ଗଣେଶ୍ୱର ବରାଳ, ସରସ୍ୱତୀ ବେହେରା, ଯତିନ୍ଦ୍ର ନାୟକ, ସାରଦା ପ୍ରସନ୍ନ ମହାନ୍ତି, ମିନତି ପଣ୍ଡା, ପ୍ରମିଳା ଜେନା, ସଚ୍ଚିଦାନନ୍ଦ ସାମନ୍ତରାୟ, ଅନିଲ ପରିଡ଼ା, ଆରତୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରଇପୁର ପଞ୍ଚାୟତର ପରମାନନ୍ଦ ମହାନ୍ତି ଓ ସୁଦର୍ଶନ ମହାନ୍ତି କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଜ୍ଞାନେନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାଗାବାଡ଼ିକୁ କେନ୍ଦ୍ରକରି ମାରପିଟ: ଜଣେ ଗିରଫ

**ଛତିଆ,୧୩।୧୦(ଡି.ଏନ୍.ଏ):** ବୈରୀ ଥାନା ଅନ୍ତର୍ଗତ ଛତିଆ ପଞ୍ଚାୟତ ଛତିଆ ବଜାରରେ ଥିବା ଦଳିତ ସାହିରେ ଜାଗାବାଡ଼ିକୁ କେନ୍ଦ୍ରକରି ମାରପିଟ୍ ଘଟଣାରେ ଛତିଆ ବିଟ୍ ହାଉସ୍ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବିପିନ୍ ଗୋଛାୟତ(୪୦)। ଏ ନେଇ ଛତିଆ ବିଟ୍ ହାଉସ୍ ପୋଲିସ ଏକ ମାମଲା(୧୦୯/୧୮) ରୁଜୁ କରିଛି। ପ୍ରକାଶ ଯେ, ଛତିଆ ବଜାରର ଦଳିତ ସାହିରେ ଦୀର୍ଘଦିନ ହେବ ଜାଗାବାଡ଼ିକୁ କେନ୍ଦ୍ରକରି ବିଷ୍ଣୁ ଗୋଛାୟତ ଓ ହରି ଗୋଛାୟତଙ୍କ ପରିବାର ମଧ୍ୟରେ କଳହ ଲାଗିରହିଥିଲା। ଶୁକ୍ରବାର ରାତିରେ ଏହି ଘଟଣା ଉଗ୍ରରୂପ ଧାରଣ କରିଥିଲା। ଦୁଇ ଭାଇଙ୍କ ମଧ୍ୟରେ ପ୍ରବଳ ଝଗଡା ହେବାରୁ ହରିଙ୍କ ପୁଅ ବିପିନ୍ ଏବଂ ବିଷ୍ଣୁଙ୍କ ପୁଅ ମନୋଜଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଫଳରେ ବିପିନ୍ ରାଗରେ ଘରୁ ଏକ କୁରାଢ଼ି ଆଣି ମନୋଜଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ଘଟଣାସ୍ଥଳରେ ମନୋଜ ଗୁରୁତର ହୋଇଥିଲେ। ସାହି ଲୋକେ ମନୋଜଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ମନୋଜଙ୍କ ବାପା ବିଷ୍ଣୁ ଛତିଆ ବିଟ୍ ହାଉସ୍‌ରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କୁରାଢ଼ି ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଖବରଦାତାଙ୍କ ବିୟୋଗରେ ଜେୟୁଜେ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**କୋରେଇ/ଦଶରଥପୁର,୧୩।୧୦ (ସ୍ୱ.ପ୍ର./ଡି.ଏନ୍.ଏ)**

ଖବରଦାତା ଉତ୍କଳ ଜେନାଙ୍କ ବିୟୋଗରେ ଯାଜପୁର ଜିଲା ସାମ୍ବାଦିକ ୟୁନିଅନ(ଜେୟୁଜେ) ପକ୍ଷରୁ ଶନିବାର ଅପରାହ୍ନରେ ପାଣିକୋଇଲିସ୍ଥିତ ମା' ତାରିଣୀ ପୀଠରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ସୁବାସ ଧଳ ଅଧକ୍ଷତା କରିଥିଲେ। ପ୍ରଥମେ ତାଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଜେୟୁଜେ ଉପଦେଷ୍ଟା କୈଳାସ ଚନ୍ଦ୍ର ନାୟକ, ଚିନ୍ତାମଣି ପାଢୀ, ରାଜୀବ ମହାନ୍ତି, ଆଲେକ୍‌ଜାଣ୍ଡାର ଦାସ, ଉଦୟନାଥ ଖଣ୍ଡାଇ, ପ୍ରଶାନ୍ତ ନାୟକ, ପ୍ରଦୀପ୍ତ ପୃଷ୍ଟି, ପ୍ରତାପ ଦାସ, ମନୋଜ ପରିଡା, ସମର ବିଜୟ ଶରଣ, ଅକ୍ଷୟ ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ ରାଉତ, ଉମାକାନ୍ତ ରାଉତ, ଦୀପକ ଦାସ, ସୁରେନ୍ଦ୍ର ଜେନା, ସୁଶାନ୍ତ ସାହୁ, କୈଳାସ ମଲ୍ଲିକ, ଚିନ୍ମୟ ନାୟକ, ଅଖିଳ ସ୍ୱାଇଁ, ମନୋଜ ପୃଷ୍ଟି, ସମରେନ୍ଦ୍ର ମାହାଲା, ସମୀର ଦାସ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶତାଧିକ ଖବରଦାତା ଯୋଗଦେଇଥିବା ବେଳେ ତାରିଣୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଦଶରଥପୁର ବ୍ଲକ ନିକଟସ୍ଥ ପଶୁପତି ମନ୍ଦିର ପ୍ରାଙ୍ଗଣରେ ଶନିବାର ଅପରାହ୍ନରେ ଦଶରଥପୁର ବ୍ଲକ ପ୍ରେସ୍ କ୍ଲବ୍ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦଶରଥପୁରର ବରିଷ୍ଠ ଖବରଦାତା ଶଙ୍କର୍ଷଣ କୁଣ୍ଡୁ ସଭାପତିତ୍ୱ କରିଥିଲେ। ମନୋଜ ପରିଡ଼ା, କୌଶିକ ଦାସ, ଅକ୍ଷୟ କୁମାର ଦାସ, ମନୋଜ ପୃଷ୍ଟି, ପ୍ରଦୀପ ମହାନ୍ତି, ପ୍ରତ୍ୟୁଷ ନାୟକ, ଯତୀନ୍ଦ୍ରନାଥ କର, ମାନସ କୁମାର ଜେନା ପ୍ରମୁଖ ଯୋଗଦେଇ ଖବରଦାତା ଜେନାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।


ଜେୟୁଜେ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

## ଟ୍ରକ୍‌କୁ ପିଟିଲା ବସ୍, ଜଣେ ଯାତ୍ରୀ ଗୁରୁତର




ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।

**ଚଣ୍ଡିଖୋଲ,୧୩।୧୦(ଡି.ଏନ.ଏ.)**

୧୬ ନଂ. ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ ଖଏରା ପୋଲ ନିକଟରେ ଶନିବାର ଭୋର ସମୟରେ ଏକ ଟମାଟୋ ବୋଝେଇ ଟ୍ରକ୍‌କୁ ବସ୍ ଧକ୍କା ଦେବାରୁ ଜଣେ ଯାତ୍ରୀ ଗୁରୁତର ଓ ୫ ଆହତ ହୋଇଛନ୍ତି। ଗୁରୁତର ହେଲେ ବଡ଼ମ୍ବା ଅଞ୍ଚଳର ରାଜଶ୍ରୀ ରଥ। ଖବରପାଇ ବଡ଼ଚଣା ଥାନାଧିକାରୀ ଶରତଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରାଜଶ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପ୍ରକାଶ ଯେ, ଶନିବାର ଭୋର ସମୟରେ ଏକ ଟମାଟୋ ବୋଝେଇ ଟ୍ରକ୍(ଡବ୍ଲ୍ୟୁ.୨୩ଡି-୯୧୯୮) କଲିକତା ଅଭିମୁଖେ ଯାଉଥିଲା। ଏହି ସମୟରେ ଏକ ଯାତ୍ରୀବାହୀ ବସ୍ (ଓଆର୦୫-ଏଏସ-୭୧୬୫) ଭୁଲ ରାସ୍ତାରେ ଆସି ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବସ୍‌କୁ ଜବତ କରିଛି।

### ବିଜୁ ଯୁବ ବାହିନୀ ପକ୍ଷରୁ ନିଶାକୁ ନା କାର୍ଯ୍ୟକ୍ରମ

**ବାଲିଚନ୍ଦ୍ରପୁର,୧୩।୧୦(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତଠାରେ ଭବାନୀ ଶଙ୍କର ପୃଷ୍ଟି ଓ ଚିତ୍ତରଞ୍ଜନ ସିଂହଙ୍କ ତତ୍ତ୍ୱାବଧାନରେ ଶନିବାର ନିଶାକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଦସ୍ୟମାନେ ଗ୍ରାମ ପରିକ୍ରମା କରି ନିଶା ନିବାରଣ ପାଇଁ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ଉପଲକ୍ଷେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଅନନ୍ତ ସିଂହ, ଅରୁନ୍ଧତୀ ଖୁଣ୍ଟିଆ, ସମିତିସଭ୍ୟ ସୁରେଶ ଚନ୍ଦ୍ର ନାୟକ, ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ନିଶା ସେବନର କୁପରିଣାମ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ୍ୱର ସିଂହ, ସୁବ୍ରତ ନାୟକ, ରାମଚନ୍ଦ୍ର ପୃଷ୍ଟି, ସନାତନ ମହାରଣା, ପରିକ୍ଷିତ ସାହାଣୀ, ପ୍ରଶାନ୍ତ ନାୟକ, ଦେବେନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇଥିଲେ।

## ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନର ୩ୟ କାର୍ଯ୍ୟକାରିଣୀ ବୈଠକ

**ଯାଜପୁରରୋଡ,୧୩।୧୦(ନି.ପ୍ର.)**

ସରିତା ହୋଟେଲରେ ଶୁକ୍ରବାର ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନର ୩ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରିଣ୍ଟ ମିଡିଆ ଆସୋସିଏଶନ ସଭାପତି ହାରାଧନ ବାନାର୍ଜୀ ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ଚିନ୍ତାମଣି ପାଢୀ ବିବରଣୀ ପାଠ କରିଥିଲେ। ବାବୁରାମ ଜେନା ମିଡିଆ ଆସୋସିଏଶନର ଲକ୍ଷ୍ୟ ଓ ଆଗାମୀ ଦିନରେ ଖବରଦାତାଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ ବୋଲି କହିଥିଲେ। କମିଟି ଉପଦେଷ୍ଟା ଅଭିମନ୍ୟୁ ମିଶ୍ର, ଶରତ ପୋଥାଳ, ହର୍ଷବର୍ଦ୍ଧନ ବେହେରା ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ରାଉତ, ବିଜୟ କୁମାର ସାହୁ, ପ୍ରଦ୍ୟୁମ୍ନ ବୋଇତାଇ, ଭରତ ରାଉତ, ପବିତ୍ର କୁମାର ମହାନ୍ତି, ନିତ୍ୟାନନ୍ଦ ମହାଳିକ, ଜଗଦିଶ ମଟାଣିଆ, କପିଳା ରାଉତ, ଦୁଷନ୍ତ ରାଉତ, ବିଶ୍ୱରଞ୍ଜନ ପଟ୍ଟନାୟକ, ଦେବେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଉଦ୍‌ଯାପିତ

**ଦଶରଥପୁର,୧୩।୧୦(ଡିଏନ୍ଏ)**

ଦଶରଥପୁର ନୋଡାଲ ହାଇସ୍କୁଲ ତରଫରୁ ଏକ ସପ୍ତାହ ବ୍ୟାପୀ କରାଯାଇଥିବା ଜାତୀୟ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଏନ୍‌ସିସି, ଜେଆରସି ଓ ଇକୋ କ୍ଲବ୍ ସଭ୍ୟାସଭ୍ୟ, ବିଜ୍ଞାନ ଶିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପେଟ୍ରୋଲ ଟାଙ୍କି, ଝୁମ୍ପୁରୀ ବଜାର ଓ ଗ୍ରାମାଞ୍ଚଳରେ ପଦଯାତ୍ରା କରାଯାଇ ହେଲମେଟ୍ ପିନ୍ଧିବା, ୪ ଚକିଆ ଯାନରେ ସିଟବେଲ୍ଟ ବ୍ୟବହାର କରିବା, ଟ୍ରାଫିକ୍ ନିୟମ ମାନିବା, ଗାଡ଼ି ଚଳାଇବା ସମୟରେ ମଦ୍ୟପାନ ଓ ମୋବାଇଲ ବ୍ୟବହାର ନ କରିବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚୈତନ୍ୟ କୁମାର ପରିଡ଼ା ଓ ସଭ୍ୟ ଅଶୋକ କୁମାର ଦାସ, ଶିକ୍ଷକ ସୁବ୍ରତ କୁମାର ସାହୁ, ହରିହର ନାୟକ, ହରିହର ଯେନା, ନୀଳମଣି ସାମନ୍ତ, ପ୍ରଫୁଲ୍ଲ କୁମାର ବେହେରା, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, କ୍ରାନ୍ତି କୁମାରୀ ଜେନା, ଗାୟତ୍ରୀ ପ୍ରିୟଦର୍ଶିନୀ ଦେବତା, ଅର୍ଚ୍ଚନା ଦୋବେଇ, ଉର୍ମିଳା ସାମଲ ପ୍ରମୁଖ ଯୋଗଦେଇ ସଚେତନତା ବାର୍ତ୍ତା ଦେଇଥିଲେ।



ଶେଷ ଦିନରେ ସଡ଼କ ସୁରକ୍ଷା ସପ୍ତାହ।

### ସରକାରୀ ଯୋଜନାରୁ ବଞ୍ଚିତ ବୃଦ୍ଧା

**ବାଲିଚନ୍ଦ୍ରପୁର,୧୩।୧୦(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦା ପଞ୍ଚାୟତ ସୁନାପାଳ ଗ୍ରାମର ଜିରା ଦଳେଇ(୭୯)ଙ୍କ ପାଇଁ ସରକାରୀ ଯୋଜନା ସାତସପନ ପାଲଟିଛି। ବିଧବା ଭତ୍ତା ପାଇଁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ପର୍ଯ୍ୟନ୍ତ ଆବାସ ଯୋଜନାରେ ଗୃହ ମଧ୍ୟ ପାଇନାହାନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ମଧ୍ୟ ବାରମ୍ବାର ଅଭିଯୋଗ କରିଛନ୍ତି। ସେ ଅତ୍ୟନ୍ତ ଗରିବ ଶ୍ରେଣୀର। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମ୍ପୃକ୍ତ ବୃଦ୍ଧାଙ୍କୁ ଭତ୍ତା ଓ ଗୃହ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୨୦ଟପିଲା

**ରସୁଲପୁର,୧୩।୧୦(ଡି.ଏନ୍.ଏ.)**

**ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହି ମାସ ପ୍ରଥମ ସପ୍ତାହରେ ସଂଖ୍ୟା ୧୬ ଥିବାବେଳେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ରେ ପହଞ୍ଚିଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ହେଲେ ଅଣ ପଞ୍ଜିକୃତ ଆକ୍ରାନ୍ତଙ୍କ ସଂଖ୍ୟା ୨୨ରେ ପହଞ୍ଚିଥିବା ଜଣାପଡ଼ିଛି। ବଡ଼କଇଁଚି ପଞ୍ଚାୟତର ଗୋପିନାଥପୁର(ମଧୁବନ)ଗାଁରୁ ୨ଜଣ ବ୍ୟକ୍ତି ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତ ଦମ୍ପତି ୨ଜଣ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ଖବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିକଟରେ ନାହିଁ। ଯେଉଁ ରୋଗୀମାନେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି, ସେମାନଙ୍କ ସମ୍ପର୍କରେ ତଥ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରିପୋର୍ଟ ପ୍ରଦାନ କରାଯାଉଛି। ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟ କର୍ମୀଙ୍କୁ କ୍ଷେତ୍ରରେ ସଜାଗ ରଖାଯାଉଛି। ଏହାଛଡା ଜନସଚେତନତା ପାଇଁ ପଦକ୍ଷେପ ନିଆଯାଉଛି। ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ବଡକଇଁଚି ପଞ୍ଚାୟତର ଗୁରୁସାହି, ବାଲିସାହିରେ ସର୍ବାଧିକ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଏବେ ଏହି ରୋଗ ପାଖ ଗାଁ ଗୋପିନାଥପୁର ସାହିକୁ ଡେଇଁଛି। ଏହି ପଞ୍ଚାୟତରେ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସ୍ୱାସ୍ଥ୍ୟ ବିଭାଗର ଆଖିରୁ ନିଦ ହଜିଯାଇଛି। ଗାଁର ସ୍ଥିତି ପରଖିବା ପାଇଁ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର ଜନକଲ୍ୟାଣ ସଂସ୍ଥାର ଅତିରିକ୍ତ ଜିଲା ଚିକିତ୍ସାଧିକାରୀ କାହ୍ନୁଚରଣ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୨ଥର ଘଟଣାସ୍ଥଳ ପରିଦର୍ଶନ କରି ଫେରିଯାଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଏଡିସ ମଶା ବଂଶ ନାଶ କରିବା, ପରିବେଶକୁ ସଫାସୁତରା କରିବା, ପାଣି ଜମୁଥିବା ସ୍ଥାନରେ ଔଷଧ ସିଞ୍ଚନ କରିବା, ଆକ୍ରାନ୍ତ ପରିବାରକୁ ଅଣ ସରକାରୀ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ମଶାରୀକୁ ଔଷଧିକରଣ କରିବା ଆଦି କାର୍ଯ୍ୟ କରାଯାଇଛି। ପ୍ରତିକାର ପାଇଁ ପ୍ରତ୍ୟେକ ଅଞ୍ଚଳରେ କାର୍ଯ୍ୟରତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍‌ମାନଙ୍କୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଘନ ଘନ ସ୍ଥିତକୁ ପରଖି ଯିବା ସହ ଜନ ସଚେତନତା ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରାଯାଉଛି ବୋଲି ଜନସ୍ୱାସ୍ଥ୍ୟ ଅଧିକାରିଣୀ ହରପ୍ରିୟା ସେନାପତି ପ୍ରକାଶ କରିଛନ୍ତି।



ନିର୍ଭୀକ ଲୋକ ହିଁ ସୁଯୋଗ ପାଇଲେ ଶିଖର ଦେଶରେ ପହଞ୍ଚିଥାଏ।
- ସେକ୍ସପିୟର



# ଭଲ ନେତା ସନ୍ଧାନରେ ୩ ଦଳ

ବରୀ,୧୩।୧୦ (ସ୍ୱ.ପ୍ର.)

**ବରୀ ନିର୍ବାଚନ ମଣ୍ଡଳୀ**

- ବିଧାନସଭା ଆସନ ପାଇଁ ଆଶାୟୀଙ୍କ ଲମ୍ବା ଲାଇନ୍
- ଦକ୍ଷ ବ୍ୟକ୍ତିଙ୍କୁ ଟିକେଟ ଦେବାକୁ ଚାଲିଛି ଅଙ୍କକଷା

୨୦୧୯ ସାଧାରଣ ନିର୍ବାଚନକୁ ଆଉ ମାତ୍ର ୬ମାସ ବାକି। ନିର୍ବାଚନକୁ ଆଖିଆଗରେ ରଖି ଏବେଠୁ ରାଜନୈତିକ ପାଣିପାଗ ଉଷ୍ମ ହେବାରେ ଲାଗିଛି। ଏହିକ୍ରମରେ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ, ବିଜେଡି ଓ ଭାଜପା ପକ୍ଷରୁ ଭଲ ନେତା ଖୋଜା ଚାଲିଥିବା ସୂଚନା ମିଳିଛି। ଏ ନେଇ ଆଶାୟୀଙ୍କ ଆଶା ବଢ଼ିବାରେ ଲାଗିଛି। ୨୦୦୦ ମସିହାରୁ ଏହି ନିର୍ବାଚନ ମଣ୍ଡଳୀ ବିଜେଡି ଅଧୀନରେ ରହିଆସିଛି। ବରୀ ବିଧାନସଭା ଆସନ ପାଇଁ ଜଣେ ଦକ୍ଷ ରାଜନେତା, ଚରିତ୍ରବାନ୍ ବ୍ୟକ୍ତିତ୍ୱ ଥିବା ବ୍ୟକ୍ତିଙ୍କୁ ଟିକେଟ୍ ଦେବାକୁ ୩ ପ୍ରମୁଖ ଦଳ ଅଙ୍କ କଷୁଥିବା ଜଣାପଡିଛି। କଂଗ୍ରେସ ପକ୍ଷରୁ ରାଜ୍ୟରେ ୪୪ଟି ସିଟ୍‌ରେ ନାମ ଘୋଷଣା କରାଯାଇଥିଲା ବେଳେ ବରୀ ବାଦ୍ ପଡିଛି। ତେବେ କଂଗ୍ରେସ ଆଗୁଆ ନାମ ଘୋଷଣା କରିବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି। ଏ ନେଇ ବରିଷ୍ଠ କଂଗେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହିତ ବରୀ ଅଞ୍ଚଳର ସାମାଜିକ କର୍ମୀ, ସାହିତ୍ୟିକ, ଖବରଦାତା, ସ୍ୱେଚ୍ଛାସେବୀ, ଆଇନଜୀବୀ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ପୃଥକ ଆଲୋଚନା ଚାଲିଛି। କେତେଜଣ ବୁଦ୍ଧିଜୀବୀ ମହଲରେ ଖୋଦ୍ ଶ୍ରୀକାନ୍ତ ଜେନାଙ୍କୁ ପ୍ରାର୍ଥୀ କରାଇବା ପାଇଁ ପ୍ରସ୍ତାବ ଦେଇଥିବା ସୂଚନା ମିଳିଛି। ଜେନାଙ୍କୁ ଏ ସଂକ୍ରାନ୍ତରେ ପଚରାଯିବାରୁ, ସମୟ ଆସିଲେ ଆଲୋଚନା କରାଯାଇ ଦଳ ନିଶ୍ଚୟ ଜଣେ ଦକ୍ଷ ରାଜନୀତିଜ୍ଞ ସଚ୍ଚୋଟ ବ୍ୟକ୍ତିଙ୍କୁ ଏଥର ଟିକେଟ୍ ଦେବ ବୋଲି ଜେନା କହିଛନ୍ତି। କଂଗ୍ରେସ ସ୍ଥିତି ସୁଧାରିବା ପାଇଁ ପଞ୍ଚାୟତସ୍ତରରେ ବୈଠକ ଆରମ୍ଭ କରିଛି। ବରୀରେ କଂଗ୍ରେସ ସ୍ଥିତି ଦିନକୁ ଦିନ ସୁଦୃଢ ହେଉଥିବା ଦେଖିବାକୁ ମିଳିଛି। ବିଜେଡିପକ୍ଷରୁ ମହିଳା ସମାବେଶ, ପଦଯାତ୍ରା, କରାଯାଇ ଶକ୍ତି ପ୍ରଦର୍ଶନ କରାଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, କୃଷି କ୍ଷେତ୍ରରେ ଉନ୍ନତି ଘଟିଛି ବୋଲି ବିଜେଡି ଜନସମ୍ପର୍କ ପଦଯାତ୍ରାରେ ଦାବି କରି ସାଧାରଣ ଲୋକଙ୍କୁ ଏହି ବାର୍ତ୍ତା ପହଞ୍ଚାଉଛି। ତେବେ ବିଜେଡିର ଗୋଷ୍ଠୀ କନ୍ଦଳ ବ୍ୟାପାରକୁ ନେଇ କେତେଜଣ କର୍ମୀ ସ୍ଥାନୀୟ ପ୍ରତିନିଧିଙ୍କ ନିକଟରୁ ମୁହଁମୋଡି ଚାଲିଯାଉଥିବା ଦେଖିବାକୁ ମିଳୁଛି। ଏନେଇ ବିଜେଡିରେ ନେତୃତ୍ୱର ପରିବର୍ତ୍ତନ ପାଇଁ ଦଳୀୟ କର୍ମୀଙ୍କ ପକ୍ଷରୁ ଦାବି ଉଠିଛି। ବିଜେଡି କେଉଁଭଳି ନେତୃତ୍ୱ ଏଥର ଚୟନ କରିବ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାଜପା ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ, ଦୁର୍ନୀତି ବିରୋଧରେ ଆନ୍ଦୋଳନ ଜାରି ରହିଥିଲାବେଳେ ଦଳ ଏଥର ଦକ୍ଷ ରାଜନୈତିଜ୍ଞ ଓ ସୁସଙ୍ଗଠକ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବ ବୋଲି ଆଲୋଚନା ଜୋର ଧରିଛି। ତେବେ ଏହି ନିର୍ବାଚନ ମଣ୍ଡଳୀଟି ବରୀ ବ୍ଲକର ୨୯ପଞ୍ଚାୟତ, ରସୁଲପୁର ବ୍ଲକର ୧୦ପଞ୍ଚାୟତ ଓ ଯାଜପୁର ବ୍ଲକର ୮ ପଞ୍ଚାୟତକୁ ନେଇ ମୋଟ ୪୭ପଞ୍ଚାୟତ ଅନ୍ତର୍ଭୁକ୍ତ। ୨ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ରହିଥିବା ଜଣାପଡିଛି। ଏହାର ଭୌଗଳିକ ସ୍ଥିତିରୁ ୩ ପ୍ରମୁଖ ଦଳ ବରୀ ବ୍ଲକରୁ ପ୍ରାର୍ଥୀ କରିବା ପାଇଁ ଯୋଜନା କରୁଥିବା ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। ଭାଜପା ପକ୍ଷରୁ ରାଜ୍ୟ ଓବିସି ମୋର୍ଚ୍ଚାର ଉପସଭାପତି ଆଶୁତୋଷ ପରିଡା, ସୁସଙ୍ଗଠକ ବିଶ୍ୱରଞ୍ଜନ ମଲ୍ଲିକ, ପ୍ରଫୁଲ ଗିରି, ଦୌଡରେଥିବା ଜଣାପଡିଛି। ବିଜେଡି ପକ୍ଷରୁ ବିଧାୟକ ଦେବାଶିଷ ନାୟକ, ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ, ଯୁବ ନେତା ମନୋଜ ନାୟକ, ସୁଲୋଚନା ଦାସ୍ ଓ ସୁଲତା ଦେଓଙ୍କ ନାମ ଦୌଡରେ ଥିବା କୁହାଯାଉଛି। ସେହିପରି କଂଗ୍ରେସ ପକ୍ଷରୁ ଜି.ସି. କଲେଜ ଅଧ୍ୟକ୍ଷ ନାରାୟଣ ପ୍ରସାଦ ଜେନା, ବରିଷ୍ଠ କଂଗ୍ରେସ ନେତା ସନତ୍ ଜେନା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ଯୁବନେତା ଉମେଶ ଜେନା, କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ରଙ୍କ ନାମ ଦୌଡରେ ଥିବା ଦଳୀୟ ସୂତ୍ରରୁ ଖବର ମିଳିଛି। ତେବେ ଆଶାୟୀଙ୍କ ଆଶା କେତେଦୂର ସଫଳ ହେବ ତାହା ସମୟ କହିବ।

## ଟ୍ରକ୍-କଣ୍ଟେନର ଧକ୍କା, ଚାଳକ ମୃତ

କୋରେଇ,୧୩।୧୦(ସ୍ୱ.ପ୍ର.)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ସୋତି ଛକ ନିକଟରେ ଶନିବାର ଭୋର ସମୟରେ ଟ୍ରକ୍-କଣ୍ଟେନର ଧକ୍କାରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲା ନୂଆଗାଁ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ସଞ୍ଜୟ ଦଳେଇ। ଖବରପାଇ ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସଞ୍ଜୟଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ସୋତି ଛକ ନିକଟରେ ଏକ ପିଆଜ ବୋଝେଇ ଟ୍ରକ (ଡବ୍ଲ୍ୟୁବି-୪୧ଜି-୯୦୩୭) ହଠାତ୍ ବ୍ରେକ ମାରିବାରୁ ପଛ ପଟୁ ଆସୁଥିବା ଏକ କଣ୍ଟେନର (ଏଚ ଆର-୫୫ଏସି-୬୩୪୦) ତାକୁ ଧକ୍କା ଦେଇଥିଲା।

**ସଂକ୍ଷେପରେ**

## ଚାଷୀଙ୍କ ମୁହଁରେ ହସ ଫୁଟାଇଲା ତିତ୍‌ଲି

ବିରଜାକ୍ଷେତ୍ର,୧୩।୧୦(ଡି.ଏନ୍.ଏ)- ତିତ୍‌ଲି ବାତ୍ୟା ଯାଜପୁରର ଧାନଚାଷୀଙ୍କ ମୁହଁରେ ହସ ଫୁଟାଇଛି। ଗତ କିଛିଦିନ ତଳେ ଲଗାତାର ଲଘୁଚାପଜନିତ ବର୍ଷା ଯୋଗୁ ଚଳିତବର୍ଷର ଖରିଫ୍ ଧାନଚାଷ ବିଶେଷ ପ୍ରଭାବିତ ହୋଇଥିଲା। ଏପରିକି ଚାଷ ଜମିରେ ବର୍ଷାଜଳ ଭରିରହିବା ଦ୍ୱାରା ଧାନଗଛ ପଚିଯାଉଥିବାରୁ ଚାଷୀ ୨/୩ ଥର ଧାନ ତଳି ରୋଇଥିଲେ। ଲଗାତାର ବର୍ଷା ହେବା ଯୋଗୁ ଧାନଗଛ କିଛିମାତ୍ରାରେ ନଷ୍ଟ ହୋଇଯାଇଥିଲା। ବଞ୍ଚି ରହିଥିବା ଧାନଗଛ ଠିକ୍ ବଢ଼ିବା ସମୟରେ ଆଉ ବର୍ଷା ହୋଇ ନ ଥିଲା। ଗ୍ରୀଷ୍ମଦିନ ଭଳି ଟାଣ ଖରା ହୋଇଥିଲା। ଯଦ୍ୱାରା ବିଲ ଶୁଖିଲା ପଡ଼ିଯାଇଥିଲା। ଫଳରେ ଧାନଗଛଗୁଡ଼ିକ ବଢ଼ିବା ପରିବର୍ତ୍ତେ ନାଲି ପଡ଼ିଯାଉଥିବା ଦେଖିବାକୁ ମିଳିଥିଲା। ଜଳସେଚନ ଧାନବିଲଗୁଡ଼ିକରେ ଯଦିଓ ପାଣି ରହିଥିଲା କିନ୍ତୁ ବର୍ଷାର ଆଗମନକୁ ଅପେକ୍ଷା କରି ରହିଥିଲା। ତିତ୍‌ଲି ପ୍ରଭାବରେ ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ପ୍ରଭୃତି ଅଞ୍ଚଳରେ ବର୍ଷା ହେବାରୁ ଧାନଗଛଗୁଡ଼ିକ ସତେଜ ଦେଖାଯିବା ସହ ଅଣଜଳସେଚିତ ଜମିରେ ବର୍ଷାଜଳ ଭରି ରହିବାରୁ ଧାନଗଛଗୁଡ଼ିକ ଉଧେଇବାରେ ସହାୟକ ହୋଇଛି। ତିତ୍‌ଲି ପ୍ରଭାବରୁ ବର୍ଷା ହୋଇଥିବାରୁ ଚାଷୀ ମନରେ ଆନନ୍ଦ ଭରିଯାଇଛି।

## ଅଗ୍ନିକାଣ୍ଡରେ ୪ ଗୋରୁ ଅର୍ଦ୍ଧଦଗ୍ଧ

ସିଂହପୁର,୧୩।୧୦(ଡି.ଏନ୍.ଏ)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଶୋକ ଜେନାଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଗୁହାଳରେ ବନ୍ଧା ହୋଇଥିବା ୪ ଗୋରୁ ଅର୍ଦ୍ଧ ଦଗ୍ଧ ହୋଇଛନ୍ତି। ଏଥିସହ ଘରର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଶୋକ ଦଳିତ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସମିତି ସଭ୍ୟ ଜ୍ଞାନରଞ୍ଜନ ଜେନା ଦାବି କରିଛନ୍ତି।

## ଖବରଦାତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ବିରଜାକ୍ଷେତ୍ର,୧୩।୧୦(ଡି.ଏନ୍.ଏ)- ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାଜପୁର ସହରର ଖବରଦାତା ଉତ୍କଳ ଜେନାଙ୍କର ଗତ ୯ତାରିଖରେ ପରଲୋକ ହୋଇଥିଲା। ସ୍ୱର୍ଗତ ଉତ୍କଳ ଜେନାଙ୍କ ସ୍ମୃତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ଯାଜପୁର ସହରସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଯାଜପୁର ପ୍ରେସ୍ କ୍ଲବ ସଭାପତି ରାଜୀବ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବରିଷ୍ଠ ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ, ଅକ୍ଷୟ୍ ମହାନ୍ତି, ବିଜୟ୍ ମହାନ୍ତି, କୈଳାସ ନାୟକ, ଅଜୟ୍ ରାଉଳ, ତପନ ମହାରଣ୍ୟ ଶର୍ମା, ଅରୁଣ ରାଉତରାୟ, ସୁଜିତ ମଲ୍ଲିକ, ସନ୍ଦୀପ୍ତ ରାୟ, ସଞ୍ଜୀବ ନାୟକ, ଜ୍ଞାନ ଓଝା, ଦେବଦତ୍ତ ଦାସ, ସମର ବିଜୟ୍ ଶରଣ, ଅସିମ କର ପ୍ରମୁଖ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଜେନାଙ୍କ ପରିବାରକୁ ଯାଜପୁର ପ୍ରେସ କ୍ଲବ୍ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଆଦିତ୍ୟ ମେକାପ, ବିରଜା ପାଣି, ରବିନାରାୟଣ ରଣା, ତରୁଣ ନନ୍ଦ, ବିଜୟ୍ ସାହୁ, ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ରୟୋଦଶ ଦିନରେ ଷୋଡ଼ଶୋପଚାର ପୂଜା

# ଆରମ୍ଭ ହେଲା ଯଜ୍ଞ, ଭକ୍ତଙ୍କ ଭିଡ଼



ମା'ଙ୍କ ଶକ୍ତିବାଡି ଆର୍ସକୁ ସେବାୟତମାନେ ରଥକୁ ନେଉଛନ୍ତି ।

ବିରଜାକ୍ଷେତ୍ର,୧୩।୧୦(ଡି.ଏନ୍.ଏ)

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦୁର୍ଗା ଉତ୍ସବ ନିମନ୍ତେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ଶନିବାର ୫ମ ଦିନରେ ପହଞ୍ଚିଛି। ପଞ୍ଚମୀ ତିଥି ଅନୁଯାୟୀ ମା' ବିରଜାଙ୍କ ମନ୍ଦିର ପରିସରରେ ଥିବା ଯଜ୍ଞ ମଣ୍ଡପରେ ପଞ୍ଚମୀ ତଥା ଶନିବାର ରାତ୍ରରୁ ଯଜ୍ଞ ଆରମ୍ଭ ହୋଇଛି। ଏହା ଅଷ୍ଟମୀ ତିଥି ତଥା ଅଷ୍ଟମୀ ପର୍ଯ୍ୟନ୍ତ ଯଜ୍ଞ ହୋଇ ପୂର୍ଣ୍ଣାହୁତି ହେବ। ମା'ଙ୍କ ଦୁର୍ଗା ଉତ୍ସବ ନିମନ୍ତେ ଦ୍ୱିତୀୟାଷ୍ଟମୀଠାରୁ ଆରମ୍ଭ ହୋଇଥିବା ବିଶେଷ ଷୋଡ଼ଶୋପଚାର ପୂଜା ଶନିବାର ତ୍ରୟୋଦଶ ଦିନରେ ପହଞ୍ଚିଛି। ତ୍ରୟୋଦଶ ଦିନରେ ମା'ଙ୍କୁ ସକାଳେ ବୈତରଣୀ ଜଳରେ ସ୍ନାନ କରାଯାଇ ବେଶ କରାଯାଇଥିଲା। ପୂର୍ବାହ୍ନରେ ରତ୍ନ ସିଂହାସନରେ ଷୋଡ଼ଶୋପଚାର ପୂଜା ହୋଇ ଯଜ୍ଞ ମଣ୍ଡପରେ କଳସ ଓ ଘଟ ପୂଜା ହୋଇଥିଲା। ଏହାପରେ ନୀତି ଓ ଆଳତୀ ହୋଇ ରଥରେ ବିରାଜିତ ହୋଇଥିବା ମା'ଙ୍କ ପ୍ରତିମା ପାଖରେ ପୂଜା ଓ ନୀତି ଲାଗି ହେବାପରେ ପହୁଡ଼ ହୋଇଥିଲା। ଅପରାହ୍ନରେ ପହୁଡ଼ ଖୋଲିବା ପରେ ମା'ଙ୍କ ଶକ୍ତିବାଡ଼ି ଆର୍ସାକୁ ସେବାୟତ ଘଣ୍ଟ, ବାଦ୍ୟ, ତରାସ, ଛତା ଗହଣରେ ନେଇ ରଥରେ ବିରାଜିତ ହେବାପରେ ରଥ ଦାଣ୍ଡରେ ଉପସ୍ଥିତ ଭକ୍ତମାନେ ପୂର୍ବଦିନ ଦକ୍ଷିଣ-ପଶ୍ଚିମ କୋଣରୁ ରଥକୁ ଟାଣିନେଇ ଉତ୍ତର-ପୂର୍ବ କୋଣରେ ରଖିଥିଲେ। ଏହାପରେ ଶକ୍ତିବାଡ଼ି ଆର୍ସାକୁ ବାଦ୍ୟ, ଘଣ୍ଟ ବଜାଇ ଆର୍ସା ବାଡ଼ିକୁ ମା'ଙ୍କ ରତ୍ନ ଗର୍ଭଗୃହରେ ରଖିବା ପରେ ଆଳତି ହୋଇଥିଲା। ଆଳତି ପରେ ପଞ୍ଚମୀ ତିଥି ଅନୁଯାୟୀ ସନ୍ଧ୍ୟା ୭ଟା ପରେ ବୈତରଣୀ ନଦୀଜଳରେ ମା'ଙ୍କୁ ମହାସ୍ନାନ କରାଯିବା ପରେ ମା'ଙ୍କ ପାଦଦର୍ଶନ ନିମନ୍ତେ ଭକ୍ତଙ୍କୁ ସୁଯୋଗ ଦିଆଯାଇଥିଲା। ପାଦଦର୍ଶନ ପରେ ମା'ଙ୍କୁ ବେଶ କରାଯାଇ ଷୋଡ଼ଶୋପଚାର ପୂଜା, ଘଟପୂଜା, କଳସ ପୂଜା ହେବାପରେ ଯଜ୍ଞ ମଣ୍ଡପରେ ପଞ୍ଚମୀ ତିଥି ଅନୁଯାୟୀ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଯଜ୍ଞକାର୍ଯ୍ୟ ସରିବା ପରେ ମା'ଙ୍କଠାରେ ନୀତିଲାଗି ହେବାସହ ରଥ ଉପରେ ବିରାଜିତ ବିଜେ ପ୍ରତିମାଙ୍କଠାରେ ନୀତିଲାଗି ହୋଇ ପହୁଡ଼ ହୋଇଥିଲା। ବିଶେଷ ଷୋଡ଼ଶୋପଚାର ପୂଜା ଓ ଯଜ୍ଞ କାର୍ଯ୍ୟରେ ପୂଜକ ନାଗେନ୍ଦ୍ର ଭୂଷଣ କର, ଧର୍ମାଧିକାରୀ ହିମାଂଶୁ ଶେଖର ପତିମିଶ୍ର, ପ୍ରସନ୍ନ କୁମାର ପତି, ପ୍ରଫୁଲ୍ଲ କୁମାର ପତି, ଜ୍ଞାନରଞ୍ଜନ ପତି, ମନୋରଞ୍ଜନ ପତି, ବିରଜା କିଂକର ପତି, ପ୍ରମୋଦ କୁମାର ପତି, ସରୋଜ କୁମାର ପତି, ଚରୁ ରଞ୍ଜନ ପାଣି, ସମିଧ ଧନଞ୍ଜୟ ପାଣି କାର୍ଯ୍ୟ ସମ୍ପାଦନା କରିଥିଲେ। ମା'ଙ୍କ ଶକ୍ତିବାଡ଼ି ଆର୍ସାକୁ ଅମୂଲ୍ୟ ପାଣି ରଥ ଉପରେ ବିରାଜିତ କରାଇଥିଲେ। ରଥ ଉପରେ ଚାମର ସରୋଜ ସିଂ, ତରାସ ନିତ୍ୟାନନ୍ଦ ରଣା, ଛତା ଭାଗବତ ରଣା, ଅକ୍ଷୟ ରଣା, ମଶାଲ ଭାଗବତ ବାରିକ କାର୍ଯ୍ୟ ସମ୍ପାଦନ କରୁଛନ୍ତି।

# ବାସହରା ହେଲେ ବିଧବା

**ତିତ୍‌ଲି ପ୍ରଭାବରେ ଭାଙ୍ଗିଗଲା ଘର କାନ୍ଥ**



ଡୁବୁରୀ,୧୩।୧୦(ଡିଏନଏ)

ଦାନଗଦୀ ବ୍ଲକ ଅନ୍ତର୍ଗତ ନଡିଆଭଙ୍ଗା ପଞ୍ଚାୟତର ରଙ୍ଗାହୁଡି ଗାଁରେ ରୁହନ୍ତି ବିଧବା ମହିଳା ସୁବାସିନୀ ମହାନ୍ତ(୬୩)। ୩ବର୍ଷ ହେଲା ସ୍ୱାମୀଙ୍କୁ ହରାଇଛନ୍ତି, ହେଲେ ବିଧବା ଭତ୍ତା ମିଳିନାହିଁ। ୬୩ ବର୍ଷୀୟା ଏହି ବିଧବାଙ୍କୁ ବାର୍ଦ୍ଧକ୍ୟ ଭତ୍ତାଟିଏ ମଧ୍ୟ ମିଳିନାହିଁ। ବାରମ୍ବାର ଗୁହାରି ସତ୍ତ୍ୱେ ପଞ୍ଚାୟତ ତଥା ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କ ପାଇଁ ଖଣ୍ଡେ ପକ୍କା ଘର ଯୋଗାଇ ଦିଆଯାଇନାହିଁ। ୨ଝିଅ ଓ ଗୋଟିଏ ପୁଅଙ୍କୁ ନେଇ ସୁବାସିନୀ ଏକ ଚାଳଛପର ଘରେ ବଡ କଷ୍ଟରେ ଜୀବନ ଯାପନ କରୁଥିବା ବେଳେ ସାମୁଦ୍ରିକ ଝଡ ତିତ୍‌ଲି ସୁବାସିନୀଙ୍କ ପରିବାରକୁ ବେଘର କରିଦେଇଛି । ଶୁକ୍ରବାର ଲଘୁଚାପ ପ୍ରଭାବରେ ହୋଇଥିବା ବର୍ଷାରେ ତାଙ୍କ ଘରର ସାମ୍ନା କାନ୍ଥ ପଡିଯାଇଛି । ହେଲେ ସୌଭାଗ୍ୟ ବଶତଃ ସମ୍ପୃକ୍ତ ପରିବାରର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଘଟଣାର ଦିନକ ପରେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ପରିବାର ପାଇଁ କୌଣସି ସହାୟତା ପ୍ରଦାନ କରାଯାଇନାହିଁ। ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ ଆବାସ ଯୋଜନାରୁ ବଂଚିତ ସୁବାସିନୀ କୌଣସି ଉପାୟ ନ ପାଇ ୩ ପିଲାଙ୍କୁ ବାପ ଘରକୁ ପଠାଇ ଦେଇ ନିଜେ ପଡିଶାଙ୍କ ଘରେ ଆଶ୍ରୟ ନେଇଛନ୍ତି। ସୂଚନାଯୋଗ୍ୟ ସୁବାସିନୀଙ୍କ ସ୍ୱାମୀ ଛୋଟରାଇ ମହାନ୍ତ ୩ବର୍ଷ ପୂର୍ବେ ମୃତ୍ୟୁ ବରଣ କରିଛି। ବିଧବା ସୁବାସିନି ମୂଲ ମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି । ଗୋଟିଏ ଚାଳଛପର ଘର ବ୍ୟତିତ ଆଉ କିଛି ନାହିଁ। ସୁବାସିନୀଙ୍କୁ ତୁରନ୍ତ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସରପଞ୍ଚ ଅମୀତ ମଲ୍ଲିକ ଦାବୀ କରିଛନ୍ତି।


ଧରିତ୍ରୀ DHARITRI
Quiz No.2
Puja Quiz- 2018
Main Sponsor TVS
Co-Sponsors CENTRAL Nikon
☑Tick mark the box which is correct
୧. ଉତ୍ତର ମେରୁରେ ପଦାର୍ପଣ କରିଥିବା ପୃଥିବୀର ପ୍ରଥମ ବ୍ୟକ୍ତି ?
କ. ରବର୍ଟ ପେରୀ ☐ ଖ. ନିଲ ଆର୍ମଷ୍ଟ୍ରଙ୍ଗ୍ ☐ ଗ. ଆମଣ୍ଡସନ ☐ ଘ. ଜୁଙ୍କୋ ତାବେଇ ☐
୨. ପବିତ୍ର ରାଜ୍ୟ ପୃଥିବୀରେ କାହାକୁ କୁହାଯାଏ ?
କ. ଓଡ଼ିଶା ☐ ଖ. ପାଲେଷ୍ଟାଇନ୍ ☐ ଗ. ପଞ୍ଜାବ ☐ ଘ. ଚିକାଗୋ ☐
୩. ପୃଥିବୀର ଦୀର୍ଘତମ ନଦୀ ?
କ. ଆମାଜନ ☐ ଖ. ନୀଳନଦୀ ☐ ଗ. ଅବରିଟସ ☐ ଘ. ମିସୋରି ମିସିସିପି ☐
୪. ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ପୃଥିବୀର ପ୍ରଥମ ବ୍ୟକ୍ତି ?
କ. ସଲି ପ୍ରୁଧୋମେ ☐ ଖ. ଜିନ୍ ହେନେରୀ ଡୁନାଣ୍ଟ ☐ ଗ. ଜନ ଟିମ୍ବର ଜେନ ☐ ଘ. ଆନ୍ ବାନ୍‌କ୍ରଫଟ ☐
୫. Pb କେଉଁ ମୌଳିକର ପ୍ରତୀକ ?
କ. ସିଲ୍‌ଭର ☐ ଖ. ଲେଡ୍ ☐ ଗ. ଗୋଲଡ୍ ☐ ଘ. ସୋଡିୟମ ☐
Participant's Name:
Address:
Education
Mobile ... Age:
E-mail:
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 2
B-15, Industrial Estate, Rasulgarh, Bhubaneswar-10





### ନୀରବଦ୍ରଷ୍ଟା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ

# କିଡ୍‌ନୀ ରୋଗରେ ଗଲା ଆଉ ଜଣଙ୍କ ଜୀବନ

- ସମସ୍ୟାର ସମାଧାନ ପାଇଁ ହୋଇଆସୁଛି ଦାବି
- ପ୍ରଶାସନର ଖାମଖିଆଲି ନୀତି ଯୋଗୁ ଲିଭି ଚାଲିଛି ଜୀବନ ଦୀପ

ସୁକିନ୍ଦା,୧୩।୧୦(ଡି.ଏନ.ଏ.)- ସୁକିନ୍ଦା ବ୍ଲକର ଅଭିଶପ୍ତ ଅତା ଓ ବାହାବଳପୁର ଗ୍ରାମରେ ବିଗତ କିଛି ବର୍ଷ ଧରି କିଡନୀ ରୋଗରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପ୍ରାଣ ହରାଇ ସାରିଥିବା ବେଳେ ବର୍ତ୍ତମାନ ମଧ୍ୟ ଅନେକ ବ୍ୟକ୍ତି ଆକ୍ରାନ୍ତ ଅଛନ୍ତି। ଏହି ରୋଗରେ ପୁଣି ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମୃତ ବ୍ୟକ୍ତି ହେଲେ ଶରତ ଚନ୍ଦ୍ର ମଳିକ (୪୬)। ସମ୍ପୃକ୍ତ ବ୍ୟକ୍ତି ଜଣକ ଅତା ଗ୍ରାମର ହରିଜନ ସାହିର ବାସିନ୍ଦା ହୋଇଥିବା ବେଳେ ତାଙ୍କର ୨ଜଣ ଛୋଟ ପୁଅ ଏବଂ ଜଣେ ଛୋଟ ଝିଅ ଅଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ନିଧନରେ ତାଙ୍କ ସ୍ତ୍ରୀଙ୍କ ସମେତ ପିଲାମାନେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଏହି ରୋଗ ଉକ୍ତ ଗ୍ରାମରେ ଦୀର୍ଘ ୫ବର୍ଷ ଧରି ମୁଣ୍ଡ ନେଉଥିବା ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ପ୍ରକାଶିତ ହେବା ପରେ ପ୍ରଶାସନ ୨୦୧୪ ଜୁଲାଇ ୨୬ରେ ସହକାରୀ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏହାର ରିପୋର୍ଟ ପଠାଇଥିଲା। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ସେଠାରେ ପ୍ରତ୍ୟେକ ବର୍ଷ ଏହି ରୋଗରେ ଏକାଧିକ ବ୍ୟକ୍ତି ପ୍ରାଣ ହରାଇ ଚାଲିଛନ୍ତି। ପ୍ରଶାସନର ଉପହାସ କରିବା ଭଳି ପଦକ୍ଷେପ ଜୀବନ ନେଇଚାଲିଛି। ଏ ନେଇ ସରପଞ୍ଚ ଗତ ୨୦୧୩ ମସିହାରୁ ବାରମ୍ବାର ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏବଂ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ନେଇ କେହି କର୍ଣ୍ଣପାତ କରି ନ ଥିଲେ। ଏବେ ଉକ୍ତ ଗ୍ରାମରେ ଏକ ପାଣିଟାଙ୍କିର ବ୍ୟବସ୍ଥା କରାଯାଇ ଜଳବଣ୍ଟନ କରାଯାଉଥିଲେ ମଧ୍ୟ ପାଣିରେ ଥିବା ରୋଗବାହକ ଦ୍ୱାରା ପୁନଃ ଏହି ସମସ୍ୟା ଚାଲୁ ରହିଛି। ପାଣିର ଠିକ ଭାବେ ପରୀକ୍ଷଣ କରାଯାଇ ନାହିଁ। ଅପରପକ୍ଷରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ କୌଣସି ଜଣେ ମଧ୍ୟ ସେଠାକୁ ଯାଇ ପରିସ୍ଥିତି ଅନୁଧାନ କରି ନ ଥିବା ଦେଖିବାକୁ ମିଳିଛି। ଜସାଧାରଣଙ୍କ ପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଓ ନିବେଦନକୁ ଶୁଣି ପ୍ରଶାସନ ଆଖିବୁଜି ଦେବାରୁ ଗୋଟିଏ ପରେ ଗୋଟିଏ ଜୀବନ ଦୀପ ଲିଭି ଚାଲିଛି ବୋଲି କହିଛନ୍ତି ଅତାର ପୂର୍ବତନ ସରପଞ୍ଚ ବିଜୟଲକ୍ଷ୍ମୀ ପଟ୍ଟନାୟକ। ଯଦି ପ୍ରଶାସନ ତରଫରୁ ଏ ନେଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଉକ୍ତ ଦୁଇ ଗ୍ରାମବାସୀ ଆନ୍ଦୋଳନ କରିବାକୁ ପଛାଇବେ ନାହିଁ ବୋଲି କହିଛନ୍ତି।




ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ଅକ୍ଟୋବର, ୨୦୧୮



ନିଜର ଦୁର୍ବଳତା କେଉଁଠି ଅଛି ତାହା ଜାଣି ନ ପାରିବା ହିଁ ହେଉଛି ସବୁଠାରୁ ବଡ଼ ଦୁର୍ବଳତା।
- କାର୍ଲାଇଲ



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ଖଣ୍ଡପଡା,୧୩।୧୦(ସ୍ୱ.ପ୍ର.):** ଖଣ୍ଡପଡା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଖଣ୍ଡପଡା ପୋଲିସ ୧୨ନଂ ୱାର୍ଡର ଅନନ୍ତ ନାଏକ ନାମକ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ନାବାଳିକା ଜଣକ ଗ୍ରାମ ନିକଟସ୍ଥ ସୁନାମୁହିଁ ଡ୍ୟାମରେ ଶୁକ୍ରବାର ମଧ୍ୟାହ୍ନରେ ସ୍ନାନ ସାରି ଘରକୁ ଫେରୁଥିବା ବେଳେ ଏକ ନିଛାଟିଆ ରାସ୍ତାରେ ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଖଣ୍ଡପଡା ଥାନାରେ ନାବାଳିକାଙ୍କ ମା ଲିଖିତ ଅଭିଯୋଗ କରିବା ପରେ ନଂ.୨୧୨/୧୮ରେ ଏକ ମାମଲା ରୁଜୁ ହୋଇଛି। ନାବାଳିକାଙ୍କୁ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### ଘୁଗୁଡିପଡା-ଖଣ୍ଡାଧୁଆ ରାସ୍ତା ବିଚ୍ଛିନ୍ନ



**ଦଶପଲ୍ଲା,୧୩।୧୦ (ଡି.ଏନ.ଏ.):** ତିତ୍‌ଲି ପ୍ରଭାବରେ ଲଗାଣ ବର୍ଷା ଯୋଗୁ ଦଶପଲ୍ଲା ଅଞ୍ଚଳର ବିଭିନ୍ନ ଗ୍ରାମ ଏବେ ବି ଜଳବନ୍ଦୀ ହୋଇରହିଛି। ଫଳରେ ଜନସାଧାରଣ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକର ଆଦିବାସୀ ଅଧ୍ୟୁଷିତ ଘୁଗୁଡିପଡା ପଞ୍ଚାୟତଠାରୁ ଗଣିଆ ବ୍ଲକକୁ ସଂଯୋଗ କରୁଥିବା ରାସ୍ତାର ଖଣ୍ଡାଧୁଆଠାରେ ରାସ୍ତା ଉପରେ ୨ଫୁଟ ପାଣି ପ୍ରବାହିତ ହେଉଛି। ଏଥିଯୋଗୁ ଅନେକ ଗ୍ରାମ ଓ ଚାଷ ଜମି ଜଳମଗ୍ନ ହୋଇ ରହିଥିବାବେଳେ ଦଶପଲ୍ଲା ଓ ଗଣିଆ ବ୍ଲକ ମଧ୍ୟରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମାଣ କରାଯାଇଥିବା ରାସ୍ତାଟି ଧୋଇ ହୋଇଯାଇଛି। ଫଳରେ ଅନେକ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିଶେଷ କରି ଛାମୁଣ୍ଡିଆ ପଞ୍ଚାୟତରୁ ଦଶପଲ୍ଲା ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମଦ ଜବତ, ଜଣେ ଗିରଫ

**କୃଷ୍ଣପ୍ରସାଦ,୧୩।୧୦(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଚୋରାମଦ କାରବାର ଚାଲିଥିବା ଅଭିଯୋଗ ହୋଇଆସୁଛି। ଏପରିସ୍ଥଳେ ଶନିବାର ବିଶେଷ ସୂତ୍ରରୁ ଖବର ପାଇ କୃଷ୍ଣପ୍ରସାଦ ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁ, ସବ୍‌ଇନ୍‌ସପେକ୍ଟର ଗୋଲଖ ବିହାରୀ ରାଉତ ସଦଳବଳ ଚଢାଉ କରି ତାଳତୋଳା ପୁରୁଣାସାହିର ରାଧାଶ୍ୟାମ ବିଶ୍ୱାଳଙ୍କଠାରୁ ୧୨ଲିଟର ଦେଶୀମଦ ଜବତ କରି ତାଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ୬୩/୧୮ରେ ଏକ ମାମଲା ରଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସୁଧୁରୁନି ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା

**ନୂଆଗାଁ,୧୩।୧୦(ଡି.ଏନ.ଏ.)**



ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

**ନୂଆଗାଁ ଗ୍ରାମ**
- ଡାକ୍ତର ନ ଥିବାରୁ ଫାର୍ମାସିଷ୍ଟ ଚଳାଉଛନ୍ତି ଡାକ୍ତରଖାନା
- ହାଇସ୍କୁଲରେ ୮ ଶିକ୍ଷକ ପଦବୀ ଖାଲି

ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ସହ ସମସ୍ତେ କିପରି ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ପାଇ ପାରିବେ ସେଥିପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ କେତେକ ସ୍ଥାନରେ ବିଭାଗୀୟ ଅଧିକାରୀମାନଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ପ୍ରକୃତ ହିତାଧିକାରୀ ସେ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ନୟାଗଡ ଜିଲା ମୁଖ୍ୟାଳୟ ଠାରୁ ମାତ୍ର ୨୨ କିଲୋମିଟର ଦୂର ନୂଆଗାଁ ବ୍ଲକର ନୂଆଗାଁ ଗ୍ରାମ। ଦୀର୍ଘ ବର୍ଷ ହେଲା ଉକ୍ତ ଗ୍ରାମରେ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବା ନେଇ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଅଦ୍ୟାବଧି ସେସବୁ ସମସ୍ୟା ଦୂର ହୋଇ ପାରିଲା ନାହିଁ ।

ନୂଆଗାଁ ଆଖପାଖ କୋରଡା, ଉଦୟପୁର, ସୋରଡା, ଜାକେଡା, ନୂଆଗାଁ ଆଦି ପଞ୍ଚାୟତର ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ନୂଆଗାଁଠାରେ ୧୯୮୨ ମସିହାରେ ୧୦ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ସ୍ଥାପନ କରାଯାଇଥିଲା। ଏଥିରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ରହିବାର ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ବିନା ଡାକ୍ତରରେ କେବଳ ଜଣେ ଫାର୍ମାସିଷ୍ଟଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟସେବା । ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ସେ କୌଣସି ଦିନ ଡାକ୍ତରଖାନାକୁ ଆସନ୍ତି ନାହିଁ । ଏ ନେଇ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଅଭିଯୋଗ କରାଯାଉଥିଲେ ମଧ୍ୟ ସେଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। କୌଣସି ରୋଗୀଙ୍କୁ ନେଇ ଡାକ୍ତରଖାନାକୁ ଆସିଲେ ନିରାଶରେ ଫେରି ଯିବାକୁ ପଡୁଛି। ଅନେକ ସମୟରେ ରାଜପଥରେ ଦୁର୍ଘଟଣାଗ୍ରସ୍ତ ଆହତକୁ ଚିକିତ୍ସା ନିମନ୍ତେ ୨୨ କିଲୋମିଟର ଦୂର ନୟାଗଡ ଡାକ୍ତରଖାନାକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିବାର ମଧ୍ୟ ନଜିର ରହିଛି । ସେହିପରି ଶିକ୍ଷାକ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଛି। ୧୯୬୪ ମସିହାରେ ସ୍ଥାପିତ ନୂଆଗାଁ ହାଇସ୍କୁଲରେ ଷଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୫୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ ନାହାନ୍ତି। ଅଛନ୍ତି ଜଣେ ପ୍ରଧାନ ଶିକ୍ଷକ, ୨ ଜଣ ଚୁକ୍ତିଭିତ୍ତିକ ଓ ୩ ଜଣ ନିୟମିତ ଶିକ୍ଷକ । ସରକାରଙ୍କ ସର୍ବଶିକ୍ଷା ଅଭିଯାନ ଅନୁଯାୟୀ ଏଠାରେ ଆଠଗୋଟି ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ନିଯୁକ୍ତି ପାଇଥିବା ଖେଳ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ଡେପୁଟେଶନରେ ପଠାଇ ଦିଆଯାଇଛି। ଏହା ବ୍ଲକର ଏକ ନୋଡାଲ ହାଇସ୍କୁଲ ହୋଇଥିବା ଯୋଗୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଉଥିବାରୁ ସୀମିତ ଶିକ୍ଷକଙ୍କ ଦ୍ୱାରା ପାଠ୍ୟ ପୁସ୍ତକ ପଢାଇବା ସମ୍ପୂର୍ଣ୍ଣ ହୋଇ ପାରୁ ନାହିଁ । ଏପରି କି ଗତ ଶିକ୍ଷାବର୍ଷର ଶେଷ ପରୀକ୍ଷା ବେଳକୁ ଅନେକ ଶ୍ରେଣୀର ବିଷୟବସ୍ତୁ ଅଧା ପଢାଯାଇଥିବା ନେଇ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି । ନୂଆଗାଁ ହାଇସ୍କୁଲରେ ଶିକ୍ଷକ ଅଭାବ ସମ୍ପର୍କରେ ନୟାଗଡ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଡ.ଅଭୟ କୁମାର ମଲିକଙ୍କୁ ପଚାରିବାରେ ସେ କୁହନ୍ତି କେଉଁ ବିଷୟର ଶିକ୍ଷକଙ୍କ ଅଭାବ ରହିଛି ତାହାର ଏକ ତାଲିକା ଦେଲେ ଯଥାସମ୍ଭବ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଚେଷ୍ଟା କରିବି । ନୂଆଗାଁ ଡାକ୍ତରଖାନାରେ ଡାକ୍ତରଙ୍କ ଅନୁପସ୍ଥିତି ନେଇ ନୟାଗଡ ଚିକିତ୍ସାଧିକାରୀ ଫଣିନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ଯୋଗାଯୋଗ ପାଇଁ ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୪।୧୦।୨୦୧୮ (ରବିବାର)**
- ଭଏସ୍ ଅଫ୍ ନୟାଗଡ଼ କାର୍ଯ୍ୟକ୍ରମ
  **ସ୍ଥାନ :** ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର, ଖଣ୍ଡପଡ଼ା , **ସମୟ**– ସକାଳ ୮ଟା
- ଭଏସ୍ ଅଫ୍ ନୟାଗଡ଼ କାର୍ଯ୍ୟକ୍ରମ
  **ସ୍ଥାନ:** ବ୍ଲକ ସମ୍ମିଳନୀ ଗୃହ, ଭାପୁର, **ସମୟ:** ସକାଳ ୮ଟା
- ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ
  **ସ୍ଥାନ :** ଭାପୁର ନୋଡାଲ ଉ.ପ୍ରା.ବିଦ୍ୟାଳୟ, ଭାପୁର, **ସମୟ :** ସକାଳ ୧୦ଟା
- ନୟାଗଡ଼ ଜିଲା ବନସେବା ସଂଘ ସାଧାରଣ ନିର୍ବାଚନ
  **ସ୍ଥାନ :** ଡିଆରଡିଏ ସୃଜନ ସମ୍ମିଳନୀ କକ୍ଷ, ନୟାଗଡ଼, **ସମୟ :** ସକାଳ ୯.୩୦
- ବନମାଳୀପୁର ଚ୍ୟାଲେଞ୍ଜ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ
  **ସ୍ଥାନ :** ବନମାଳୀପୁର, ଖଣ୍ଡପଡା, **ସମୟ :** ମଧ୍ୟାହ୍ନ ୧୨ଟା
- ତ୍ରିଦିନାତ୍ମକ ଷଷ୍ଠ ବାର୍ଷିକ ଚଣ୍ଡୀପାଠ
  **ସ୍ଥାନ :** କୃଷ୍ଣଚନ୍ଦ୍ରପୁର ପାଟଣା, କଣ୍ଟିଲୋ

**୧୫।୧୦।୨୦୧୮ (ସୋମବାର)**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ :** ବ୍ଲକ କାର୍ଯ୍ୟାଳୟ ପରିସର, ଦଶପଲ୍ଲା, **ସମୟ :** ପୂର୍ବାହ୍ନ ୧୦ଟା
- ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ
  **ସ୍ଥାନ:** ପଠାଣି ସାମନ୍ତ ଡିଗ୍ରୀ ମହାବିଦ୍ୟାଳୟ, ଖଣ୍ଡପଡା, **ସମୟ:** ସକାଳ ୧୦ଟା
- ଜାକେଡା ପଞ୍ଚାୟତବାସୀଙ୍କ ବିକ୍ଷୋଭ ସମାବେଶ
  **ସ୍ଥାନ :** ନୂଆଗାଁ ବ୍ଲକ ସମ୍ମୁଖ, ନୂଆଗାଁ, **ସମୟ :** ମଧ୍ୟାହ୍ନ ୧୨ଟା
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବାର୍ଷିକ ଉତ୍ସବ
  **ସ୍ଥାନ :** ଲିଙ୍ଗରାଜ ନୋଡାଲ ଉ.ପ୍ରା. ବିଦ୍ୟାଳୟ, ଖଳିସାହି, **ସମୟ :** ସକାଳ ୬ଟା

**୧୬।୧୦।୨୦୧୮ (ମଙ୍ଗଳବାର)**
- ଦଶପଲ୍ଲା ବିଜେଡି ପକ୍ଷରୁ ପଦଯାତ୍ରା
  **ସ୍ଥାନ :** ଶିମିଳିସାହି, ନୂଆଗାଁ, **ସମୟ :** ସକାଳ ୧୦ଟା
- ସାହିତ୍ୟ ଏକାଡେମୀ ଦ୍ୱାରା ଗ୍ରାମାଲୋକ କାର୍ଯ୍ୟକ୍ରମ
  **ସ୍ଥାନ :** କେନ୍ଦୁପଲ୍ଲୀ ଗ୍ରାମ, ଭାପୁର
- ୩ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ
  **ସ୍ଥାନ :** ପାଣ୍ଡୁସାହୁ ପାଟଣା, କଣ୍ଟିଲୋ

**୧୭।୧୦।୨୦୧୮ (ବୁଧବାର)**
- ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ମହାଷ୍ଟମୀ ପୂଜା
  **ସ୍ଥାନ :** ଓଆର୍‌ଟି ଗ୍ୟାରେଜ ଛକ, ଓଡ଼ଗାଁ, **ସମୟ :** ପୂର୍ବାହ୍ନ ୧୦ଟା
- ଭିଆଇପି ଜୋନ ଦୁର୍ଗାପୂଜା ୨୫ବର୍ଷ ପୂର୍ତ୍ତି ଉତ୍ସବ
  **ସ୍ଥାନ :** ସିଧାମୂଳା, ମହାଳିକ ସାହି

**୧୯।୧୦।୨୦୧୮ (ଶୁକ୍ରବାର)**
- ସାର୍ବଜନୀନ ଦଶହରା ପୂଜା
  **ସ୍ଥାନ :** ଓଆର୍‌ଟି ଗ୍ୟାରେଜ ଛକ, ଓଡ଼ଗାଁ,

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନୀତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ଶରଦ ରାସୋତ୍ସବର ପ୍ରଥମ ପର୍ବ ନତଃ ବ୍ରତ ଆରମ୍ଭ

**ଖଣ୍ଡପଡା,୧୩।୧୦(ସ୍ୱ.ପ୍ର.)**

ଆଶ୍ୱିନ ମାସ ନତଃ ପଞ୍ଚମୀ ତିଥି ଶନିବାରରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ଶରଦ ରାସୋତ୍ସବର ପ୍ରଥମ ପର୍ବ ନତଃ ବ୍ରତ ମହାସମାରୋହରେ ଆରମ୍ଭ ହୋଇଛି । ପାରମ୍ପରିକ ଉତ୍ସାହ ଉଦ୍ଦୀପନା ମଧ୍ୟରେ ସ୍ଥାନୀୟ ମହାନଦୀ ଶଯ୍ୟା ଏହି ଉତ୍ସବ ପାଇଁ ମୁଖରିତ ହୋଇ ଉଠିଛି । ଶ୍ରୀରାଧା ଓ ଅଷ୍ଟସଖୀ ବେଶରେ ସଜ୍ଜିତ କୁନି କୁନି ପିଲାମାନେ ଅପରାହ୍ନରେ ଶ୍ରୀ ନୀଳମାଧବଜୀଉଙ୍କୁ ପୂଜାର୍ଚ୍ଚନା କରିଥିଲେ । ପୂଜାର୍ଚ୍ଚନା କରି ମନ୍ଦିରରୁ ଅଷ୍ଟ ସଖୀଙ୍କ ସହିତ ଶ୍ରୀରାଧା ଫେରିବା ପରେ ଅପେକ୍ଷାରତ ମହିଳାମାନେ ସେମାନଙ୍କୁ ବନ୍ଦାପନା କରିଥିଲେ । ଅପରାହ୍ନ ପ୍ରାୟ ୫ଟାରେ ସମସ୍ତ ଗୋପାଙ୍ଗନା ଶ୍ରୀରାଧାଙ୍କ ସହିତ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସ୍ଥାନୀୟ ମାଘମେଳା ପଡିଆକୁ ଆସିଥିଲେ । ଗ୍ରାମ ପରିକ୍ରମା କରିବା ସମୟରେ ଗୃହିଣୀ, ଗୃହସ୍ଥମାନେ ନିଜ ନିଜ ଦ୍ୱାରରେ ପୂର୍ଣ୍ଣ କୁମ୍ଭ ଓ କଳସ ରଖି ଶ୍ରୀରାଧା ଏବଂ ଅଷ୍ଟସଖୀମାନଙ୍କୁ ସ୍ୱାଗତ କରିଥିଲେ । ଏହି ଜନଗହଳି ପୂର୍ଣ୍ଣ ରାସ୍ତା ସତେ ଯେପରି ଗୋପ ଦାଣ୍ଡ ପାଲଟିଥିଲା । ମାଘମେଳା ପଡିଆରେ ଆୟୋଜିତ ଉତ୍ସବକୁ ଯମୁନା ନଦୀର ଆଖ୍ୟା ଦିଆଯାଇ ଶିବଙ୍କୁ ଆରାଧନା କରିବା ପାଇଁ ବାଲୁକା ଶିବ ଲିଙ୍ଗ ଅଷ୍ଟସଖୀ ଓ ଶ୍ରୀରାଧା ସ୍ଥାପନା କରିଥିଲେ । ପବିତ୍ର ମନରେ ରାଧାଙ୍କ ସହ ସଖୀମାନେ ମାନସିକ ରଖି ଫଳ, ପୁଷ୍ପ, କ୍ଷୀର ଭୋଗ ଲାଗି କରି ଶଙ୍କର ଓ ଭବାନୀଙ୍କୁ ପୂଜା କରିଥିଲେ । ଏହି ସମାବେଶରେ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ସମେତ ୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ । ଉକ୍ତ ଉତ୍ସବକୁ ଶରଦ ରାସ ଉତ୍ସବ କମିଟିର ସଭାପତି ବାଇଧର ମିଶ୍ର, ସମ୍ପାଦକ ଶ୍ରୀପତି ମହାରଣା, କର୍ମକର୍ତ୍ତା ହରିହର ଦାଶ, ଗୋକୁଳାନନ୍ଦ ସାହୁ, ଜୟକୃଷ୍ଣ ସାହୁ ଓ ରାସ ଗୁରୁ ରାସେଶ୍ୱର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ । ଏହି ବ୍ରତ ଶନିବାରଠାରୁ ଆରମ୍ଭ ହୋଇ ୧ ମାସ ପର୍ଯ୍ୟନ୍ତ ବାଲୁକା ପୂଜା ଭାବରେ ଅନୁଷ୍ଠିତ ହେବ ।


ଅଷ୍ଟସଖୀମାନେ ନୀଳମାଧବଜୀଉଙ୍କୁ ପୂଜାର୍ଚ୍ଚନା କରି ବ୍ରତ ପାଇଁ ଆସୁଛନ୍ତି।

## ବନ ବିଭାଗର ଚଢ଼ାଉ ବାର୍‌ହା ମାଂସ ଜବତ: ୨ ଗିରଫ

**ଟାଙ୍ଗୀ (ଖୋର୍ଦ୍ଧା),୧୩।୧୦(ଡି.ଏନ.ଏ.)**

ଟାଙ୍ଗୀ ବନ ବିଭାଗ ପକ୍ଷରୁ ଶନିବାର ମଧ୍ୟାହ୍ନ ୧୨ଟାରେ ନରମାନବୀ ଅଞ୍ଚଳରେ ଚଢାଉ କରାଯାଇ ୨ଶିକାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ୫ କେଜି ବାର୍‌ହା ମାଂସ ଜବତ କରାଯାଇଛି। ଗିରଫ ଦ୍ୱୟ ହେଲେ ସାହୁପଡ଼ା ଅଞ୍ଚଳର ଜନ୍ମେଶ୍ୱର ବେହେରା ଓ ନରେନ୍ଦ୍ର ବେହେରା। ପ୍ରକାଶ ଯେ, ନରମାନବୀ ଅଞ୍ଚଳରେ ଶିକାରୀମାନେ ଅଭିନବ ଉପାୟରେ ଶିକାର କରିଥାନ୍ତି। ସେମାନେ ଛୋଟ ସୂତାବମ୍‌ଗୁଡିକୁ ଧାନଜମିରେ ରଖିଦେଇଥାନ୍ତି। ବାର୍‌ହାମାନେ ସେମାନଙ୍କର ଖାଦ୍ୟ ଅନ୍ୱେଷଣରେ ଆସି ଧାନ ଖାଉଥିବା ବେଳେ ସୂତାବମ୍‌କୁ ଖାଇଦେଇଥାନ୍ତି। ଫଳରେ ସୂତାବମ୍ ଫୁଟିଯାଇଥାଏ ଓ ସେମାନଙ୍କର ମୁହଁଭାଗ ନଷ୍ଟ ହୋଇଯାଏ। ତା’ପରେ ସେମାନେ ମରିଯିବାରୁ ଶିକାରୀମାନେ ବାର୍‌ହାମାନଙ୍କୁ କାଟି ମାଂସ ଭାଗବଣ୍ଟା କରିଥାନ୍ତି। ଗିରଫ ଦ୍ୱୟଙ୍କ କହିବା ଅନୁସାରେ ନରମାନବୀର ଜଣେ ବ୍ୟକ୍ତି ବାର୍‌ହା ମାରି ସେମାନଙ୍କୁ ଭାଗ ଦେଇଥିଲେ । ଆଗକୁ ଦଶହରା ପର୍ବ ଥିବାରୁ ଭୋଜିଭାତ କରିବା ପାଇଁ ସେମାନେ ବାର୍‌ହା ମାଂସ ନେଇ ସାତପଡ଼ା ଯାଉଥିଲେ। ଟାଙ୍ଗୀ ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ନରମାନବୀ ଜଙ୍ଗଲରେ ଅଚାନକ ଚଢାଉକରି ଜଙ୍ଗଲ ରାସ୍ତାରୁ ସେମାନଙ୍କୁ ଗିରଫ କରିଥିଲା। ଟାଙ୍ଗୀ ବନ ବିଭାଗ ଅଧିକାରୀ ଅଜୟ କୁମାର ଜଗଦେବଙ୍କ ନିର୍ଦ୍ଦେଶକ୍ରମେ ମେରିନା ଗିରିଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉରେ ଅଂଶଗ୍ରହଣ କରିଥିଲେ ।

## ଦଶପଲ୍ଲାରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଦଶପଲ୍ଲା,୧୩।୧୦(ଡି.ଏନ.ଏ.):** ଦଶପଲ୍ଲା ଏନ୍‌ଏସିର ବିଜୁ ଯୁବବାହିନୀ ତରଫରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ସ୍ଥାନୀୟ କେପିଡି ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବବାହିନୀର ଶତାଧିକ ଯୁବକ ଏକ ବାଇକ୍ ରାଲିରେ ବାହାରି ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଛାତ୍ରୀଛାତ୍ର ଓ ବିଜୁ ଯୁବବାହିନୀର ସଦସ୍ୟଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ବିଡିଓ ଦେବୀ ପ୍ରସାଦ ମହାନ୍ତି, ବିଜୁ ଯୁବବାହିନୀର ସଭାପତି ମନୋଜ ବେହେରା ଉପସ୍ଥିତ ଥିଲେ।



ବିଜୁ ଯୁବବାହିନୀ ତରଫରୁ ଅନୁଷ୍ଠିତ ରାଲି।

## ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦ ବୈଠକ

**ବୋଲଗଡ଼,୧୩।୧୦(ଡି.ଏନ.ଏ.)**

ବୋଲଗଡ ବ୍ଲକ ବାଙ୍କୋଇସ୍ଥିତ କାଳିଚରଣ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର ମହାବିଦ୍ୟାଳୟ ନିକଟରେ ଶନିବାର ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସୁମନ୍ତ ଛୋଟରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ୍ କାଳୀଚରଣ ଜୟସିଂହ, କୈଳାସ ଚନ୍ଦ୍ର ସାହୁ, ନବକିଶୋର ସାହୁ, ଭୀମସେନ ଫତେସିଂହ, ଅଧ୍ୟାପକ ରଙ୍କନିଧି ବଳିୟାରସିଂହ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳର କେତେକ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ସଂସଦର ବାର୍ଷିକୋତ୍ସବରେ ମୁଖପତ୍ର ପ୍ରକାଶନ ପାଇଁ ବୈଠକରେ ସ୍ଥିର ହୋଇଛି। ଏଥିରେ ପ୍ରକାଶନ ପାଇଁ ରାମଲୀଳା ଲେଖିଥିବା କବି ଅନଙ୍ଗ ନରେନ୍ଦ୍ରଙ୍କ ଜୀବନୀ ଏବଂ ପାଞ୍ଚଗଡ ଅଞ୍ଚଳର ଐତିହ୍ୟ, ସଂସ୍କୃତି ଜାଣିଥିବା ପ୍ରତିଭାମାନଙ୍କଠାରୁ କବିତା ଓ ପ୍ରବନ୍ଧ ଆହ୍ୱାନ କରାଯାଇଛି।

## ଭାପୁର-କଳାପଥର ବାଇପାସ୍ ରାସ୍ତାରେ ଆଣ୍ଠୁଏ ପାଣି

**ଭାପୁର,୧୩।୧୦(ଡି.ଏନ୍.ଏ.)**

ତିତ୍‌ଲି ପ୍ରଭାବରେ ଭାପୁର ବ୍ଲକରେ ୩ଦିନ ଧରି ମୁଷଳ ଧାରାରେ ବର୍ଷା ହୋଇଛି। ଏଥିରେ ବହୁ ଘର ଭାଙ୍ଗିବା ସହ କେତେକ ଗ୍ରାମରେ ଚାଷ ଜମି ପାଣିରେ ବୁଡ଼ି ରହିଛି। ଶନିବାର ବିଭିନ୍ନ ଅଞ୍ଚଳରୁ ପାଣି ଆସିବା ଦ୍ୱାରା ଭାପୁର-କଳାପଥର ବାଇପାସ୍ ରାସ୍ତାର କାଳିଗିରି ନଦୀ ପୋଲ ଉପରେ ଭୋର ସମୟରେ ୩ ଫୁଟ ପାଣି ପ୍ରବାହିତ ହେଉଥିଲା। ଅପରାହ୍ନରେ ଏହା ହ୍ରାସପାଇ ୨ଫୁଟରେ ପହଞ୍ଚିଥିଲା। ଏଥିଯୋଗୁ ଏହି ରାସ୍ତାରେ ଭୁବନେଶ୍ୱର-ଖୋର୍ଦ୍ଧାକୁ ଗମନାଗମନ ବନ୍ଦ ରହିଥିଲା। ଅପରପକ୍ଷରେ ଏହି ବର୍ଷା ଅନେକ ଚାଷୀଙ୍କ ମୁହଁରେ ହସ ଖେଳାଇଦେଇଛି। ଭାପୁର ବ୍ଲକ ଅଞ୍ଚଳରେ ବର୍ଷା ଅଭାବରୁ ବହୁ ଧାନ କ୍ଷେତରେ ମାଟି ଫାଟି ଆଁ କରିଥିଲା। ଆସନ୍ନ ମରୁଡ଼ି ଆଶଙ୍କା କରି ଚାଷୀମାନେ ଚିନ୍ତାରେ ଥିଲେ। ବର୍ଷା ଯୋଗୁ ଏହା ଦୂର ହୋଇଛି। କେତେକ ଲଘୁ କିସମର ଧାନ ଫୁଲ ଉଡାଉଥିବା ବେଳେ ଏହି ବର୍ଷା ଓ ପବନ ଫୁଲ ଝାଡ଼ିଦେଇଥିବାରୁ କିଛି ପରିମାଣରେ ଧାନ ଅଗାଡି ହେବା ସମ୍ଭାବନା ରହିଛି।


କାଳିଗିର ପୋଲ ଉପରେ ଜଳସ୍ରୋତ।

# ଉଦୟପୁର ପଞ୍ଚାୟତରେ ବିଶ୍ୱାସ ଅଭିଯାନ

**ନୂଆଗାଁ,୧୩।୧୦(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ପରିସରରେ ଶନିବାର ଗାଁ କଲ୍ୟାଣ ସମିତି ମାଧ୍ୟମରେ ୧୧ ମାସିକ ବିଶ୍ୱାସ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଉଦୟପୁର ସରପଞ୍ଚ ଅସିତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଗାଁ କଲ୍ୟାଣ ସମିତି ସୌଜନ୍ୟତାରେ ଅନୁଷ୍ଠିତ ଏହି ସଭାରେ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ଲୋକମାନଙ୍କୁ ବୁଝାଯାଇଥିଲା । ସ୍ୱଚ୍ଛ ଭାରତ ଯୋଜନାର ଏକ ଅଂଶ ଭାବେ ଏହି ବିଶ୍ୱାସ ଅଭିଯାନ ମାଧ୍ୟମରେ ୧୧ ମାସ ମଧ୍ୟରେ କିଭଳି ଜନସାଧାରଣ ସୁସ୍ଥ, ନୀରୋଗ ରହିବା ସହିତ ସୁସ୍ଥ ପରିବେଶ ଗଠନ କରିପାରିବେ ସେ ବିଷୟରେ ଅତିଥିମାନେ ମତ ପ୍ରକାଶ କରିଥିଲେ । କିଭଳି ଭାବେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇ ଅତି ସହଜ ଉପାୟରେ ଏକ ସୁସ୍ଥ ପରିବେଶ ଗଠନ କରାଯାଇ ପାରିବ ସେଥିପାଇଁ ପ୍ରଥମେ ଅଞ୍ଚଳର ସ୍ୱାସ୍ଥ୍ୟ କର୍ମୀ , ଆଶା କର୍ମୀ, ଅଙ୍ଗନୱାଡି କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ବର୍ଷକ ମଧ୍ୟରେ ପ୍ରତି ମାସରେ ଗୋଟିଏ ଗୋଟିଏ ଦିବସ ପାଳନ କରି ୧୧ ଗୋଟି ମାସରେ ୧୧ଟି ଦିବସ ପାଳନ ମାଧ୍ୟମରେ ସହଜ ଉପାୟରେ ପରିବେଶକୁ ସ୍ୱଚ୍ଛ କରିବାର ମନ୍ତ୍ର ଉପସ୍ଥିତ ଥିବା ଲୋକମାନଙ୍କୁ ଦିଆଯାଇଥିଲା । ପ୍ରଥମ ମାସରେ ସ୍ୱଚ୍ଛତା ଅଭିଯାନ ପାଇଁ ବାର୍ଷିକ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ ଦିବସଠାରୁ ଆରମ୍ଭ କରି ବ୍ୟକ୍ତିଗତ ଓ ଗୃହ ପରିଚ୍ଛନ୍ନତା ଦିବସ , ଗ୍ରାମ ସ୍ୱାସ୍ଥ୍ୟ ଓ ପରିମଳ ଦିବସ, ହାତ ଧୋଇବା ଦିବସ, ରୋଗ ବାହକ ନିୟନ୍ତ୍ରଣ ଦିବସ , ବିଦ୍ୟାଳୟ ଓ ଅଙ୍ଗନୱାଡି ଦିବସ, ଖୋଲାରେ ଶୌଚ ମୁକ୍ତ ଦିବସ, ସ୍ୱଚ୍ଛତା ଚାମ୍ପିୟନ ଦିବସ, ଉତ୍ତମ ସ୍ୱାସ୍ଥ୍ୟ ଦିବସ, ପରିମଳ ଓ ପରିବେଶ ବିଷୟରେ ଗ୍ରାମସଭା ଦିବସ ଓ ତରଳ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦିବସ ଭାବେ ପାଳନ କରିବା ପାଇଁ କୁହାଯାଇଥିଲା । ଏହି ୧୧ ଗୋଟି ଦିବସ ମାଧ୍ୟମରେ ପରିବେଶ ସ୍ୱଚ୍ଛତାରେ ପରିବର୍ତ୍ତନ ଅଣାଯାଇ ପାରିବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବିପିଏମ ଅଶ୍ୱିନ କୁମାର ମହାନ୍ତି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ବନମାଳୀ ପ୍ରଧାନ , ନୂଆଗାଁ ସିଡିପିଓ ଦାୟିତ୍ୱରେ ଥିବା ସଞ୍ଜୁଲତା କହଁର ପ୍ରମୁଖ ଯୋଗ ଦେଇଥିଲେ ।



ବିଶ୍ୱାସ ଅଭିଯାନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ସଂକ୍ଷେପରେ

### ଗୃହ ନିର୍ମାଣ ଅଗ୍ରଗତି ନୈରାଶ୍ୟଜନକ
## ୨୭ ସ୍ଥାନକୁ ଖସିଲା ପୁରୀ ଜିଲା

**ପୁରୀ ଅଫିସ, ୧୩।୧୦:** ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଗୃହ ନିର୍ମାଣ ଅଗ୍ରଗତିରେ ପୁରୀ ଜିଲାର ସ୍ଥିତି ନୈରାଶ୍ୟଜନକ ରହିଛି। ଗୃହ ନିର୍ମାଣରେ ଅଗ୍ରଗତି ହେଉ ନ ଥିବାରୁ ୧୭ ନମ୍ବରରେ ରହିଥିବା ଏହି ଜିଲା ୨୭ସ୍ଥାନକୁ ଖସିଛି। ୨୮ହଜାର ୮୯୩ ଘର ମଧ୍ୟରୁ ୩୪.୩୩ ପ୍ରତିଶତ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ୧୮,୩୨୪ ଘର ଅସମ୍ପୂର୍ଣ୍ଣ ରହିଛି। ଚଳିତ ମାସରେ ଜିଲାରେ ୨୮୮୩ ଘର ନିର୍ମାଣ ସମ୍ପୂର୍ଣ୍ଣ କରିବା ଲାଗି ଟାର୍ଗେଟ ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୫୧୩ ଘର ନିର୍ମାଣ ଶେଷ ହୋଇଛି। ଅସ୍ତରଙ୍ଗ ଓ ପିପିଲି ବ୍ଲକରେ ଅଗ୍ରଗତି ନୈରାଶ୍ୟଜନକ ରହିଛି। ୧୧୦ଟି ଲେଖାଏ ଘର ନିର୍ମାଣ ସମ୍ପୂର୍ଣ୍ଣ କରିବା ଲାଗି ଟାର୍ଗେଟ ରହିଥିବା ବେଳେ ୧୧ଟି ଲେଖାଏ ସରିଛି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଅନୁପସ୍ଥିତ ଡିଆରଡିଏର ୬ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଜିଲାପାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ଅତିରିକ୍ତ ଜିଲାପାଳ ବିନୟ ଦାସ, ଉପଜିଲାପାଳ ଭବତାରଣ ସାହୁ ଉପସ୍ଥିତ ଥିଲେ।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି କାର୍ଡ ବଣ୍ଟନ



**ଓଡ଼ଗାଁ(ସ୍ୱ.ପ୍ର.)/ନୟାଗଡ଼ ଅଫିସ, ୧୩।୧୦-** ଓଡ଼ିଶା ରାଜ୍ୟ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଶନିବାର ନୟାଗଡ଼ ବ୍ଲକସ୍ତରୀୟ ଯୋଗ୍ୟ ଖାଉଟିଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଛି। ବ୍ଲକ ସମ୍ମିଳନୀ ଗୃହରେ ବ୍ଲକ ଅଧ୍ୟକ୍ଷା ଗୋଲାପ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୩ଟାରେ ଅନୁଷ୍ଠିତ ସମାରୋହରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଓ ବ୍ଲକ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର କଅଁର, ବିଡିଓ ମନୋଜ କୁମାର ପାତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରଥମ ପର୍ଯ୍ୟାୟରେ ଏହି ବ୍ଲକର ୨୯ ପଞ୍ଚାୟତର ୫୦୦ ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରିଥିଲେ। ଚଳିତବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ କରାଯାଇଥିବା ଏହି ଯୋଜନା ମାଧମରେ ଖାଉଟିମାନେ ଜଣ ପିଛା ୫କେଜି ଲେଖା ଚାଉଳ ୫ଟଙ୍କା ବିନିମୟରେ ପାଇପାରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସବୁ ହିତାଧିକାରୀଙ୍କୁ ଚିହ୍ନଟ କରିବା ପରେ ଖାଉଟି କାର୍ଡ ପ୍ରଦାନ କରାଯାଇ ଏହି ଯୋଜନାରେ ସାମିଲ କରାଯିବ ବୋଲି ବ୍ଲକ ଅଧିକାରୀ ସୂଚନା ଦେଇଛନ୍ତି।

## ୬ ଫେରାର ଅଭିଯୁକ୍ତ ଗିରଫ

**ଖଣ୍ଡପଡା, ୧୩।୧୦(ସ୍ୱ.ପ୍ର):** ବିଭିନ୍ନ ଅପରାଧ ମାମଲାରେ ଜଡିତ ଥାଇ ଦୀର୍ଘବର୍ଷ ଧରି ଫେରାର ଥିବା ୬ ଅଭିଯୁକ୍ତଙ୍କୁ ଖଣ୍ଡପଡା ଥାନା ପୋଲିସ ଶନିବାର ଗିରଫ କରିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ।

# ୩ ଆଶ୍ରୟସ୍ଥଳରେ ରହିବେ ହବିଷିଆଳି

**ପୁରୀ ଅଫିସ, ୧୩।୧୦**

- ଷ୍ଟେଶନ, ବସ୍‌ଷ୍ଟାଣ୍ଡରେ ହେଲ୍‌ପ ଡେସ୍କ
- ନରେନ୍ଦ୍ର ପୁଷ୍କରିଣୀରେ ମୁତୟନ ହେବେ ଲାଇଫ୍‌ଗାର୍ଡ

ଅକ୍ଟୋବର ୨୫ରୁ ନଭେମ୍ବର ୨୩ ପର୍ଯ୍ୟନ୍ତ ହବିଷିଆଳିଙ୍କ ପୁରୀରେ ରହଣି ଲାଗି ବ୍ୟବସ୍ଥା କରାଯିବ। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ଅସ୍ଥାୟୀ ଯାତ୍ରୀ ନିବାସରେ ଏହି ବ୍ୟବସ୍ଥା ହେବ। ପ୍ରାୟ ୨୨୦୦ରୁ ୨୫୦୦ ହବିଷିଆଳିଙ୍କ ପାଇଁ ଏହି ବ୍ୟବସ୍ଥା କରାଯିବ। ନାମ ପଞ୍ଜୀକରଣ କରିବା ପରେ ଆସନ୍ତା ୨୪ ତାରିଖରୁ ହବିଷିଆଳିମାନେ ଆସି ରହିପାରିବେ। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ପୁରୀ, ନୟାଗଡ଼, କଟକ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର ଜିଲାର ହବିଷିଆଳି ରହିବେ। ହସ୍ପିଟାଲ ଛକ ଯାତ୍ରୀ ନିବାସରେ ଗଞ୍ଜାମ, ବରଗଡ଼, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ରାୟଗଡ଼ା, ସୋନପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, ଯାଜପୁର, ଅନୁଗୋଳ, ସମ୍ବଲପୁର ହବିଷିଆଳି ରହିବେ। ସେହିପରି ମୋଚିସାହି ଛକ ନିକଟସ୍ଥ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ଜଗତସିଂହପୁର, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ ଓ ମାଲକାନଗିରି ଜିଲାର ହବିଷିଆଳି ରହିବେ। ହବିଷିଆଳିଙ୍କ ସୁବିଧା ପାଇଁ ରେଲଷ୍ଟେଶନ ଏବଂ ବସ୍‌ଷ୍ଟାଣ୍ଡରେ ହେଲ୍‌ପ ଡେସ୍କ ଖୋଲାଯିବ। କେଉଁ ସ୍ଥାନରେ କେଉଁ ଜିଲାର ହବିଷିଆଳି ରହିବେ ତାହା ହେଲ୍‌ପ ଡେସ୍କ ପକ୍ଷରୁ ଜଣାଇ ଦିଆଯିବ। ହବିଷିଆଳିଙ୍କ ନିରାପଦ ସ୍ନାନ ଲାଗି ନରେନ୍ଦ୍ର ପୁଷ୍କରିଣୀରେ ଲାଇଫ୍‌ଗାର୍ଡ, ଅଗ୍ନିଶମ କର୍ମଚାରୀ ମୁତୟନ ହେବେ। ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆବଶ୍ୟକ ବସ୍ ବ୍ୟବସ୍ଥା କରାଯିବ। ହବିଷିଆଳି ରହୁଥିବା ସ୍ଥାନରେ ସନ୍ଧ୍ୟାରେ ଭଜନ, ପାଲା, ପ୍ରବଚନ, ଭାଗବତ ପାଠ କରାଯିବ। ହବିଷିଆଳି ଯୋଜନାର ତଦାରଖ ପାଇଁ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୨୨ ତାରିଖ ସୁଦ୍ଧା ସମସ୍ତ ପ୍ରସ୍ତୁତି ସାରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଶନିବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ହବିଷିଆଳି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

### ଶ୍ରୀକ୍ଷେତ୍ରର ନିଆରା ପରମ୍ପରା
# ସେବାୟତ ଘର କୁମାରୀଙ୍କ ନେତପୂଜା

**ପୁରୀ ଅଫିସ, ୧୩।୧୦**



ପୁରୀ ମାର୍କଣ୍ଡ ପୁଷ୍କରିଣୀ ପରିସରରେ ସେବାୟତ କୁଆଁରୀ କନ୍ୟାମାନେ ବାଲି ପୂଜା କରୁଛନ୍ତି।

ବଳିରେ ବଳି ନ କର କଳି... କାଳି ଆଣି ଦେବୀ ସର ଚକୁଳି...ଏହି ଗୀତରେ ଶନିବାର ଝଙ୍କୃରିତ ହୋଇଥିଲା ମାର୍କଣ୍ଡ ପୁଷ୍କରିଣୀ କୂଳ। ସେବାୟତ ପରିବାରର କୁମାରୀମାନେ ନେତବେଶରେ ସଜେଇ ହୋଇ ଏହି ଗୀତ ବୋଲି ହରପାର୍ବତୀଙ୍କୁ ଆରାଧନା କରିଥିଲେ। କୁନି କୁନି ଝିଅମାନେ ସୁନା, ରୁପା ଅଳଙ୍କାରରେ ସଜେଇ ହୋଇ ମାର୍କଣ୍ଡ ପୁଷ୍କରିଣୀକୁ ଆସିଥିଲେ। ସୁନ୍ଦର ଏବଂ ଯୋଗ୍ୟ ବରପ୍ରାପ୍ତି ମନାସି ସେମାନେ ଏହି ପୂଜା କରିଥିଲେ। ଭାଦ୍ରବ ମାସ ପୂର୍ଣ୍ଣମୀଠାରୁ ନେତାପୂଜା ଆରମ୍ଭ ହୋଇଥାଏ। ୨୧ଦିନ ଦିନ ବ୍ୟାପୀ ସେବାୟତ ପରିବାରର କୁମାରୀମାନେ ସନ୍ଧ୍ୟାରେ ଘରେ ଶିବପାର୍ବତୀଙ୍କୁ ପୂଜା କରିଥାନ୍ତି। ଏହାପରେ ଆଶ୍ୱିନ ଶୁକ୍ଳପକ୍ଷ ପଞ୍ଚମୀ ତିଥିଠାରୁ ୪ ଦିନ ବ୍ୟାପୀ ନେତବେଶ ହୋଇ ମାର୍କଣ୍ଡ ପୁଷ୍କରିଣୀ କୂଳରେ ପୂଜାର୍ଚ୍ଚନା କରିଥାନ୍ତି। ଏଥିସହ ମାର୍କଣ୍ଡେଶ୍ୱରଙ୍କୁ ଦର୍ଶନ କରି ନିଷ୍ଠାର ସହିତ ବ୍ରତ ପାଳିଥାନ୍ତି। ଏହାକୁ ନେତ ପୂଜା ତଥା ନେତ ପରମ୍ପରା କୁହାଯାଏ। ଏହି ପରମ୍ପରା ଶ୍ରୀକ୍ଷେତ୍ରର ସେବାୟତ ପରିବାରରେ ପାଳିତ ହେଉଥିବା ବେଳେ ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ।

# ଧାନବିଲ ବୁଲି ଦେଖିଲେ ପ୍ରଶାସନିକ ଅଧିକାରୀ



ଜଳମଗ୍ନ ଅଞ୍ଚଳ ବୁଲିଦେଖୁଛନ୍ତି ରାଜସ୍ୱ ଓ କୃଷି ବିଭାଗୀୟ ଅଧିକାରୀ।

**ବୋଲଗଡ଼, ୧୩।୧୦(ଡି.ଏନ.ଏ.)**

ତିତ୍‌ଲି ପରବର୍ତ୍ତୀ ବର୍ଷାରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକରେ ବ୍ୟାପକ ଧାନଜମି ଜଳମଗ୍ନ ହୋଇରହିଛି। ଶନିବାର ପ୍ରଶାସନିକ ଅଧିକାରୀମାନେ ଏସବୁ ଅଞ୍ଚଳ ବୁଲିଦେଖିଥିଲେ। ପ୍ରବଳ ବର୍ଷା ଯୋଗୁ ବ୍ଲକର ବହୁ ଅଞ୍ଚଳରେ ଧାନଜମି ପାଣିରେ ବୁଡ଼ିରହିଛି । ବିଶେଷ କରି ବନ୍ୟାପ୍ରବଣ ଅଞ୍ଚଳ ଭାବେ ପରିଗଣିତ ସାଗରଗାଁ ଓ ବାଙ୍କୋଇଦେଶ ପଞ୍ଚାୟତର ଧାନଫସଲ ପାଣିରେ ଭାସୁଥିବା ଦେଖାଯାଇଛି। ସେହିପରି ଅସରଳା ଓ ଆରିକମା ପଞ୍ଚାୟତ ଅଞ୍ଚଳରେ ମଧ୍ୟ ସମାନ ପରିସ୍ଥିତି। ଶନିବାର ପ୍ରଶାସନ ପକ୍ଷରୁ ଏକ ଟିମ୍ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ବୋଲଗଡ ତହସିଲଦାର ପ୍ରେମାଂଶୁ ଚାନ୍ଦ, କୃଷି ବିଭାଗ ପକ୍ଷରୁ ଖୋର୍ଦ୍ଧା ଉପକୃଷି ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ବାରିକ, ଜିଲା କୃଷି ଅଧିକାରୀ ନାରାୟଣ ସେଠୀ, ଶସ୍ୟ ସଂରକ୍ଷଣ ବିଭାଗର ସହକାରୀ କୃଷି ଅଧିକାରୀ ସୁବ୍ରତ କୁମାର ରଥ, ବୋଲଗଡ ସହକାରୀ କୃଷି ଅଧିକାରୀ ରଶ୍ମିତା ବାଳା ଦାଶ ପ୍ରମୁଖ ଏହି ଟିମ୍‌ରେ ସାମିଲ ହୋଇଥିଲେ। ଅଧିକାରୀମାନେ ସାଗରଗାଁ, ବାଙ୍କୋଇଦେଶ, ଆରିକମା ପଞ୍ଚାୟତର ଜଳମଗ୍ନ ଧାନଜମି ବୁଲି ଅନୁଧ୍ୟାନ କରି ଫେରିଛନ୍ତି। ପ୍ରାଥମିକ ଭାବେ ଏହା ଏକ ସର୍ଭେ ହୋଇଥିବାବେଳେ ବର୍ଷାଜଳ ନିଷ୍କାସିତ ହେବା ପରେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯିବ ବୋଲି କୁହାଯାଇଛି । ସେହିପରି ବୋଲଗଡ ବିଡିଓ ମଧୁସୂଦନ ବେହେରା ବାଙ୍କୋଇଦେଶ ଓ ସାଗରଗାଁ ପଞ୍ଚାୟତର ଜଳମଗ୍ନ ଧାନ ଫସଲ ଏବଂ ବର୍ଷା ଜଳରେ ଧୋଇ ହୋଇ ନଷ୍ଟ ହୋଇଥିବା ରାସ୍ତାଘାଟ ବୁଲି ଅନୁଧ୍ୟାନ କରିଛନ୍ତି। ନଷ୍ଟ ହୋଇଥିବା ରାସ୍ତାଘାଟର ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ତହସିଲ କାର୍ଯ୍ୟାଳୟରେ ପଲିଥିନ ନେବାକୁ ଭିଡ଼




ପଲିଥିନ ନେବାକୁ ତହସିଲ ଅଫିସ ସମ୍ମୁଖରେ ଭିଡ଼ ଲାଗି ରହିଛି।

**ଓଡ଼ଗାଁ, ୧୩।୧୦(ସ୍ୱ.ପ୍ର.)**

ତିତ୍‌ଲି ପରବର୍ତ୍ତୀ ଲଗାଣ ବର୍ଷା ସ୍ଥାନୀୟ ଅଞ୍ଚଳରେ ବିଶେଷ କ୍ଷୟକ୍ଷତି କରିଥିବା ସୂଚନା ମିଳି ନ ଥିବା ବେଳେ ତିନିଦିନ ଧରି ତହସିଲ କାର୍ଯ୍ୟାଳୟରେ ପଲିଥିନ ନେବାକୁ ନାହିଁ ନ ଥିବା ଭିଡ ଦେଖାଯାଇଥିଲା। ଏପରି କି ଲୋକେ ତହସିଲଦାର ଦୟାନିଧି ରଥଙ୍କୁ ମଧ ଦୀର୍ଘ ସମୟ ଧରି ଘେରାଉ କରି ରଖିଥିଲେ । ସୂଚନା ଅନୁସାରେ, ପ୍ରଥମେ ସ୍ଥାନୀୟ ତହସିଲ ଓ ରବିଗାଡିଆ ପଞ୍ଚାୟତ କୁରୁମ ବାଙ୍କତରା ଗ୍ରାମର ଶତାଧିକ ଲୋକଙ୍କୁ ପଲିଥିନ ପ୍ରଦାନ କରାଯାଇଥିଲା। ରାଜନୈତିକ ଚାପରେ ଉକ୍ତ ପଞ୍ଚାୟତରେ ପଲିଥିନ ବଣ୍ଟନ ହୋଇଥିବା ଗୁଜବ ପ୍ରଚାରିତ ହୋଇଥିଲା। ଏହା ପରେ ଶୁକ୍ରବାର ଓ ଶନିବାର ବହୁ ସଂଖ୍ୟାରେ ମହିଳାପୁରୁଷ ପଲିଥିନ ନେବାକୁ ତହସିଲଦାରଙ୍କ କାର୍ଯ୍ୟାଳୟ ସାମନାରେ ଭିଡ ଜମାଇଥିଲେ। ଫଳରେ ତହସିଲ କର୍ମଚାରୀଙ୍କ ପାଇଁ ଲୋକଙ୍କୁ ନିୟନ୍ତ୍ରଣ କରିବା କାଠିକର ପାଠ ହୋଇପଡିଥିଲା। ଏପରି କି ତହସିଲଦାରଙ୍କୁ ଲୋକେ ଘଣ୍ଟାଏ କାଳ ଘେରି ରହିଥିଲେ। ଏପରିସ୍ଥଳେ ଭିଡ ଜମାଇଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୧୦୦ ଜଣଙ୍କୁ ତହସିଲଦାର ପଲିଥିନ ପ୍ରଦାନ କରିଥିବା ଜଣାଯାଇଛି। ଅନ୍ୟପକ୍ଷେ ବହୁ ଲୋକଙ୍କ ଛାତ ଘର ଥାଇ ପଲିଥିନ ପାଇଥିବା ଏବଂ ଏବେ ବି ପଲିଥିନ ନେବାକୁ ଆସିଥିବା ନେଇ ଲୋକେ ସେଠାରେ ପହଞ୍ଚିଥିବା ଭାଜପା ନେତା ଲାଲା ମନୋଜ ରାୟଙ୍କ ନିକଟରେ ଅଭିଯୋଗ କରୁଥିବା ଦେଖିବାକୁ ମିଳିଥିଲା । ହେଲେ ତହସିଲଦାର ରଥ କୌଣସି ରାଜନୈତିକ ଚାପରେ ପଡି ପଲିଥିନ ଦେଇଥିବା ଗୁଜବକୁ ଅସ୍ୱୀକାର କରିଛନ୍ତି।




# ଗଣିଆରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଗଣିଆ, ୧୩।୧୦(ଡି.ଏନ.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକ ବିଜୁ ଯୁବବାହିନୀ ତରଫରୁ ଗଣିଆସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶନିବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଁ ହିରୋ ମୁଁ ଓଡ଼ିଶା ରଥକୁ ଯୁବବାହିନୀ କର୍ମୀମାନେ ବାଇକ ରାଲି ଯୋଗେ ଗଣିଆ ବଜାର ପରିକ୍ରମା କରାଇଥିଲେ । ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଖିଳ କୁମାର ହୋତା ଓ ସମ୍ମାନିତ ଅତିଥି ଭାବେ ବିଡିଓ ସରୋଜ କୁମାର ନାୟକ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ଆଡକଟା ସରପଞ୍ଚ ବୀରକିଶୋର ଜେନା, ସମିତିସଭ୍ୟ ଚନ୍ଦ୍ରଶେଖର ସାହୁ, ଗଣିଆ ସମିତିସଭ୍ୟା ସନ୍ଧ୍ୟାରାଣୀ ସାହୁ ଏବଂ ବିଜୁ ଯୁବ ବାହିନୀର ଜିଲା ସଂଯୋଜକ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୁ-ସମାଜ ଗଠନ, ସାହସୀ ଓ ନୂତନ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ତୁଲାଇ ପାରିବେ ବୋଲି ଅତିଥିମାନେ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ । ବିଭିନ୍ନ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ପାଖରେ ଯୁବକମାନେ ପହଞ୍ଚି ସହଯୋଗର ହାତ ବଢାଇବା ସହ ଗ୍ରାମାଞ୍ଚଳର ବିକାଶ ଦିଗରେ ସକ୍ରିୟ ଭୂମିକା ନିର୍ବାହ କରିବା ନିତାନ୍ତ ଆବଶ୍ୟକ ବୋଲି ବ୍ଲକ ଅଧ୍ୟକ୍ଷ ବକ୍ତବ୍ୟରେ କହିଥିଲେ । ବ୍ଲକ ବିଜୁ ଯୁବ ବାହିନୀ ତରଫରୁ ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜୁ ଯୁବ ବାହିନୀ ତରଫରୁ ଏକ ସଚେତନତା ନାଟକ ଓ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଯୁବ ବାହିନୀ କର୍ମୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



